# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୧୬/୨୦୧୯ (୨୦ ପୃଷ୍ଠା) Sambalpur, Wednesday, January 16/ 2019 ★★

୧୫ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-347

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE

ଓଡ଼ିଶା ଆମ ଗୌରବ

# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୩ଟି (3T) ମନ୍ତ୍ରକୁ ଆଧାର କରି ଜାନୁଆରୀ ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ରେ ଅନୁଷ୍ଠିତ ହେବ ପିଠା ଶିବିର**

- ୩ଲକ୍ଷ ନୂଆ ଗଢା ଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ଯୋଗାଇ ଦିଆଯିବ ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ ସେଥିପାଇଁ ମଞ୍ଜୁର ହୋଇଛି ୩୭୩ କୋଟି ଟଙ୍କା
- ନୂଆ ଗଢ଼ା ହୋଇଥିବା ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଅଙ୍ଗନୱାଡ଼ି କର୍ମୀ ଙ୍କୁ ୫୦୦/- ଟଙ୍କା ଏବଂ ପ୍ରତି ଅଙ୍ଗନୱାଡ଼ି ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ
- ଶୁଭାରମ୍ଭ ହେବ ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାର ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ ୪ଟି ଏଲ୍. ଇ. ଡି ବଲ୍ବ
- ସୁନେତ୍ର ଯୋଜନାରେ ଚକ୍ଷୁର ମାଗଣା ଚିକିତ୍ସା ଓ ମାଗଣା ଚଷମା ପାଇପାରିବେ
- ଚାଷୀ ଭାଇମାନେ କାଳିଆ ଯୋଜନା ବିଷୟରେ ଜାଣିପାରିବେ
- ସହରାଞ୍ଚଳ ର ପିଠା ଶିବିର ରେ ମଧ୍ୟ ବିଭିନ୍ନ ଯୋଜନା ର ସୁବିଧା ପାଇପାରିବେ





19001/13/0029/1819




# 'ସୁନେତ୍ର' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ସବୁ ବର୍ଗର ଲୋକଙ୍କୁ ମାଗଣା ଚକ୍ଷୁ ଚିକିତ୍ସା, ଚଷମା

■ସମସ୍ତ ସରକାରୀ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ହେବ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ରାଜ୍ୟର ସମସ୍ତ ଲୋକଙ୍କୁ ମାଗଣାରେ ଚକ୍ଷୁ ଚିକିତ୍ସା ସୁବିଧା ମିଳିବ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହି ସୁବିଧା ପ୍ରଦାନ କରାଯିବ। ମଙ୍ଗଳବାର ସଚିବାଳୟଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସୁନେତ୍ର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁନେତ୍ର ଯୋଜନାରେ ଲୋକମାନଙ୍କୁ ସମସ୍ତ ପ୍ରକାର ଚକ୍ଷୁ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବ। ସମସ୍ତ ସରକାରୀ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ହେବ। ଏପରିକି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି), ସବ୍‌ଡିଭିଜନସ୍ତରୀୟ ଡାକ୍ତରଖାନା, ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଏବଂ ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ମାଗଣାରେ ଚକ୍ଷୁ ଚିକିତ୍ସା ସହ ଚଷମା ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁନେତ୍ର କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାର ୨୦୧୮ ଅକ୍ଟୋବରରେ ସାର୍ବଜନୀନ ଚକ୍ଷୁ ଚିକିତ୍ସା ପାଇଁ ସୁନେତ୍ର ଯୋଜନା ଆରମ୍ଭ କରିଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ ମେହେର୍ଦ୍ଦା କହିଛନ୍ତି, ସୁନେତ୍ର ଯୋଜନାରେ ୬୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଚଳିତ ବର୍ଷ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚକ୍ଷୁ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସବୁ ବର୍ଗର ଲୋକମାନେ ଏହାର ସୁବିଧା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟ, ଏମ୍‌ପି, ବିଧାୟକ, ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଜିଲାପାଳ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




# ୪ରୁ ବିଧାନସଭା, ୭ରେ ବଜେଟ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ୪ ତାରିଖରୁ ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ଆରମ୍ଭ ହେବ। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ମଙ୍ଗଳବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିବେଶନ ୧୨ ତାରିଖ ଯାଏ ଚାଲିବ । ୭ ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଅଧିବେଶନ ଆରମ୍ଭ ଦିବସରେ ରାଜ୍ୟପାଳ ଅଭିଭାଷଣ ରଖିବେ। ସେହିଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ଫେବୃୟାରୀ ୫ ଓ ୬ ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୭ ତାରିଖରେ ୨୦୧୯–୨୦ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ସେହିଦିନ ଭୋଟ ଅନ୍ ଆକାଉଣ୍ଟ ଉପରେ ମୋଶନ ଆଗତ ହେବା ସହ ଆଲୋଚନା ହେବ। ୮ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ। ଶନି ଓ ରବିବାର ବିଧାନସଭା କାର୍ଯ୍ୟ ବନ୍ଦ ରହିବ। ଫେବୃୟାରୀ ୧୧ ତାରିଖରେ ସରକାରୀ ଦିବସ ଥିବା ବେଳେ ୧୨ ତାରିଖରେ ବେସରକାରୀ ଦିବସ ରହିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଖର୍ଚ୍ଚ ତୁଲାଇବା ପାଇଁ ଆସନ୍ତା ଅଧିବେଶନରେ ବଜେଟ ବ୍ୟବସ୍ଥା କରାଯିବ।

# ବିଜେଡି ସାଂଗଠନିକ ସ୍ଥିତିରେ ପରିବର୍ତ୍ତନ

■କୁଶ ଆପଟଙ୍କ ଉପରୁ ନିଲମ୍ବନ ଉଠିଲା

■ବିମ୍ବାଧର ଶ୍ରମିକ ସାମ୍ମୁଖ୍ୟ ଇନ୍‌ଚାର୍ଜ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ବିଜୁ ଜନତା ଦଳର ପଦାଧିକାରୀ ସ୍ତରରେ ମଙ୍ଗଳବାର ଅଦଳବଦଳ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏନେଇ ଦଳୀୟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ କାରଣରୁ ନିଲମ୍ବିତ ହୋଇଥିବା ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର କୁଶ ଆପଟ, ଗଞ୍ଜାମ ବେଲଗୁଣ୍ଠାର ରଞ୍ଜନ କୁମାର ଖଣ୍ଡୁଆଳ ଏବଂ ରମା ଖଣ୍ଡୁଆଳଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ବରିଷ୍ଠ ନେତା ବିମ୍ବାଧର କୁଅଁରଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ଇନ୍‌ଚାର୍ଜ କରାଯାଇଛି। ବାରବାଟୀ–କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ କଟକ ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି। ଚନ୍ଦ୍ରଶେଖର ସାହୁଙ୍କୁ ଉପସଭାପତି, ବିକ୍ରମ ପଣ୍ଡାଙ୍କୁ ସାଧାରଣ ସମ୍ପାଦକ ଏବଂ ସସ୍ମିତ ପାତ୍ରଙ୍କୁ (ସଂଖ୍ୟାଲଘୁ ବ୍ୟାପାର) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ଅଶୋକ ବଳ, ସଂଗ୍ରାମ ପାଇକରାୟ, ପ୍ରମୋଦ ସାହୁ, ଆଶିଷ ଚକ୍ରବର୍ତ୍ତୀ, ରବି ସାମଲ, ତପନ ଦାସ ଏବଂ ଟି. ପ୍ରସାଦ ରାଓ ଦୋରାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ କେନ୍ଦୁଝର ଜିଲା ସଭାପତି ଦାୟିତ୍ୱରେ ଥିବା ଆଶିଷଙ୍କୁ ଉକ୍ତ ପଦବୀରୁ ଅବ୍ୟାହତି ଦିଆଯାଇଛି। ସମ୍ବଲପୁର ଜିଲା ସଭାପତି ପ୍ରମୋଦ ରଥଙ୍କୁ ମଧ୍ୟ ଅବ୍ୟାହତି ଦିଆଯାଇଛି। ବିମ୍ବାଧର ବିଶ୍ୱାଳଙ୍କୁ କେନ୍ଦୁଝର ଜିଲା ସଭାପତି, ରୀନା ବାରିକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ମିଳିଛି। ସେହିପରି ମହମ୍ମଦ ସକିଲ ସାଲେପୁର ଏବଂ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ମନୋହର ରନ୍ଧାରୀଙ୍କୁ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ, ପ୍ରୀତମ୍ ମେହେରଙ୍କୁ ବଲାଙ୍ଗୀର, ଶିବ ପଟ୍ଟନାୟକଙ୍କୁ ଲକ୍ଷ୍ମୀପୁର ଏବଂ ନାରାୟଣ ପାତ୍ରଙ୍କୁ କୋଟପାଡ ବିଧାନସଭାର ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ଗଣମାଧ୍ୟମ ସଂଯୋଜକ ମାନସ ମଙ୍ଗରାଜଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏଭଳି ପରିବର୍ତ୍ତନ କରାଯାଇଛି। ଭବିଷ୍ୟତରେ ଅନ୍ୟ କେତେଜଣ ନେତାଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଦଳୀୟ ପଦପଦବୀରେ ଅବସ୍ଥାପିତ କରାଯିବ ବୋଲି ସୂତ୍ରରୁ ପ୍ରକାଶ।

# ୨୬ରେ ଶ୍ରେଷ୍ଠ ପଞ୍ଚାୟତକୁ ପୁରସ୍କାର

'ପିଠା' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫।୧(ବ୍ୟୁରୋ)

୨୦୧୮ ଡିସେମ୍ବରରୁ ଆରମ୍ଭ ହୋଇଥିବା 'ପିଠା' କାର୍ଯ୍ୟକ୍ରମ ରାଜ୍ୟର ୩୧୪ ବ୍ଲକରେ କାର୍ଯ୍ୟକାରୀ ହେଉଛି। 'ପିଠା' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ କରିଥିବା ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ପଞ୍ଚାୟତଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୬ ତାରିଖରେ ଜିଲା ସଦର ମହକୁମାଗୁଡ଼ିକରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ 'ପିଠା' କ୍ୟାମ୍ପରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ। 'ଆମ ଗାଁ ଆମ ବିକାଶ' ଯୋଜନାରେ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଏହି ଅର୍ଥକୁ ଉପଯୋଗ କରାଯିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଅର୍ଥରାଶି ମଞ୍ଜୁର କରାଯାଇଛି। ଅଗ୍ରାଧିକାର ଭିତ୍ତିରେ ଏହି ଅର୍ଥରାଶି ଗ୍ରାମ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଯଥାକ୍ରମେ ମିଶନ ଶକ୍ତି ଗୃହନିର୍ମାଣ, ପାଠାଗାର ନିର୍ମାଣ, ଗାଧୁଆ ଘାଟ ନିର୍ମାଣ ଓ ପୋଷାକ ବଦଳ ରୁମ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଓ କୋଠଘର ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯିବ ବୋଲି ମଙ୍ଗଳବାର ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି।

# ନିଯୁକ୍ତି ନାଁରେ ୧୭ ଲକ୍ଷ ଠକେଇ

■ ବାଲେଶ୍ୱରରୁ ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୧୫।୧


ସିଦ୍ଧାର୍ଥ କୁମାର ପାଲ

ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ପ୍ରାୟ ୧୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଉକ୍ତ ଯୁବକଙ୍କୁ ବାରିପଦା ଟାଉନ ଥାନା ପୋଲିସ ମଙ୍ଗଳବାର ବାଲେଶ୍ୱରରୁ ଗିରଫ କରିଥିବା ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି।

ସୂଚନା ମୁତାବକ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ସିଦ୍ଧାର୍ଥ କୁମାର ପାଲ ନାମକ ଯୁବକ ସିଏମଏସ ସିକ୍ୟୁରିଟି ଇନଫୋସିସ୍ ନାମକ ଏକ ସଂସ୍ଥା ଖୋଲିଥିଲେ। ଏଥିରେ ଭଲ ଦରମାରେ ଚାକିରି ଦେବାକୁ କହି ବାରିପଦାର ୪୬ ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟ ଜିଲାର ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ଏକ ବ୍ୟାଙ୍କ ଆକାଉଣ୍ଟରେ (୧୭୫୦/୨୭୫୦/୩୨୫୦) ଟଙ୍କା ଜମା କରିବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଚାକିରି ଆଶାରେ ଟଙ୍କା ଡିପୋଜିଟ କରିଥିଲେ। ତେବେ ଦୀର୍ଘ ଦିନ ହେବ ନିଯୁକ୍ତି ନ ଦେବା ଫଳରେ ଛାତ୍ରୀଛାତ୍ରମାନେ ୨୦୧୬ ଡିସେମ୍ବରରେ ବାରିପଦା ଟାଉନ ଥାନା ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଠକେଇର ଶିକାର ହୋଇଥିବା ଛାତ୍ରୀଛାତ୍ରମାନେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚର ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନ ଥାନାରେ ୨୦୧୭ ଜାନୁୟାରୀରେ ଏକ ମାମଲା(ନଂ.୧୯/୧୭) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଟାଉନ ଥାନା ଅଧିକାରୀ ନାୟକ ଏହି ମାମଲାକୁ ଖୋଲତାଡ କରି ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ ମଙ୍ଗଳବାର ଗିରଫ କରିଛି।

ଧରିତ୍ରୀ
DHARITRI



## କୋହଲିଙ୍କ ଶତକ: ଭାରତ ବିଜୟୀ

ଆଡିଲେଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିରାଟ କୋହଲିଙ୍କ ଶତକ ସହାୟତାରେ ଭାରତ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।

୧୦

୦୬

## କମଲ ହାସନଙ୍କ 'ଇଣ୍ଡିଆନ୍ ୨'ର ପୋଷ୍ଟର ରିଲିଜ

ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ୍ ଆଗାମୀ ଫିଲ୍ମ 'ଇଣ୍ଡିଆନ୍ ୨'ରେ ପୁନଶ୍ଚ ଅଭିନୟ କରିବାକୁ ଯାଉଛନ୍ତି।



### ଆଜିର ସମ୍ପାଦକୀୟ

ସେହି ପୁରୁଣା ଖେଳ

### ଆଜିର ମନ୍ତବ୍ୟ

"ପାକିସ୍ତାନ ଶତ୍ରୁତାପୂର୍ଣ୍ଣ ପଦକ୍ଷେପ ନେଲେ କଡ଼ା ଜବାବ ଦେବ ଭାରତ।
**–ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ**

### କିଛି ତଥ୍ୟ

୨୦୧୮ ଡିସେମ୍ବରରେ ଦେଶରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧.୪% ହ୍ରାସ ଘଟି ୮.୯୪ ନିୟୁତ ଟନ୍ ରହିଛି। **– ଇସ୍ପାତ ମନ୍ତ୍ରଣାଳୟ**

**କଟକରେ ହେବ ଏସିଆ କପ୍ ସିନିୟର ରୋଇଂ**

........୧୬........

NECC NATIONAL EGG CO-ORDINATION COMMITTEE 15.01.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 76 | 127 | 137 |
| ANG | 74 | 124 | 134 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers

# 'ଦେଶର ଚାଷୀଙ୍କ ଉନ୍ନତିର ବାଟ ଦେଖାଇବ କାଳିଆ'

- କୃଷି ମେଳା-୨୦୧୯ ଉଦ୍‌ଘାଟିତ
- ସିଆଇଆଇର ସହଯୋଗ
- କାଳିଆକୁ ସଭିଙ୍କ ପ୍ରଶଂସା

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

କାଳିଆ ଯୋଜନା କେବଳ ଓଡ଼ିଶା ନୁହେଁ, ସାରା ଦେଶର ଚାଷୀଙ୍କ ଉନ୍ନତି ପାଇଁ ବାଟ ଦେଖାଇବ। ଚାଷୀଙ୍କ ପାଇଁ ସାରା ଦେଶରେ ଏହା ଏକ ଆଦର୍ଶ ଯୋଜନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆରେ କୃଷି ମେଳା-୨୦୧୯ ଉଦ୍‌ଘାଟନ କରି ଏହି କଥା କହିଛନ୍ତି। କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶା କୃଷକ ଉତ୍ପାଦକ ସଂଘ(ଏଫ୍‌ପିଓ) ନୀତିକୁ ଉଦ୍‌ଘାଟନ କରିଛନ୍ତି। କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ଯଥା-ଖାଦ୍ୟ ପ୍ରକ୍ରିୟାକରଣ, କୃଷି ବ୍ୟବସାୟ, ଗୋଦାମ ଗୃହ ନିର୍ମାଣ ଆଦିର ସଂଯୋଜିତ ବିକାଶରେ ଏହି ନୀତି ସହାୟକ ହେବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ କନ୍‌ଫେଡେରେଶନ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ମଧ୍ୟ ସହଯୋଗ କରୁଛି। ଦୁଇମାସ ତଳେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରୁ ସିଆଇଆଇ ଓହରିଯାଇଥିଲା। ତେଣୁ ରାଜ୍ୟସ୍ତରୀୟ କୃଷି ମେଳାରେ ତା'ର ଉପସ୍ଥିତି ସରକାରଙ୍କୁ ଉତ୍ସାହିତ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଏବଂ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଚାଷୀଙ୍କୁ ପୁରସ୍କାର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଉଦ୍‌ଘାଟନୀ ଦିନର ଦ୍ୱିତୀୟ ଭାଗରେ ଜୈବ କୃଷି ସମ୍ପର୍କରେ ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ଭାବ-ବିନିମୟ ହୋଇଛି। ଏହି କାର୍ଯ୍ୟକ୍ରମ ୫ଦିନ ଚାଲିବ। ବହୁଳ ବ୍ୟବହୃତ କନ୍ଦମୂଳ ଆକୃତି ଚେହେରାକୁ ଚଳିତ ବର୍ଷ ମାସ୍କଟ ଭାବେ ବ୍ୟବହାର କରାଯାଇଛି। ☞ପୃଷ୍ଠା-୧୨



କୃଷି ମେଳା-୨୦୧୯ର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।





ବଲାଙ୍ଗୀରରେ ଭାଜପା ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦ। **(ଫଟୋ-ମୌସମ୍ ନନ୍ଦ)**

# ମୋଦି ନରମ, ଧର୍ମେନ୍ଦ୍ର ଗରମ

**ବଲାଙ୍ଗୀରରେ ଭାଜପା ସମାବେଶ**

- ଡିଏମ୍‌ଏଫ୍ ଖର୍ଚ୍ଚ ନ ହେବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କଲେ

**ବଲାଙ୍ଗୀର ଅଫିସ, ୧୫।୧**

ଗତ ଏକ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ଓଡ଼ିଶା ଗସ୍ତ କରିଛନ୍ତି। ବଲାଙ୍ଗୀରଠାରେ ମଙ୍ଗଳବାର ଏକ ସରକାରୀ କାର୍ଯ୍ୟକ୍ରମରେ ମୋଦି ୧୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ବଲାଙ୍ଗୀର ପଥରଚେପା ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ମୋଦି ରାଜ୍ୟର ବିଜେଡି ସରକାରଙ୍କ ଉପରେ ନରମ ହୋଇ ସମାଲୋଚନା କରିଥିବାବେଳେ ଦଳୀୟ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ଗରମ ଥିଲେ। ବିଭିନ୍ନ ପ୍ରସଙ୍ଗ ଉଠାଇ ଧର୍ମେନ୍ଦ୍ର ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୪୫ ମିନିଟ୍‌ର ଭାଷଣରେ ମୋଦି ଓଡିଶାର କଳା, ସଂସ୍କୃତି ଏବଂ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ବଖାଣିଛନ୍ତି। ଏହାସହ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଖର୍ଚ୍ଚ ନେଇ ରାଜ୍ୟ ସରକାରଙ୍କୁ ମୃଦୁ ସମାଲୋଚନା କରିଛନ୍ତି। ନିର୍ବାଚନକୁ ଅପେକ୍ଷା ନ କରି ଆଦିବାସୀଙ୍କ ପାଇଁ ଥିବା ଅର୍ଥ ଖର୍ଚ୍ଚ କର ବୋଲି ମୋଦି ଆହ୍ୱାନ ଦେଇଛନ୍ତି। ☞ପୃଷ୍ଠା-୧୧

## ଓଡ଼ିଆ ସଂସ୍କୃତିକୁ ପ୍ରଶଂସା

- କଂଗ୍ରେସର ନାଁ ନ ନେଇ ସମାଲୋଚନା

**ବଲାଙ୍ଗୀର ଅଫିସ, ୧୫।୧**

ବଲାଙ୍ଗୀର ପଥରଚେପା ପଡିଆରେ ମଙ୍ଗଳବାର ଆୟୋଜିତ ଭାଜପାର ବିଶାଳ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ମୋଦି 'ଜୟ ଜଗନ୍ନାଥ'ରୁ ଭାଷଣ ଆରମ୍ଭ କରି ସ୍ଥାନୀୟ ମନ୍ଦିର ସୌନ୍ଦର୍ଯ୍ୟ ଏବଂ ପୂର୍ବପୁରୁଷଙ୍କ ବୀରତ୍ୱକୁ ସମ୍ମାନ ଜଣାଇଛନ୍ତି। ଏହାସହ ଛତିଶଗଡ଼ରେ ମାଓବାଦୀଙ୍କ ଆକ୍ରମଣରେ ଜୀବନ ହରାଇଥିବା ଯୁବ ସାମ୍ବାଦିକ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କଂଗ୍ରେସ ନାଁ ନ ନେଇ ପୂର୍ବ ସରକାରର ☞ପୃଷ୍ଠା-୧୧





ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



କ୍ରିଷ୍ଣା
ପରିବାରବର୍ଗ



ସୂର୍ଯ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Oriya Kshyatriya boy 33/5'8" established businessman, seeks matching bride contact: 9038906159 for early marriage. D-10526

Widower groom JE 40, CA 38, Business 41 (caste- no- bar)- 7873374269. D-65442

Odia Brahmin Bengaluru based working bride for 1988, 5'-6", B.Tech, MBA groom whatsapp, photo, Bio-data. 9437762732. D-59845

Khandayat boy 1986/ 6' B.Tech, Bank PO require serviceholder (preferable banking) Barsha. 9338229705, 8144274615. D-64772

### GROOM WANTED

1985, 5', Khandayat PSU Bank Manager girl, Govt./ PSU/ Bank groom required. Ph: 9861228214. D-10554

Now Matrimonial ads. only on Wednesday & Sunday
Book 1 Get 1 FREE

## classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485




### SALE

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Sale of MA & MB- 30, G.G.P.Colony,Rasulgarh. Cost @ 60 Lakhs. Contact: 9861068796, 9437573355. D-10573

6300 sqft. ଘରବାରି plot ସୁନ୍ଦରପଦାରେ, duplex ଜାଗମରାରେ ବିକ୍ରିହେବ। 9337124361,7381677597, 8917656421. D-58031

Residential plot 10.89 acres at Village- Sansighari, G.P. Bajamunda, P.S. Burla, District- Sambalpur for sale having electricity/ water facility/ connected by road and National Highway No.- 6. suitable for School educational institution residential College etc. Pl. Contact: 7032700242, 9937958210. D-10539

Hurry Up litigation free residential plot available Nandankanan flat- Hanspal duplex- Raghunathpur. 9853821712, 8270565956. D-10595

### LEASE

Land of 20000 sqft. required on rent basis preferably between Phulanakhara & Hanspal/ nearby Pandra Chhak on Cuttack-Puri Bypass road for automobile workshop purpose. Contact: 9337668677. D-10576




1400 sqft. commercial space at BMC Bhabani mall sqft. 50/-. 9337119834. D-65331

**For rent 25000 sqft. open land near Dhauli with boundary wall and gate, for commercial purpose. Contact: 8917576258.** D-10572




Ayurvedic full body massage ladies/ gents smart experts therapist. 9114697517. D-64686

Roshin ayurvedic massage club fully relaxed by smart lady home service facility available. 9937637219. D-64684




PMEGP, MSME, AGRO, food processing, want to make any project. Consult Mr. Samantaray (FCA). 7008236035, 9937309695. D-10582

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



(ପ୍ରିନ୍ସ)

**ଆୟୁଷ ଅଂଶୁମାନ ପାଢୀ**

ଲୋଧାଚୁଆ, ନୟାଗଡ଼

ଆଜି ତୋର ଷଷ୍ଠ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାବା, ମାମା, ବଡବାବା, ବଡମାମା, ମାମୁ, ମାଇଁ, ଅଜା, ଆଈ ଓ ପରିବାରବର୍ଗ। ଧ-୬୪୬୯୧

### ଜନ୍ମଦିନ ଶୁଭେଚ୍ଛା



(Krishna)

**Padmakshi Mohapatra**

ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇରାମଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା ପୁଷ୍ପମଣ୍ଡିତ ହେଉଥାଉ। ଶୁଭେଚ୍ଛା ସହ: ମାମା, ଆଈ, ଅଜା, ପରିବାରବର୍ଗ ଓ ସାଙ୍ଗସାଥୀ। ଧ-୧୦୫୭୦


■ସୁନ୍ଦରଗଡ଼ ନିର୍ବାଚନ ମାମଲା

# ଆସନ୍ତା ସପ୍ତାହରେ ଚୂଡ଼ାନ୍ତ ଶୁଣାଣି

ନୂଆଦିଲ୍ଲୀ,୧୫।୧– ସୁପ୍ରିମକୋର୍ଟରେ ସୁନ୍ଦରଗଡ଼ ନିର୍ବାଚନ ମାମଲାର ଚୂଡ଼ାନ୍ତ ଶୁଣାଣି ଘୁଞ୍ଚିଯାଇଛି। ସୁନ୍ଦରଗଡ଼ର କଂଗ୍ରେସ ବିଧାୟକ ଯୋଗେଶ କୁମାର ସିଂ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ରଦ୍ଦ କରିବା ପାଇଁ କରିଥିବା ଆବେଦନର ଚୂଡ଼ାନ୍ତ ଶୁଣାଣି ଆସନ୍ତା ସପ୍ତାହରେ କରିବାକୁ ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଏସ୍. ଅବ୍ଦୁଲ ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଷ୍ପତ୍ତି ନେଇଛନ୍ତି। ସୁନ୍ଦରଗଡ଼ ନିର୍ବାଚନ ମାମଲାରେ ପ୍ରତିପକ୍ଷମାନଙ୍କ ସତ୍ୟପାଠ ଉପରେ ଜବାବ ଦାଖଲ ପାଇଁ ଆବେଦନକାରୀଙ୍କ ଓକିଲ ସମୟ ମାଗିବା ପରେ ଖଣ୍ଡପୀଠ ଏହାର ଶୁଣାଣିକୁ ଆସନ୍ତା ସପ୍ତାହ ଯାଏ ସ୍ଥଗିତ ରଖିଛନ୍ତି। ପୂର୍ବରୁ ପ୍ରତିପକ୍ଷଙ୍କ ଓକିଲ ସଞ୍ଜୀବ କୁମାର ପାଣିଗ୍ରାହୀ ସର୍ବୋଚ୍ଚ ଅଦାଲତରେ ଏକ ସତ୍ୟପାଠ ଦାଖଲ କରିଥିଲେ। ବିଧାୟକ ଯୋଗେଶ ତଫସିଲଭୁକ୍ତ ଉପଜାତି (ଏସ୍‌ଟି)ର ନୁହନ୍ତି, ବରଂ ସାଧାରଣ ବର୍ଗର ବୋଲି ସେ ଏଥିରେ ଉଲ୍ଲେଖ କରିଥିଲେ। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ବିଧାନସଭା ଆସନ ଏସ୍‌ଟି ବର୍ଗ ପାଇଁ ସଂରକ୍ଷିତ ହୋଇଥିବାରୁ ବିଧାୟକ ଯୋଗେଶ ସିଂ ୨୦୧୪ ବିଧାନସଭା ନିର୍ବାଚନ ବେଳେ ନାମାଙ୍କନପତ୍ର ଦାଖଲ ସମୟରେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇଥିବା ଅଭିଯୋଗ ହୋଇଥିଲା। ଯୋଗେଶ ଏଥିରେ ନିଜକୁ 'ଖଣ୍ଡାୟତ ଭୂୟାଁ' ଜାତିର ବୋଲି ଦର୍ଶାଇଥିଲେ, ଯାହାକି ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ। ଏହାକୁ ନେଇ ଭାଜପାର ସହଦେବ ଖାକା ଓ ବିଜେଡି ପ୍ରାର୍ଥୀ କୁସୁମ ଟେଟେଙ୍କ ସ୍ୱାମୀ ଅଜୟ ପଟେଲଙ୍କ ପକ୍ଷରୁ ହାଇକୋର୍ଟରେ ଦୁଇଟି ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ବି.କେ. ନାୟକ ଏହାର ଶୁଣାଣି କରି ଗତବର୍ଷ ଜାନୁୟାରୀ ୩୦ରେ ଯୋଗୋଶଙ୍କ ବିଜୟକୁ ରଦ୍ଦ ଘୋଷଣା କରିଥିଲେ। ଯୋଗେଶ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ଗତ ଫେବୃୟାରୀ ୧୩ରେ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରି ଯୋଗୋଶଙ୍କୁ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରିଥିଲେ।

■ମହିଳା ସଚେତନତା, ସଶକ୍ତୀକରଣ

# ଗାଁ, ସହରରେ ବୁଲିବ ମିଶନ ଶକ୍ତି ରଥ

■ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ପ୍ରଥମ ପର୍ଯ୍ୟାୟରେ ବୁଲିବ ୬୦ ରଥ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ମିଶନ ଶକ୍ତି କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ତଥା ଏହାର ସଫଳ କାହାଣୀ ସମ୍ବନ୍ଧରେ ଅବଗତ କରିବା ପାଇଁ ମିଶନ ଶକ୍ତି ରଥ ରାଜ୍ୟର ସବୁ ପଞ୍ଚାୟତ ଓ ସହରାଞ୍ଚଳରେ ଗଡିବ। ଏହି ରଥକୁ ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିରେ ସ୍ୱତନ୍ତ୍ର ଏଲଇଡି ଲଗାଯାଇ ସମସ୍ତ ପଞ୍ଚାୟତ ଓ ସହରରେ ମିଶନ ଶକ୍ତିର ବାର୍ତ୍ତା ପହଞ୍ଚାଯିବ। ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଅଡିଓ କାହାଣୀ ଓ ଗୋଷ୍ଠୀ ନେତ୍ରୀମାନଙ୍କର ବାର୍ତ୍ତା ମଧ ପ୍ରସାରଣ ହେବ। ରାଜ୍ୟ ସାରା ବୁଲିବା ପାଇଁ ପ୍ରସ୍ତୁତ ହୋଇଥିବା ୨୫ଟି ରଥକୁ ମୁଖ୍ୟମନ୍ତ୍ରୀ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୬୦ଟି ରଥ ପ୍ରଚାର କାର୍ଯ୍ୟରେ ମୁତୟନ ହେବ।

ସୂଚନାଯୋଗ୍ୟ ଯେ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରି ସଶକ୍ତ କରିବା ନିମନ୍ତେ ୨୦୦୧ ମାର୍ଚ୍ଚ ୮ ତାରିଖରେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୬ ଲକ୍ଷ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଲକ୍ଷ ମହିଳା ନୂତନ ସଦସ୍ୟ ଅଛନ୍ତି। ରାଜ୍ୟରେ ସମସ୍ତ ଗ୍ରାମ ଓ ପଡା ଗ୍ରାମରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ସେମାନେ ବିଭିନ୍ନ ରୋଜଗାରଭିତ୍ତିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ଅଧୀନରେ ୨୦୧୭ରେ ଏକ ସ୍ୱତନ୍ତ୍ର ମିଶନ ଶକ୍ତି ନିର୍ଦ୍ଦେଶାଳୟ ଗଠନ କରାଯାଇଛି। ମହିଳାମାନଙ୍କର ସାମାଜିକ, ଆର୍ଥିକ ଓ ରାଜ୍ୟନୈତିକ ସଶକ୍ତୀକରଣ ମିଶନଶକ୍ତିର ପ୍ରମୁଖ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରଶ୍ମିରେଖା ମହାନ୍ତି**

ଶୈଳଶ୍ରୀବିହାର, ଭୁବନେଶ୍ୱର-୨୧
ଆବିର୍ଭାବ: ୦୨।୦୪।୧୯୭୧
ଅଶୋକାଷ୍ଟମୀ
ତିରୋଧାନ: ୩୧।୧୨।୨୦୧୪
ଶାମ୍ବଦଶମୀ

ଆକସ୍ମିକ ବିୟୋଗରେ ଆମ୍ଭେ ମର୍ମାହତ। ସ୍ୱଳ୍ପ ସମୟର ଅଭୁଲା ସ୍ମୃତି, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଅସୀମତ୍ୟାଗ, କର୍ତ୍ତବ୍ୟନିଷ୍ଠା ଚିରସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ସ୍ୱାମୀ- ତପନ, ପୁତ୍ର-ରଜତ, ଝିଅ-ସୌମ୍ୟା, ଶୋକାକୁଳ ବନ୍ଧୁ ଓ ପରିବାରବର୍ଗ। ଧ-୧୦୦୭୧

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶୈଳବାଳା ଆଚାର୍ଯ୍ୟ**

ଆବିର୍ଭାବ: ୦୬।୦୪।୧୯୫୩
ତିରୋଧାନ: ୦୬।୦୧।୨୦୧୯

ଆଜି ଦଶାହ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା। ଆପଣଙ୍କ ଦୟା ଏବଂ ଆଶୀର୍ବାଦ ସଦାବେଳେ ଆମ୍ଭ ଉପରେ ଥାଉ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ସ୍ନେହଲତା, ରଘୁନାଥ, ରବିନାରାୟଣ, ଲିଙ୍ଗରାଜ, ଆଶୁତୋଷ ଓ ସୌମ୍ୟା। ଧ-୬୪୦୩୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ ଭାସ୍କର ପାଢ଼ୀ**

Sr. Assistant Commandant
Odisha Police
ଜୟନ୍ତୀପୁର, ଗଞ୍ଜାମ
ଆବିର୍ଭାବ: ୨୮.୦୪.୧୯୩୮
ତିରୋଧାନ: ୦୫.୦୧.୨୦୧୯

ଗୁହୁଁ ଗୁହୁଁ ବାର ଦିନ ବିତିଗଲା। ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବା ଆମମାନଙ୍କ ପାଇଁ ସଦାସର୍ବଦା ଜୀବନ୍ତ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ: ପତ୍ନୀ-ଗୀତାଞ୍ଜଳି, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**
HIG-48, Kanan Vihar, BBSR
ଧ-୬୫୪୪୬

### ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ଅଶୋକ କୁମାର ବଳ**

ଘଟପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୨୨।୦୭।୧୯୬୭
ତିରୋଧାନ: ୧୦।୦୧।୨୦୧୪

ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ସ୍ତ୍ରୀ- କଳ୍ପନା, ପୁଅ-ପପୁନ, ଲିପୁନ, ତପୁନ, ବାପା, ଶଶୁର, ଶଳା-ରବି, ନିର, ବାବୁ, ଭାଇ- ଯୋଗୀ, ଦଣ୍ଡା, ଦେବୁ, ଶଳାଭାଉଜ- ସରିତା, ଲିଲି, ସାବି, ଭାଇବୋହୂ- ମିନା, ଟିକି, କୁନି, ଶାଳୀ- ଗନୁଆବୁଢି, କୁନୀ, ସଦ୍ଦୁ- ଚଗୁଲୁ, ଭଣଜା- ସୋନୁ, ଗୁଗୁଲୀ, ପରି, ସାଇ, ରାଜସ୍ମିତା, ପୁତୁରା, ଝିଆରି, ଭଉଣୀ- ପାକିଲି, ଭିଣୋଇ- କୈଳାସ ଓ ବନ୍ଧୁବାନ୍ଧବ। ଧ-୧୦୫୮୪

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମଧୁସୂଦନ ଧଳ**

ଆବିର୍ଭାବ: ୧୫।୦୫।୧୯୫୪
ତିରୋଧାନ: ୧୬।୦୧।୨୦୧୬
(ମୁକ୍ତାବେଗୁନିଆ, ଖଇରା, ବାଲେଶ୍ୱର)

ଆପଣ ଆମକୁ ଛାଡି ଚାଲିଯିବା ତିନିବର୍ଷ ହୋଇଗଲା। ହେଲେ ପ୍ରତିଟି ମୁହୂର୍ତ୍ତରେ ଆପଣ ଆମ ସହ ଅଛନ୍ତି ଓ ରହିଥିବେ। ଆପଣଙ୍କ ସ୍ନେହ, ତ୍ୟାଗ, ଆଦର୍ଶ, ବିଚାରବୋଧକୁ ଖାଲି ଆମେ ନୁହେଁ, ଝୁରୁଛି ସାରା ଖଇରା ଅଞ୍ଚଳ।

**ଶୋକସନ୍ତପ୍ତ: ପତ୍ନୀ, କନ୍ୟା- ବୁବୁନୁ, ତପି, କୁଲଫି, ଜାମାତା- ମଣ୍ଟୁ, ଦେବ, ଚିଣ୍ଟୁ, ନାତୁଣୀ- ସୁଚରିତା, ନାତି- ଚିରାଗ।** ଧ-୧୦୫୭୪

### ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଗୋକୁଳାନନ୍ଦ ଭୁକ୍ତା**

ସୁଦର୍ଶନ ନଗର, ବଡଶଙ୍ଖ, ପୁରୀ

ଆପଣଙ୍କର ପବିତ୍ର ତ୍ରୟୋଦଶ ଶ୍ରାଦ୍ଧବାର୍ଷିକରେ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ- କୁମୁଦିନୀ ଭୁକ୍ତା, ପୁତ୍ର- ଶ୍ରୀନିବାସ, ସୁବାସ, ସୁଧୀର, ପୁତ୍ରବଧୂ- ରିତାଞ୍ଜଳି, ସୌଦାମିନୀ, ଜାଗୃତି, ଝିଅ- ଗୀତାଞ୍ଜଳି, ଜ୍ୱାଇଁ- ଅଜୟ। ଧ-୬୪୦୩୫

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀ ନିତ୍ୟାନନ୍ଦ ପାଢୀ**

ଆବିର୍ଭାବ: ୨୯।୦୫।୧୯୨୯
ତିରୋଧାନ: ୦୩।୦୧।୨୦୧୨
ତିଥି- ଶାମ୍ବଦଶମୀ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ ପରିବାରବର୍ଗ। ଧ-୬୫୪୪୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଯୁଧିଷ୍ଠିର ସାହୁ**

ଆବିର୍ଭାବ: ୧୯୩୧
ତିରୋଧାନ: ୦୬।୦୧।୨୦୧୯
ଡମଣା, ବଣିଆ ସାହି,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଆତ୍ମା ପରମାତ୍ମାରେ ଲୀନ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର- ବାବାଜୀ, ବୈଷ୍ଣବ, ଯୁଗଳ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ବନ୍ଧୁ ଏବଂ ପରିବାରବର୍ଗ। ଧ-୫୯୫୨୬


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନେବେ। ଶାରୀରିକ ସମସ୍ୟା ସୁଧୁରିଯିବ, ଯାଇଥିଲେ ମଧ ମାନସିକ ଅସ୍ଥିରତା ଲାଗି ରହିବ। ବନ୍ଧୁଙ୍କ ଶତ୍ରୁତାରୁ ମନ ଭାରାକ୍ରାନ୍ତ ରହିପାରେ। ଜମିଜମା, କଳ କାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହୋଇପାରନ୍ତି।

**ବୃଷ**



ମନ ଚାହୁଁଥିବା ଜିନିଷ ପାଇଁ ବ୍ୟାକୁଳିତ ହୋଇପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତିବନ୍ଧକ ଲାଗି ରହିଥିଲେ ମଧ ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ପୂଜାପାର୍ବଣକୁ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବେ। ସାଧାରଣ କଥାରେ ସହକର୍ମୀ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ**



ପାରିବାରିକ ସ୍ଥିତିରେ ସୁଧାର ଆସିବ। କଚେରି ମାମଲାରୁ ମନସ୍ତାପ ବଢ଼ିପାରେ। ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ଦେବ ଦର୍ଶନର ସୁଯୋଗ ପାଇପାରନ୍ତି।

**କର୍କଟ**



କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କଳା, ସାହିତ୍ୟ, ସଂସ୍କୃତିରୁ ପ୍ରଶଂସିତ ହେବେ। ବାଣିଜ୍ୟ, ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକର ଆଶଙ୍କା ରହିଛି। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ରହିବ।

**ସିଂହ**



ଅଶାନ୍ତ ପାରିବାରିକ ସ୍ଥିତି ମାନସିକ ଅଶାନ୍ତିର କାରଣ ହୋଇପାରେ। ଅର୍ଥସଙ୍କଟଜନିତ ଧାର କରଜ ପାଇଁ ବ୍ୟସ୍ତତା ଲାଗିରହିବ। କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତା ମିଳିବାର ଆଶା ରହିଛି। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି। ନୂତନ ବନ୍ଧୁତା କରିପାରନ୍ତି।

**କନ୍ୟା**



ଦୈହିକ ସୁସ୍ଥତା ମନୋବଳ ବୃଦ୍ଧି କରିବ। ସମସ୍ୟାର ସରଳ ସମାଧାନ କରିପାରିବେ। ଅପରିଚିତ ଲୋକଟିଏ ମିତ୍ରତା ଛଳରେ ପାଖେଇ ଆସିପାରେ। ସରକାରୀ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଅର୍ଥନୈତିକ, ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ତୁଳା**



କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ଶୁଣି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ବାଣିଜ୍ୟିକ ଅଭିବୃଦ୍ଧିରୁ ଆଶ୍ୱସ୍ତି ମିଳିବ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧି ପାଇବ। ଯାନବାହନରେ ସତର୍କତା ବିଧେୟ।

**ବିଛା**



କୌଣସି ବନ୍ଧୁଙ୍କ ଅନୁପସ୍ଥିତି ମନରେ ଭାବାନ୍ତର ସୃଷ୍ଟି କରିବ। ବନ୍ଧୁମାନଙ୍କ ତରଫରୁ ଅର୍ଥ, ଉପହାରାଦି ପ୍ରାପ୍ତିର ଆଶା ରହିଛି। ପରିବାରରେ ଭୁଲ୍ ବୁଝାମଣାଜନିତ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ସଭା ସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**



ଦୀର୍ଘଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କକୁ ଯୋଡିବା ପାଇଁ ମନ ବଳାଇପାରନ୍ତି। ମୂଲ୍ୟବାନ ଜିନିଷ କ୍ରୟ କରିବା କ୍ଷେତ୍ରରେ ଅର୍ଥସଙ୍କଟ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସମାଧାନ ହେବାରେ ଜଣେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଅପରାହ୍ନରେ ଅଶୌଚ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର**



ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟ ଭଲ ଲାଗି ନ ପାରେ। ଆତ୍ମୀୟଙ୍କ ନିକଟରୁ ଅର୍ଥ, ବସ୍ତ୍ରଭୂଷଣାଦି ପ୍ରାପ୍ତ ହୋଇ ଖୁସି ରହିପାରନ୍ତି। ଫେରନ୍ତା ସମୟରେ ତିକ୍ତ ଅନୁଭୂତି ମନକୁ ବିଷାଦିତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନିଜ ନିଜ କ୍ଷେତ୍ରରେ କିମ୍ବା ପରିବାରରେ ସମ୍ମାନଜନକ ସ୍ଥିତିରେ ରହିବେ।

**କୁମ୍ଭ**



କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବ। ନିଜ ଲୋକଙ୍କ ଠାରୁ ସ୍ନେହ,ଶ୍ରଦ୍ଧା ପାଇ ଖୁସି ହେବେ। ବିବାଦୀୟ ପରିସରରେ ବେଶି ସମୟ ରହିବା ଠିକ୍ ହେବ ନାହିଁ ।

**ମୀନ**



ନୂଆ ଯୋଜନାଟି ପାରିବାରିକ ପ୍ରତିରୋଧ କାରଣରୁ ଅଟକି ଯାଇପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ପୂର୍ବ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟକ୍ରମ ହଠାତ୍ ବଦଳି ଯାଇପାରେ। ଆର୍ଥିକ ଦୁଃସ୍ଥିତି, ପରୋକ୍ଷ ଶତ୍ରୁତା, ସମ୍ପର୍କରେ ତିକ୍ତତା ଓ ବନ୍ଧୁମତାନ୍ତରର ସୂଚନା ରହିଛି। ରେବତୀ ନକ୍ଷତ୍ର ବିଶେଷ ଶୁଭଫଳ ପାଇବେ।

ଆଜି ପୌଷ ଶୁକ୍ଳ ପକ୍ଷର ଶାମ୍ବଦଶମୀ ବୁଧବାର, ଶ୍ରୀସୂର୍ଯ୍ୟଦେବଙ୍କ ପୂଜା, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ, ଉଦୟ ବେଳାରେ ସୂର୍ଯ୍ୟନାରାୟଣଙ୍କ ମନ୍ଦିରରେ କାକରା ଭୋଗ ଲାଗି, ଜାନୁୟାରୀ ୧୬ ତାରିଖ, ରାଶି ନକ୍ଷତ୍ର–ଦ୍ୱିଜା/ମେଷ, କର୍କଟ ରାଶିର ଘାତବାର, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୨।୫୫ମି. ଗତେ କୃତ୍ତିକା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୨।୪୫ମି. ଗତେ ଘ୪।୧୮ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୨ମି. ମଧ୍ୟେ ଘ୧୦।୩୮ମି. ଗତେ, ଘ୧୨।୦୧ମି. ମଧ୍ୟେ ଘ୪।୦୮ମି. ଗତେ, ଘ୫।୩୧ମି. ମଧ୍ୟେ ମାହେନ୍ଦ୍ରବେଳା।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ






# ବଲାଙ୍ଗୀରରେ ମୋଦି, ଭୁବନେଶ୍ୱରରେ ଧାରଣା

## ୨୦୧୭ ବକେୟା ଅନ୍‌ଲାଇନ୍ କୃଷିବୀମା ପ୍ରଦାନ ଦାବି

**ଭୁବନେଶ୍ୱର,୧୫।୧(ବ୍ୟୁରୋ):** 'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନାରେ ୨୦୧୭ ମସିହାରୁ ଅନ୍‌ଲାଇନ ଠକେଇ ହୋଇଛି। ଠକାମିର ଶିକାର ହୋଇଥିବା ବଲାଙ୍ଗୀର ଜିଲାର ହଜାରେରୁ ଅଧିକ ଚାଷୀ 'ଚୋଲାମଣ୍ଡଲମ୍' କମ୍ପାନୀର ଶହୀଦନଗରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ବଲାଙ୍ଗୀର ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ଏହି ଧାରଣା ଓ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି।

କୃଷକ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କିଶୋର ମେହେର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ସେ କହିଛନ୍ତି, ବଲାଙ୍ଗୀର ଜିଲାର ଚାଷୀ ଭାଇମାନଙ୍କୁ ଠକି ଦିଆଯାଇଛି। ଅଥଚ ସେଥିପ୍ରତି ଆଦୌ ଭ୍ରୂକ୍ଷେପ ନ କରି ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ବଲାଙ୍ଗୀରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବ୍ୟୟବହୁଳ ଦଳୀୟ ସଭା କରିବା ଚାଷୀଙ୍କ ପ୍ରତି କ୍ରୂର ଉପହାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ଧାର୍ଯ୍ୟ କରିବାକୁ ଚିଠି ଲେଖିବା ସହ ଦିଲ୍ଲୀରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ହେଲେ ପ୍ରଧାନମନ୍ତ୍ରୀ ତାହା ଶୁଣିନାହାନ୍ତି ବୋଲି ମେହେର କହିଛନ୍ତି। ଚୋଲାମଣ୍ଡଲମ୍ ବୀମା କମ୍ପାନୀର ପ୍ରତିନିଧି ଧାରଣାସ୍ଥଳରେ ପହଞ୍ଚି କୃଷକମାନଙ୍କ ସହିତ ଆଲୋଚନା କରିଥିବା ଲକ୍ଷ୍ୟ କରାଯାଇଥିଲା। ପରେ ଧାରଣରତ ଚାଷୀ ମୁଖ୍ୟ ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ କରିବା ନେଇ ମୁଖ୍ୟ ପରିଚାଳକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।






■ ୨୧୫ ନଂ. ଏନ୍‌ଏଚ୍ ସମ୍ପ୍ରସାରଣ ପାଇଁ ବୃକ୍ଷ ବଳି

# କାଟିଦେଲେ ୪୬ ହଜାରରୁ ଊର୍ଦ୍ଧ୍ୱ ଗଛ

■ ୪୫୦ ଏକର ଜଙ୍ଗଲ ଜମି କବ୍‌ଜା
■ ୧୦ବର୍ଷରେ କଟାଗଲାଣି ୬ଲକ୍ଷରୁ ଊର୍ଦ୍ଧ୍ୱ ଗଛ
■ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବେ ପରିବେଶ୍‌ବିତ୍

**କଟକ ଅଫିସ, ୧୫।୧**

କେନ୍ଦୁଝରର ରିମୁଳିରୁ ସୁନ୍ଦରଗଡ଼ ଜିଲାର ରାଜାମୁଣ୍ଡା। ୨୧୫ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ର ସମ୍ପ୍ରସାରଣ ନିମନ୍ତେ ଗତବର୍ଷ ଏହି ୧୦୬ କିଲୋମିଟର ମଧ୍ୟରେ ବଳି ପଡ଼ିଛି ହଜାର ହଜାର ଗଛ। ଏଥିମଧ୍ୟରୁ ୩୦ ସେଣ୍ଟିମିଟରରୁ ଅଧିକ ଗୋଲେଇ ଥିବା ୪୬ ହଜାର ୭୩ ଗଛ ରହିଥିବାବେଳେ ଏହାଠାରୁ କମ୍ ମୋଟେଇର ବହୁ ଗଛ କଟାଯାଇଛି। କେବଳ କେନ୍ଦୁଝର ବନଖଣ୍ଡ ଅଧୀନରେ ୧୭ ହଜାର ୮୬୮ ଗଛ, ବଣାଇ ବନଖଣ୍ଡରେ ୨୭ ହଜାର ୬୩୨ ଏବଂ ରାଉରକେଲା ବନଖଣ୍ଡରେ ୫୭୩ ଗଛ କଟାଯାଇଛି। ଏହାବାଦ ଏହି ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୪୫୦ ଏକର ଜଙ୍ଗଲ ଜମିକୁ ମଧ୍ୟ ଅକ୍ତିଆର କରାଯାଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ଏହି ତଥ୍ୟକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ପରିବେଶ ସଂକ୍ରାନ୍ତୀୟ ପ୍ରସଙ୍ଗକୁ ନେଇ ଏନ୍‌ଜିଟିରେ ମାମଲା ଲଢୁଥିବା ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି ଏପରି ଅଭିଯୋଗ ଆଣି କହିଛନ୍ତି, ୧୮୭୫ ଗଛକୁ ବିନା ଅନୁମତିରେ କଟାଯାଇଛି। ପୁଣି ୩୦ ସେମିରୁ କମ୍ ମୋଟେଇ ଗଛ କେତେ କଟାଯାଇଛି ତାହାର ହିସାବ ନାହିଁ। ଗୋଟିଏ ଗଛ ଏତିକି ମୋଟା ହେବାକୁ ଅତିକମ୍‌ରେ ୩୦ ବର୍ଷରୁ ଅଧିକ ସମୟ ଲାଗିଥାଏ। ଗୋଟିଏ ଗଛ ବଦଳରେ ୧୦ ଗଛ ଲଗାଇବାର ନିୟମ ଥିଲେ ମଧ୍ୟ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ରାସ୍ତା ନିର୍ମାଣ ପାଇଁ ଗଛକୁ ବାଦ୍ ଦେଇ ଅନ୍ୟ କିଛି ବିକଳ୍ପ ଗ୍ରହଣ କରାଯାଇପାରିଥାନ୍ତା। କିନ୍ତୁ ଏଥିପାଇଁ କିଛିବି ପଦକ୍ଷେପ ନିଆଯାଇ ନାହିଁ। ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଯେଉଁ ସ୍ଥାନରୁ ଉକ୍ତ ଗଛଗୁଡ଼ିକ କଟାଯାଇଛି ତାହା ଓର୍‌ସାକ୍ ତଥ୍ୟ ଅନୁଯାୟୀ ହାତୀ ବସତି ଜୋନ୍-୨ରେ ଯାଉଛି। ତେଣୁ ବିକାଶ ନାଁରେ ପରିବେଶକୁ ଧ୍ୱଂସ କରି ବିନାଶକୁ ଆମନ୍ତ୍ରଣ କରିବା କେତେଦୂର ଯଥାର୍ଥ ବୋଲି ଆଡ୍‌ଭୋକେଟ ପାଣି ପ୍ରଶ୍ନ ଉଠାଇବା ସହ ଆବଶ୍ୟକସ୍ଥଳେ ସେ ଉକ୍ତ ପ୍ରସଙ୍ଗକୁ ନେଇ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସରକାରୀ ତଥ୍ୟ ଅନୁସାରେ, ଏହି ପ୍ରକଳ୍ପକୁ ବାଦ୍ ଦେଲେ ଗତ ୧୦ ବର୍ଷ ମଧ୍ୟରେ ରାସ୍ତା ପ୍ରଶସ୍ତୀକରଣ ନାଁରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ମାତ୍ର ଏହି ସମୟ ମଧ୍ୟରେ ସରକାର କେତେ ଗଛ ସୃଷ୍ଟି କରିଛନ୍ତି ତାହାର କୌଣସି ସ୍ପଷ୍ଟ ତଥ୍ୟ ସରକାରୀ ଦପ୍ତରରୁ ମିଳୁନାହିଁ। ସୂଚନା ଅଧିକାର କର୍ମୀ ଶଶିଭୂଷଣ ପଟ୍ଟନାୟକ ୨୦୧୮ ମେ ମାସରେ କ୍ଷତିପୂରଣମୂଳକ ବନୀକରଣ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କଠାରୁ ତଥ୍ୟ ଲୋଡ଼ିଥିଲେ। ଯେଉଁଥିରେ ଦର୍ଶାଯାଇଛି ଯେ, ୨୧୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଅଦ୍ୟାବଧି କୌଣସି କ୍ଷତିପୂରଣମୂଳକ ବନୀକରଣ କରାଯାଇ ନାହିଁ। ସେହିପରି ଯେଉଁଠି ବନୀକରଣ କରାଯାଇଛି ସେଠାରେ ଚାରାଗୁଡ଼ିକର ବଞ୍ଚି ରହିବାକୁ ନେଇ ସୂଚନା ଅଧିକାର କର୍ମୀ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ବନ ବିଭାଗ ପକ୍ଷରୁ ରୋପଣ ଚାରାଗୁଡ଼ିକର ବଞ୍ଚିବା ହାର ୭୦ରୁ ୮୦ ପ୍ରତିଶତ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ତାହା ୨୦ରୁ ୩୦ ପ୍ରତିଶତ ବୋଲି ସେ କହିଛନ୍ତି।


Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR-751 008
ରାଜଭବନ
ଭୁବନେଶ୍ୱର-୭୫୧୦୦୮
ଜାନୁୟାରୀ ୧୫, ୨୦୧୯



**ବାର୍ତ୍ତା**

ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରାଳୟ ଏବଂ ପେଟ୍ରୋଲିୟମ୍ ସଂରକ୍ଷଣ ଗବେଷଣା ସଂଘ (ପିସିଆରଏ) ସୌଜନ୍ୟରୁ ତୈଳ କମ୍ପାନୀମାନଙ୍କ ପକ୍ଷରୁ ୨୦୧୯ ଜାନୁଆରୀ ୧୬ଠାରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ଏକ ମାସବ୍ୟାପୀ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ 'ସକ୍ଷମ-୨୦୧୯' ଅନୁଷ୍ଠିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଜନସାଧାରଣଙ୍କୁ ତୈଳ ଓ ଗ୍ୟାସ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧ କରାଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ । ପାରମ୍ପରିକ ଶକ୍ତି ଉତ୍ସରୁ ପ୍ରସ୍ତୁତ ଇନ୍ଧନର ବହୁଳ ବ୍ୟବହାର ଉପରେ ଅଙ୍କୁଶ ଲଗାଇ ଏହାର ପ୍ରାଭାବରୁ ଜାତୀୟ ଅର୍ଥନୀତିକୁ ମୁକ୍ତ ରଖିବା ସହିତ ପରିବେଶ ଏବଂ ଜୀବଜଗତକୁ ରକ୍ଷା କରିବା ଅବଶ୍ୟମ୍ଭାବୀ ହୋଇ ପଡ଼ିଛି । ଏହା ଅତି ଖୁସିର କଥା ଯେ ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱରୂପ ପେଟ୍ରୋଲିୟମ ସାମଗ୍ରୀର ସମୁଚିତ ବ୍ୟବହାରର ମାର୍ଗ ଓ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଛି । "ସକ୍ଷମ-୨୦୧୯" ରାଜ୍ୟର ଜନସାଧାରଣଙ୍କ ମନରେ ତୈଳ ଓ ଗ୍ୟାସର ସଂରକ୍ଷଣ ଦିଗରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସକ୍ଷମ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

"ସକ୍ଷମ-୨୦୧୯"ର ସମସ୍ତ ସଫଳତା କାମନା କରୁଅଛି ।

(ଗଣେଶୀ ଲାଲ)


# ଗଛ କାଟି ରେଞ୍ଜର ନିଲମ୍ବିତ

**ନର୍ସରିରୁ କଟାଯାଇଛି ୩୧ ପୁରାତନ ଆକାଶିଆ ଗଛ**

**ପୁରୀ ଅଫିସ,୧୫।୧**

ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ (ରେଞ୍ଜର) ସୁବାସ ଚନ୍ଦ୍ର ନାୟକଙ୍କୁ ବିନା ଅନୁମତିରେ ନର୍ସରିରୁ ଗଛ କାଟିବା ମହଙ୍ଗା ପଡ଼ିଛି। ଏ ନେଇ ତାଙ୍କୁ ମଙ୍ଗଳବାର ରାଜ୍ୟ ପ୍ରଧାନ ବନ ସଂରକ୍ଷକ (ପିସିସିଏଫ୍) ଚାକିରିରୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ଡେପୁଟି ରେଞ୍ଜର ଯୋଗେନ୍ଦ୍ର ନାଥ ପାତ୍ରଙ୍କୁ କାର୍ଯ୍ୟକାରୀ ବନାଞ୍ଚଳ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସନ୍ଧ୍ୟାରେ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି।

ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ସୂଚନା ମୁତାବକ, ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ପାଣିଛତ୍ରଠାରେ ରହିଛି ବନ ବିଭାଗର ମେଗା ନର୍ସରି। ଏହି ନର୍ସରି ଟଭା ଗୋଲରା ଗଡ଼ ସଂରକ୍ଷିତ ଜଙ୍ଗଲରେ ରହିଛି। ନର୍ସରିରେ ଥିବା ପୁରାତନ ୩୧ଟି ଆକାଶିଆ ଗଛ କଟାଯାଇଥିଲା। ଏହାକୁ ରେଞ୍ଜର ବିନା ଅନୁମତିରେ କାଟି ନେଇଥିବା ନେଇ ତାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ନିଜେ ଏହାର ତଦନ୍ତ କରି ବିଭାଗୀୟ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଏବଂ ବନାଞ୍ଚଳ ଅଧିକାରୀଙ୍କୁ ପଚରାଉଚୁରା କରି ତଥ୍ୟ ସଂଗ୍ରହ କରିଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶରେ ଶ୍ରମିକ ଗଛ କାଟିଥିବା ଜଣାପଡିଥିଲା।













ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡ଼ୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

-ଶ୍ରୀମା

# ସେହି ପୁରୁଣା ଖେଳ

ଗତ ଶତାବ୍ଦୀର ଷାଠିଏ-ସତୁରି ଦଶକରେ ଭାରତୀୟ ରାଜନୀତିରେ 'ଆୟାରାମ ଗୟାରାମ' ପରିସ୍ଥିତି ଦେଖାଦେଇଥିଲା। କୌଣସି ନିର୍ବାଚିତ ସରକାରକୁ ଗଡ଼ାଇବା ପାଇଁ ଘୋଡ଼ାବେପାର ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ଧୀରେ ଧୀରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସେହି ମାନସିକତା ଲୋପ ପାଇଆସୁଥିଲା। ଭାଜପା ଜାତୀୟ ଦଳ ହୋଇ ମଧ୍ୟ ଏହାକୁ ଏବେ ପୁନର୍ଜନ୍ମ ଦେବା ଭଳି ମନେହେଉଛି। ଏହାର ସଦ୍ୟ ଦୃଷ୍ଟାନ୍ତ କର୍ନାଟକରେ ଦେଖିବାକୁ ମିଳିଛି। ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୭ ମାସ ପୁରୁଣା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାର ପ୍ରତି ବିପଦ ସୃଷ୍ଟି ହୋଇଛି। ୧୫ ଜାନୁୟାରୀ ୨୦୧୯ରେ ୨ ଜଣ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ଭାଜପା ଆଡ଼କୁ ଢଳିଛନ୍ତି। ୨୨୪ ସଂଖ୍ୟା ବିଶିଷ୍ଟ କର୍ନାଟକ ବିଧାନସଭାରେ ଭାଜପାର ସର୍ବାଧିକ ୧୦୪ ସଦସ୍ୟ ଅଛନ୍ତି। କଂଗ୍ରେସର ୭୮, ଜେଡିଏସ୍ ୩୭ ଓ ୨ ସ୍ୱାଧୀନ ବିଧାୟକଙ୍କୁ ନେଇ କୁମାରସ୍ୱାମୀ ସରକାରରେ ୧୧୭ ସଂଖ୍ୟା ଥିବା ବେଳେ ୨ ସ୍ୱାଧୀନ ସଦସ୍ୟ ହାତ ଛାଡ଼ିବା ପରେ ଏହା ୧୧୫କୁ ଖସି ଆସିଛି। ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାରୁ ବର୍ତ୍ତମାନ ଭାଜପା ନିକଟରେ ୧୦୬ ବିଧାୟକ ହୋଇଯାଇଥିବା ବେଳେ ପ୍ରାୟ ୮ କଂଗ୍ରେସ ବିଧାୟକ ଭାଜପାକୁ ଡେଇଁପାରନ୍ତି ବୋଲି କୁହାଯାଉଛି। ଏପରିକି କଂଗ୍ରେସର ବରିଷ୍ଠ ନେତାମାନେ ଏଭଳି ଆଶଙ୍କା ବ୍ୟକ୍ତ କରିସାରିଲେଣି। ଘୋଡ଼ା ବେପାର କରି ସଂଖ୍ୟା ଯୋଗାଡ଼ରେ ସଫଳ ହେଲେ କର୍ନାଟକରେ ଭାଜପା ସରକାର ଗଢ଼ିବାରେ ସକ୍ଷମ ହେବ। ବର୍ତ୍ତମାନ ଭାଜପାର ୧୦୪ ବିଧାୟକ ଦିଲ୍ଲୀ ପଳାଇଯିବା ପରେ ସେମାନଙ୍କୁ ଗୁରୁଗ୍ରାମରେ ରଖାଯାଇଛି। ଇତିମଧ୍ୟରେ କଂଗ୍ରେସର ୩ ବିଧାୟକ ବମ୍ବେରେ ଥିବା ବେଳେ ୨ ଜଣ ଦିଲ୍ଲୀରେ ରହି ଭାଜପା ନେତାଙ୍କୁ ଭେଟିଥିବା କୁହାଯାଉଛି।

୨୦୧୮ରେ କର୍ନାଟକ ବିଧାନସଭା ନିର୍ବାଚନ ବେଳେ ଜେଡିଏସ୍ ଓ କଂଗ୍ରେସ ପରସ୍ପର ବିରୋଧରେ ଲଢ଼ିଥିଲେ। ଫଳାଫଳ ଆସିବା ପରେ ଭାଜପା ବୃହତ୍ ସଂଖ୍ୟାବିଶିଷ୍ଟ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ କୁହୁକ ନମ୍ବର ଛୁଇଁ ନ ପାରିବାରୁ ସରକାର ଗଢ଼ିପାରି ନ ଥିଲା। ଭାଜପାକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ଜେଡିଏସ୍ ଓ କଂଗ୍ରେସ ମେଣ୍ଟ ସରକାର ଗଢ଼ିଥିଲେ। ଅଳ୍ପ ଆସନ ପାଇ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହେବା ସହ ଗୁରୁତ୍ୱପୂର୍ଣ୍ଣ ପଦବୀ ନିଜ ଦଳ ପାଖରେ ରଖିବା ନେଇ ବିବାଦ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଫାଟ ବୁଜିବା ପାଇଁ ଯେତେ ପ୍ରୟାସ କରାଯାଉଥିଲେ ମଧ୍ୟ 'ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି' ଭଳି ପରିସ୍ଥିତି ଦେଖାଦେଇ ଚାଲିଛି। ଏପରିକି ଏକସମୟରେ କୁମାରସ୍ୱାମୀ କଂଗ୍ରେସ ଚାପରେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି କହିବାକୁ ବାଧ୍ୟ ହୋଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଦୁଇ ଦଳ ଆସନ ବୁଝାମଣାକୁ ନେଇ ଅଡୁଆରେ ପଡ଼ିଛନ୍ତି। ୨୮ ଲୋକ ସଭା ଆସନ ମଧ୍ୟରୁ ଜେଡିଏସ୍ ୧୨ଟିରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିବା ବେଳେ କଂଗ୍ରେସ ଏହାକୁ ଗ୍ରହଣ କରିପାରିନାହିଁ। ଏଭଳି ସ୍ଥିତି ଦେଖି କୁମାରସ୍ୱାମୀ କହିଛନ୍ତି ଯେ, ଆସନ ଭାଗବଣ୍ଟା କ୍ଷେତ୍ରରେ ଜେଡିଏସ୍‌କୁ କଂଗ୍ରେସ 'ତୃତୀୟ ଶ୍ରେଣୀ ନାଗରିକ' ଭଳି ଭାବିବା ଠିକ୍ ନୁହେଁ। ଭାଜପାକୁ ଦୃଢ଼ ଜବାବ ଦେବା ନିମନ୍ତେ ଉଭୟ ଦଳ ଏକତ୍ରିତ ହୋଇ ଲଢ଼ିବା ଉଚିତ। ସରକାରରେ ଦୁଇ ଦଳ ଟକରାଟକରି ହେଉଥିବା ଦେଖି ଭାଜପା ଫାଇଦା ନେବାକୁ ଆଗେଇ ଆସିଛି। ସାଧାରଣ ନିର୍ବାଚନ ପୂର୍ବରୁ ଆଉ ଏକ ରାଜ୍ୟରେ କ୍ଷମତା ଅକ୍ତିଆର କରି ସେହି ପୁରୁଣା ଖେଳ କରିବାକୁ ଭାଜପା ଲକ୍ଷ୍ୟ ରଖିଥିବା କୁହାଯାଉଛି। ଏମିତି ଦେଖିଲେ ନିକଟ ଅତୀତରେ ଦେଶରେ ହୋଇଥିବା କେତେକ ଉପନିର୍ବାଚନ ଓ ୩ ହିନ୍ଦୀ ଭାଷୀ ରାଜ୍ୟରେ ଭାଜପାର ପରାଜୟ ହୋଇଥିବା ବେଳେ କଂଗ୍ରେସର ସ୍ଥିତି ସୁଦୃଢ଼ ହୋଇପାରିଛି। ଏଭଳିସ୍ଥଳେ ବିରୋଧୀଙ୍କୁ ଦମନ କରିବା ଲାଗି ଭାଜପା କର୍ନାଟକରେ ଘୋଡ଼ା ବେପାରକୁ ପାଥେୟ କରିଛି ବୋଲି ଯାହା ଆଲୋଚନା ହେଉଛି, ତାହାକୁ ଅବିଶ୍ୱାସ କରାଯାଇ ନ ପାରେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସେତେବେଳେ ପରିସ୍ଥିତି କେଉଁ ରୂପ ନେବ ଏବେଠାରୁ କହିହେଉ ନାହିଁ। ଏଭଳି ସ୍ଥଳେ ଜେଡିଏସ୍-କଂଗ୍ରେସ ଉତ୍ତରପ୍ରଦେଶର ବିଏସ୍‌ପି-ଏସ୍‌ପି ନିର୍ବାଚନ ପୂର୍ବବର୍ତ୍ତୀ ମେଣ୍ଟ ଭଳି ଦୃଢ଼ ରହିଲେ ହୁଏତ ଭାଜପାକୁ ସାମ୍ନା କରିପାରେ। ତାହା କରା ନ ଗଲେ ଭାଜପା ଯେକୌଣସି ମୁହୂର୍ତ୍ତରେ କିଛି ନା କିଛି ଖେଳ କରିପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜାନୁୟାରୀ ୧୯୯୪

- ଜାଇରେର ରାଷ୍ଟ୍ରପତି ଦେଶର ସରକାରଙ୍କୁ ବରଖାସ୍ତ କରିବା ସହ ପାର୍ଲାମେଣ୍ଟ ଓ ଉଚ୍ଚତମ ପରିଷଦକୁ ଭାଙ୍ଗିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ଅଣୁଅସ୍ତ୍ର ପ୍ରସାର ନିରାକରଣ ଚୁକ୍ତି (ଏନ୍.ପି.ଟି.)ରେ ଭାରତ ସ୍ୱାକ୍ଷର କରିବ ନାହିଁ ବୋଲି ପ୍ରକାଶ କରିଛି।
- ଗଙ୍ଗାନଗର ସାଗର ସଙ୍ଗମସ୍ଥଳ ସାଗର ଦ୍ୱୀପ ନିକଟସ୍ଥ ମାଟଲା ନଦୀରେ ଦୁଇଟି ଲଞ୍ଚ ମଧ୍ୟରେ ଧକ୍କା ଲାଗିବା ଫଳରେ ୧୦୦ ତୀର୍ଥଯାତ୍ରୀଙ୍କର ସଳିଳ ସମାଧି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | | | | 6 | | | | | | | 4 | | |
| | | 5 | 9 | | | | | 4 | | C | | A | 7 | |
| | | | | E | 1 | | | | | | 5 | | 8 | D |
| B | | | | | | | C | 0 | | | E | | | 3 |
| | | | | A | | | 1 | | | D | B | | | 5 |
| | | | 8 | 2 | | | 7 | 3 | | | | | | 0 |
| C | | | | | | | | | | B | | 1 | 9 | |
| | | E | D | | 4 | | | | 6 | | | | | |
| | | A | | 6 | | | 8 | | | E | | B | 3 | C |
| 1 | D | | 7 | | | C | | 9 | | | | | | |
| | | | 6 | B | | | | 5 | | 1 | | | 0 | 2 |
| | | | | | | | | | | 5 | | C | | |
| | 0 | 4 | | | 9 | | 3 | | | | | | | |
| | | C | 2 | | | | 4 | | 9 | | A | 7 | 5 | 8 |
| D | | 9 | | 5 | 7 | | B | | | 2 | 3 | | 4 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | B | 9 | 4 | D | 0 | E | 3 | 8 | A | 1 | 7 | 2 | 6 |
| D | 9 | 4 | 0 | 1 | 2 | 8 | 7 | 6 | E | B | 3 | C | A | 5 |
| 0 | 1 | 6 | A | 5 | E | C | 2 | B | 4 | D | 7 | 8 | 9 | 3 |
| E | 8 | 7 | 3 | 6 | C | 4 | A | 5 | 0 | 9 | 2 | D | 1 | B |
| 2 | A | 3 | 7 | 8 | B | D | 1 | 9 | 5 | 6 | C | 4 | 0 | E |
| 5 | B | C | 1 | D | 4 | 6 | 0 | A | 3 | 8 | 9 | E | 7 | 2 |
| 3 | D | 0 | 2 | 7 | 8 | E | 9 | C | 1 | 5 | A | B | 6 | 4 |
| 9 | 2 | 8 | E | 0 | 5 | B | 4 | D | C | 7 | 6 | A | 3 | 1 |
| 7 | E | 1 | C | A | 6 | 2 | 3 | 8 | B | 0 | 4 | 5 | D | 9 |
| 4 | 6 | A | B | 9 | 3 | 7 | 5 | 1 | 2 | E | D | 0 | 8 | C |
| A | 0 | 9 | 5 | C | 7 | 3 | 6 | E | D | 1 | B | 2 | 4 | 8 |
| 1 | 7 | D | 8 | 3 | 0 | 5 | B | 4 | 9 | 2 | E | 6 | C | A |
| 8 | 3 | E | 6 | B | A | 9 | C | 2 | 7 | 4 | 0 | 1 | 5 | D |
| B | C | 5 | 4 | 2 | 1 | A | D | 0 | 6 | 3 | 8 | 9 | E | 7 |
| 6 | 4 | 2 | D | E | 9 | 1 | 8 | 7 | A | C | 5 | 3 | B | 0 |

ଗତକାଲିର ଉତ୍ତର

# ବାର୍ଦ୍ଧକ୍ୟର ବିଭାବନା



ଅରୁଣ କୁମାର ପଣ୍ଡା

ପରିବର୍ତ୍ତନ ହିଁ ସଂସାରର ଅପରିବର୍ତ୍ତନୀୟ ନିୟମ। ପ୍ରତ୍ୟେକ ଜୀବ ଏବଂ ବସ୍ତୁ ଧୀରେ ଧୀରେ ପୁରୁଣା ହୁଅନ୍ତି। ବୟସ ବଢ଼ିବା ସଙ୍ଗେ ସଙ୍ଗେ ମଣିଷ ଦେହରେ ଏହାର ଭିନ୍ନ ଭିନ୍ନ ଚିହ୍ନ ଦେଖାଯାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେପରି ଆୟୁ ବୃଦ୍ଧି ହୁଏ ସେହି ଅନୁସାରେ ବାଲ୍ୟାବସ୍ଥା, ଯୁବାବସ୍ଥା, ବୃଦ୍ଧାବସ୍ଥା ଇତ୍ୟାଦିର ଲକ୍ଷଣ ପ୍ରକଟ ହୁଏ। ବୃଦ୍ଧାବସ୍ଥାରେ ଏପରି ଏକ ଦିନ ଆସେ ଯେତେବେଳେ ଶରୀର ଦୁର୍ବଳ, ଅଙ୍ଗ ଶିଥିଳ ଏବଂ ମନ ଉତ୍ସାହହୀନ ହୋଇଯାଏ ତଥା ମନୁଷ୍ୟ ଥୁଣ୍ଟା ବରଗଛ ପରି ପଡ଼ି ରହେ। ନିଜ ସମୟର ଖୁବ୍ ଶକ୍ତିଶାଳୀ, ପରାକ୍ରମୀ ଶୂରବୀରମାନଙ୍କ ଅବସ୍ଥା ମଧ୍ୟ ଏହିପରି ହୋଇଥାଏ।

ସୋମନାଥ ମନ୍ଦିରକୁ ଅଠର ଥର ଲୁଣ୍ଠନ କରିଥିବା ଗଜନୀର ଦୁର୍ଦ୍ଧର୍ଷ ସୁଲତାନ ମାମୁଦ୍, ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର, ଏକଛତ୍ରବାଦୀ ହିଟ୍‌ଲର, ମୁସୋଲିନି, ତୋଜୋ, ଇଦ୍ ଅମିନ୍ ଏବଂ ଇରାକ୍‌ର ପଦଚ୍ୟୁତ ରାଷ୍ଟ୍ରପତି ସଦ୍ଦାମ ହୁସେନ ଅତି ଦୟନୀୟ ଭାବରେ ସେମାନଙ୍କ ଶେଷ ସମୟ କଟାଇଥିଲେ। ବିଶ୍ୱର ପ୍ରସିଦ୍ଧ ପହିଲମାନ୍, ହିମାଳୟର ଏଭରେଷ୍ଟ ଆରୋହଣକାରୀ, ବିସ୍ମୟ ସୃଷ୍ଟି କରିଥିବା କ୍ରୀଡ଼ାବିତ୍ ବାର୍ଦ୍ଧକ୍ୟରେ ଅନୁରୂପ ଦୟନୀୟ ସ୍ଥିତି ପ୍ରାପ୍ତ ହୋଇଛନ୍ତି, ଯେଭଳି ଶ୍ରୀକୃଷ୍ଣଙ୍କ ମୃତ୍ୟୁ ପରେ ଅଦ୍ଭୁତ ଧନୁର୍ଦ୍ଧର ଅର୍ଜୁନ ଶକ୍ତିହୀନ ହୋଇ ପଡ଼ିଥିଲେ। ବୟସର ପରିବର୍ତ୍ତନ କାହାକୁ ବି ଛାଡେ ନାହିଁ।

ବୟସ ବଢ଼ିବା ସହିତ ସମାଜ, ସମ୍ବନ୍ଧ, ପରସ୍ପର ସ୍ନେହସୌହାର୍ଦ୍ଦ୍ୟ ତଥା ସମ୍ମାନ ଓ ସ୍ଥିତିରେ ମଧ୍ୟ ଯଥେଷ୍ଟ ଅଦଳବଦଳ ହୋଇଯାଏ। ଆଗରୁ ବୃଦ୍ଧତ୍ୱର ଅନୁଭୂତି ନ ଥିବା ହେତୁ ଏହି ପରିବର୍ତ୍ତନର ସମ୍ମୁଖୀନ ହେବାର ସାମର୍ଥ୍ୟ ବ୍ୟକ୍ତିର ନ ଥାଏ। ଉଦାହରଣସ୍ୱରୂପ ଏଠାରେ ପିତା-ପୁତ୍ରର ସମ୍ବନ୍ଧକୁ ନିଆଯାଉ। ମନେ କରାଯାଉ ପିତାର ବୟସ ୩୦ ଥିଲା ବେଳେ ପୁଅର ବୟସ ୬। ପିଲାଟି ଭାବେ, ବାପା ତା'ଠାରୁ ବହୁତ ବଡ଼, ତାଙ୍କ ସହିତ ମୋର ତୁଳନା ସମ୍ଭବ ନୁହେଁ। ପିଲାଟି ପାଖରେ ଶାରୀରିକ ସାମର୍ଥ୍ୟ, ଧନବଳ, ଅନୁଭବ କିମ୍ବା ଦୋକାନଦାରି ଓ ବ୍ୟବସାୟବାଣିଜ୍ୟର ବୁଦ୍ଧି ନ ଥାଏ ଏବଂ ସେଥିପାଇଁ ସେ ପିତାଙ୍କ ତୁଳନାରେ ନିଜକୁ ଖୁବ୍ ନ୍ୟୂନ ମନେକରେ। ଅପରପକ୍ଷରେ ବାପା ମନରେ ଭାବନା ଥାଏ- ମୋ ପୁଅ ଖୁବ୍ ଛୋଟ, ଖୁବ୍ ଲଭ୍‌ଲି। ପିଲା ଯେତେବେଳେ ଦାନ୍ତ ଦେଖାଇ ହସେ, ଦରୋଟି କଥା କହେ ବାପା ଗଦ୍‌ଗଦ୍ ହୋଇପଡ଼େ, ତା' ପାଇଁ ସବୁକିଛି ସମର୍ପଣ କରିଦେବାର ଭାବନା ଆସେ। ପିଲାର ଦେହ ଖରାପ ହେଲେ ପ୍ରାର୍ଥନା କରେ- ଭଗବାନ ମୋତେ ନେଇଯାଅ ପଛେ ମୋର ଆଖିର ପିତୁଳାକୁ ବଞ୍ଚାଇ ରଖ। ମୋ ଆୟୁ ତାକୁ ଦେଇ ଦିଅ ଇତ୍ୟାଦି। ଯେବେ ପିତା ୬୦ବର୍ଷ ବୟସରେ ପହଞ୍ଚନ୍ତି, ପୁଅର ଆୟୁ ୩୬ବର୍ଷ ହୋଇଥାଏ। ପ୍ରଥମେ ପିତାଙ୍କ ଆୟୁ ପୁଅର ପାଞ୍ଚଗୁଣା ଥିଲା ଏବେ ପାଖାପାଖି ଦୁଇଗୁଣା। ପ୍ରଥମେ ପିଲାଟିର ଲମ୍ବ ଦୁଇଫୁଟ ଥିଲା, ଏବେ ଛ'ଫୁଟ ପାଖାପାଖି, ପିତାଙ୍କଠାରୁ ଉଚ୍ଚତାରେ ଅଧିକ। ଦୁଇଫୁଟିଆ ପିଲାକୁ କାଖେଇ କୋଳେଇ, ତିନିଫୁଟିଆ ପୁଅକୁ କାନ୍ଧେଇ ବାପା ନେଉଥିଲା, ଏବେ ପୁଅ ବାପାକୁ ବାଇକ୍ କିମ୍ବା ସ୍କୁଟର୍‌ରେ ବସେଇ ନେଉଛି। ପ୍ରଥମେ ପିଲାର ଚେହେରା କଖାରୁ ପରି ଗୋଲ୍ ଥିଲା ଏବେ ମୁହଁରେ ନିଶଦାଢି ଉଠିଲାଣି, କଦାକାର ହେଲାଣି। ତା'ର ଶରୀର ଓ ମସ୍ତିଷ୍କରେ ମଧ୍ୟ ଖୁବ୍ ପାର୍ଥକ୍ୟ ପରିଲକ୍ଷିତ ହୁଏ। ପିତା ବାର୍ଦ୍ଧକ୍ୟର ପ୍ରଭାବରେ ପିଲାପରି ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୁଏ, ଦାନ୍ତ ଭାଙ୍ଗିଯିବା କାରଣରୁ ଗୁଲୁରୁ ଗୁଲୁରୁ କଥା କହେ ଯେପରି 'ରାମ'କୁ 'ଲାମ'। ଆଗେ ପୁଅ ଛୋଟ ଥିବାବେଳେ ବାପର ହାତ ଧରି ଚାଲୁଥିଲା, ଏବେ ବୃଦ୍ଧ ବାପା ପୁଅର ହାତ ଧରି ଚାଲୁଛି। ପିଲା ତା' ଜନ୍ମଦିନରେ ବାପାଠାରୁ ଗିଫ୍‌ଟ ଆଶା କରୁଥିଲା, ସବୁ କଥାରେ ବାପାର ସହାୟତା ଚାହୁଁଥିଲା ; ଅର୍ଥାତ୍ ପୁତ୍ରକୁ ପିତା ସମ୍ଭାଳୁଥିଲା। ଏବେ ମାତାପିତାଙ୍କୁ ସମ୍ଭାଳିବା ଦାୟିତ୍ୱ ପୁତ୍ରର। ସେତିକି ନୁହେଁ ସମଗ୍ର ପରିବାରର ଭାର ତା' କାନ୍ଧରେ।

ପିତାମାତା ବୁଢ଼ାବୁଢ଼ୀ ହେଲେ ବି ଜୀବନର ଅନ୍ତିମକ୍ଷଣ ପର୍ଯ୍ୟନ୍ତ ସେମାନଙ୍କୁ ନିଜର ଛୋଟ ପିଲାଙ୍କୁ ସ୍ନେହଆଦର ଦେଇ ଲାଳନପାଳନ କରିବା ଭଳି ସମ୍ଭାଳି ରଖିବାକୁ ହୁଏ, ସେମାନଙ୍କ ଅଳିଅର୍ଦ୍ଦଳି ସହିବାକୁ ହୁଏ। ସେମାନେ ଆମ ପାଇଁ ବୋଝ ନୁହନ୍ତି, ବରଂ ଆଶୀର୍ବାଦ- ଏହି ଚିନ୍ତନ ଯାହାର ସେହି ପରିବାର ସର୍ବଦା ସୁଖଶାନ୍ତିରେ ଥାଏ। ପରନ୍ତୁ ଆଜିକାଲି ବୃଦ୍ଧ ମାତାପିତାଙ୍କ ପ୍ରତି ସେମାନଙ୍କ ସନ୍ତାନମାନେ ଯେଉଁଭଳି ପଶୁବତ୍ ଆଚରଣ କରୁଛନ୍ତି ତାହା ଭାଷାରେ ବର୍ଣ୍ଣନା କରିବା ପାଇଁ ସଙ୍କୋଚ ଲାଗୁଛି।

ଏ କଥା ଭୁଲିବା ଉଚିତ ନୁହେଁ ଯେ, ଘରେ ଅନୁଭବରେ ଶାଣିତ, ବୃଦ୍ଧ ବ୍ୟକ୍ତିଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ କଲ୍ୟାଣକାରୀ ହୋଇଥାଏ। ସେମାନଙ୍କୁ ପୁରୁଣାକାଳିଆ, ଅଦରକାରୀ, ଅପଦାର୍ଥ କହି ତିରସ୍କାର କରିବା ଅର୍ଥ ଭଗବାନଙ୍କୁ ଅସନ୍ତୁଷ୍ଟ କରିବା ଏବଂ ନିଜ ଗୋଡ଼ରେ କୁରାଢ଼ି ମାରିବା। ବୃଦ୍ଧ, ଅକର୍ମଣ୍ୟ, ପିତାମାତାଙ୍କ ସେବା ଦ୍ୱାରା ପୁଣ୍ୟଖାତା ସଞ୍ଚୟର ଅପୂର୍ବ ସୁଯୋଗ ଆମକୁ ମିଳେ। ତାହା ନ କରି ଏମାନଙ୍କଠାରୁ ମୁକ୍ତି ଚାହିଁବା ଏବଂ ଜରାଶ୍ରମକୁ ଯିବା ପାଇଁ ସେମାନଙ୍କୁ ବିବଶ କରାଯିବା ଦ୍ୱାରା ଭାରତୀୟ ପାରିବାରିକ ବ୍ୟବସ୍ଥାକୁ ଆମେ ଜାଣିଶୁଣି ଚୂର୍ଣ୍ଣବିଚୂର୍ଣ୍ଣ କରୁଛୁ।

ପାଶ୍ଚାତ୍ୟ ଦେଶଗୁଡ଼ିକରେ ମାତାପିତାଙ୍କୁ ଝିଅପୁଅମାନେ ତ୍ୟଜ୍ୟଦ୍ରବ୍ୟ କରି ଏକପ୍ରକାର ବାହାରେ ପିଙ୍ଗି ଦିଅନ୍ତି। ଏହାର ଅର୍ଥ ହେଲା ସରକାରୀ ଖର୍ଚ୍ଚରେ ବାର୍ଦ୍ଧକ୍ୟ ଆଶ୍ରୟ ଗୃହରେ ସେମାନଙ୍କ ପାଇଁ ବ୍ୟବସ୍ଥା ଥାଏ। ବର୍ଷରେ ଥରେ 'ଫାଦର୍‌ସ ଡେ' ଏବଂ 'ମଦର୍‌ସ ଡେ'ରେ ସନ୍ତାନମାନେ ସେମାନଙ୍କର ତ୍ୟକ୍ତ ପିତାମାନଙ୍କୁ ଭେଟନ୍ତି। ଶବ୍ଦ ଆଡମ୍ବର, ହୋ-ହଲ୍ଲା ମଧ୍ୟରେ ମାତାପିତା ଏବଂ କନ୍ୟାପୁତ୍ରଙ୍କ ଔପଚାରିକ ମିଳନ ହୁଏ। ଧୀରେ ଧୀରେ ଭାରତୀୟ ସମାଜରେ ଏହି ଅବସ୍ଥା ସୃଷ୍ଟି ହେଲାଣି। ଫଳରେ ପରିଣତ ବୟସରେ ବ୍ୟକ୍ତିମାନଙ୍କ ଭିତରେ ନୈରାଶ୍ୟ, ଦୁଃଖ, ଗ୍ଲାନି ଓ ଉଦାସୀନତା ପରି ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ନିଜର ଅନୁଭବସିଦ୍ଧ, ଜ୍ଞାନ, କର୍ମକୁଶଳତା, ଦକ୍ଷତା ପାଇଁ ସେମାନେ ବାସ୍ତବରେ ନିଜକୁ ଛୋଟମାନଙ୍କଠାରୁ ଯଥେଷ୍ଟ ଆଗରେ ବୋଲି ଭାବି ଗଭୀର, ଆତ୍ମବିଶ୍ୱାସର ସହିତ ରହିବା ଉଚିତ। ରାମରାଜ୍ୟର ଶ୍ରେଷ୍ଠ ଗୁରୁ ରୂପେ ବୟୋଜ୍ୟେଷ୍ଠ ଋଷି ବଶିଷ୍ଠଙ୍କୁ ଗଣାଯାଉଥିଲା। ବୃଦ୍ଧ ଜନକ, ବେଦବ୍ୟାସ, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, ଜାମ୍ବବାନ ନିଜ ନିଜ କ୍ଷେତ୍ରରେ ବାର୍ଦ୍ଧକ୍ୟରେ ବି ପାରଦର୍ଶିତା ପ୍ରଦର୍ଶନ କରି ସମସ୍ତଙ୍କୁ ଚମତ୍କୃତ କରିଥିଲେ। ଦୁଷ୍ଟ ଅସୁର ରାବଣ ମା' ସୀତାଙ୍କୁ ଅପହରଣ କରି ନେଉଥିବା ବେଳେ ଗୃଧ୍ରରାଜ ଜଟାୟୁ ନିଜର ବୃଦ୍ଧ ବୟସରେ ତା' ସହିତ ଆକାଶମାର୍ଗରେ ନିଜର ଚଞ୍ଚୁ ଓ ନଖ ଦ୍ୱାରା ଲଢ଼େଇ କରି ପ୍ରାଣପାତ କରିବାର ମହାନ୍ ଆଦର୍ଶ ସୃଷ୍ଟି କରିଯାଇଛନ୍ତି।

ଗୁଜରାଟର ପ୍ରସିଦ୍ଧ ବିଦ୍ୱାନ୍ ପଣ୍ଡିତ ବିନାୟକ ଦାମୋଦର ସାତବଳେକର ୬୦ବର୍ଷ ବୟସରେ ପ୍ରଥମ ଶ୍ରେଣୀରୁ ଅଧ୍ୟୟନ ଆରମ୍ଭ କରି ବେଦର ମହାନ୍ ଟୀକାକାର ହୋଇପାରିଥିଲେ ଏବଂ ବୈଦିକ ଢଙ୍ଗରେ ଜୀବନଯାପନ କରି ୧୦୬ବର୍ଷ ବଞ୍ଚିଥିଲେ। ହିମାଳୟରେ ଆଜି ବି ତପସ୍ୟାରତ ସାଧୁ ଅଛନ୍ତି ଯେଉଁମାନଙ୍କ ବୟସ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ। ଦୀର୍ଘ ଜୀବନ ଏକ ଆଶୀର୍ବାଦ, ଯଦି ଏହା ସୁଖମୟ ହୁଏ। ଦୁଃଖ, ଦୁର୍ଦ୍ଦଶା, ରୋଗ, କଷ୍ଟ, ଯନ୍ତ୍ରଣାଜର୍ଜରିତ ବାର୍ଦ୍ଧକ୍ୟ କେବେ ବି ସ୍ୱାଗତଯୋଗ୍ୟ ନୁହେଁ। ଏଭଳି ଅନେକ ବୟୋଜ୍ୟେଷ୍ଠ ଅଛନ୍ତି ଯେଉଁମାନେ ଦାରିଦ୍ର୍ୟ ଭିତରେ ଥିଲେ ମଧ୍ୟ ସହର୍ଷବଦନରେ ନିଜ ପାଖରେ ଯାହା ବି ଅଛି ତାକୁ ଅନ୍ୟର ସେବାରେ ଲଗାନ୍ତି, ବୃଦ୍ଧ ଶରୀରରେ ମନକୁ ସତେଜ ପୁଷ୍ପ ପରି ସୁଗନ୍ଧିତ ରଖି, ଭାବନା ଓ ସଙ୍କଳ୍ପକୁ ଶକ୍ତିଶାଳୀ ଓ ପବିତ୍ର କରି, କଠୋର ବ୍ରହ୍ମଚର୍ଯ୍ୟ ଦ୍ୱାରା ଅସାଧ୍ୟ ସାଧନ କରାଯାଇପାରେ। ଏହି ବାର୍ତ୍ତା ଅଧୀର, ଉଦାସ, ଅଶାନ୍ତ ବୃଦ୍ଧମାନଙ୍କ ମଧ୍ୟରେ ସଞ୍ଜୀବନୀର କାମ କରିବ।

୧୩୪୮/ସି. ସେକ୍ଟର-୬,
ମର୍କତନଗର, କଟକ,
ମୋ-୯୪୩୭୨୭୦୬୦୫

# ଭାରତୀୟ ଜନଜୀବନ ଓ ବିଳମ୍ବ



ରୁଦ୍ର ପ୍ରସନ୍ନ ରଥ

ପିଲାଦିନେ ଗୁରୁଜନମାନେ ଆମକୁ ଉପଦେଶ ଦେଲାବେଳେ ସବୁବେଳେ କର୍ମଠ ଆଉ ସମୟାନୁବର୍ତ୍ତୀ ହେବାକୁ କହିଥାନ୍ତି। ବଡ଼ ହେଲା ପରେ ଅଫିସ୍‌ରେ ମଧ୍ୟ ଆମକୁ ଆମ ଅଫିସର ଠିକ୍ ସମୟରେ ଆସିବା ପାଇଁ ତାଗିଦ କରିଥାନ୍ତି। ମାତ୍ର ଏହି ସାମାନ୍ୟ ସମୟାନୁବର୍ତ୍ତିତା ଗୁଣର ଅଭାବ ଯୋଗୁ ଆମେ ଅନେକ ସମୟରେ ହଇରାଣରେ ପଡିଥାଉ। କେତେବେଳେ ଆମେ ଶ୍ରେଣୀରେ ବିଳମ୍ବରେ ପହଞ୍ଚିଥାଉ ତ ଆଉ କେତେବେଳେ ଆମର ବସ୍ କିମ୍ବା ଟ୍ରେନ୍‌କୁ ଧାର୍ଯ୍ୟ ସମୟରେ ଧରି ପାରି ନ ଥାଉ। ଏମିତି ଜୀବନରେ ଅନେକ ଥର ଠକିଲା ପରେ ମଧ୍ୟ ଆମ ମଧ୍ୟରୁ ଅନେକେ ସମୟାନୁବର୍ତ୍ତୀ ହୋଇପାରି ନ ଥାନ୍ତି। ଆଉ ଯେଉଁମାନେ ସମୟକୁ ସମ୍ମାନ ଦିଅନ୍ତି ସେମାନେ ଜୀବନରେ ବହୁ ଆଗକୁ ଯାଇଥାନ୍ତି।

ଧୈର୍ଯ୍ୟ, ଜ୍ଞାନ, ଧୀଶକ୍ତି ପାଇଁ ସାରା ବିଶ୍ୱରେ ଭାରତୀୟମାନେ ଅନେକ ଆଦର ପାଇଚାଲିଥିଲା ବେଳେ ନିଜର ଚରିତ୍ରରେ ଏହି ବିଳମ୍ବ ଜନିତ ଦାଗ ଯୋଗୁ ଅନେକ ସ୍ଥାନରେ ଲୋକହସାର ଶିକାର ହୁଅନ୍ତି। ସେ ଛାତ୍ର ହୁଅନ୍ତୁ କି ବ୍ୟବସାୟୀ, ଗୃହିଣୀ ହୁଅନ୍ତୁ କି ବକ୍ତା, ନିଜ ନିଜ କ୍ଷେତ୍ରରେ ବିଳମ୍ବକୁ ନେଇ ସେମାନେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ। ଏପରି କି ସେମାନଙ୍କର ବିଳମ୍ବ ଅନେକ କ୍ଷେତ୍ରରେ ଆମ ଦେହସୁହା ହୋଇଗଲାଣି। ଲୋକମାନେ ବି ଜାଣିଗଲେଣି ଯେ କୁହାଯାଇଥିବା ସମୟ ଅନୁସାରେ ନ ଗଲେ ବି ଚଳିବ। ଯେ କୌଣସି ବୈଠକ, ସମ୍ମିଳନୀ କିମ୍ବା ସଭା ପ୍ରାୟ ସମୟଠାରୁ ବିଳମ୍ବରେ ଆରମ୍ଭ ହେବା ଏବେ ଏକ ନିତ୍ୟନୈମିତ୍ତିକ ଘଟଣା ହୋଇଗଲାଣି। ଗୋଟିଏ ସଭାରେ କିଛି ବକ୍ତା କିମ୍ବା ଅତିଥିଙ୍କର ଘଣ୍ଟାଟିଏ ବିଳମ୍ବ ପାଇଁ ଶହ ଶହ ଶ୍ରୋତାଙ୍କର ଯେ ଏକା ସମୟରେ ଶହ ଶହ ଘଣ୍ଟା ନଷ୍ଟ ହୁଏ ତାହା ସମସ୍ତେ ଅନୁଭବ କରନ୍ତି ସତ ମାତ୍ର ଏହା ଠିକ୍ କରିବାକୁ କେହି ନ ଥାନ୍ତି।

ଭାରତୀୟ ଜନଜୀବନରେ ବିଳମ୍ବ ବେଶ୍ ଗ୍ରହଣୀୟ। ବିଳମ୍ବ କାହିଁକି ହେଲା ତାହାର କୈଫିୟତ୍ ଦେବାକୁ ବିଳମ୍ବ କରୁଥିବା ଲୋକଙ୍କ ପାଖରେ ଅନେକ ବାହାନା ଥାଏ। ସେ ମନେକରେ ଯେ ତାହାର ପ୍ରତ୍ୟେକ କୈଫିୟତ୍ ଯୁକ୍ତିଯୁକ୍ତ ଏବଂ ଏହା ଗ୍ରହଣୀୟ ହେବାକୁ ବାଧ୍ୟ। ନିଜେ ବିଳମ୍ବରେ ଆସିଛନ୍ତି ବୋଲି ହୃଦୟଙ୍ଗମ କରିଥିଲେ ମଧ୍ୟ ଏବଂ ଏହା ଭୁଲ୍ ବୋଲି ଜାଣିଥିଲେ ମଧ୍ୟ ଦାନ୍ତ ଦେଖାଇ ବିଳମ୍ବ ପାଇଁ ଗୋଟିଏ ଛୋଟ କୈଫିୟତ୍ ଦେଇ ଖସିଯାଆନ୍ତି। ନିଜ ବିଳମ୍ବ ପାଇଁ ଅନ୍ୟକୁ ଯେ ଅଯଥା ଅପେକ୍ଷା କରିବାକୁ ପଡିଲା, ଅନ୍ୟର ସମୟ ନଷ୍ଟ ହେଲା ଏବଂ ସେ ମାନସିକ ଯନ୍ତ୍ରଣା ପାଇଲା, ସେ ନେଇ ଆମର ଟିକିଏ ମଧ୍ୟ ଅନୁଶୋଚନା ନ ଥାଏ।

ଅବଶ୍ୟ ଭାରତୀୟ ଜନଜୀବନରେ ବିଳମ୍ବ ପାଇଁ ଅନେକ କାରଣ ଦାୟୀ। ଯେମିତି ଟ୍ରାଫିକ୍ ଭିଡ, ବନ୍ଦ, ହରତାଳ, ରାସ୍ତା ଦୁର୍ଘଟଣା ଇତ୍ୟାଦି ପାଇଁ ଅନେକ ସମୟରେ ଆମେ ନ ଚାହିଁଲେ ବି ବିଳମ୍ବ ହୋଇଯାଏ। ମାତ୍ର ଆମ ଭିତରୁ ଅନେକ ଲୋକ ଅଛନ୍ତି ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସିବା କିମ୍ବା ସାମାଜିକ କାର୍ଯ୍ୟକ୍ରମରେ ପହଞ୍ଚିବାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି ନାହିଁ। ଆଉ ଏ ସବୁ ଜାଗାକୁ ଠିକ୍ ସମୟରେ ପହଞ୍ଚୁଥିବା ଲୋକଟିକୁ ବେଳେବେଳେ ଲୋକହସା ହେବାକୁ ପଡିଥାଏ। ଅନେକ ସମୟରେ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିଥିବା ଲୋକଟି ଅଫିସ୍ ବନ୍ଦ ଥିବାର ଦେଖିବାକୁ ପାଏ। ପୁଣି ବହୁ ସମୟରେ ସାମାଜିକ କାର୍ଯ୍ୟକ୍ରମଗୁଡିକରେ ଠିକ୍ ସମୟରେ ପହଞ୍ଚିଲା ବେଳକୁ କାର୍ଯ୍ୟକ୍ରମ ଆରମ୍ଭ ହିଁ ହୋଇ ନ ଥାଏ ଆଉ ଆୟୋଜକମାନଙ୍କର ବି ଦେଖା ନ ଥାଏ। ମୋଟ ଉପରେ ସମୟରେ ପହଞ୍ଚିବା ନା ଆମର ଜିନ୍‌ଗତ ନା ଆମେ ଏହାକୁ ଏକ ସଂସ୍କାରଗତ ଆବଶ୍ୟକତା ବୋଲି ମନେକରୁ। ଏହା କେବଳ ଏମିତି ଏକ କାର୍ଯ୍ୟ ଯାହା କରିବାକୁ କେବଳ ଉପଦେଶ ହିଁ ଦିଆଯାଇପାରେ। ଏହା ପାଠପଢା ବହିରେ ରହିପାରେ ମାତ୍ର ଜୀବନ କ୍ଷେତ୍ରରେ ଏହାକୁ ପ୍ରାୟ କାମରେ ଲଗାଯାଏ ନାହିଁ।

ବ୍ୟକ୍ତିଗତ ସ୍ତରରେ ଆମେ ବିଳମ୍ବ ହେବାକୁ ନେଇ ସଚେତନ ନ ଥିବାରୁ ଏହା ଆମ ଜାତୀୟ ଚରିତ୍ରକୁ ପ୍ରଭାବିତ କରେ। ଆମ ଟ୍ରେନ୍ ଆଉ ବସ୍ ବିଳମ୍ବରେ ଚାଲେ। ଆମ ସରକାରୀ ଅଫିସ୍‌ର ଫାଇଲ ବି। ପୁଣି ବିଳମ୍ବକୁ ନେଇ ଆମ ବ୍ୟକ୍ତିଗତ ରୁଚି ବେଶ୍ ଅଜବ। ବାହାଘର, ବ୍ରତଘର ପରି ପୁଣ୍ୟକାର୍ଯ୍ୟ ବିଳମ୍ବ ହେଲେ ଆମେ ଅସହିଷ୍ଣୁ ହୋଇପଡୁ ମାତ୍ର ସରକାରୀ କାର୍ଯ୍ୟ ବିଳମ୍ବରେ ହେବା ଉଚିତ ବୋଲି ଯୁକ୍ତି ବାଢୁ। ନିଜେ ବିଳମ୍ବରେ ପହଞ୍ଚିବା ଯୁକ୍ତିଯୁକ୍ତ ବୋଲି ପାଟି କରୁ, ମାତ୍ର ଯାହାପାଖକୁ ଯାଉଛୁ ସେ ସମୟ ପୂର୍ବରୁ ପହଞ୍ଚିବା ଆବଶ୍ୟକ ବୋଲି ଚିନ୍ତାକରୁ।

ଭାରତୀୟ ଜନଜୀବନରେ ବିଳମ୍ବ ସତରେ ଆମ ସମସ୍ତଙ୍କ ପାଇଁ ଅଭିଶାପ କହିଲେ ଭୁଲ୍ ହେବ ନାହିଁ। କେବଳ ଏହି ବିଳମ୍ବ ଯୋଗୁ ଆମେ ଆମକୁ ମିଳୁଥିବା ସୁଯୋଗର ଶତ ପ୍ରତିଶତ ଉପଯୋଗ କରିପାରୁ ନାହିଁ। ସେହିପରି ଠିକ୍ ସମୟରେ ନ ପହଞ୍ଚିଲେ ଆମେ ଆମ ଦକ୍ଷତାର ସମ୍ପୂର୍ଣ୍ଣ ସଦୁପଯୋଗ କରିପାରୁ ନାହୁଁ। ମୋଟ ଉପରେ ଆମେ ଯାହା ହେବା କଥା ତାହା ହୋଇ ନ ପାରି ଜୀବନକୁ ଅର୍ଥପୂର୍ଣ୍ଣ କରିପାରି ନ ଥାଉ।

ଠିକ୍ ସମୟରେ ସବୁ ଜାଗାରେ ସବୁବେଳେ ପହଞ୍ଚିବା ଆମ ସମସ୍ତଙ୍କ ଜୀବନର ଧ୍ୟେୟ ହେବା ଦରକାର। କାରଣ ନ ଥାଇ ବିଳମ୍ବରେ ପହଞ୍ଚୁଥିବା ଲୋକ ଏବଂ ଏଥିପାଇଁ ଆଦୌ ଅନୁଶୋଚନା ନ କରି ମିଛ କୈଫିୟତ୍ ଦେଉଥିବା ଲୋକଙ୍କୁ ଆମେ ସାମାଜିକ ରୂପେ ବର୍ଜନ କରିବା ଆବଶ୍ୟକ। ଏହା ସହିତ ଆମେ ସମସ୍ତେ ବ୍ୟକ୍ତିଗତ ଉଦ୍ୟମରେ ସମୟରେ ପହଞ୍ଚୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଦେବା ଦରକାର। ଏପରି କରିପାରିଲେ ହୁଏତ ବିଳମ୍ବକୁ ଆମ ସଂସ୍କୃତିର ପରିଚୟ ହେବାରୁ ରୋକିପାରିବା।

ଧବଳଗିରି, ଯାଜପୁରରୋଡ,
ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ଦୁନିଆରେ ଅନେକ ବିସ୍ମୟ ସୃଷ୍ଟିକାରୀ ବ୍ୟକ୍ତି ଅଛନ୍ତି। ସେମାନେ କିଛି ଅସାଧାରଣ କାର୍ଯ୍ୟ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଦାହରଣ ପାଲଟିଯାଆନ୍ତି। ଏପରି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ମଧ୍ୟପ୍ରଦେଶର ମୈନା ଗାଁର କୈଳାସ। ସଭିଏଁ ତାଙ୍କୁ ବିଷପୁରୁଷ ବୋଲି ସମ୍ବୋଧନ କରିଥାଆନ୍ତି। କୈଳାସ ପ୍ରତିଦିନ ୧୦ଟି ଝିଟିପିଟି ଖାଆନ୍ତି। ଅନ୍ୟମାନଙ୍କ ପାଇଁ ଏହା ଏକ ଘୃଣାର ବିଷୟ ହୋଇପାରେ। କିନ୍ତୁ ସେ ଏଗୁଡିକୁ ଆନନ୍ଦରେ ଭକ୍ଷଣ କରିଥାଆନ୍ତି। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଘରେ ବାହାରେ ଯେଉଁଠି ହେଲେ ମଧ୍ୟ ଝିଟିପିଟି ଦେଖିଲେ ସେ ଏହାକୁ ଧରି ଅତି ଆନନ୍ଦରେ ଖାଇଥାଆନ୍ତି। ଗତ ୨୦ବର୍ଷ ଧରି ସେ ଏହି ଅଭ୍ୟାସ ଜାରି ରଖିଆସିଛନ୍ତି। ସେ ଇତିମଧ୍ୟରେ ୬୦ରୁ ଅଧିକ ପ୍ରଜାତିର ବିଷାକ୍ତ ପ୍ରାଣୀଙ୍କୁ ଖାଇ ସାରିଲେଣି। ଯେଉଁଦିନ ସେ କୌଣସି ବିଷାକ୍ତ ଜୀବ ନ ଖାଆନ୍ତି ତାଙ୍କ ମନରେ ଏକ ଅଦ୍ଭୁତ ଅନୁଭବ ସୃଷ୍ଟି ହୋଇଥାଏ ବୋଲି କୈଳାସ କହିଥାଆନ୍ତି। ଗାଁରେ କାହାକୁ ସାପ କାମୁଡ଼ିଲେ ଏଥିପାଇଁ ଚିନ୍ତା ନ ଥାଏ। କୈଳାସକୁ ତୁରନ୍ତ ଡକାଯାଏ। କାମୁଡା ଅଂଶରେ ସେ ପାଟି ଲଗାଇ ବିଷ ଶୋଷି ବାହାର କରିଥାଆନ୍ତି। ଏଥିପାଇଁ ଗାଁ ଲୋକେ କୈଳାସଙ୍କ ଏପରି ଅଭ୍ୟାସକୁ ନିନ୍ଦା ନ କରି ବରଂ ପସନ୍ଦ କରିଥାଆନ୍ତି। ବାସ୍ତବରେ କୈଳାସ ବିରଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ।

## ଚିରନ୍ତନୀ

ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା !
ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା !
(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିଋଣ ଛାଡ଼ ଯୁକ୍ତିଯୁକ୍ତ କି

ମହାଶୟ,

କୃଷିଋଣ ଛାଡ ଦ୍ୱାରା କୃଷକ ସାମୟିକ ଉପକାର ପାଇବା ବ୍ୟତୀତ ଦୀର୍ଘମିଆଦୀ ସୁବିଧା ପାଇବ ନାହିଁ ଏକଥା ସମସ୍ତ ବୁଦ୍ଧିଜୀବୀଙ୍କୁ ଜଣା। ତାଠୁଁ ଅଧିକ ଜଣା ରାଜ୍ୟର କଂଗ୍ରେସ ଓ ଭାଜପା ଦଳକୁ । ରାଜ୍ୟର ଆର୍ଥିକ ଅବସ୍ଥା ଜାଣି ସୁଦ୍ଧା ଋଣଛାଡ ପାଇଁ ଏ ଦୁଇଦଳର ଅଯଥା ଜିଦ୍ ଏମାନଙ୍କୁ ବିବାଦୀୟ କରୁଛି। ଏତିକିବେଳେ ଆର୍‌ବିଆଇରୁ ଏକତୃତୀୟାଂଶ ଅର୍ଥ ନେବାକୁ ମୋଦିଙ୍କର ଅଯଥା ଓ ବିସ୍ମୟକର ଜିଦ୍ ମଧ୍ୟ ତାଙ୍କୁ ବିବାଦଘେରକୁ ନେଇସାରିଲାଣି। ଏହି ଅର୍ଥରେ ଦେଶରେ କୃଷିଋଣ ଛାଡ କରିବାକୁ ମସୁଧା କରୁଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମ ଆଶଙ୍କା ବ୍ୟକ୍ତ କରୁଛନ୍ତି। କୃଷକଙ୍କର ସୁବିଧା ଅପେକ୍ଷା, ୨୦୧୯ ନିର୍ବାଚନ ବୈତରଣୀ ପାରି ହେବା ଯେ ଏହାର ଉଦ୍ଦେଶ୍ୟ, ଏହା କାହାକୁ ଅଛପା ନୁହଁ। ତେବେ କୌଣସି ଚାପର ବଶବର୍ତ୍ତୀ ନ ହୋଇ କୃଷକମାନଙ୍କର ଦୀର୍ଘମିଆଦୀ ସୁବିଧା ସୁଯୋଗ ପାଇଁ ନବୀନବାବୁ ଆଣିଥିବା କାଳିଆ ଯୋଜନା ଅପେକ୍ଷାକୃତ ଭଲ ଓ ସ୍ୱାଗତଯୋଗ୍ୟ। ଦେଶରେ ପ୍ରଥମକରି ଏ ଯୋଜନା ଓଡ଼ିଶାରେ ଆରମ୍ଭ ହେବା ଦେଖି ମୋଦି ମଧ୍ୟ ପରୋକ୍ଷରେ ଏହାକୁ ସ୍ୱାଗତ କରିବା ସହ କୃଷିଋଣ ଛାଡ ଏକ ଭୁଲ୍ ନିଷ୍ପତ୍ତି ବୋଲି କହିବାକୁ ଆରମ୍ଭ କରିଛନ୍ତି। ଭ୍ରମାତ୍ମକ ଘୋଷଣା ଓ ବିବୃତି ନ ଦେଇ ବିରୋଧୀ ଦଳମାନେ କୃଷକ ସମାଜର ଦୀର୍ଘମିଆଦୀ ସୁବିଧା ପାଇଁ ଗଠନମୂଳକ କାର୍ଯ୍ୟକଲେ ଏହା ରାଜ୍ୟ ପାଇଁ ଭଲ।

– ଗୌରୀଶଙ୍କର ମହାନ୍ତି, ଲକ୍ଷ୍ମଣନାଥ, ଜଳେଶ୍ୱର, ବାଲେଶ୍ୱର

### ଜୁଆଖେଳ ବିନାଶର କାରଣ

ପଶାଖେଳରେ ପାଣ୍ଡବମାନେ ସର୍ବସ୍ୱ ହାରିଥିଲେ। ଶେଷକୁ ରାଜ୍ୟ ହରାଇ ତାଙ୍କୁ ବନବାସ ଯିବାକୁ ପଡ଼ିଲା। ଏହି ପଶାଖେଳ ଯୋଗୁ ହିଁ ହୋଇଥିଲା ମହାଭାରତ ଯୁଦ୍ଧ। ଏବେ ଆମ ସମାଜରେ କାଁ ଭାଁ ପଶାଖେଳ ଦେଖିବାକୁ ମିଳେ। ତା' ଜାଗାରେ ଜୁଆ ଓ ସଟ୍ଟାଖେଳ ଆସ୍ଥାନ ଜମାଇଛି। ଏ ଖେଳ ବିଶେଷକରି ଯୁବକ ଓ ମଧ୍ୟମବର୍ଗର ଲୋକେ ଖେଳୁଛନ୍ତି। ଏହା ମଧ୍ୟ ଏକ ବିନାଶକାରୀ ଖେଳ। ଏ ଖେଳରେ ଟଙ୍କା ବାଜି ରଖାଯାଏ। ହାରିଲେ ସେ ବାଜି ଟଙ୍କା ମିଳେ ନାହିଁ, କେହି କେହି ବାରମ୍ବାର ଜୁଆଖେଳି ଟଙ୍କା ହରାଇବା କାରଣରୁ ସର୍ବସ୍ୱାନ୍ତ ହେବାର ଦେଖାଯାଏ। ଏ ଖେଳ ସହରରୁ ଯାଇ ଗାଁ ଗହଳି ଓ ଯାନିଯାତ୍ରାରେ ଦେଖିବାକୁ ମିଳୁଛି। ଏ ଖେଳରୁ ବିରତ ହେବା ଦରକାର।

– ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



### ସୁନ୍ଦରୀକୁ ସାତକୋଶିଆରେ ଛାଡ଼ିବା ପ୍ରକ୍ରିୟା

# ପ୍ରଥମରୁ ଫେଲ୍ ମାରିଲା ବନ ବିଭାଗ



**ଭୁବନେଶ୍ୱର, ୧୫ା୧(ବ୍ୟୁରୋ)**

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ' ମଣିଷ ମାରିବା ଅଭିଯୋଗ ହେବା ପରେ ତା'କୁ ଧରାଯାଇ ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜର ଭିତରେ ରଖାଯାଇଥିଲା। ତେବେ ତାକୁ ପୁଣି ଜଙ୍ଗଲରେ ଛାଡ଼ିବା ପାଇଁ ବନ ବିଭାଗ ଯୋଜନା କରିଛି। ଏଥିପାଇଁ ମଙ୍ଗଳବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ତାହା ପ୍ରଥମରୁ ଫେଲ ମାରିଛି।

'ସୁନ୍ଦରୀ'କୁ ସାତକୋଶିଆରେ ଛଡ଼ାଯିବା ପରେ ତା'ର ଗତିବିଧି ଉପରେ ନଜର ରଖିବା ଲାଗି ହାତୀ 'ଯଶୋଦା' ଏବଂ ଅନ୍ୟ ହାତୀମାନଙ୍କୁ ନିୟୋଜିତ କରାଯାଇଥାନ୍ତା। ତେଣୁ ମଙ୍ଗଳବାର ଅପରାହ୍ନରେ ଚନ୍ଦକା ଗୋଡ଼ିବାରିରୁ 'ଯଶୋଦା'କୁ ସାତକୋଶିଆ ଅଭିମୁଖେ ନେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଏକ ଟ୍ରକ୍‌ରେ ଯଶୋଦାକୁ ଲୋଡ୍ କରାଯାଇ ସାତକୋଶିଆ ଅଭିମୁଖେ ନିଆଯାଇଥିଲା। କିନ୍ତୁ ଅଧଘଣ୍ଟାର ରାସ୍ତା ଯିବା ପରେ ପୁଣି ହାତୀ ଫେରିଆସିଥିଲା। ବନ ବିଭାଗ ପକ୍ଷରୁ ଖବର ଦିଆଯାଇଥିଲା ଯେ ସାତକୋଶିଆରେ ପରିସ୍ଥିତି ଭଲ ନାହିଁ, ତେଣୁ ଭୁବନେଶ୍ୱରକୁ ଫେରିଯାଅ। ମାତ୍ର ବନ ବିଭାଗର ଏହି ନିଷ୍ପତ୍ତିକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ନିନ୍ଦା କରିଛନ୍ତି। 'ସୁନ୍ଦରୀ' ପାଇଁ ବନ ବିଭାଗ ବାଉଳା ହୋଇ 'ଯଶୋଦା'କୁ କଷ୍ଟ ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜଣେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସାତକୋଶିଆରେ ପରିସ୍ଥିତି କିପରି ଅଛି ଏବଂ ସେଠାରେ ସୁନ୍ଦରୀକୁ ଛଡ଼ାଯିବ କି ନାହିଁ ତାହା ନିଷ୍ପତ୍ତି ନ ନେବା ପୂର୍ବରୁ 'ଯଶୋଦା'କୁ ପଠାଇବା ଅନୁଚିତ ଥିଲା। ଅଯଥାରେ ହାତୀକୁ ଦୁଇଥର ନିଶ୍ଚେତକ ଦେବାକୁ ପଡ଼ିଛି। ଥରେ ଟ୍ରକ୍‌ରେ ଚଢ଼ାଇଲା ବେଳେ ଏବଂ ପୁଣି ଓହ୍ଲାଇଲା ବେଳେ ନିଶ୍ଚେତକ ଦିଆଯାଇଛି। ଏଭଳି କରାଯାଇ ଯଶୋଦାକୁ ନିର୍ଯାତନା ଦିଆଯାଇଛି। ସେହିପରି ଶିମିଳିପାଳରୁ ମହେନ୍ଦ୍ର ହାତୀକୁ ନ ଆଣି ପ୍ରଥମେ କାହିଁକି ଯଶୋଦାକୁ ନିଆଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପୂର୍ବରୁ ସୁନ୍ଦରୀକୁ ଧରିବା ସମୟରେ 'ଯଶୋଦା' ଜଣକୁ ମାରିଦେଇଥିଲା। ତେଣୁ ତା'କୁ ମଧ୍ୟ ସେଠାକୁ ନେବା ଉଚିତ ନ ଥିଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି।

# ଜିଲା ପରିଷଦ ସଭ୍ୟ, ଠିକାଦାରଙ୍କୁ ହତ୍ୟା ଧମକ

**ବୈପାରୀଗୁଡ଼ା, ୧୫ା୧(ଡି.ଏନ୍.ଏ.)**

କିଛି ଦିନର ନିରବତା ପରେ ମଙ୍ଗଳବାର କୋରାପୁଟ ଜିଲା ବୈପାରୀଗୁଡ଼ା ଥାନାଠାରୁ ମାତ୍ର ୧ କିମି ଦୂର ଜୟପୁର-ବୈପାରୀଗୁଡ଼ା ମୁଖ୍ୟରାସ୍ତା ଗୌଡଗୁଡ଼ା ନିକଟରେ ମାଓବାଦୀଙ୍କ ନାଁରେ ପୋଷ୍ଟର ଦେଖିବାକୁ ମିଳିଛି। ଓଡିଆ ଓ ହିନ୍ଦୀରେ ଲିଖିତ ଏହି ପୋଷ୍ଟରରେ ବିଜେଡି ନେତା ତଥା ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଗୁପ୍ତା ଓ ଦଳୀୟ ନେତା ତଥା ଠିକାଦାର ଭାସ୍କର ରାଓଙ୍କୁ ମୃତ୍ୟୁଦଣ୍ଡ ଧମକ ଦିଆଯାଇଛି। ଲେଖା ତଳେ ଶ୍ରୁଙ୍କି ଘାଟି ଡିଭିଜନ୍ ମାଓବାଦୀ ପାର୍ଟି ଉଲ୍ଲେଖ ରହିଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହି ପୋଷ୍ଟର ରାଜନୈତିକ ମହଲରେ ଆତଙ୍କ ସୃଷ୍ଟି କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ୬ ବର୍ଷ ତଳେ ବ୍ଲକ ବିଜେଡି ସଭାପତି ନୃସିଂହ ପଣ୍ଡାଙ୍କୁ ତାଙ୍କ ରାମଗିରି ବାସଭବନ ନିକଟରେ ମାଓବାଦୀମାନେ ଗୁଳିକରି ହତ୍ୟା କରିଥିଲେ।


କାର୍ପୋରେଶନ ବୈଂକ Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)

**କର୍ପୋରେଶନ ବ୍ୟାଙ୍କ**
୧୪-୧୫, ନ୍ୟାଶନାଲ ପ୍ଲାଜା, ଆର୍.ସି. ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା-୩୯୦୦୦୫, ଫୋନ୍: ୦୨୬୫-୨୩୩୨୭୫୬, ୨୩୩୭୩୧୯, ୨୩୫୧୧୩୦, ୨୩୨୫୭୦୧ (ଫୋରେକ୍ସ)

## ଗାଡ଼ି ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସମୂହ ଭାବେ ଏବଂ ବିଶେଷକରି ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି, ଜବତ ହୋଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିର୍ଦ୍ଦେଶିତ ତାରିଖରେ କର୍ପୋରେଶନ ବ୍ୟାଙ୍କ ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ଠାରୁ ବକେୟା ରାଶି ଆଦାୟ କରିବା ନିମନ୍ତେ ବିକ୍ରୟ କରାଯିବ। ଗାଡ଼ିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଅଳକାପୁରୀ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ଗାଡିଗୁଡିକର ବିବରଣୀ | ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ସହଜାନନ୍ଦ ସେଲ୍ସ କର୍ପୋରେଶନ୍,** ଏସ୍‌ବି ୧୧, ସାଇକୃତୀ କମ୍ପ୍ଲେକ୍ସ, ଗୋତ୍ରୀ ରୋଡ୍, ହରିନଗର ଚାର ରାସ୍ତା ନିକଟ, ଭଦୋଦରା, **ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଳ ଏନ୍ ତ୍ରିବେଦୀ, ୩) ଜିଙ୍ଗା ଭି ତ୍ରିବେଦୀ,** ସମସ୍ତ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: D-33-B-5456, ଚେଚିସ୍ ନଂ.: MC2K2GRC0EM002495, ଇଞ୍ଜିନ୍ ନଂ.: 41M84198323 | ୨୫.୧୨.୨୦୧୮ ସୁଦ୍ଧା ଟ.୭୧,୬୦,୩୨୭/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୫,୮୫,୦୦୦/- / ଟ.୫୮,୫୦୦/- |
| | | ୨) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5453, ଚେଚିସ୍ ନଂ.: MC2K2GRC0EM002497, ଇଞ୍ଜିନ୍ ନଂ.: 41M84198339 | | ଟ.୩,୯୦,୦୦୦/- / ଟ.୩୯,୦୦୦/- |
| | | ୩) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5438, ଚେଚିସ୍ ନଂ.: MC2K2GRC0EM002501, ଇଞ୍ଜିନ୍ ନଂ.: 41M84196810 | | ଟ.୬,୫୦,୦୦୦/- / ଟ.୬୫,୦୦୦/- |
| | | ୪) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5457, ଚେଚିସ୍ ନଂ.: MC2K2GRC0EM002498, ଇଞ୍ଜିନ୍ ନଂ.: 41M84198330 | | ଟ.୩,୯୦,୦୦୦/- / ଟ.୩୯,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ଶ୍ରୀ ସହଜାନନ୍ଦ କଙ୍କ୍ରିଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍,** ୭୦୫-ବି, ଷ୍ଟର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, **ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଳ ଏନ୍ ତ୍ରିବେଦୀ,** ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା, **୩) ହର୍ଷ ଶ୍ରେନିକ୍ ଶାହା,** ୨୮, ସଦାନନ୍ଦ, ମଲହାର ବଙ୍ଗଳା, କାଲାହାର ବଙ୍ଗଳା, ଶିଲାଜ୍ ରୋଡ୍, ନନ୍ଦୋଲି କାଲୋଲ୍ ସିଟି, ଗାନ୍ଧୀନଗର | ୧) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5448, ଚେଚିସ୍ ନଂ.: MC2K2GRC0EM002515, ଇଞ୍ଜିନ୍ ନଂ.: 41M84198340 | ୨୭.୧୨.୨୦୧୮ ସୁଦ୍ଧା ଟ.୬୮,୯୧,୧୪୦/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୭,୧୫,୦୦୦/- / ଟ.୭୧,୫୦୦/- |
| | | ୨) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5446, ଚେଚିସ୍ ନଂ.: MC2K2GRC0EM002514, ଇଞ୍ଜିନ୍ ନଂ.: 41M84198323 | | ଟ.୬,୮୨,୫୦୦/- / ଟ.୬୮,୨୫୦/- |
| | | ୩) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5447, ଚେଚିସ୍ ନଂ.: MC2K2GRC0EM002516, ଇଞ୍ଜିନ୍ ନଂ.: 41M84198341 | | ଟ.୩,୨୫,୦୦୦/-/ ଟ.୩୨,୫୦୦/- |
| | | ୪) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5442, ଚେଚିସ୍ ନଂ.: MC2K2GRC0EM002517, ଇଞ୍ଜିନ୍ ନଂ.: 41M84198322 | | ଟ.୫,୨୦,୦୦୦/- / ଟ.୫୨,୦୦୦/- |
| | | ୫) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-C-7846, ଚେଚିସ୍ ନଂ.: MC2L4GRC0FD003096, ଇଞ୍ଜିନ୍ ନଂ.: 51D84221207 | ୨୭.୧୨.୨୦୧୮ ସୁଦ୍ଧା ଟ.୧,୨୬,୦୯,୬୪୧/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୬,୫୦,୦୦୦/- / ଟ.୬୫,୦୦୦/- |
| | | ୬) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-C-7845, ଚେଚିସ୍ ନଂ.: MC2L4GRC0FD003095, ଇଞ୍ଜିନ୍ ନଂ.: 51D84221190 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୭) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-19-F-1248, ଚେଚିସ୍ ନଂ.: MC2L4GRC0FE003140, ଇଞ୍ଜିନ୍ ନଂ.: 51D84223178 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୮) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-19-F-1249, ଚେଚିସ୍ ନଂ.: MC2L4GRC0FE003130, ଇଞ୍ଜିନ୍ ନଂ.: 51D84223163 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ସହଜାନନ୍ଦ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍,** ୭୦୫-ବି, ଷ୍ଟର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, **ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଳ ଏନ୍ ତ୍ରିବେଦୀ,** ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7844, ଚେଚିସ୍ ନଂ.: MC2L4GRC0FD003086, ଇଞ୍ଜିନ୍ ନଂ.: 51D84218942 | ୨୭.୧୨.୨୦୧୮ ସୁଦ୍ଧା ଟ.୧,୨୮,୮୩,୪୫୫/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| | | ୨) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7843, ଚେଚିସ୍ ନଂ.: MC2L4GRC0FD003082, ଇଞ୍ଜିନ୍ ନଂ.: 51D84219487 | | ଟ.୫,୮୫,୦୦୦/- / ଟ.୫୮,୫୦୦/- |
| | | ୩) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-7842, ଚେଚିସ୍ ନଂ.: MC2L4GRC0FD003083, ଇଞ୍ଜିନ୍ ନଂ.: 51D84218966 | | ଟ.୩,୨୫,୦୦୦/- / ଟ.୩୨,୫୦୦/- |
| ୪. | **ଋଣଗ୍ରହୀତା: ମେସର୍ସ ପିରାମିଡ୍ କେମିକାଲ ପ୍ରା. ଲିଃ.,** ୭୦୫-ବି, ଷ୍ଟର୍ଲିଂ ସେଣ୍ଟର, ଆର୍ ସି ଦତ୍ତ ରୋଡ୍, ଅଳକାପୁରୀ, ଭଦୋଦରା, **ନିର୍ଦ୍ଦେଶକମାନେ: ୧) ନିଲେଶ ପ୍ରଦ୍ୟୁମ୍ନ ତ୍ରିବେଦୀ, ୨) ଯୁଗଳ ଏନ୍ ତ୍ରିବେଦୀ,** ଉଭୟଙ୍କ ଠିକଣା ସା: ୧୨, ସଙ୍ଗୀତା କୋ-ଅପରେଟିଭ୍ ହାଉସିଂ ସୋସାଇଟି, ଅକୋଟା ଷ୍ଟାଡ଼ିୟମ ବିପରୀତ, ଅକୋଟା, ଭଦୋଦରା | ୧) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5441, ଚେଚିସ୍ ନଂ.: MC2K2GRC0EM002512, ଇଞ୍ଜିନ୍ ନଂ.: 41M84198084 | ୧୯.୧୨.୨୦୧୮ ସୁଦ୍ଧା ଟ.୭୨,୯୭,୭୧୮/- ସହିତ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ (ପରବର୍ତ୍ତୀ ସମୟରେ ଆଦାୟ ନିମନ୍ତେ) | ଟ.୬,୮୨,୫୦୦/- / ଟ.୬୮,୨୫୦/- |
| | | ୨) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5435, ଚେଚିସ୍ ନଂ.: MC2K2GRC0EM002509, ଇଞ୍ଜିନ୍ ନଂ.: 41M84198334 | | ଟ.୬,୫୦,୦୦୦/- /ଟ.୬୫,୦୦୦/- |
| | | ୩) ମଡ଼େଲ: EICHER Terra-25, ଗାଡିର ପ୍ରକାର /ବଡିର ପ୍ରକାର: EICHER Terra-25" Truck, ରେଜିଷ୍ଟ୍ରେସନ୍ ନଂ.: OD-33-B-5458, ଚେଚିସ୍ ନଂ.: MC2K2GRC0EM002510, ଇଞ୍ଜିନ୍ ନଂ.: 41M84198085 | | ଟ.୬,୫୦,୦୦୦/- /ଟ.୬୫,୦୦୦/- |

**ଶାଖା ଅଧିକାରୀଙ୍କ ନାମ ଏବଂ ଯୋଗାଯୋଗ ନଂ.: ବରିଷ୍ଠ ପ୍ରବନ୍ଧକ (କ) ଶ୍ରୀ ସନ୍ତୋଷ କୁମାର, ମୋ: ୭୦୦୪୬୦୩୦୫୧, ୯୪୧୬୪୯୭୧୨୭ ଏବଂ (ଖ) ଶ୍ରୀ ସନ୍ତୋଷ କୁମାର ପୃଷ୍ଟି, ମୋ: ୭୯୭୨୫୦୮୧୬୭, ୯୦୧୧୮୫୧୦୦୯**

**ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ : ୨୮.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା**
**ଇ-ନିଲାମ ତାରିଖ ଏବଂ ସମୟ: ୨୯.୦୧.୨୦୧୯ ପୂର୍ବାହ୍ନ ୧୧.୪୫ଘଟିକା ରୁ ଅପରାହ୍ନ ୧.୧୫ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ବର୍ଦ୍ଧିତ ସମୟ ସହିତ)**
**ଇ-ନିଲାମ ୱେବ୍‌ସାଇଟ୍ : https://corpbank.auctiontiger.net**
**ନିଲାମ ସ୍ଥାନ ଏବଂ ପାର୍କିଂସ୍ଥାନ: ଇଣ୍ଡଷ୍ଟ୍ରୀ ସିକ୍ୟୁରିଟି ଫୋର୍ସ ଏଜେନ୍ସି, ସା/ପୋ.: ପ୍ରଥମାଖଣ୍ଡି, ଥାନା: କୁଆଖିଆ, ଯାଜପୁର (ଓଡ଼ିଶା), ଶାଖା ଅଧିକାରୀ: ୧) ଶ୍ରୀ ସନ୍ତୋଷ କୁମାର, ୨) ଶ୍ରୀ ସନ୍ତୋଷ କୁମାର ପୃଷ୍ଟିଙ୍କୁ ପୂର୍ବରୁ ଯୋଗାଯୋଗ କରି ଗାଡିଗୁଡିକୁ ତା.୨୫.୦୧.୨୦୧୯ରିଖ ସୁଦ୍ଧା ଯେ କୌଣସି କାର୍ଯ୍ୟଦିବସରେ ପୂର୍ବାହ୍ନ ୧୧.୦୦ରୁ ଅପରାହ୍ନ ୩.୩୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ।**

**ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ**

୧) ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଉପରଦର୍ଶିତ ଅମାନତ ରାଶିକୁ ନଗଦ ରାଶି କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **"କ୍ଷମତାପ୍ରାପ୍ତ ଅଧିକାରୀ କର୍ପୋରେଶନ ବ୍ୟାଙ୍କ"** ଆକାଉଣ୍ଟ ନଂ.: **୫୧୦୧୦୧୦୦୫୦୩୪୬୫୪** ସପକ୍ଷରେ ଏବଂ **ଭଦୋଦରା**କୁ ପୈଠ ଦର୍ଶାଇ ବ୍ୟାଙ୍କରେ ଦାଖଲ କରିବେ ଏବଂ ତାହାର ଏକ ଲିଖିତ ରସିଦ୍ ପ୍ରାପ୍ତ କରିବେ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ନାମ ଏବଂ ଠିକଣା ବ୍ୟାଙ୍କକୁ ପ୍ରଦାନ କରିବେ।
୨) **M/S E-Procurement Technologies Limited https://corpbank.auctiontiger.net** ରେ ଇ-ବିଡ୍ ଫର୍ମ ପୂରଣ କରିବା ସମୟରେ ନିଲାମଧାରୀମାନଙ୍କର ସମ୍ପୂର୍ଣ୍ଣ ନାମ ଏବଂ ଠିକଣା ସହିତ ପରିଚୟ ପ୍ରମାଣ ଏବଂ ପ୍ୟାନ୍‌କାର୍ଡ ପ୍ରଦାନ କରିବାକୁ ପଡ଼ିବ। ୩) ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ କିମ୍ବା ସର୍ବୋଚ୍ଚ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।
୪) ନିଲାମ ସମୟରେ ନିଲାମଧାରୀ **ଟ.୧୦,୦୦୦/-** ରୁ କମ୍ ହୋଇନଥିବା ସର୍ବୋଚ୍ଚ ନିଲାମ ରାଶି ଠାରୁ ଅଧିକ କିମ୍ବା ତତ୍ ପୂର୍ବ ବିଡ୍ ସ୍ଥଳ ବିଶେଷରେ ଯେପରି ସେପରି **ଟ.୧୦,୦୦୦/-** ର ଗୁଣିତକ ଭାବେ ବୃଦ୍ଧି କରିପାରିବେ।
୫) ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ବିକ୍ରୟ ଚୂଡ଼ାନ୍ତ ହେବ ଏବଂ ଏହି ଚୂଡ଼ାନ୍ତ ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ, ଯଦି ଗୋଟିଏ ମାତ୍ର ବିଡ୍ ପ୍ରାପ୍ତ ହୋଇଥାଏ ତେବେ ତାହାକୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ।
୫.୧) ବିଡ୍ ଥରେ ଦିଆଗଲେ ତାହା ବାତିଲ କିମ୍ବା ଉଚ୍ଛେଦ କରାଯାଇପାରିବ ନାହିଁ।
୬) ଅଧିକାରୀ / ପ୍ରବନ୍ଧକଙ୍କ ଦ୍ୱାରା ସଫଳ ନିଲାମଧାରୀ ଘୋଷଣା କରାଯିବା ପରେ ସେ ବିକ୍ରୟ ମୂଲ୍ୟର **୨୫%** (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ନଗଦ ରାଶି / ଡିମାଣ୍ଡ ଡ୍ରାଫ୍ଟ / **RTGS / NEFT /** ଇଣ୍ଟରନେଟ୍ ଟ୍ରାନ୍ସଫର /ଚେକ୍ ସମାଶୋଧନ ମାଧ୍ୟମରେ ଉକ୍ତ ବିକ୍ରୟ ଦିନ କିମ୍ବା ତତ୍‌ପରବର୍ତ୍ତୀ କାର୍ଯ୍ୟ ଦିବସ ପୂର୍ବରୁ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ **୭୫%** ବିକ୍ରୟ ଚୂଡ଼ାନ୍ତ ହେବାର **୧୫** ଦିନ ମଧ୍ୟରେ କିମ୍ବା ୩ ମାସରୁ ଊର୍ଦ୍ଧ୍ୱ ହୋଇନଥିବା ଲିଖିତ ସହମତି ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡ଼ିବ।
୬.୧) ଅନ୍‌ଲାଇନ୍ ବିଡିଂ ପୋର୍ଟାଲରେ ଲଗିଙ୍ଗ୍ କରି ନିଲାମରେ ଅଂଶଗ୍ରହଣ କରିବାରେ ବିଫଳ ହେଲେ କିମ୍ବା ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟର **୨୫% (୧୫%+ଅମାନତ ରାଶି)** ପୈଠ କରିବାରେ ବିଫଳ ହେଲେ ନିଲାମର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ବ୍ୟାଜ୍ୟାପ୍ତି କରାଯିବ ଏବଂ ଗ୍ରହଣ କରାଯାଇଥିବା ବିଡ୍ ସ୍ୱତଃ ବାତିଲ ହେବ।
୭) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବାର **୧୫ ଦିନ** ମଧ୍ୟରେ କିମ୍ବା ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ବର୍ଦ୍ଧିତ ସମୟସୀମା (୩ ମାସରୁ ଊର୍ଦ୍ଧ୍ୱ ନୁହେଁ) ମଧ୍ୟରେ ଅବଶିଷ୍ଟ ବିକ୍ରୟ ମୂଲ୍ୟ ପୈଠ କରିବାରେ ବିଫଳ ହେଲେ, ଦାଖଲ କରିଥିବା ବିକ୍ରୟ ମୂଲ୍ୟର **୨୫%** ବ୍ୟାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତି ପୁନଶ୍ଚ ବିକ୍ରୟ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ଉପରେ କୌଣସି ଦାବି କିମ୍ବା ପରବର୍ତ୍ତୀ ସମୟରେ ବିକ୍ରୟ ମୂଲ୍ୟ ଅଂଶ ଉପରେ କୌଣସି ଦାବି ରହିବ ନାହିଁ।
୮) ଯଦି ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହୋଇଥାଏ ଏବଂ ସଫଳ ନିଲାମଧାରୀ ଅର୍ଥରାଶି ପୈଠ କରିବାର ନିୟମ ପାଳନ କରିଥାନ୍ତି, ତେବେ କ୍ଷମତାପ୍ରାପ୍ତ ଅଧିକାରୀ ଅସ୍ଥାବର ସମ୍ପତ୍ତିର କ୍ରେତାଙ୍କ ସପକ୍ଷରେ ବିକ୍ରୟ ପ୍ରମାଣପତ୍ର ଇସ୍ୟୁ କରିବେ।
୯) ପ୍ରବନ୍ଧକ / ଅଧିକାରୀ ସମ୍ପତ୍ତି ବିକ୍ରୟ ସମୟରେ ଯଦି ଦେୟ ପ୍ରଦାନ ଉଚିତ୍ ବିଚାର କରନ୍ତି, ତେବେ ଆବଶ୍ୟକୀୟ ଦେୟ ସହିତ ସେବାବଦ ସୁଧ ଏବଂ ଭବିଷ୍ୟତ ଖର୍ଚ୍ଚ, ସୁଧ ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଯାହା ତାଙ୍କ ଦ୍ୱାରା ଧାର୍ଯ୍ୟ ତାହା ନିଲାମଧାରୀ ପ୍ରଦାନ କରିବେ।
୧୦) ଏପରି ଅର୍ଥରାଶି ଦାଖଲ କରିବା କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ଆଗ୍ରହୀ ବ୍ୟକ୍ତି କିମ୍ବା କ୍ରେତା କିମ୍ବା ତାଙ୍କ ନିକଟରେ ଅର୍ଥରାଶି ଦାଖଲ କରିବାକୁ ହକ୍‌ଦାର ବ୍ୟକ୍ତିଙ୍କୁ ତଦନୁସାରେ ଅର୍ଥରାଶି ପୈଠ କରିବାକୁ ପଦକ୍ଷେପ ସ୍ୱରୂପ ନୋଟିସ୍ ଜାରି କରିପାରିବେ।
୧୧) ସଫଳ ନିଲାମଧାରୀ ଆଇନଗତ ଦେୟ / ରେଜିଷ୍ଟ୍ରେସନ ଦେୟ / ଅନ୍ୟ କୌଣସି ପ୍ରଯୁଜ୍ୟ ଦେୟ ବହନ କରିବେ। ବ୍ୟାଙ୍କ ବନ୍ଧକପ୍ରାପ୍ତ ଗାଡ଼ିର କୌଣସି ତ୍ରୁଟି ବିଚ୍ୟୁତି ନିମନ୍ତେ ଦାୟୀ ନୁହେଁ ଏବଂ ଏ ବାବଦରେ କୌଣସି ୱାରେଣ୍ଟି ଦିଆଯାଇ ନାହିଁ।
୧୨) ପ୍ରବନ୍ଧକ / ଅଧିକାରୀ କ୍ରୟ ନିମନ୍ତେ ଡିସ୍‌ଚାର୍ଯ୍ୟ ଦେୟ ପ୍ରଦାନ ପରେ ବାଜ୍ୟାପ୍ତି (ବନ୍ଧକ) ଭିତ୍ତିରେ ଗାଡ଼ି ପ୍ରଦାନ କରିବେ।
୧୩) କ୍ରେତାଙ୍କ ଦ୍ୱାରା କ୍ରୟ କରାଯିବାକୁ ଥିବା ଅସ୍ଥାବର ସମ୍ପତ୍ତି ଉପରେ ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ କିମ୍ବା ଅଜ୍ଞାତ ଭାରମୁକ୍ତ କିମ୍ବା ଭାରଯୁକ୍ତ ଦର୍ଶାଯାଇ ବିକ୍ରୟ ସାର୍ଟିଫିକେଟ ଇସ୍ୟୁ କରାଯିବ।
୧୪) ପ୍ରବନ୍ଧକ / ଅଧିକାରୀଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବା ପରେ ଅସଫଳ ନିଲାମଧାରୀମାନଙ୍କୁ ବିନା ସୁଧରେ ସଙ୍ଗେ ସଙ୍ଗେ ସେମାନେ ଦାଖଲ କରିଥିବା ଅମାନତ ରାଶି ଫେରସ୍ତ କରାଯିବ।
୧୫) ଯଦି ଋଣଗ୍ରହୀତା ପ୍ରବନ୍ଧକ / ଅଧିକାରୀଙ୍କ ନିକଟରେ ସମ୍ପୂର୍ଣ୍ଣ ବକେୟା ରାଶି ସହିତ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ଏବଂ ବାଜ୍ୟାପ୍ତି, ପାର୍କିଂ, ବିକ୍ରୟ ପରିଚାଳନା ଖର୍ଚ୍ଚ ଇତ୍ୟାଦି ଇ-ନିଲାମ ପୂର୍ବରୁ ପୈଠ କରନ୍ତି, ତେବେ ପ୍ରବନ୍ଧକ / ଅଧିକାରୀ ଇ-ନିଲାମକୁ ବାତିଲ କରିପାରିବେ।
୧୬) ଉପରୋକ୍ତ ଅସ୍ଥାବର ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ।
୧୭) ଇଚ୍ଛୁକ ନିଲାମଧାରୀମାନେ ଯଦି ଆବଶ୍ୟକ କରନ୍ତି ତେବେ ପ୍ରବନ୍ଧକ / ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ଇ-ନିଲାମ ତାରିଖ ପୂର୍ବରୁ ଅସ୍ଥାବର ସମ୍ପତ୍ତିକୁ ଯାଞ୍ଚ କରିପାରିବେ।
୧୮) ସମସ୍ତ ବିକ୍ରୟ ମୂଲ୍ୟ ବ୍ୟାଙ୍କର ବକେୟା ପରିମାଣରେ ଭରଣା ହେବା ଆବଶ୍ୟକ ଏବଂ ସମସ୍ତ ବକେୟା ଆଇନଗତ ଦେୟ ଏବଂ ଅନ୍ୟାନ୍ୟ ଦେୟ ଯଦି ଥାଏ ତାହା ସମସ୍ତ ପ୍ରସ୍ତାବିତ କ୍ରେତା ନିଜେ ତାହା ପ୍ରଦାନ କରିବେ।
୧୯) ଇ-ନିଲାମ ପୋର୍ଟାଲ **https://corpbank.auctiontiger.net** ମାଧ୍ୟମରେ **ତା.୨୯.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୪୫ ରୁ ଅପରାହ୍ନ ୧.୧୫ ଘଟିକା** ମଧ୍ୟରେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ ପରିଚାଳିତ ହେବ। ଇଚ୍ଛୁକ ନିଲାମଧାରୀ **M/S E-Procurement Technologies Limited (Auction Tiger)** ସେମାନଙ୍କର ନାମ ପଞ୍ଜିକୃତ କରି ମାଗଣାରେ **user ID** ଏବଂ **password** ପାରିପାରିବେ ଏବଂ ଇ-ନିଲାମ ଅନ୍‌ଲାଇନ୍ ତାଲିମ୍ **M/S E-Procurement Technologies Limited (Auction Tiger), Mr. Hardik Goswami 09978591888, Landline number: 079-61200515/546/530/552/548, e-mail address gujarat@auctiontiger.net, hardik@auctiontiger.net** ରୁ ପାଇପାରିବେ।
୨୦) ପ୍ରବନ୍ଧକ / ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତି ଉପରେ କୌଣସି ଦେୟତା ନାହିଁ। କିନ୍ତୁ ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବି / ଅଧିକାର / ବକେୟା ପରିମାଣ ଉପରେ ସ୍ୱାଧୀନ ଭାବେ ଅନୁସନ୍ଧାନ କରିବା ଆବଶ୍ୟକ। ଏହି ଇ-ନିଲାମ ବିଜ୍ଞାପନ ସମ୍ପତ୍ତି ବିକ୍ରୟ ପାଇଁ ବ୍ୟାଙ୍କର କୌଣସି ପ୍ରତିନିଧିତ୍ୱ ଏବଂ ପ୍ରତିଶ୍ରୁତି ବହନ କରୁନାହିଁ ଏବଂ ପ୍ରବନ୍ଧ / ଅଧିକାରୀ କୌଣସି କାରଣ ନ ଦର୍ଶାଇ ନିଲାମକୁ ବାତିଲ୍ କରିବାର ଅଧିକାର ରହିଛି। ଅଧିକାରୀ / ପ୍ରବନ୍ଧକ କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାରୀ / ବକେୟା ନିମନ୍ତେ ଦାୟୀ ନୁହନ୍ତି।

**ସ୍ଥାନ : ଭୁବନେଶ୍ୱର, ତାରିଖ: ୧୬.୦୧.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ**


### ଆନ୍ତଃରାଜ୍ୟ ଦାନିଏଲ ସ୍ମାରକୀ ହକି ଟୁର୍ନାମେଣ୍ଟ

# ଦକ୍ଷିଣିପାଲି, ସୁରଧାପାଲି ବିଜୟୀ

**ଅମରପାଲି, ୧୫ା୧ (ଡି.ଏନ.ଏ.)**



୫ମ ଅନ୍ତରାଜ୍ୟ ଦାନିଏଲ ସ୍ମାରକୀ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ସୁରଧାପାଲି (ହୋତାପାଲି)ଠାରେ ପଞ୍ଚମ ଆନ୍ତଃରାଜ୍ୟ ଦାନିଏଲ ସ୍ମାରକୀ ହକି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ କ୍ଷେତୀ ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଯନ୍ତ୍ରୀ ଓ ମୁନ୍ନା ଓରାମ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଆୟୋଜକ କମିଟି ସଭାପତି ଯୁଶବ ଲାକ୍ରା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଦକ୍ଷିଣୀପାଲି ଓ ମହାକୁରପାଲି (ଯୁଯୁମୁରା) ମଧ୍ୟରେ ହୋଇଥିଲା। ଏଥିରେ ଦକ୍ଷିଣୀପାଲି ଦଳ ମହାକୁରପାଲିକୁ ୨-୧ ଗୋଲରେ ପରାସ୍ତ କରିଥିଲେ। ଦକ୍ଷିଣୀପାଲି ଦଳ ପକ୍ଷରୁ ମାନୁଏଲ ବୁଡ ଓ ସୁମନ ଲୁବୁନ ଗୋଲ ସ୍କୋର କରିଥିବା ବେଳେ ମହାକୁରପାଲି ପକ୍ଷରୁ ସୁମିତ ସାହୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ମାନୁଏଲ ବୁଡଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚଟି ଗୁଜା ଓ ସୁରଧାପାଲି (ହୋତାପାଲି) ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିବାରୁ ପେନାଲଟି କରାଯାଇଥିଲା। ଏଥିରେ ସୁରଧାପାଲି ୫-୨ରେ ବିଜୟୀ ହୋଇଥିଲା । ସୁରଧାପାଲିର ଗୋଲରକ୍ଷକ ମଙ୍ଗଳ ମିଞ୍ଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳ ଗୁଡିକରେ ସୁରେଶ ମିଞ୍ଜ ତେଲେଙ୍ଗାନା ମିଞ୍ଜ ଓ ତୋନଶ ଲାକ୍ରା ରେଫରି କାର୍ଯ୍ୟ ତୁଲାଇଥିଲେ। ଫିଲିପ ତିର୍କି, ରଞ୍ଜନ ମିଞ୍ଜ, ଅନୀଲ ଲାକ୍ରା ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୋନପୁର, ସମ୍ବଲପୁର, ବରଗଡ, ସୁନ୍ଦରଗଡ ଓ ଦେଓଗଡ ଜିଲାର ବଛାବଛା ଦଳ ଅଂଶଗ୍ରହଣ କରୁଥିବା ଆୟୋଜକ ସିମଲ ଲାକ୍ରା ପ୍ରକାଶ କରିଛନ୍ତି ।






ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ

# ଗୋପରେ କାଳୀୟଦଳନ, ମଥୁରାରେ କଂସ ମର୍ମାହତ



ଗୋପୀ, ଗୋପାଙ୍ଗନାମାନେ ମାଠିଆରେ ଦହି ଧରି ମଥୁରାକୁ ଯାଉଛନ୍ତି।



କାଳିନ୍ଦୀ ହ୍ରଦରେ କୃଷ୍ଣଙ୍କ କାଳୀୟଦଳନ ନୃତ୍ୟାଭିନୟର ଦୃଶ୍ୟ।

ମଥୁରାନଗରୀ/ଗୋପପୁର,୧୫।୧– ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ ମଙ୍ଗଳବାରୁ ଗୋପୀଙ୍କ ଦହିବିକା ଦୃଶ୍ୟାଭିନୟ ଆରମ୍ଭ ହୋଇଛି । ଗୋପୀ, ଗୋପାଙ୍ଗନା ମାଠିଆରେ ଦହି ଧରି ନନ୍ଦଭବନରୁ ବାହାରି ଯମୁନା ପାରି ହୋଇ ମଥୁରାକୁ ଆସିଥିଲେ । ଉଭୟ ମଥୁରା ଓ ଗୋପବାସୀ ସେମାନଙ୍କଠାରୁ ଦହି କିଣି ଖାଇବାର ମଜା ନେଇଥିଲେ। ଦହି ବିକି ସନ୍ଧ୍ୟାରେ ସେମାନେ ପୁଣି ଗୋପପୁର ଫେରି ଯାଇଥିଲେ। ଅନ୍ୟପକ୍ଷେ ଶ୍ରୀକୃଷ୍ଣ, ବଳରାମ ନନ୍ଦ ଭବନରୁ ଗୋପାଳ ବାଳକ, ଗୋପବାସୀଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ଗୋପ ପରିକ୍ରମା ସହିତ ଯମୁନା କୂଳେଥିବା ବେଣୁବାବା ମଠକୁ ଆସିଥିଲେ । ଆସିବା ବାଟରେ ଘରେଘରେ ତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବେଣୁବାବା ମଠରେ ବେନିଭାଇଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ଶ୍ରୀକୃଷ୍ଣ, ବଳରାମ ଗୋପାଳ ବାଳକଙ୍କ ସହିତ ଶୋଭାଯାତ୍ରାରେ ନିକଟ ଖୋଲାମଞ୍ଚକୁ ଆସିଥିଲେ । ସେଠାରେ ଦଧିଭାଣ୍ଡ ଭାଙ୍ଗିବା, ଶ୍ରୀକୃଷ୍ଣଙ୍କୁ ମା' ଯଶୋଦାଙ୍କ ଆକଟ, ଯାମଳାର୍ଜୁନଭଞ୍ଜନ, ବଣଭୋଜି ଏବଂ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ବଂଶୀ ପ୍ରଦାନ ଦୃଶ୍ୟାଭିନୟ ସରିବା ପରେ ସେମାନେ କାଳିନ୍ଦୀ ହ୍ରଦକୁ ଯାଇଥିଲେ ଏବଂ ସେଠାରେ କାଳୀୟଦଳନ ଓ ବିଶ୍ୱରୂପ ଦର୍ଶନ ଦୃଶ୍ୟ ଅଭିନୀତ ହୋଇଥିଲା।

ମହାରାଜ କଂସ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ନିଜର ମନ୍ତ୍ରୀ, ସେନାପତି, ସୈନ୍ୟ ସାମନ୍ତଙ୍କ ଗହଣରେ ମଥୁରା ଭ୍ରମଣରେ ବାହାରିଥିଲେ । ବ୍ରହ୍ମଚାରୀକୁ ଯାଇ କଂସ ନଗର ଦିଗ୍‌ବିଜୟ କରିଥିଲେ । ମଥୁରା ଭ୍ରମଣ ବାଟରେ ବିଭିନ୍ନ ସ୍ଥାନରେ ମହାରାଜ କଂସଙ୍କୁ ପୂଜାର୍ଚ୍ଚନା ସହିତ ସ୍ୱାଗତ କରାଯାଇଥିଲା । ମଥୁରା ପରିକ୍ରମା ସାରି ସେ ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲ ଆସିଥିଲେ ଏବଂ ନାଚଗୀତର ଆସରରେ ମସ୍‌ଗୁଲ୍ ହୋଇଥିଲେ । ସେଠାରୁ ମହାରାଜ କଂସ ହାଟପଦାସ୍ଥିତ ରାଜ ଦରବାରକୁ ଯାଇଥିଲେ। ଗୋପପୁରରରେ ତାଙ୍କ ପ୍ରେରିତ ରାକ୍ଷସୀ ରାକ୍ଷସଙ୍କ ନିଧନ ଖବର ପାଇ ମର୍ମାହତ ହୋଇ ପଡ଼ିଥିଲେ । ପରେ ପାରିଷଦ ବର୍ଗଙ୍କ ସହିତ ଏକ ଆପାତ ବୈଠକରେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଏହା ସହିତ ରାଜ ଦରବାରରେ ମଧ୍ୟ ସେ ନୃତ୍ୟଗୀତ ଆୟୋଜନ ପାଇଁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ତାହା ସେ ଉପଭୋଗ କରିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମହାରାଜା କଂସ ମଥୁରାର ପ୍ରଜା ତଥା ଚାଷୀଙ୍କ ହିତପାଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଆଦେଶ କରିଥିଲେ। ଭୁବନେଶ୍ୱରର ନୃତ୍ୟାର୍ଚ୍ଚନା, ଦାଣ୍ଡମୁକୁନ୍ଦପୁରର ରାଜମହାବୀର ଗୋଟିପୁଅ ନୃତ୍ୟ, କଲିକତାର ଭାରତନାଟ୍ୟମ, ତୋରାର ସମଲେଶ୍ୱରୀ ନୃତ୍ୟ ଗବେଷଣା କେନ୍ଦ୍ର, ବଲାଙ୍ଗୀରର ବଜାସାଲ, ମଲମୁଣ୍ଡାର ଯୋଡ଼ା ଝଲକା, ଟିଟିଲାଗଡ଼ର ଯୋଡ଼ାବେଣୀ, ରେଙ୍ଗାଲିର କାଳୀ ସଂସ୍କୃତି ଅନୁଷ୍ଠାନ ଏବଂ ବରଗଡ଼ର ଢ଼ଲିଆଖୁସା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମଙ୍ଗଳବାର ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମହାରାଜ କଂସ ସମ୍ମାନିତ କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ଦୁଃଖ,**
**ପଛେ ସୁଖ ।**

ଦୁଃଖ ସୁଖ ଆଗପଛ ହୋଇ ଲାଗିରହିଥାଏ। ଆଜି ଦୁଃଖ ଅଛି ତ କାଲିକୁ ସୁଖ ମିଳିବାର ସମ୍ଭାବନା ରହିଥାଏ। ତେଣୁ ଦୁଃଖରେ ଭାଙ୍ଗି ନ ପଡ଼ି ବା ହତାଶ ନ ହୋଇ ବ୍ୟକ୍ତି ଧୈର୍ଯ୍ୟ ଧରି ଜୀବନ ଯୁଦ୍ଧରେ ଅଗ୍ରସର ହେବା ଉଚିତ।

**ଆପେ ଖାଇବ ନାହିଁ,**
**କି ପରକୁ ଖୁଆଇ ଦେବ ନାହିଁ ।**

ନିଜେ କିଛି କରିବ ନାହିଁ କି କାହାକୁ କିଛି କରାଇଦେବ ନାହିଁ। ନିଜେ କୌଣସି ସୁବିଧା ଉପଭୋଗ ନ କରିବା ଓ ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ଡ୍ରାଇଭର ଫେରାର

ଭଦ୍ରକ ଅଫିସ,୧୫।୧

ମଙ୍ଗଳବାର ପୂର୍ବାହ୍ନରେ ଭଦ୍ରକ ନୂଆବସଷ୍ଟାଣ୍ଡ ନିକଟରେ କିଛି ଯୁବକ ଜାତୀୟ ରାଜପଥରେ ପିକଅପ ଯୋଗେ ବେଆଇନ ଗୋ ଚାଲାଣ ହେଉଥିବା ଦେଖି ଗୋଟିଏ ପିକଅପକୁ ଅଟକାଇଥିଲେ। ଘଟଣା ସ୍ଥଳରୁ ଅନ୍ୟ ୨ଟି ପିକଅପ୍ ଫେରାର ହୋଇଯାଇଥିଲା। ହେଲେ ଗୋଟିଏ ପିକଅପ ଲୋକଙ୍କ ହାବୁଡରେ ପଡିଯାଇଥିଲା। ଉକ୍ତ ଗାଡିର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ହେଲେ ଲୋକଙ୍କ ହାବୁଡରେ ପଡିଥିବା ପିକଅପ ଟିରେ ୨୫ ରୁ ଉର୍ଦ୍ଧ୍ୱ ଗୋରୁ ଅତ୍ୟନ୍ତ ଅମାନୁଷିକ ଭାବେ ଚାଲାଣ କରାଯାଉଥିବା ଦେଖି ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଖବର ପାଇ ଏସଡିପିଓ ଜଳନ୍ଧର ଜାଲି ସମେତ ଟାଉନ ଥାନାଧିକାରୀ ଦିଲୀପ ସାହୁ ସମେତ ୧ ପ୍ଲାଟୁନ ଫୋର୍ସ ପହଞ୍ଚି ପିକ୍‌ଅପଟିକୁ ଜବତ କରିବା ସହ ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛଡାଯାଇଥିବା ବେଳେ ଅନ୍ୟ କିଛି ଗୋରୁଙ୍କୁ କିଛି ଲୋକ ନେଇଯାଇଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ଗୋରୁ ବୋଝେଇ ଗାଡି ପାଣିକୋଇଲିରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଛାତ୍ରନେତା ସ୍ୱାଧୀନ ସୁନ୍ଦର ଦାସଙ୍କ କହିବା ମୁତାବକ ଏହିଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପୋଲିସ ଓ ଆରଟିଓ କିଭଳି ପଦକ୍ଷେପ ନେଉନାହାନ୍ତି ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ଉଦ୍ଧାର ଗୋରୁଙ୍କ ନିକଟରେ ପୋଲିସ ଜଗି ରହିଛି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

**Bandhan Finance**
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA
Teh.- DADRI, Dist- BHIWANI

**ନୋଭେଲ୍ଟି ଫାଇନାନ୍ସ କମ୍ପାନୀ**
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**SMS JOB**
Send SMS. Earn MONEY
TELECOM Company
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + SIM +Medical Exp. Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8539952357
8539952347

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସ୍ଥାନୀୟ ଆତଙ୍କବାଦୀ 'ଭୂମିପୁତ୍ର'। ସେମାନଙ୍କ ସୁରକ୍ଷା ଉଦ୍ୟମ ହେବା ଉଚିତ। ବନ୍ଧୁକ ସଂସ୍କୃତିର ଅବସାନ ପାଇଁ କେନ୍ଦ୍ର ଆତଙ୍କବାଦୀ ନେତାଙ୍କ ସହ ଆଲୋଚନା କରୁ।

–ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

## ସଂକ୍ଷେପରେ

### ନର୍ମଦାରେ ବୋଟ ବୁଡ଼ି ୬ ମୃତ



**ନନ୍ଦୁର୍‌ବର,୧୫।୧(ପି.ଟି.):** ମହାରାଷ୍ଟ୍ର ନନ୍ଦୁର୍‌ବର ଜିଲା ଅନ୍ତର୍ଗତ ନର୍ମଦା ନଦୀରେ ମଙ୍ଗଳବାର ବୋଟ ବୁଡ଼ି ୬ ଜଣଙ୍କ ମୃତ୍ୟୁ ହୋଇଛି। ୩୬ ଜଣଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମକର ସଂକ୍ରାନ୍ତି ପୂଜା ଲାଗି ବୋଟରେ ପାଖାପାଖି ୬୦ ଜଣ ଯାଉଥିବାବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କାବୁଲରେ ବିସ୍ଫୋରଣ ଭାରତୀୟଙ୍କ ସମେତ ୪ ନିହତ

**ନୂଆଦିଲ୍ଲୀ,୧୫।୧(ପି.ଟି.):** ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଆତଙ୍କବାଦୀ ଆକ୍ରମଣରେ ଜଣେ ଭାରତୀୟଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଏକ ଟ୍ରକ୍‌ବୋମାକୁ ବିସ୍ଫୋରଣ କରାଇଥିଲେ। ଏହି ଆକ୍ରମଣ ଲାଗି ତାଲିବାନ ନିଜକୁ ଦାୟୀ କରିଛି ଏବଂ ଆଗକୁ ଏଭଳି ଆକ୍ରମଣ ଜାରି ରହିବ ବୋଲି ଧମକ ଦେଇଛି। ଭାରତ ପକ୍ଷରୁ ଏହି ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ନିନ୍ଦା କରାଯାଇଛି। ନିହତ ଭାରତୀୟଙ୍କ ମୃତଦେହକୁ ସ୍ୱଦେଶ ପଠାଇବା ଲାଗି କାବୁଲସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହି ଆକ୍ରମଣ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନୂଆଦିଲ୍ଲୀ ଆହ୍ୱାନ ଦେଇଛି।

### ପାକ୍ ଗୁଳିରେ ବିଏସ୍ଏଫ ଅଫିସର ଶହୀଦ

**ଜମ୍ମୁ,୧୫।୧(ପି.ଟି.):** ପାକିସ୍ତାନ ରେଞ୍ଜର୍ସଙ୍କ ଅତର୍କିତ ଗୁଳିମାଡ଼ରେ ସୀମା ସୁରକ୍ଷା ବଳ (ବିଏସ୍ଏଫ)ର ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶହୀଦ ହୋଇଛନ୍ତି। ମଙ୍ଗଳବାର ସକାଳେ ଜମ୍ମୁ-କଶ୍ମୀର କଠୁଆ ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାରେ ଏହି ଗୁଳିକାଣ୍ଡ ଘଟିଛି। ଏହାବ୍ୟତୀତ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଏବଂ ସେଲ୍ ମାଡ଼ କରିଥିଲେ। ଭାରତୀୟ ଯବାନ ଏହାର ଠିକଣା ଜବାବ ଦେଇଥିଲେ।
କଠୁଆ ଜିଲାର ହୀରାନଗର-ସାମ୍ବା ସେକ୍ଟରରେ ସକାଳ ୧୦ଟା ୫୦ରେ ପାକିସ୍ତାନୀ ରେଞ୍ଜରମାନେ ବିଏସ୍ଏଫ ଯବାନଙ୍କ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିନୟ ପ୍ରସାଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଭୂସ୍ଖଳନରେ ୯ ପାକ୍ ଶ୍ରମିକ ମୃତ

**କୋହିସ୍ତାନ,୧୫।୧(ପି.ଟି.):** ପାକିସ୍ତାନର ଉତ୍ତର ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନରେ ଏକ ଭ୍ୟାନ୍ ପୋତିହୋଇ ପଡିବାରୁ ୯ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। କାରାକୋରମ ଜାତୀୟ ରାଜପଥର ଖୁସି ପଏଣ୍ଟ ନିକଟରେ ସୋମବାର ରାତିରେ ଏହି ଦୁର୍ଘଟଣା ଘଟିଛି। ଶ୍ରମିକମାନେ କାମସାରି ଫେରୁଥିବାବେଳେ ଭୂସ୍ଖଳନ ହୋଇଥିଲା। ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି।

## ସମର୍ଥନ ପ୍ରତ୍ୟାହାର କଲେ ୨ ବିଧାୟକ

# ଘନେଇଲା ସଙ୍କଟ

*କ୍ଷମତାସୀନ ହେବାର ୭ ମାସ ପରେ ଘନେଇଲା ସଙ୍କଟ। କର୍ନାଟକର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)–କଂଗ୍ରେସ ମେଣ୍ଟ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ଚଳାଇଛି 'ଅପରେଶନ ଲୋଟସ୍'। ଗୈରିକ ଦଳର ସମସ୍ତ ୧୦୪ ବିଧାୟକଙ୍କୁ ଗୁରୁଗ୍ରାମରେ ରଖାଯାଇଥିବାବେଳେ କଂଗ୍ରେସର ୩ ବିଧାୟକ ମୁମ୍ବାଇରେ ଓ ୨ ଦିଲ୍ଲୀର ହୋଟେଲରେ ପକାଇଛନ୍ତି ଡେରା। ମଙ୍ଗଳବାର ୨ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର ପରେ ମେଣ୍ଟ ସରକାରର ଭବିଷ୍ୟତ ଉପରେ ଉଠିଲାଣି ପ୍ରଶ୍ନ। ରାଜ୍ୟରେ ୨–୩ ଦିନ ମଧ୍ୟରେ ସରକାର ଗଡ଼ିବୁ ବୋଲି ଦମ୍ଭୋକ୍ତି କରୁଛି ଭାଜପା। ସରକାରର ସମ୍ଭାବ୍ୟ ପତନ ଆଶଙ୍କାରେ କଂଗ୍ରେସ ନେତାମାନେ ଭାଜପା ଉପରେ ଦୋଷ ଲଦୁଥିବାବେଳେ 'ମୁଁ ନିଶ୍ଚିନ୍ତ' ବୋଲି କହୁଛନ୍ତି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ(ଏଚ୍‌ଡିକେ)। ସାଧାରଣ ନିର୍ବାଚନ ପୂର୍ବରୁ ଏପରି ଓଲଟପାଲଟ ଗଣିତକୁ ନେଇ କେବଳ କର୍ନାଟକ ନୁହେଁ, ବରଂ ଜାତୀୟ ରାଜନୀତି ହୋଇଛି ସରଗରମ।*

### କାହାର କେତେ ବଳ

| | |
|---|---|
| ମୋଟ ଆସନ: | ୨୨୪ |
| ଜାଦୁକ ସଂଖ୍ୟା: | ୧୧୩ |
| ଭାଜପା: | ୧୦୪ |
| କଂଗ୍ରେସ: | ୭୯ |
| ଜେଡିଏସ୍: | ୩୭ |
| ବିଏସ୍‌ପି: | ୧ |
| କେପିଜେପି, ସ୍ୱାଧୀନ: | ୨ |

### ଏଚ୍‌ଡିକେ ସରକାର ଟଳମଳ

- ଗୁରୁଗ୍ରାମ ହୋଟେଲରେ ୧୦୪ ଭାଜପା ବିଧାୟକ
- କଂଗ୍ରେସର ୩ ବିଧାୟକ ମୁମ୍ବାଇରେ, ୨ ଦିଲ୍ଲୀରେ
- ଭାଜପା ଆଣିପାରେ ଅନାସ୍ଥା ପ୍ରସ୍ତାବ
- ସରକାର ଭାଙ୍ଗିବାକୁ ଉଦ୍ୟମ କରୁଛି ଭାଜପା: ଖାର୍ଗେ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫।୧(ପି.ଟି.)**

କର୍ନାଟକ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟିବା ଆରମ୍ଭ ହେଲାଣି। କେତେବେଳେ କ'ଣ ହେବ କହି ହେଉନାହିଁ। ୭ ମାସ ପୁରୁଣା ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରଙ୍କଠାରୁ ୨ ବିଧାୟକ ଆର୍. ଶଙ୍କର ଏବଂ ଏଚ୍. ନାଗେଶ ମଙ୍ଗଳବାର ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଏହାସହ ଉଭୟେ ଭାଜପା ପ୍ରତି ସମର୍ଥନ ଘୋଷଣା କରିଛନ୍ତି। ସେପଟେ ମୁମ୍ବାଇ ଓ ଦିଲ୍ଲୀରେ କଂଗ୍ରେସର ୫ ବିଧାୟକଙ୍କୁ ଭାଜପା ଲୁଚାଇ ରଖିଥିବାରୁ କର୍ନାଟକରେ ଜଟିଳ ସ୍ଥିତି ସୃଷ୍ଟି ହୋଇଛି। କୌଣସି ପ୍ରକାରେ ମେଣ୍ଟର ସଂଖ୍ୟାବଳ ହ୍ରାସ କରିପାରିଲେ ଅନାସ୍ଥା ଭୋଟ ଆଣି ଏଚ୍.ଡି. କୁମାରସ୍ୱାମୀ ସରକାର କ୍ଷମତାଚ୍ୟୁତ ହେବା ଅସମ୍ଭବ ନୁହେଁ ବୋଲି ଜାଣିସାରିଛି ଭାଜପା। ଏକ ନାଟକୀୟ ଘଟଣାକ୍ରମରେ କର୍ନାଟକର ବିଧାୟକ ନାଗେଶ (ସ୍ୱାଧୀନ) ଓ ଶଙ୍କର (କେପିଜେପି)

ମଙ୍ଗଳବାର କୁମାରସ୍ୱାମୀ ସରକାରରୁ ଓହରି ଯାଇଛନ୍ତି। ସମର୍ଥନ ପ୍ରତ୍ୟାହାର ନେଇ ଉଭୟେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଚିଠି ଲେଖି ଜଣାଇଛନ୍ତି।





ଏଚ୍.ଡି. କୁମାରସ୍ୱାମୀ

ରାଜ୍ୟପାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମୁମ୍ବାଇର ଏକ ହୋଟେଲରେ ରହୁଥିବା ଦୁଇ ବିଧାୟକ ଏଥିରେ ଅନୁରୋଧ କରିଛନ୍ତି। ନିକଟରେ କ୍ୟାବିନେଟରେ ଅଦଳବଦଳ ବେଳେ ଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବାରୁ ସେ ଅସନ୍ତୁଷ୍ଟ ଥିଲେ। ନାଗେଶ ମନ୍ତ୍ରୀ ପଦ ଚାହୁଁଥିଲେ, ଯାହା ତାଙ୍କୁ ମିଳି ନ ଥିଲା। ସେପଟେ ଗୁରୁଗ୍ରାମ ନିକଟସ୍ଥ ହରିୟାଣାର ନୁହ ଜିଲାସ୍ଥିତ ଆଇଟିସି ଗ୍ରାଣ୍ଡ ଭାରତ ରିସର୍ଟରେ ଭାଜପାର ୧୦୪ ବିଧାୟକଙ୍କୁ କଂଗ୍ରେସ–ଜେଡିଏସ୍ ପକ୍ଷରୁ ଘୋଡାବେପାର କରାଯିବା ଭୟରେ ଲୁଚାଇ ରଖାଯାଇଛି। ସେମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସଭାପତି ତଥା ବିରୋଧୀ ଦଳ ନେତା ବି.ଏସ୍. ୟେଦୁରପ୍ପା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର ଅଛନ୍ତି। ଏଭଳି ସମୟରେ ନାଗେଶ ଓ ଶଙ୍କରଙ୍କ ଏହି ପଦକ୍ଷେପ ମେଣ୍ଟ ସରକାରକୁ ଚକିତ କରିଛି। ଭାଜପା ପୂର୍ବରୁ ମଧ୍ୟ ଏଭଳି ସରକାର ଭାଙ୍ଗିବା ଚକ୍ରାନ୍ତ କରିଥିଲା। ହେଲେ ଏଥର ସଫଳ ହେବନାହିଁ ବୋଲି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍‌ଡିକେ କହିଛନ୍ତି, ମୋ ବଳ କେତେ ମୁଁ ଜାଣିଛି। ମେଣ୍ଟ ସରକାର ପ୍ରତି କିଛି ବିପଦ ନାହିଁ। କଂଗ୍ରେସ ବିଧାୟକମାନଙ୍କ ସହ ଯୋଗସୂତ୍ରରେ ଥିବାରୁ ସମ୍ପୂର୍ଣ୍ଣ ଭାବେ ନିଶ୍ଚିନ୍ତ। ଭାଜପାର 'ଅପରେଶନ ଲୋଟସ୍'କୁ ନେଇ ଭୟଭୀତ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କଂଗ୍ରେସର ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ କରିଛନ୍ତି। ସ୍ଥିତିକୁ ଅଧିକ ଜଟିଳ କରିଛି ମହାରାଷ୍ଟ୍ରର ଭାଜପା ନେତା ତଥା କ୍ୟାବିନେଟ ମନ୍ତ୍ରୀ ରାମ ସିନ୍ଦେଙ୍କ ମନ୍ତବ୍ୟ। ସିନ୍ଦେ କହିଛନ୍ତି, ଭାଜପା ୨ରୁ ୩ ଦିନ ମଧ୍ୟରେ କର୍ନାଟକରେ ସରକାର ଗଢ଼ିବାକୁ ଯାଉଛି।

ଗତବର୍ଷ ମେ ୨୩ରେ କୁମାରସ୍ୱାମୀ କର୍ନାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ଶପଥଗ୍ରହଣ ଉତ୍ସବ ପାଲଟିଥିଲା ବିରୋଧୀଙ୍କ ଶକ୍ତି ପ୍ରଦର୍ଶନର ମଞ୍ଚ। ଭାଜପା ୧୦୪ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିଲେ ହେଁ ୪୮ ଘଣ୍ଟା ପରେ ୟେଦୁରପ୍ପା ସରକାର ଭାଙ୍ଗିଯାଇଥିଲା। ଅନ୍ୟପକ୍ଷରେ ଜେଡିଏସ୍ ୩୭ ଆସନ ପାଇ ତୃତୀୟରେ ରହିଥିଲେ ମଧ୍ୟ କଂଗ୍ରେସ, ମାୟାବତୀଙ୍କ ବିଏସ୍‌ପି ଓ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିବାର ସୁଯୋଗ ପାଇଥିଲା। ହେଲେ ସତେ ଯେମିତି ୨୦୦୬ ଭଳି ଏବେ କୁମାରସ୍ୱାମୀ ସରକାର ଉପରେ ଭାଜପାର ନଜର ଲାଗିଯାଇଛି। ଭାଜପାର ଭିତିରି ବୁଝାମଣା ଓ ଘୋଡ଼ା ବେପାର ଏହି ସରକାରକୁ ଟଳମଳ କରି ରାଜନୈତିକ ସଙ୍କଟ ସୃଷ୍ଟି କରିଛି।



ଆର୍. ଶଙ୍କର | ଏଚ୍. ନାଗେଶ

> କଂଗ୍ରେସ-ଜେଡିଏସ୍ ମଧ୍ୟରେ ଛାଡ଼ପତ୍ରର ସମୟ ଆସିଛି। ଏହି ମେଣ୍ଟର ପତନ ଘଟିଲେ ଭାଜପା ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବ।
> –ସଦାନନ୍ଦ ଗୌଡ଼ା, କେନ୍ଦ୍ରମନ୍ତ୍ରୀ



> ମେଣ୍ଟ ସରକାର ପ୍ରତି ବିପଦ ନାହିଁ। ସବୁ ଭଗବାନଙ୍କ ହାତରେ ଥିବାରୁ ଗଣମାଧ୍ୟମ ଯେତେ ଚିତ୍କାର କଲେ ବି କିଛି ହେବ ନାହିଁ।
> –ଏଚ୍.ଡି. ଦେବେଗୌଡ଼ା, ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ



> ଭାଜପା ଟଙ୍କା ବଳରେ ବିଧାୟକଙ୍କୁ ଟାଣିନେଇ ଏକ ସ୍ଥିର ସରକାରକୁ ଭାଙ୍ଗିବାକୁ ଚାହୁଁଛି। ଏଭଳି ଉଦ୍ୟମ କେବେ ସଫଳ ହେବ ନାହିଁ।
> –ଜି. ପରମେଶ୍ୱର, କର୍ନାଟକ ଉପମୁଖ୍ୟମନ୍ତ୍ରୀ



## ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଭାଜପା ରଥଯାତ୍ରାକୁ ଅନୁମତି ଦିଅ

**ନୂଆଦିଲ୍ଲୀ,୧୫।୧(ପି.ଟି.)**



ଭାଜପା ରଥଯାତ୍ରାକୁ ଅନୁମତି ଦେବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ପଶ୍ଚିମବଙ୍ଗ ସରକାରଙ୍କୁ କହିଛନ୍ତି। ପ୍ରସ୍ତାବିତ ରଥଯାତ୍ରାର ସଂଶୋଧିତ କାର୍ଯ୍ୟସୂଚୀ ରାଜ୍ୟ ପ୍ରଶାସନ ନିକଟରେ ଉପସ୍ଥାପନ କରି ଆବଶ୍ୟକ ଅନୁମୋଦନ କରାଇବା ଲାଗି ଖଣ୍ଡପୀଠ ଭାଜପା ରାଜ୍ୟ ଶାଖାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନରେ ମତ ପ୍ରକାଶ କରିବାର ମୌଳିକ ଅଧିକାରକୁ ମନରେ ରଖି ଭାଜପାର ସଂଶୋଧିତ ରଥଯାତ୍ରା କାର୍ଯ୍ୟସୂଚୀକୁ ବିଚାରକୁ ନେବା ଲାଗି ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ କହିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ ଖଣ୍ଡପୀଠରେ ଜଷ୍ଟିସ ଏଲ୍.ଏନ୍. ରାଓ ଏବଂ ଏସ୍.କେ. କୌଲ ରହିଛନ୍ତି। ଭାଜପାର ପ୍ରସ୍ତାବିତ ରଥଯାତ୍ରା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜ୍ୟ ସରକାର ଯେଉଁ ଆଶଙ୍କା କରୁଛନ୍ତି ତାହାକୁ ନିରାଧାର କୁହାଯାଇ ପାରିବ ନାହିଁ। ଏଭଳି ଆଶଙ୍କା ଦୂରକରିବା ଲାଗି ଭାଜପାକୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ହେବ। ଆଇନଶୃଙ୍ଖଳା ରକ୍ଷା ରାଜ୍ୟର ଦାୟିତ୍ୱ ବୋଲି ଖଣ୍ଡପୀଠ କହିଛନ୍ତି।

ଗତ ଡିସେମ୍ବରରେ ପଶ୍ଚିମବଙ୍ଗରେ ରଥଯାତ୍ରା କରିବା ଲାଗି ଭାଜପା ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲା। ସରକାର ଅନୁମତି ନ ଦେବାରୁ ଭାଜପା କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ରଥଯାତ୍ରା ଲାଗି ଅନୁମତି ଦେଇଥିଲେ ହେଁ ପରେ ଡିଭିଜନ ବେଞ୍ଚ ଏହାକୁ ଖାରଜ କରିଥିଲେ। ହାଇକୋର୍ଟଙ୍କ ଡିସେମ୍ବର ୨୧ ରାୟକୁ ଭାଜପା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲା। ରଥଯାତ୍ରା ଲାଗି ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ କୋର୍ଟ ଭାଜପାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଭାଜପା ପ୍ରସ୍ତାବିତ ୪୦ ଦିନିଆ କାର୍ଯ୍ୟକ୍ରମକୁ ୨୦ ଦିନକୁ ହ୍ରାସ କରିଛି। ରଥଯାତ୍ରା ମୁର୍ଶିଦାବାଦ ଜିଲାର ବହରମପୁର, ଦକ୍ଷିଣ ଚବିଶ ପ୍ରଗଣା ଜିଲାର ଡାଇମଣ୍ଡ ହାର୍ବର, ମେଦିନୀପୁର ଏବଂ କୋଲକାତା ଉତ୍ତର ଲୋକସଭା ନିର୍ବାଚନ ମଣ୍ଡଳୀରୁ ବାହାରିବ।

## ବ୍ରେକ୍‌ଜିଟ୍ ଭୋଟ: ଥେରେସା ହାରିଲେ

**ଲଣ୍ଡନ,୧୫।୧(ଏଏଫ୍‌ପି)**



ବ୍ରିଟିଶ ପାର୍ଲାମେଣ୍ଟରେ ମଙ୍ଗଳବାର ବ୍ରେକ୍‌ଜିଟ୍ ଚୁକ୍ତିନାମା ଉପରେ ଅନୁଷ୍ଠିତ ଐତିହାସିକ ଭୋଟରେ ପ୍ରଧାନମନ୍ତ୍ରୀ ଥେରେସା ମେ ହାରିଯାଇଛନ୍ତି। ଫଳରେ ବ୍ରେକ୍‌ଜିଟକୁ ନେଇ ଅନିଶ୍ଚୟତା ସୃଷ୍ଟି ହୋଇଛି। ୟୁରୋପୀୟ ସଂଘରୁ ବ୍ରିଟେନ ଓହରିଯିବା ଲାଗି ଥେରେସା ଏହି ଚୁକ୍ତିନାମା କରିଥିଲେ। ମାର୍ଚ୍ଚ ୨୯ରେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରିବାକୁ ଥିବାବେଳେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ବ୍ରେକ୍‌ଜିଟ୍‌କୁ ନେଇ ସହମତି ହୋଇପାରିନାହିଁ। ଶେଷ ମୁହୂର୍ତ୍ତରେ ଥେରେସା ଏମ୍‌ପିମାନଙ୍କୁ ଡିଲ୍ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରି ବିଫଳ ହୋଇଛନ୍ତି। ସେ ପୁଣି ଥରେ ଏଥିପାଇଁ ଉଦ୍ୟମ କରିବେ କିମ୍ବା ନିଜ ପଦରୁ ଇସ୍ତଫା ଦେବେ ଏବଂ ବ୍ରେକ୍‌ଜିଟ ବିଳମ୍ବ ହେବ ତାହା ସ୍ପଷ୍ଟ ହୋଇନାହିଁ।

ଭୋଟ ପୂର୍ବରୁ ପାର୍ଲାମେଣ୍ଟ ବାହାରେ ବ୍ରେକ୍‌ଜିଟ୍ ସପକ୍ଷ ଏବଂ ବିପକ୍ଷବାଦୀମାନେ ର୍ୟାଲି କରିଥିଲେ। ଉଭୟ ଥେରେସାଙ୍କ ଯୋଜନାକୁ ବିରୋଧ କରୁଛନ୍ତି। ବ୍ରେକ୍‌ଜିଟ୍ ଅନିଶ୍ଚିତତା ବ୍ରିଟେନ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବ। ଚୁକ୍ତିନାମା ମଞ୍ଜୁରୀ ନ ହେଲେ ଆଗୁଆ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି।

## କେରଳରୁ ୫୦ ନିଖୋଜ

**କୋଚି,୧୫।୧**

ପ୍ରାୟ ସପ୍ତାହେ ହେଲା ଦିଲ୍ଲୀରୁ ଆସି କେରଳର ଚେରାଇ ବେଳାଭୂମିରେ ରହୁଥିବା ୫୦ଜଣ ୧୨ ତାରିଖରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଓ ପିଲା ମଧ୍ୟ ଥିଲେ। ନିଜକୁ ପର୍ଯ୍ୟଟକର ପରିଚୟ ଦେଇ ରହୁଥିବା ଏହି ଲୋକ ତାମିଲ ମୂଳ ବାସିନ୍ଦା ବୋଲି ବିଶ୍ୱାସ କରାଯାଉଛି। ସେମାନଙ୍କୁ ଏକ ବଡ଼ ବୋଟରେ ମୁନାମ୍ବମ୍ ପୋତାଶ୍ରୟରୁ ଖ୍ରୀଷ୍ଟମାସ୍ ଆଇଲ୍ୟାଣ୍ଡ କିମ୍ବା ଅଷ୍ଟ୍ରେଲିଆ ମେନ୍‌ଲ୍ୟାଣ୍ଡକୁ ଚାଲାଣ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ମାନବ ଚାଲାଣରେ ଅନ୍ତର୍ଜାତୀୟ ର୍ୟାକେଟ ସମ୍ପୃକ୍ତ ଥାଇପାରନ୍ତି ବୋଲି ଗୋଇନ୍ଦା ସୂତ୍ରରୁ କୁହାଯାଇଛି।

## ଫୁର୍‌ସତ

### ଦୁଇଟି ସାଇନ୍ସ ଚ୍ୟାନେଲ ଲଞ୍ଚ୍

**ନୂଆଦିଲ୍ଲୀ:** ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଏବଂ ପ୍ରସାରଣକାରୀ ଦୂରଦର୍ଶନ ପକ୍ଷରୁ ମଙ୍ଗଳବାର ଡିଡି ସାଇନ୍ସ ଏବଂ ଇଣ୍ଡିଆନ୍ ସାଇନ୍ସ ନାମରେ ଦୁଇଟି ସାଇନ୍ସ ଚ୍ୟାନେଲ ଲଞ୍ଚ୍ କରାଯାଇଛି। ଫ୍ରି ଟୁ ଏୟାର ଚ୍ୟାନେଲ ଲଞ୍ଚ୍ କରି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ହର୍ଷ ବର୍ଦ୍ଧନ କହିଲେ, ବୈଜ୍ଞାନିକ ପଦ୍ଧତିର ବିକାଶ ଜରୁରୀ ଆବଶ୍ୟକ ହୋଇଥିବାବେଳେ ୨୪/୭ ଚ୍ୟାନେଲ୍ ଲଞ୍ଚ୍ କରିବା ପାଇଁ ଅନ୍ତିମ ଲକ୍ଷ୍ୟ ରଖାଯାଇଛି। ଡିଡି ସାଇନ୍ସ ଏକ ଘଣ୍ଟା ପାଇଁ ଦୂରଦର୍ଶନ ନ୍ୟାଶନାଲ୍ ଚ୍ୟାନେଲରେ ପ୍ରସାରିତ ହେବା ସହିତ ଇଣ୍ଡିଆ ସାଇନ୍ସ ହେଉଛି ଇଣ୍ଟରନେଟ୍ ଭିତ୍ତିକ ଏକ ଚ୍ୟାନେଲ୍।





# ପ୍ରଭାସ–ଶର୍ମିଳା ସମ୍ପର୍କ ଗୁଜବ

**ହାଇଦ୍ରାବାଦ:** 'ବାହୁବଳୀ' ଷ୍ଟାର ପ୍ରଭାସଙ୍କ ସହିତ ସମ୍ପର୍କ ରଖିଥିବାର ଏକ ଗୁଜବ ପ୍ରଚାର ନେଇ ଆନ୍ଧ୍ରପ୍ରଦେଶ ବିରୋଧୀ ଦଳ ନେତା ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇଏସ୍ ଶର୍ମିଳା ହାଇଦ୍ରାବାଦ ପୋଲିସ କମିଶନର ନିକଟରେ ଅଭିଯୋଗ ଦାଏର କରିଛନ୍ତି। ଗୁଜବ ପ୍ରଚାର କରୁଥିବା କେତେକ ନିର୍ଦ୍ଦିଷ୍ଟ ୱେବସାଇଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ନିବେଦନ କରିଛନ୍ତି। ଶର୍ମିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବିରୋଧରେ ପ୍ରେମଗୁଜବ ପ୍ରଚାର କରିବା ପଛରେ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ହାତ ରହିଛି। ଟିଡିପି ପାଇଁ ଏହା ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏହି ପାର୍ଟି ପିତା ରାଜଶେଖର ରେଡ୍ଡୀଙ୍କୁ ଦଳ ବିଭାଜନକାରୀ ବୋଲି ପ୍ରଚାର କରୁଥିଲା। ଅନେକ ଟିଡିପି ନେତା କହନ୍ତି, ପ୍ରଭାସଙ୍କ ସହିତ ମୋର ଗୁପ୍ତ ପ୍ରେମ ସମ୍ପର୍କ ରହିଛି। ଟିଡିପି ଯଦି ଗୁଜବ ପ୍ରଚାର କରୁନାହିଁ ତେବେ ଦଳ କାହିଁକି ଏହାକୁ ନିନ୍ଦା କରୁନାହିଁ। ଚନ୍ଦ୍ରାବାବୁ କାହିଁକି ଦଳୀୟ ନେତାଙ୍କୁ ଏଥିରୁ ନିବୃତ୍ତ କରୁନାହାନ୍ତି। ଚନ୍ଦ୍ରାବାବୁଙ୍କ ଅଭିଧାନରେ ମୂଲ୍ୟବୋଧ, ନୀତି ଓ ନୈତିକତା ବୋଲି କିଛି ନାହିଁ। ଏହି ନେତା ଯଦି ଭଲ, ତାଙ୍କ ଅନୁଗତମାନେ ମଧ୍ୟ ଭଲ ପଥ ଅନୁସରଣ କରନ୍ତେ।





## ଇତିହାସର ଆଇନାରେ

### ଜାନୁୟାରୀ ୧୬ର ପ୍ରମୁଖ ଘଟଣା

୨୦୦୬ ଜାନୁୟାରୀ ୧୬ରେ ଲାଇବେରିଆର ନୂଆ ରାଷ୍ଟ୍ରପତି ଭାବରେ ଏଲେନ ଜନସନ୍ ସିରଲିଫ୍ ଶପଥ ଗ୍ରହଣ କରିଥିଲେ। ସେ ଆଫ୍ରିକାରେ ପ୍ରଥମକରି ମହିଳା ରାଷ୍ଟ୍ରମୁଖ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ୧୯୩୮ ଅକ୍ଟୋବର ୨୯ରେ ଜନ୍ମିତ ଜନସନ୍ ଜଣେ ଲାଇବେରୀୟ ରାଜନେତ୍ରୀ ଏବଂ ୨୦୦୬ରୁ ୨୦୧୮ ମଧ୍ୟରେ ୨୪ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

୨୦୦୧ ଜାନୁୟାରୀ ୧୬ରେ କଙ୍ଗୋ ରାଷ୍ଟ୍ରପତି ଲରେଣ୍ଟ ଡିଜାୟାର କାବିଲା ତାଙ୍କର ଜଣେ ଦେହରକ୍ଷୀଙ୍କ ଦ୍ୱାରା ନିହତ ହୋଇଥିଲେ। ଦି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ କେନ୍ଦ୍ରୀୟ ଆଫ୍ରିକାର ଦକ୍ଷିଣଭାଗସ୍ଥ ଏକ ଦେଶ। ଏହାକୁ ପୂର୍ବତନ ନାମ ଜାଇରେ ନାମରେ ମଧ୍ୟ ନାମିତ କରାଯାଏ। କଙ୍ଗୋର ଉତ୍ତରକୁ ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍, ଉତ୍ତର-ପୂର୍ବରେ ଦକ୍ଷିଣ ସୁଦାନ ଓ ପୂର୍ବଭାଗରେ ଉଗାଣ୍ଡା, ରୁଆଣ୍ଡା, ବୁରୁଣ୍ଡି ଓ ତାଞ୍ଜାନିଆ ରହିଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୮ | ୧୪.୮ |
| ଚାନ୍ଦବାଲି | ୨୫.୬ | ୧୬.୨ |
| କଟକ | ୨୬.୬ | ୧୪.୫ |
| ପାରାଦ୍ୱୀପ | ୨୫.୦ | ୧୬.୫ |
| ଭୁବନେଶ୍ୱର | ୨୮.୧ | ୧୫.୭ |
| ଗୋପାଳପୁର | ୨୭.୬ | ୧୬.୫ |
| ପୁରୀ | ୨୬.୮ | ୧୬.୪ |
| ଅନୁଗୋଳ | ୨୭.୧ | ୧୨.୦ |
| ବାରିପଦା | ୨୪.୨ | ୧୬.୦ |
| ଝାରସୁଗୁଡ଼ା | ୨୬.୮ | ୧୧.୨ |
| କେନ୍ଦୁଝର | ୨୫.୩ | ୧୨.୯ |
| ସମ୍ବଲପୁର | ୨୭.୦ | ୧୨.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୬.୩ | ୧୩.୬ |
| ତାଳଚେର | --- | ୯.୫ |
| ଭବାନୀପାଟଣା | ୨୯.୫ | ୧୩.୫ |
| ବଲାଙ୍ଗୀର | --- | ୧୧.୪ |
| କୋରାପୁଟ | ୨୪.୦ | ୧୧.୬ |
| ଫୁଲବାଣୀ | ୨୬.୬ | ୧୧.୫ |
| ଟିଟିଲାଗଡ଼ | --- | ୧୨.୫ |
| ମାଲକାନଗିରି | ୩୦.୪ | ୧୫.୫ |
| ସୋନପୁର | ୨୭.୪ | ୧୨.୨ |
| ଦାରିଙ୍ଗିବାଡ଼ି | ୨୩.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଇଣ୍ଡିଆନ୍ ୨'ର ପୋଷ୍ଟର ରିଲିଜ

**ଚେନ୍ନାଇ:** ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ୍ ତାଙ୍କର ଆଗାମୀ ଫିଲ୍ମ 'ଇଣ୍ଡିଆନ୍ ୨'ରେ ପୁନଶ୍ଚ ଅଭିନୟ କରିବାକୁ ଯାଉଛନ୍ତି। ଏହା ଦୀର୍ଘ ୨୦ବର୍ଷ ତଳେ ରିଲିଜ ହୋଇଥିବା 'ଇଣ୍ଡିଆନ୍'ର ସିକ୍ୱେଲ୍। ଏହାର ନିର୍ଦ୍ଦେଶନା ଦେବେ ପ୍ରସିଦ୍ଧ ନିର୍ଦ୍ଦେଶକ ଏସ୍. ଶଙ୍କର। କମଲ ହାସନ୍ ସକ୍ରିୟ ରାଜନୀତିରେ ଯୋଗଦେବା ପରେ ତାଙ୍କର ଅଭିନୟ ଜୀବନରେ ପୂର୍ଣ୍ଣଚ୍ଛେଦ ପଡିଲା ବୋଲି ଅନେକେ କଳ୍ପନା କରିଥିଲେ। କମଲ ତାଙ୍କର 'ମକ୍କଲ ନିଧି ମୟମ୍' ନାମକ ଏକ ରାଜନୈତିକ ଦଳ ଗଠନ କରିବା ପରେ ଶୁଣାଯାଉଥିଲା, 'ବିଶ୍ୱରୂପମ୍ ୨' ହେଉଛି ତାଙ୍କର ଶେଷ ଫିଲ୍ମ। କିନ୍ତୁ ଉକ୍ତ ଅଭିନେତା ଇଣ୍ଡିଆନ୍ ୨ ଫିଲ୍ମ ଘୋଷଣା କରିଛନ୍ତି। ଏଥିନେଇ ଦୀର୍ଘ ଦୁଇ ଦଶନ୍ଧି ପରେ ଶଙ୍କର ଏବଂ କମଲ ପୁଣି ଏକତ୍ର କାମ କରିବାକୁ ଯାଉଥିବା ସଂକେତ ମିଳୁଛି। ରିପୋର୍ଟ ଅନୁଯାୟୀ, କୋଚିଠାରେ ନିଜ ଅଭିନୟ ଜୀବନ ଉପରେ ବକ୍ତୃତା ଦେଇ କମଲ କହିଲେ, ଇଣ୍ଡିଆନ୍ ୨ ପରେ ସେ ରାଜନୈତିକ ଜୀବନ ପ୍ରତି ଧ୍ୟାନ ଦେବେ। ୨୦୧୯ ଲୋକ ସଭା ନିର୍ବାଚନରେ ତାଙ୍କ ଦଳ ତାମିଲନାଡୁରେ ପ୍ରାର୍ଥୀ ଛିଡା କରାଇବ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଇଣ୍ଡିଆନ୍ ୨ରେ କାଜଲ ଅଗ୍ରୱାଲ୍ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।





ଯଦି ପକ୍ଷୀମାନଙ୍କର ଏକତା ରହେ,
ସେଠାରେ ସିଂହ ମଧ ହାର୍‌ମାନେ।
- ବ୍ଲେଜ୍ ପାସ୍‌କଲ୍

## ସଂକ୍ଷେପରେ

### ବସ୍‌ରୁ ୨୦ ବସ୍ତା କଏନ ଜବତ

**ଭୁବନେଶ୍ୱର, ୧୫।୧(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ କାମ କରୁଛି କଏନ ବେପାରର ର୍ୟାକେଟ। ଏହି କଏନ କଲିକତାରୁ ଭୁବନେଶ୍ୱରକୁ ଚାଲାଣ କରାଯାଉଛି। ଏଠାରେ କଏନ୍ ପହଞ୍ଚିବା ପରେ ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି। ଏଭଳି ଏକ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ଆୟକର ବିଭାଗର ଜିଏସ୍‌ଟି ଡିପାର୍ଟମେଣ୍ଟ। କଲିକତାରୁ ଭୁବନେଶ୍ୱର ଆସିଥିବା ୨ଟି ଘରୋଇ ବସ୍‌ରୁ ଏହି ୨୦ ବସ୍ତା କଏନ ଜବତ କରାଯାଇଛି। ସେଥିରେ ଲକ୍ଷାଧିକ ଟଙ୍କାର କଏନ ଥିବା ଜଣାପଡ଼ିଛି। ଆୟକର ବିଭାଗ ପକ୍ଷରୁ ବସ୍ ୨ଟିକୁ ଜବତ କରାଯିବା ସହ କଣ୍ଡକ୍ଟର ଏବଂ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। କଏନ୍ ଆଣିଥିବା ବ୍ୟକ୍ତିମାନେ ବସ୍‌ରୁ ଫେରାର ହୋଇଯାଇଛନ୍ତି। ଜିଏସ୍‌ଟି ଫାଙ୍କି ଏଭଳି ଚୋରା ଉପାୟରେ କୋଲକାତାରୁ ଭୁବନେଶ୍ୱର କଏନ ଅଣାଯାଉଥିବା ଜଣାପଡ଼ିଛି। ଏତେ ପରିମାଣର କଏନ କେଉଁଠୁ ଆସୁଥିଲା, କିଏ ଆଣୁଥିଲା ତାହାର ଯାଞ୍ଚ ପାଇଁ ଜିଏସ୍‌ଟି ବିଭାଗ ପକ୍ଷରୁ ଆରବିଆଇକୁ ଚିଠି ଲେଖାଯାଇଛି। କଲିକତାରୁ ବସ୍‌ରେ କଏନ୍ ଚାଲାଣ ସମ୍ପର୍କରେ ଆୟକର ବିଭାଗର ଜିଏସ୍‌ଟି ଡିପାର୍ଟମେଣ୍ଟକୁ ଗୋଇନ୍ଦା ସୂଚନା ମିଳିଥିଲା। ତେଣୁ ବସ୍‌କୁ ଧରିବା ପାଇଁ ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଗୋଟିଏ ବସ୍ ସତ୍‌ସଙ୍ଗ ବିହାର ଦେଇଯାଉଥିବା ବେଳେ ଜିଏସ୍‌ଟି ଡିପାର୍ଟମେଣ୍ଟ ଅଧିକାରୀମାନେ ବସ୍‌କୁ ଅଟକାଇଥିଲେ। ହେଲେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରେ କଏନ ଆଣିଥିବା ଦଲାଲ ଖସିଯାଇଥିଲେ। ଅଧିକାରୀମାନେ ବସ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୮ ବସ୍ତା କଏନ ମିଳିଥିଲା। ସେହିଭଳି ବରମୁଣ୍ଡାରେ ଥିବା ଅନ୍ୟ ଏକ କଲିକତା ବସ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୧୨ ବସ୍ତା କଏନ ଜବତ କରାଯାଇଥିଲା। ଏତେ ପରିମାଣର କଏନ ବସ୍‌ରେ ଆସୁଥିବାରୁ ଜିଏସ୍‌ଟି ଅଧିକାରୀମାନେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ବିଲ୍ ମାଗିଥିଲେ। ହେଲେ ସେମାନେ ବିଲ୍ ଦେଖାଇପାରି ନ ଥିଲେ। ବସ୍ ଡ୍ରାଇଭର ରାଜକିଶୋର ପାତ୍ର କହିଛନ୍ତି, ସନ୍ଧ୍ୟା ସମୟରେ କଲିକତାରୁ ବସ୍ ବାହାରିବା ବେଳେ ସେଠାରେ ଥିବା ବ୍ୟକ୍ତିମାନେ ବସ୍ତାଗୁଡ଼ିକୁ ଲୋଡ୍ କରନ୍ତି। ବସ୍ତା ପିଛା ୧୫୦ ଟଙ୍କା ଭଡ଼ା ଦିଅନ୍ତି। ତେଣୁ ଏହା ଲିଗାଲ କି ଇଲିଗାଲ ତାହା ଆମେ ଜାଣି ନ ଥାଉ।

୧୬ତମ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ହୃଦୟ ଜିତିଲା 'ଏପ୍ରିଲ ୨୭' ଏବଂ 'ଇସ୍ତାଫା'

**ଦେବଗଡ଼,୧୫।୧(ସ୍ୱ.ପ୍ର.)**

ସ୍ଥାନୀୟ ଟାଉନ ହଲରେ ଦେବଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ତରଫରୁ ଗତ ୧୧ ତାରିଖରୁ ଚାଲିଥିବା ୧୬ତମ ସର୍ବଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଚଳିତବର୍ଷ ଏହି ମହୋତ୍ସବରେ ୭ଟି ନାଟ୍ୟାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ୫ଟି ଶିଶୁ ନାଟ୍ୟଦଳ ରହିଥିଲେ। ଅନ୍ତିମ ତଥା ଷଷ୍ଠ ସନ୍ଧ୍ୟାରେ ଦୁଇଟି ସମ୍ବଲପୁରୀ ନାଟକ ପରିବେଷଣ ହୋଇଥିଲା। ପ୍ରଥମେ ବେଲପାହାଡ଼ର ମିଟର ଥିଏଟର ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଆଲୋକ ଦୀପକ ମହାକୁଡ଼ଙ୍କ ରଚିତ ତଥା ସୁବାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ଏପ୍ରିଲ ୨୭' ପରିବେଷଣ କରାଯାଇଥିଲା। ପରେ ପଦ୍ମପୁରର 'ଦି ଲୁ' ଅନୁଷ୍ଠାନ ପକ୍ଷରୁ ଗାଳ୍ପିକ ପ୍ରେମଚାନ୍ଦଙ୍କ ରଚନା ଏବଂ କେଶରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ନାଟକ 'ଇସ୍ତାଫା' ମଞ୍ଚସ୍ଥ ହୋଇଥିଲା।





ନାଟକ 'ଏପ୍ରିଲ ୨୭'ର ଏକ ଦୃଶ୍ୟ (ବାମ)। ନାଟକ 'ଇସ୍ତାଫା'ର ଏକ ଦୃଶ୍ୟ।

### ହରେନ୍ ସାହୁ, ଅତୁଲ୍ୟ ପୂଝାରୀଙ୍କୁ 'ଜାଗରଣ ସମ୍ମାନ-୨୦୧୯'

ଏହି ଦୁଇ ନାଟକ ଦର୍ଶକଙ୍କ ହୃଦୟ ଜିତିଥିଲା। ଶେଷ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା। କ୍ଲବ ସଭାପତି ଅଶୋକ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ ସାହୁ, ଇଂ ସୁଜିତ ପ୍ରଧାନ, ଜିଲା ଓକିଲ ସଂଘ ସଭାପତି ଦିଲୀପ ଗୁରୁ ପ୍ରମୁଖ ଯୋଗଦେଇ ଆୟୋଜକ କ୍ଲବକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ। ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନାଟ୍ୟ ସଂଘ ସଭାପତି ହରେନ ସାହୁ ଓ ଦେବଗଡ଼ର ଅତୁଲ୍ୟ ପୁଝାରୀଙ୍କୁ 'ଜାଗରଣ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ କ୍ଲବର ସ୍ମରଣିକା ଉନ୍ମୋଚନ କରିଥିଲେ। ପରେ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ଲବର କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଶିବାଶିଷ ଝାଙ୍କର, ଯୁଗ୍ମ ସମ୍ପାଦକ ବଂଶୀଧର ସାହୁ, ବିଷ୍ଣୁ ଚରଣ ଦ୍ୱିବେଦୀ, ରାକେଶ ଶତପଥୀ, ଶ୍ରବଣ କୁମାର ନାଏକ, ଦିଲୀପ ଦେବ, ମଙ୍ଗଳ ମହାକୁର, ଅଜିତ ଟାଲି, ଅଶୋକ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କ୍ଲବ କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ।

### ରିଆମାଳ ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା ଦାବି

**ରିଆମାଳ , ୧୫।୧**

ରିଆମାଳ ଶିବ ମନ୍ଦିରଠାରେ ମଙ୍ଗଳବାର ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା ଦାବି ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି ରମାକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକରେ ୨୬ଟି ପଞ୍ଚାୟତରୁ ଲୋକେ ଯୋଗ ଦେଇଥିଲେ । ଗୋଲବଦନ ବିଶ୍ୱାଳ ସଂଯୋଜନା କରିଥିଲେ। ଏହିଅବସରରେ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ତରଣୀସେନ ପ୍ରଧାନ, ଉପସଭାପତି- ଜୋନ(୧) ପ୍ରମୋଦ କୁମାର ନନ୍ଦ, (ଜୋନ-୨) ସନ୍ତୋଷ କୁମାର ସାହୁ, ସାଧାରଣ ସମ୍ପାଦକ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସହ ସମ୍ପାଦକ- ଗୋଲବଦନ ବିଶ୍ୱାଳ, ଶରତ କୁମାର ସାହୁ, କୋଷାଧ୍ୟକ୍ଷ- ଗାନ୍ଧୀଚରଣ ନାୟକ, ଉପଦେଷ୍ଟା ମଣ୍ଡଳୀ, ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ, ରସାନନ୍ଦ ବିଶ୍ୱାଳ, ରମାକାନ୍ତ ପ୍ରଧାନ, ପ୍ରମୋଦ ପ୍ରଧାନ, ପ୍ରକାଶ ଆଚାର୍ଯ୍ୟ, ପାଞ୍ଜିଆ ଭୋଇ, ସନ୍ତୋଷ ପ୍ରଧାନ, ମାର୍କଣ୍ଡେଶ୍ୱର ଶତପଥୀ, ସୁଧିରବ୍ରହ୍ମା, ଦିବ୍ୟଶଙ୍କର ଦ୍ୱିବେଦୀ, ମିତ୍ରଭାନୁ ମହାପାତ୍ର ତଥା ଛବିଶ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ମାନଙ୍କୁ ଚୟନ କରାଯାଇଥିଲା।

## ବିଏସପି ଜିଲାସ୍ତରୀୟ ବୈଠକ



ମଙ୍ଗଳବାର ସମ୍ବଲପୁର ଜିଲାସ୍ତରୀୟ ବିଏସପି ବୈଠକରେ ଜିଲାସଭାପତି ନିହାଲ ସିଂ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ସମ୍ବଲପୁର,୧୫।୧ (ବ୍ୟୁରୋ)**

ବହୁଜନ ସମାଜ ପାର୍ଟିର ଜିଲାସ୍ତରୀୟ ବୈଠକ ମଙ୍ଗଳବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସାଧାରଣ ସମ୍ପାଦକ ନାରାୟଣ ସୁନାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଜିଲା ସଭାପତି ନିହାଲ ସିଂ ମୁଖ୍ୟଅତିଥି ଓ ଉପସଭାପତି ମହମ୍ମଦ ମୁସ୍ତକିମ୍ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ସମ୍ପାଦକ ସଫିକ୍ ଖାନ୍, ସଂଯୋଜକ ସୁରେଶ ବାଗ, କୈଳାଶ ସୁନା, ଲିଙ୍କେଶ ଭରାସାଗର, ବିଜୟ କୁମାର ମହାନନ୍ଦ, କୁମେଶ ବାଗ, ବାବା ବାଗ, କର୍ମ ମଲ୍ଲିକ, ମହମ୍ମଦ ଜାକିର ହୁସେନ୍, ଗଙ୍ଗାଧର ଷଣ୍ଢ, ଲିଳାବତୀ ତାଣ୍ଡି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲାରେ ବିଏସପିକୁ ମଜବୁଦ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷା ମାୟାବତୀଙ୍କ ୬୪ତମ ଜନ୍ମ ଦିବସ ପାଳନ କରାଯାଇଥିଲା ।

## ଭତ୍ତା ବୃଦ୍ଧି, ନିଯୁକ୍ତି ଦାବି

**ଦେବଗଡ଼,୧୫।୧(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ଼ ଶାଖା ପକ୍ଷରୁ ସାମାଜିକ ସୁରକ୍ଷା ଭତ୍ତା ବୃଦ୍ଧି ଓ ନିଯୁକ୍ତି ଦାବିରେ ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଞ୍ଚାୟତର ୩୫୦ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଓ ୩୦ରୁ ଅଧିକ ବେରୋଜଗାର ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ପ୍ରଦାନ କରାଯିବାକୁ ଏହି ଅବସରରେ ଦାବି କରାଯାଇଥିଲା। ବିକ୍ଷୋଭକାରୀମାନେ ଚୁହିଲାମାଲ ଗାଁ ମୁଣ୍ଡରୁ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ନବୀନ ସଗଡ଼ିଆଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ମନ୍ଥର

## ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ

**ସମ୍ବଲପୁର,୧୫।୧ (ବ୍ୟୁରୋ)**



ମଙ୍ଗଳବାର ସନ୍ଧ୍ୟାରେ ସମ୍ବଲପୁର ଗୋଲବଜାର ବ୍ୟବସାୟୀମାନେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଶୀଘ୍ର କରିବା ଦାବୀରେ ଜିଲାପାଳ ଅଫିସ ଆସିଛନ୍ତି ।

ସମ୍ବଲପୁର ଧୁରୁବାପଡା- କଚେରି ଛକ ପର୍ଯ୍ୟନ୍ତ ଅତ୍ୟାଧୁନିକ ଫ୍ଲାଏ ଓଭର ନିର୍ମାଣ ଚାଲିଛି। ଏ ପର୍ଯ୍ୟନ୍ତ ଏହା ସଂପୂର୍ଣ୍ଣ ହୋଇନାହିଁ । ଅପରପକ୍ଷେ ଗୋଲବଜାର ଛକରୁ ପୀରବାବା ଛକ ମଧ୍ୟରେ ପିଲର୍ ଉପରେ ଟି ସେଫ୍ ନିର୍ମାଣ ଚାଲିଛି । ଏହାଦ୍ୱାରା ଟ୍ରାଫିକ ସମସ୍ୟା ଦେଖା ଦେଇଛି । ନିର୍ମାଣ ସାମଗ୍ରୀ ରାସ୍ତାର ବିଭିନ୍ନ ସ୍ଥାନରେ ପଡି ରହିଛି । ସମ୍ବଲପୁର ସହରର ବ୍ୟବସାୟିକ ପେଣ୍ଠସ୍ଥଳ ଗୋଲବଜାର ଅଞ୍ଚଳ ଜନଗହଳି ରହିଥାଏ । ତେଣୁ ଏହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଶୀଘ୍ର କରିବା ପରିବର୍ତ୍ତେ କଚ୍ଛପ ଗତିରେ ଚାଲିଛି । ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଜିଲା ପ୍ରଶାସନ ନିର୍ମାଣ ସଂସ୍ଥାକୁ ଚାପ ପ୍ରୟୋଗ କରି ଶୀଘ୍ର କାର୍ଯ୍ୟ ଶେଷ କରୁ । ନଟବରଲାଲ ଅଗ୍ରୱାଲ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଜୟପ୍ରକାଶ ଅଗ୍ରୱାଲ, ଅରବିନ୍ଦ କୁମାର ମିଶ୍ର, ଅଶୋକ ଜୁନେଜା, ରୋହିତ କୁମାର ସୋନି, ଲଳିତ ପଟେଲ, ଘନଶ୍ୟାମ ଦାସ ଅଗ୍ରୱାଲ ପ୍ରମୁଖ ମଙ୍ଗଳବାର ଏହି ଦାବି ନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ତାଙ୍କ ଆବାସିକ ଅଫିସରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଏଫ୍‌ସି ସିଟି ବିଜୟୀ

**ସମ୍ବଲପୁର, ୧୫।୧ (ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ସମ୍ବଲପୁର ଏଫସି ସିଟି ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସମ୍ବଲପୁର ଏଫସିସିଟି ବନାମ ବ୍ଲୁ ଡାଇମଣ୍ଡ ମ୍ୟାଚ ଚିତ୍ତାକର୍ଷକ ହୋଇଥିଲା । ଶେଷରେ ଏଫସି ସିଟି ୩-୧ ଗୋଲରେ ବିଜୟୀ ହୋଇଥିଲା । ଏଫସି ସିଟିର ସୁମନ, ବଳରାମ, ସଞ୍ଜୟ ଗୋଟିଏ ଲେଖାଏଁ ଗୋଲସ୍କୋର କରିଥିଲେ । ସେହିପରି ବ୍ଲୁ ଡାଇମଣ୍ଡର ଛୋଟୁ ଗୋଟିଏ ଗୋଲସ୍କୋର କରିବାରେ ସଫଳ ହୋଇଥିଲେ । କର୍ଣ୍ଣ ବେହେରା, ପଦ୍ମନାଭ ନାୟକ, ରାଜାରାମ ଓରାମ, ମହମ୍ମଦ ଫୈଜଲ୍ ମ୍ୟାଚ ପରିଚାଳନା କରିଥିଲେ । ମେହେର ଆସୋସିଏସନ୍ ସଭାପତି ବିରଜାଶଙ୍କର ହୋତା, ମହିଳା ଫୁଟବଲ କୋଚ ବଳରାମ ମଟାରୀ ଓ ଜିଲା କ୍ରୀଡା ସଂଘ କାଉନସିଲ୍ ସଭ୍ୟ ସୟଦ ଜିନ୍ଦା ଅତିଥି ଭାବେ ଯୋଗ ଦେଇଥିଲେ । ଫୁଟବଲ ସମ୍ପାଦକ ଅବଦୁଲ ଗଫାର୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ମଙ୍ଗଳବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## ୧୩୯ ପ୍ରକଳ୍ପ ପାଇଁ ୩ କୋଟି ୪୦ ଲକ୍ଷ ମଞ୍ଜୁର

**ଦେବଗଡ଼,୧୫।୧(ସ୍ୱ.ପ୍ର.)**



ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକର ୨୦ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩୯ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ ୩ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ତିଲେଇବଣି ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଏ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସି ଜରିଆରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସହିତ କଥା ହୋଇ ସେମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ କରିଥିଲେ। ୩ମାସ ମଧ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ପରିଷଦ ସଭାପତି ସୁଧାମୟୀ ପଟେଲ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ତିଲେଇବଣି ବିଡିଓ ଓ ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସୁଭାସିନୀ ଦେହୁରୀ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର





ସମ୍ବଲପୁର ଗୋବିନ୍ଦତୋଲା ନିକଟସ୍ଥ ପଡିଆରେ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆଧାତ୍ମିକ କାର୍ଯ୍ୟକ୍ରମରେ ସ୍ୱାମୀ ମୁକାନ୍ଦାନନ୍ଦ ଜୀ ପ୍ରବଚନ ଦେଉଛନ୍ତି (ବାମ)। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାରଭାଟି ବନାମ ରେଢ଼ାଖୋଲ ମଧ୍ୟରେ ହୋଇଥିବା ମ୍ୟାଚରେ ବାବୁଲାଲ ସାହୁଙ୍କୁ ଅତିଥିମାନେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରୁଛନ୍ତି ।

## ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରେସ୍‌ମିଟ

**ଦେବଗଡ଼,୧୫।୧(ସ୍ୱ.ପ୍ର.)**

ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତନିବାସ ଡାକବଙ୍ଗଳାରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ପ୍ରେସମିଟ୍ ଅନୁଷ୍ଠିତ ହୋଇଛି। ଓଡ଼ିଶାର ଛାତ୍ର ସମାଜ ତଥା ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ୨ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ଅଭିଯୋଗରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ଦସ୍ତଖତ ଅଭିଯାନ ଚାଲିଛି। କେନ୍ଦ୍ର ସରକାରଙ୍କ ଏହି ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ଏକ ପ୍ରସ୍ତୁତି ବୈଠକ ଓ ପ୍ରେସମିଟ କରି ସୂଚନା ଦେଇଛି ବୁଧବାରଠାରୁ ସମସ୍ତ ମହାବିଦ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ଏବଂ ଦେବଗଡ଼ ପୌରାଞ୍ଚଳରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ ବୋଲି ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ପାଲଟାସିଂ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ଭୁପେନ୍ଦ୍ର ପ୍ରସାଦ ନାୟକ, ଆଲୋକ ଅମାନ୍ତ, ରାକେଶ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି।



ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବା।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଖୁସି ମନାଇଲେ ପ୍ରମୋଦଙ୍କ ବିରୋଧୀ

**ସମ୍ବଲପୁର, ୧୫।୧ (ବ୍ୟୁରୋ)** ସମ୍ବଲପୁର ଜିଲା ବିଜେଡି ସଭାପତି ପ୍ରମୋଦ ରଥଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅବ୍ୟାହତି ଦେଇଛନ୍ତି । ତାଙ୍କୁ ସେ କୌଣସି ପଦରେ ନିଯୁକ୍ତ କରିନାହାନ୍ତି । ଅନ୍ୟପଟେ ଜିଲା ସଭାପତି ଦାୟିତ୍ୱରେ ମଧ୍ୟ କାହାକୁ ନିୟୋଜିତ କରିନାହାନ୍ତି । ଏହାକୁ ନେଇ ଏବେ ସମ୍ବଲପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡି ଗୋଷ୍ଠୀ କନ୍ଦଳ କିମ୍ବା ବିଭିନ୍ନ ସମୟରେ ଗଣମାଧ୍ୟମରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ବିରୋଧରେ ପ୍ରମୋଦ ବୟାନ ଦେଇଥିଲେ । କୌଣସି ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ନିମନ୍ତ୍ରଣ କରାଯାଉ ନ ଥିବାରୁ ସେ ଦଳର ସଭାପତି, ପର୍ଯ୍ୟବେକ୍ଷକ ପ୍ରତାପ ଦେବଙ୍କୁ ଅଭିଯୋଗ କରିଥିଲେ । ବିଧାୟିକା ପାଣିଗ୍ରାହୀ ଓ ଜିଲା ସଭାପତି ରଥଙ୍କ ଗୋଷ୍ଠୀ ବିବାଦ ଦୀର୍ଘ ଦିନ ହେବ ଆଲୋଚନା ହେଉଥିଲା । ବିଭିନ୍ନ ସଭାସମିତି କରି ଉଭୟେ ନିଜର ପ୍ରଭାବ ଜାହିର କରୁଥିଲେ । ବିଧାୟିକାଙ୍କ ଗୋଷ୍ଠୀ ଜିଲା ସଭାପତି ରଥଙ୍କୁ ଖୁଲମ୍‌ଖୁଲା ବିରୋଧ କରୁଥିଲେ । ସଭା ସମିତିରେ ବିଧାୟିକାଙ୍କ ସମର୍ଥକ ରଥଙ୍କ ବିପକ୍ଷରେ ନାରାବାଜି କରୁଥିଲେ । ତେବେ ଜିଲା ସଭାପତି ପଦରୁ ରଥ ବିଦା ହେବା ପରେ ତାଙ୍କ ବିପକ୍ଷ ଗୋଷ୍ଠୀ ଖୁସି ମନାଇଛନ୍ତି । ସେମାନେ ଜିଲା ସ୍କୁଲ ଛକରେ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି । ଏ ସମ୍ପର୍କରେ ସମ୍ବଲପୁର ବିଧାୟିକା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି । ପରବର୍ତ୍ତି ପଦକ୍ଷେପ ମଧ୍ୟ ଦଳର ସଭାପତି ହିଁ ନେବେ । ପ୍ରମୋଦଙ୍କ ବିରୋଧୀ ଗୋଷ୍ଠୀ ଖୁସି ମନାଇବା ସମ୍ପର୍କରେ କହିଥିଲେ ଯେ, ଯଦି କେହି ଖୁସି ମନାଉଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର । ଏଥିରେ ଦଳର କୌଣସି ସମ୍ପୃକ୍ତି ନାହିଁ ।

### ୨୧ରେ ପିଠାପଣା ବାଦୀ

ସମ୍ବଲପୁର, ୧୫।୧ (ବ୍ୟୁରୋ) ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଚଳିତ ମାସ ୨୧ ତାରିଖ ପୁଷପୁନୀ ଭେଟ ଉପଲକ୍ଷେ ପିଠାପଣା ବାଦୀ (ପ୍ରତିଯୋଗିତା) ହେବ । କୃଷି ଭିତ୍ତିକ ପର୍ବ ପୁଷପୁନୀ ପଶ୍ଚିମ ଓଡିଶାବାସୀ ଧୁମ୍‌ଧାମରେ ପାଳନ କରିଥାନ୍ତି । ସଂପ୍ରତି ଏହି ପର୍ବ ଓ ପିଠାପଣା କମିବାରେ ଲାଗିଛି । ତେଣୁ ପଶ୍ଚିମ ଓଡିଶାର ପିଠାପଣାକୁ ବଞ୍ଚାଇବା ନେଇ ପ୍ରତିଯୋଗିତା ପରିକଳ୍ପନା କରାଯାଇଛି । ପ୍ରତିଯୋଗିତାରେ କୃତୀମାନଙ୍କୁ ଆୟୋଜକ କମିଟି ପକ୍ଷରୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ସରୋଜ ଦାଶ ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

# ବୃଥା ଯିବନି ୪ ମାସର ଜନ ଆନ୍ଦୋଳନ





ସମ୍ବଲପୁର ଜିଲା ଓକିଲ ସଂଘ ବୈଠକରେ ଉପସ୍ଥିତ ଆଇନଜୀବୀମାନେ (ବାମ) । ସଂଘର କର୍ମକର୍ତ୍ତା ବୈଠକରେ ସୂଚନା ଦେଉଛନ୍ତି ।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**
- ବସିଲା ସାଧାରଣ ପରିଷଦ ବୈଠକ
- ଯାହା ହେଲେ ଡରିବୁ ନାହିଁ: ଓକିଲ ସଂଘ
- ପରିଣାମ ପାଇଁ ସରକାର ଦାୟୀ ରହିବେ

**ସମ୍ବଲପୁର, ୧୫।୧ (ବ୍ୟୁରୋ)** ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ଦାବି ନେଇ ଚାଲିଥିବା ଜନ ଆନ୍ଦୋଳନର ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଜିଲା ପ୍ରଶାସନ ପକ୍ଷରୁ ଜୋର ଜବରଦସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି । ଏହାକୁ ନେଇ ମଙ୍ଗଳବାର କଚେରି ଛକ ଓ ଆଖପାଖ ଅଞ୍ଚଳରେ ଲୋକଙ୍କ ଭିଡି ଦେଖିବାକୁ ମିଳିଥିଲା । ଅନ୍ୟପଟେ ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ୪ ମାସର ଜନ ଆନ୍ଦୋଳନ ବୃଥା ଯିବ ନାହିଁ । ଜନ ଆନ୍ଦୋଳନ ଓକିଲଙ୍କ ମନୋବଳ ବଢାଇଛି । ଏବେ ଏହି ଆନ୍ଦୋଳନ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି । ହେଲେ କୌଣସି ସରକାର ଆନ୍ତରିକତା ସହ ଏହାର ସମାଧାନ ଚାହୁଁ ନାହାନ୍ତି । ଓଲଟା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ବାସ୍ତବରେ ଜନ ସାଧାରଣଙ୍କ ବହୁତ ସମସ୍ୟା ହେଉଛି । ଓକିଲ ସଂଘ ମଧ୍ୟ ଏହାକୁ ହୃଦ୍‌ବୋଧ କରି ପାରୁଛି । ହେଲେ ପଶ୍ଚିମ ଓଡିଶାର ହକ ପାଇଁ ଲଢେଇ ଚାଲିଛି । ଓକିଲ ସଂଘ ଶାନ୍ତି ପୂର୍ଣ୍ଣଭାବେ ଆନ୍ଦୋଳନ କରି ଆସୁଛନ୍ତି । ହେଲେ ଭଣ୍ଡୁର କରିବା ଚକ୍ରାନ୍ତକୁ ଓକିଲ ସଂଘ ଜବାବ ଦେବ । ସରକାର ବାଧା ଦେଲେ ପରିଣାମ ଭୋଗିବେ । ଯାହା ହେବ ସେଥିପାଇଁ ପ୍ରଶସନ ଦାୟୀ ରହିବ ବୋଲି ଓକିଲ ସଂଘ ସଭାପତି ପ୍ରଧାନ କହିଛନ୍ତି । ସୂଚନା ଯୋଗ୍ୟ ଯେ ସେପ୍ଟେମ୍ବର ୫ ତାରିଖ ଠାରୁ ଏହି ଆନ୍ଦୋଳନ ହୋଇ ଆସୁଛି । ବିଭିନ୍ନ ଉପାୟରେ ଓକିଲ ସଂଘ ଆନ୍ଦୋଳନ କରୁଛନ୍ତି । ୨ ଦିନ ମହାବନ୍ଦ, ୩ ଦିନ ଆର୍ଥିକ ଅବରୋଧକୁ ଜନସମର୍ଥନ ମିଳିଛି । ବିଭିନ୍ନ ସଂଗଠନ ସମର୍ଥନ ଜଣାଉଛନ୍ତି । ଅନ୍ୟପଯେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଚିଠି ଦିଆ ରାଜନୀତି କରୁଛନ୍ତି । ମଙ୍ଗଳବାର ଆନ୍ଦୋଳନ ୧୩୩ ଦିନରେ ପହଞ୍ଚିଛି । ୨୪ ଘଣ୍ଟିଆ ରିଲେ ଅନଶନକୁ ୫୮ ଦିନ ପୂରିଛି । ରିଲେ ଅନସନରେ ସୁଧାଂଶୁ ଶେଖର ପଣ୍ଡା, ଲକ୍ଷ୍ମଣ କୁମାର ପାଣିଗ୍ରାହୀ, ଅନ୍ତର୍ଯ୍ୟାମି ପାଣିଗ୍ରାହୀ, ଦେବାଶିଷ ମିଶ୍ର, ସୁବାସଚନ୍ଦ୍ର ପଟେଲ, ଅଶ୍ୱିନୀ କୁମାର ଦେବତା ବସିଥିଲେ ।



ସମ୍ବଲପୁର କଚେରି ଛକରେ ଚାଲିଥିବା ରିଲେ ଆମରଣ ଅନଶନରେ ଆନ୍ଦୋନକାରୀ ।

## ସରକାରୀ ଯୋଜନା ସମ୍ପର୍କରେ ସଚେତନ କଲେ ବିଧାୟକ

**ରେଢ଼ାଖୋଲ, ୧୫।୧ (ଡି.ଏନ.ଏ.)** ରେଢ଼ାଖୋଲ ଏନଏସିରେ ଆମ ସହର ଆମ ଉନ୍ନତି କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନଏସିର ୧୩ଟି ୱାର୍ଡକୁ ୩ ଭାଗରେ ବିଭକ୍ତ କରାଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ଭୀମ ଭୋଇ ପାଠାଗାରର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମକୁ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ମମତା ଯୋଜନାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସବୁ ଯୋଜନା ସମ୍ପର୍କରେ ବିଧାୟକ ସଚେତନ କରିଥିଲେ । ପ୍ରତି ଯୋଜନାରେ ଲୋକେ ଲାଭ ଉଠାଇବାକୁ ସେ ପରାମର୍ଶ ମଧ୍ୟ ଦେଇଛନ୍ତି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ବିଶିକେସନ ଦେହୁରୀ, ଡ୍ରୁଡା ପ୍ରକଳ୍ପ ନିର୍ଦ୍ଦେଶକ ବିକାଶଚନ୍ଦ୍ର ବେହେରା, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏସ୍‌ଡିଏମଓ ଡ. ବିପିନ ବିହାରୀ ସାହୁ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ । ଏନଏସି ଅଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଜନସାଧାରଣ ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶିତ ହେବା ସହିତ କଳାକାରମାନେ ବିଭିନ୍ନ ସରକାରୀ ଯୋଜନା ସଂପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଏନସି ଅଞ୍ଚଳର ୩୫ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ସେହିଭଳି ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଜିପିଇଓ ପଞ୍ଚାନନ ବେହେରା ଯୋଗ ଦେଇ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ ।



ବିଧାୟକ ଜଣେ ହିତାଧିକାରୀଙ୍କୁ ସହାୟତା ଦେଉଛନ୍ତି ।

## ହକି ଟୁର୍ଣ୍ଣାମେଣ୍ଟରେ ଚାନ୍ଦପଶି ଚାମ୍ପିୟନ

**ରିଆମାଳ, ୧୫।୧ (ଡି.ଏନ୍.ଏ.)** ଦେବଗଡ଼ ଜିଲା ରିଆମାଳ ଛକ ଅନ୍ତର୍ଗତ ମଳେହିପଡା ପଞ୍ଚାୟତ ଖେଳ ପଡିଆଠାରେ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ୫ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଚାନ୍ଦପଶି ଓ ତୁଳସିତଇଳା ମଧ୍ୟରେ ହୋଇଥିଲା । ପେଲାଣ୍ଟିକ୍‌ରେ ୧-୦ ଗୋଲ ଦେଇ ଚାନ୍ଦପଶି ଦଳ ଚାମ୍ପିୟନ ହୋଇଥିଲା । ମୁଖ୍ୟ ଅତିଥିଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ, ସମ୍ମାନୀତ ଅତିଥି ଭାବେ ମଳେହିପଡା ସରପଞ୍ଚ ହାବିଲ କୁମାର ସାହୁ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ମନୋଜ ହାଁସଦା, ସମ୍ପାଦକ ସାନିକା ସ୍ପୁର୍ତ୍ତିଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟର ସମସ୍ତ ସଦସ୍ୟଙ୍କ ସହଯୋଗ ସହିତ ସମାପ୍ତ ହେଇଛି ।

## ହୀରାକୁଦ ଆଇଟିଆଇରେ ଜୋନାଲ୍ ଆଇଟିଆଇ ଫେଷ୍ଟ

**ହୀରାକୁଦ, ୧୫।୧ (ଡି.ଏନ.ଏ.)** ହୀରାକୁଦ ଶିଳ୍ପ ପ୍ରତିଷ୍ଠାନ (ଆଇଟିଆଇ)ରେ ମଙ୍ଗଳବାର ଜୋନାଲସ୍ତରୀୟ ଆଇଟିଆଇ ଫେଷ୍ଟ ଉଦ୍‌ଘାଟନ ହୋଇଛି । ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଡିଷ୍ଟ୍ରିକ୍ଟ ଏମ୍‌ପାୱାରମେଣ୍ଟ ଅଫିସର ଗଣେଶ୍ୱର ନାୟକ ଯୋଗ ଦେଇଥିଲେ । ଏଥିରେ ୯ଟି ଆଇଟିଆଇ ଯୋଗ ଦେଇଥିଲା । ଏହି ଉତ୍ସବ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧ୍ୟକ୍ଷ ଧନଞ୍ଜୟ ଖୁରା ପ୍ରକାଶ କରିଛନ୍ତି ।




ହୀରାକୁଦ ଶିଳ୍ପ ପ୍ରତିଷ୍ଠାନ (ଆଇଟିଆଇ)ରେ ମଙ୍ଗଳବାର ଜୋନାଲସ୍ତରୀୟ ଆଇଟିଆଇ ଫେଷ୍ଟରେ ଅତିଥିମାନେ ।

# ଚାଷୀଙ୍କ ପ୍ରତି ରାଜ୍ୟ, କେନ୍ଦ୍ରର ଦରଦ ନାହିଁ

**ପଶ୍ଚିମ ଓଡିଶା ଚାଷୀ ସଂଗଠନ ବୈଠକ**
- ଚାଷୀଙ୍କୁ ନେଇ ରାଜନୀତି ଚଳିବ ନାହିଁ
- ଫେବୃୟାରୀ ୭ରେ ସଚେତନତା ବୈଠକ
- ସରକାରଙ୍କୁ ଜବାବ ଦେବେ ଚାଷୀ

**ସମ୍ବଲପୁର, ୧୫।୧ (ବ୍ୟୁରୋ)** ଚାଷୀ କାର୍ଡ ଖେଳି ଅନ୍ୟ ରାଜ୍ୟରେ ନିର୍ବାଚନ ପାର ହୋଇଛନ୍ତି ରାଜନୀତି ଦଳ । ଏଣୁ ଓଡିଶାରେ ମଧ୍ୟ ସବୁ ରାଜନୈତିକ ଦଳ ଚାଷୀଙ୍କୁ ନେଇ ରାଜନୀତି କରୁଛନ୍ତି । ଚାଷୀଙ୍କୁ ପ୍ରଲୋଭନ ଦେଖାଇବା ପାଇଁ ରାଜ୍ୟ ସରକାର ଏଠି କାଳିଆ ଯୋଜନା ଘୋଷଣା କରିଛନ୍ତି । ଅନ୍ୟପକ୍ଷେ କେନ୍ଦ୍ର ସରକାର ଏମ୍‌ଏସ୍‌ପି ମୂଲ୍ୟ ବୃଦ୍ଧି କରୁନାହାନ୍ତି । ତେଣୁ ଠିକଣା ସମୟରେ ଚାଷୀମାନେ ଉଭୟ ସରକାରକୁ ଜବାବ ଦେବେ । ପଶ୍ଚିମ ଓଡିଶା କୃଷକ ସଂଗଠନ ବୈଠକରେ ଚାଷୀମାନେ ଏହି ମତବ୍ୟକ୍ତ କରିଛନ୍ତି ।

କୃଷକ ସଂଗଠନ ଆବାହକ ଆଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶାସନ ମାର୍କେଟ ୟାଡରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପଶ୍ଚିମ ଓଡିଶାର ୧୦ଟି ଜିଲାର ଚାଷୀ ସଂଗଠନ ପ୍ରତିନିଧି ଏଥିରେ ଉପସ୍ଥିତ ଥିଲେ । ଏବେ ଚାଷୀକୁ ନେଇ ରାଜ୍ୟରେ ଯେଉଁଭଳି ରାଜନୀତି କରାଯାଉଛି ତାହାକୁ ଏଥିରେ ବିରୋଧ କରାଯାଇଛି । ଫେବୃୟାରୀ ୭ ତାରିଖ ପ୍ରତ୍ୟେକ ଜିଲାରେ ଚାଷୀମାନଙ୍କୁ ନେଇ ବୈଠକ କରାଯିବ । ଉଭୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ଦରଦ ନାହିଁ । କେନ୍ଦ୍ର ଓ ରାଜ୍ୟ କେବଳ ଚାଷୀଙ୍କୁ ନେଇ ନାଟକ କରୁଛନ୍ତି । ଏହି ବାର୍ତ୍ତାକୁ ଚାଷୀମାନଙ୍କ ପାଖରେ ସଂଗଠନ ପହଞ୍ଚାଇ ସଚେତନତା କରିବ ବୋଲି ମତ ପ୍ରକାଶ ପାଇଥିଲା । ଆଜି ପର୍ଯ୍ୟନ୍ତ ସ୍ୱାମୀ ନାଥନ କମିସନଙ୍କ ରିପୋର୍ଟକୁ ଆଧାର କରି କେନ୍ଦ୍ର ସରକାର ଦର ବୃଦ୍ଧି କରୁନାହାନ୍ତି । ମିଛରେ ୨ ଶହ ଟଙ୍କା ବୃଦ୍ଧି କରି ବାହାବା ନେଉଛନ୍ତି । ଅନ୍ୟପଟେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଟଙ୍କାଟିଏ ମଧ୍ୟ ବୋନସ ଦେଇ ନାହାନ୍ତି । ଓଲଟା ଚାଷୀମାନଙ୍କୁ ପରିହାସ କରି ଦିଲୀ ଯାଇ ଆନ୍ଦୋଳନ କରୁଛନ୍ତି । କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ କେନ୍ଦ୍ର ଉଦ୍ଦେଶ୍ୟରେ ଦାବି କରିଛନ୍ତି । ହେଲେ କେଉଁ ଆଧାରରେ ରାଜ୍ୟ ସରକାର ଦର ନିର୍ଦ୍ଧାରଣ କରିଛନ୍ତି ବୋଲି ଏହି ବୈଠକରେ ଚାଷୀନେତାମାନେ ପଶ୍ନ କରିଛନ୍ତି । ଦଳୀୟ ନେତା ଓ କର୍ମୀଙ୍କୁ ନେଇ ସରକାର ଆନ୍ଦୋଳନ କରି ଚାଷୀଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରୁଛନ୍ତି । କାଳିଆ ଯୋଜନା କରି ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି । ଏବେ ଚାଷୀଙ୍କୁ ସଚେତନ ହେବାକୁ ପଡିବ । ଯଦି ଚାଷୀଙ୍କ ପ୍ରତି ଆନ୍ତରିକତା ଅଛି ତାହା ହେଲେ ସ୍ୱାମିନାଥନ କମିସନକୁ ନେଇ ଏମ୍‌ସପି ମୂଲ୍ୟ ବୃଦ୍ଧି ଓ ଋଣ ମୁକ୍ତ କରିବା ପାଇଁ ଏଥିରେ ଦାବି କରାଯାଇଛି । ନିରଞ୍ଜନ ବିଦ୍ରୋହୀ, ରାଜେନ୍ଦ୍ର ନାଏକ, କିଶୋର ଦେବତା, ପସନ୍ନ ପଟେଲ, ଦିଲୀପ ବଢେଇ, ପ୍ରଦୀପ ସ୍ୱାଇଁ, ପ୍ରମୋଦ ଝାଙ୍କର, ଶିବ ପ୍ରସାଦ ପ୍ରଧାନ, କୁଶଧ୍ୱଜ ଚୌଧୁରୀ, ଗୋଲକ ବିହାରୀ ପରିଡା, ଏମ ଗୋବିନ୍ଦୁ, ଉମେଶ ମିଶ୍ର, ମୁରରୀ ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ, ରମେଶ ମହାପାତ୍ର, ପ୍ରକାଶ ପ୍ରଧାନ, ହରିଶଙ୍କର ପୁରୋହିତ, ସରୋଜ ମହାନ୍ତି, ବୈମକେଶ ଠାକୁର, ବିଜୁ ପଟ୍ଟନାୟକ, ଅଶ୍ୱିନୀ ହେତା, ପ୍ରଦୀପ ପାତ୍ର ପ୍ରମୁଖ ଶତାଧିକ ଚାଷୀ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଉଦ୍ଦେଶ୍ୟ ବିଫଳ, ପ୍ରହସନ ପାଲଟିଛି ପିଠା

**ସମ୍ବଲପୁର, ୧୫।୧ (ବ୍ୟୁରୋ)** ରାଜ୍ୟ ସରକାରଙ୍କ ଯୋଜନାର ପ୍ରଚାର ପ୍ରସାର କରିବା ଓ ସଚେତନତା କରାଇବା ପାଇଁ ପିଠା ଯୋଜନାରେ ବିଭିନ୍ନ ଜାଗାରେ କାର୍ଯ୍ୟକ୍ରମ ଚାଲିଛି । ପ୍ରତ୍ୟକ ପଞ୍ଚାୟତ ଓ ମହାନଗର ନିଗମର ୱାର୍ଡରେ ଏହି କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ରହିଛି । କାର୍ଯ୍ୟକ୍ରମରେ ଅଧିକ ଲୋକଙ୍କୁ ସାମିଲ କରିବାକୁ କଡା ତାଗିଦ କରା ଯାଇଛି । ଏଥିପାଇଁ ଜିଲାପାଳଙ୍କ ସମେତ ଜିଲାର ଉଚ୍ଚ ପଦାଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଲାଗି ପଡିଛନ୍ତି । ହେଲେ ଏହି କାର୍ଯ୍ୟକ୍ରମ ଏକ ଫାର୍ସ ପାଲଟିଛି । ମହିଳାମାନଙ୍କୁ ପିଠା ଆଣିବାକୁ କୁହାଯାଉଛି । ହେଲେ ସେମାନେ ଆସି ହଟହଟା ହେଉଛନ୍ତ । ନାଚଗୀତ କରି ଉତ୍ସବ ପାଳନ କରାଯାଉଛି । ହେଲେ ଅସଲ ଉଦ୍ଦେଶ୍ୟ ସାଧିତ ହେଉନି ।

ମଙ୍ଗଳବାର ମହାନଗର ନିଗମ ପକ୍ଷରୁ ପିଏଚଡି ପଡିଆରେ ଏହି ପିଠା କାର୍ଯ୍ୟକ୍ରମ କରାଯାଇଥିଲା । ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରି ବିରକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଲୋକ ସଂଖ୍ୟା କମ୍ ରହିଥିଲା । ଚଉକିଗୁଡିକ ଖାଲି ପଡିଥିଲା ଏହାକୁ ନେଇ ଜିଲାପାଳ ବର୍ମା କ୍ଷୋଭ ପ୍ରକାଶ କରିଥିଲେ । ହେଲେ ଏହି ଘଟଣା ସମ୍ପର୍କରେ ମହାନଗର ନିଗମ ଡେପୁଟି କମିସନର ସୁଧାଂଶୁ ଭୋଇ କହିଛନ୍ତି ଯେ, ପିଏଚଡି ପଡିଆରେ ଲୋକ ସଂଖ୍ୟା କମ୍ ରହିଥିଲା । ତେଣୁ ଜିଲାପାଳ ଠିକ ଭାବେ ପ୍ରଚାର ପ୍ରସାର କରିବାକୁ କହିଥିଲେ । ହେଲେ ପିଠାକୁ ନେଇ ଅନେକ ଅଭିଯୋଗ ହେଉଛି । ସରକାରୀ ଯୋଜନାକୁ ଦଳୀୟ କାର୍ଯ୍ୟକ୍ରମ କରି ବିଜେଡି ପ୍ରଚାର କରୁଛି । ସମ୍ବଲପୁର ସହରରେ ବିକାଶ ହୋଇ ନାହିଁ । ଲୋକମାନଙ୍କ ପାଖରେ ମୌଳିକ ସୁବିଧା ପହଞ୍ଚିନାହିଁ । ସରକାର ଜନସାଧାରଣଙ୍କୁ ପ୍ରଲୋଭନ ଦେଖାଇ ନିଜ ଆଡକୁ ଆକୃଷ୍ଟ କରୁଛନ୍ତି ।



ମହିଳାମାନେ ପିଠା ପ୍ରଦର୍ଶନ କରୁଛନ୍ତି ।



“ ପାକିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ଏଥିରେ ଆମ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା ।

–ଓଟିସ୍ ଗିବ୍ସନ, ଦକ୍ଷିଣ ଆଫ୍ରିକା କ୍ରିକେଟ କୋଚ୍



“ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଉଚ୍ଚକୋଟୀର ଖେଳାଳିଙ୍କ ବିପକ୍ଷରେ ଖେଳିବା ଅଷ୍ଟ୍ରେଲିଆ ଯୁବ ଖେଳାଳିଙ୍କ ଲାଗି ପରୋକ୍ଷରେ ଆଶୀର୍ବାଦ ଭଳି ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

## ସଂକ୍ଷେପରେ

### ଛକା ମାରିବାରେ ଗେଲ୍‌ଙ୍କୁ ଟପିଲେ ରୋହିତ୍

**ଆଡିଲେଡ୍, ୧୫।୧:** ଭାରତୀୟ ଷ୍ଟାଇଲିଶ୍ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଦିନିକିଆ ଅବସରରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚ୍‌ରେ ରୋହିତ୍ ୫୨ ବଲରୁ ୪୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଉକ୍ତ ଇନିଂସ ମଧ୍ୟରେ ସେ ୨ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଏଥିସହ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ୍‌ଙ୍କ ଛକା ସଂଖ୍ୟା ୮୯ରେ ପହଞ୍ଚିଛି। ଏହିକ୍ରମରେ କୌଣସି ଗୋଟିଏ ଦେଶ ବିପକ୍ଷରେ ସର୍ବାଧିକ ଛକା ମାରିବାରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଓପନର୍ କ୍ରିସ ଗେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି ରୋହିତ୍। ଗେଲ୍ ଇଂଲଣ୍ଡ ବିପକ୍ଷରେ ଏକାକୀ ୮୮ ଛକା ମାରି ପୂର୍ବରୁ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ୫୦ ଓଭର ବିଶିଷ୍ଟ କ୍ରିକେଟରେ ରୋହିତ୍ ମୋଟ୍ ୨୧୦ ଛକା ମାରିଛନ୍ତି। ସର୍ବାଧିକ ଛକା ମାରିବା ତାଲିକାରେ ସେ ୫ମ ସ୍ଥାନରେ ରହିଛନ୍ତି। ଭେଟେରାନ ପାକିସ୍ତାନ ବ୍ୟାଟ୍ସମ୍ୟାନ ଶହିଦ୍ ଆଫ୍ରିଦୀ (୩୫୧ ଛକା) ଏହି ତାଲିକାର ଶୀର୍ଷରେ ରହିଥିବାବେଳେ କ୍ରିସ ଗେଲ୍ (୨୭୫), ସନଥ୍ ଜୟସୁରିୟା (୨୭୦) ଓ ମହେନ୍ଦ୍ର ସିଂ ଧୋନୀ (୨୧୯) ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ରୋହିତ ଓ ଶିଖର ଧାୱାନ ଯୋଡ଼ି ଏକଦିବସୀୟ କ୍ରିକେଟରେ ୪୦୦୦ ରନ ପାର୍ଟନରଶିପ୍ କରିଛନ୍ତି। ବିଶ୍ୱର ୪ର୍ଥ ଓପନିଂ ଯୋଡ଼ିଭାବେ ରୋହିତ୍-ଧାୱାନ ଏହି ସଫଳତା ପାଇଛନ୍ତି। ମୋଟ୍ ୯୦ ଇନିଂସରୁ ଉଭୟ ୪ ହଜାର ରନ୍ ସଂଗ୍ରହ କରିଛନ୍ତି।

### ପଦାର୍ପଣରେ ସିରାଜ ୨ୟ ଭାରତୀୟ ମହଙ୍ଗା ବୋଲର



**ଆଡିଲେଡ୍, ୧୫।୧:** ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଦିନିକିଆରେ ପଦାର୍ପଣ କରିଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ପାଇଁ ଏହି ମ୍ୟାଚ୍ ନୈରାଶ୍ୟଜନକ ରହିଥିଲା। ମହମ୍ମଦ ଖଲିଲ୍‌ଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ସିରାଜ ନିଜ ୧୦ ଓଭର ସ୍ପେଲରେ ୭୬ ରନ ବ୍ୟୟ କରି ଉଇକେଟ୍‌ଶୂନ୍ୟ ରହିଥିଲେ। ଏଥିସହ ଏକଦିବସୀୟ କ୍ରିକେଟରେ ପଦାର୍ପଣରେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ସେ ୨ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ପ୍ରାକ୍ତନ ବାମହାତୀ ଦ୍ରୁତ ବୋଲର କର୍ସନ ଘାବ୍ରୀ ଶୀର୍ଷରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ୧୯୭୫ରେ ଐତିହାସିକ ଲର୍ଡ୍ସରେ ପଦାର୍ପଣ କରିଥିବା କର୍ସନ ୧୧ ଓଭରରେ ୮୩ ରନ ଦେଇ କୌଣସି ଉଇକେଟ୍ ପାଇ ନ ଥିଲେ। ୩ୟ ସ୍ଥାନରେ ଅମିତ୍ ଭଣ୍ଡାରୀ ରହିଛନ୍ତି। ଅମିତ୍ ପାକିସ୍ତାନ ବିପକ୍ଷରେ ପଦାର୍ପଣରେ ୧୦ ଓଭରରେ ୭୫ ରନ ଦେଇ ୨ଟି ଉଇକେଟ୍ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୨୪ ବର୍ଷୀୟ ସିରାଜ ପୂର୍ବରୁ ଭାରତ ପକ୍ଷରୁ ୩ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

### ଦକ୍ଷିଣ ଆଫ୍ରିକା ୨ୟ ସ୍ଥାନକୁ ଉଠିଲା

**ଦୁବାଇ, ୧୫।୧:** ଘରୋଇ ମାଟିରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିବା ପରେ ଦକ୍ଷିଣ ଆଫ୍ରିକା ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ପଛରେ ପକାଇ ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ପାକିସ୍ତାନ ବିପକ୍ଷ ସିରିଜକୁ ୩-୦ରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକାକୁ ୪ ପଏଣ୍ଟ ମିଳିଛି। ଫଳରେ ଦଳର ମୋଟ୍ ପଏଣ୍ଟ ସଂଖ୍ୟା ଏବେ ୧୧୦ରେ ପହଞ୍ଚିଛି। ଅପରପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ପାକିସ୍ତାନ(୮୮) ଗୋଟିଏ ପାହାଚ ତଳକୁ ଖସି ଶ୍ରୀଲଙ୍କା (୯୧) ପଛକୁ ୭ମ ସ୍ଥାନରେ ରହିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୧୧୬ ପଏଣ୍ଟ ସହ ପୂର୍ବବତ୍ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛି।

# କୋହଲି, ଧୋନୀ ଭାରତକୁ ଜିତାଇଲେ

ଆଡିଲେଡ,୧୫।୧(ପି.ଟି.)

ଶେଷରେ ପୂର୍ବତନ ଅଧିନାୟକ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଅଧିନାୟକ ବିରାଟ କୋହଲିଙ୍କ ଶତକୀୟ ପାଳି ପରେ ଧୋନୀ ଉପଯୋଗୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୪ଟି ବଲ ବାକିଥାଇ ୬ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନସ୍ତରରେ ପହଞ୍ଚିଛି। ୧୧୨ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ଓ ୨ଟି ଛକା ସହ ୧୦୪ ରନର ଶତକୀୟ ପାଳି ଖେଳି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କୋହଲି ଏଥି ସହିତ କ୍ୟାରିୟରର ୩୯ତମ ଦିନିକିଆ ଶତକ ହାସଲ କରିଛନ୍ତି। ଅନ୍ୟପଟେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଶନ୍ ମାର୍ଶଙ୍କ ୧୩୧ ରନ (୧୨୩ ବଲ, ୧୧ ଚୌକା, ୩ ଛକା)ର ଶତକୀୟ ପାଳି ବେକାର ସାବ୍ୟସ୍ତ ହୋଇଛି। ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ଅନ୍ତିମ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ମାର୍ଶଙ୍କ ଶତକ ବଳରେ ୯ ଉଇକେଟ ହରାଇ ୨୯୮ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୯.୨ ଓଭରରେ ୪ ଉଇକେଟ ହରାଇ ୨୯୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

୨୯୯ ରନ ଚାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ଭଲ ଆରମ୍ଭ କରିଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ୨୮ ବଲରୁ ୫ ଚୌକା ସହ ୩୨ ରନ କରି ଜାସେନ ବେହେରେନଡୋର୍ଫଙ୍କ ବଲ୍‌ରେ ଉସ୍‌ମାନ ଖ୍ୱାଜାଙ୍କୁ ମିଡଉଇକେଟରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରୋହିତ ଶର୍ମା ୪୩ ରନ କରିଥିବା ବେଳେ ମାର୍କସ ଷ୍ଟୋଇନିସ୍‌ଙ୍କ ବଲକୁ ପୁଲ କରିବାକୁ ଯାଇ ଡିପ୍ ଫରୱାର୍ଡ ସ୍କୋୟାରରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଉଇକେଟରେ ରୋହିତ ଓ ଧାୱନ ୪୭ ରନ କରିଥିଲେ। ଧାୱନ ଆଉଟ ହେବା ପରେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ଅଧିନାୟକ ଇନିଂସ ଖେଳିଥିଲେ। ଚେଜ୍ ମାଷ୍ଟର କୋହଲି କିନ୍ତୁ ମ୍ୟାଚ୍ ଫିନିସ କରିପାରି ନ ଥିଲେ। କୋହଲି ଓ ରୋହିତ ଦ୍ୱିତୀୟ ଉଇକେଟ ଯୋଡିରେ ୫୪ ରନ ସଂଗ୍ରହ କରିଥିଲେ। ସେହିପରି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଓ କୋହଲିଙ୍କ ମଧ୍ୟରେ ତୃତୀୟ ଉଇକେଟ ଯୋଡିରେ ୫୯ ରନ ସଂଗ୍ରହ ହୋଇଥିଲା। ରାୟୁଡୁ ୨୪ ରନ କରି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବଲ୍‌ରେ ଷ୍ଟୋଇନିସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଜାୟ ରିଚାର୍ଡସନଙ୍କ ଲେଗ୍ ଷ୍ଟମ୍ପ ଉପର ବଲକୁ ଫ୍ଲିକ୍ କରିବାକୁ ଯାଇ କୋହଲି ବିଫଳ ହୋଇଥିଲେ ଓ ଡିପ୍ ମିଡଉଇକେଟରେ ମ୍ୟାକ୍ସୱେଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଧୋନୀ ଓ କୋହଲି ଚତୁର୍ଥ ଉଇକେଟ ଯୋଡିରେ ୮୨ ରନ କରିଥିଲେ। କୋହଲି ଆଉଟ ହେବା ପରେ ଦୀନେଶ କାର୍ତ୍ତିକ ଧୋନୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ଧୋନୀ ଓ କାର୍ତ୍ତିକ ଅପରାଜିତ ୫୭ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଧୋନୀ ୫୪ଟି ବଲ୍ ଖେଳି ୨ ଛକା ସହ ୫୫ ରନ ଓ କାର୍ତ୍ତିକ ୧୪ ବଲ ଖେଳି ୨ ଚୌକା ସହ ୨୫ ରନକରି ଅପରାଜିତ ରହିବା ସହ ଭାରତକୁ ବିଜୟୀ କରାଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବେହେରେନଡୋର୍ଫ, ରିଚାର୍ଡସନ, ଷ୍ଟୋଇନିସ ଓ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୬ ରନରେ ଦୁଇ ଓପନରଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ୬ ରନ କରିଥିବା ବେଳେ ଲାଇନ୍ ମିସ୍‌କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଆଲେକ୍ସ କ୍ୟାରି ୧୮ ରନ କରିଥିବା ବେଳେ ଧାୱନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଏହାପରେ ୨୧ ରନ କରିଥିବା ବେଳେ ଖ୍ୱାଜା ରବୀନ୍ଦ୍ର ଜାଡେଜାଙ୍କ ଡାଇରେକ୍ଟ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ପିଟର ହ୍ୟାଣ୍ଡସ୍କମ୍ବ ୨୦, ଷ୍ଟୋଇନିସ୍ ୨୯ ରନ କରି ଆଉଟ ହେବା ପରେ ମ୍ୟାକ୍ସୱେଲ ୩୭ ବଲରୁ ୪୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଶନ ମାର୍ଶ ୧୨୩ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ ଛକା ସହ ୧୩୧ ରନର ଶତକୀୟ ପାଳି ଖେଳି ଭୁବନେଶ୍ୱରଙ୍କ ବଲ୍‌ରେ ଜାଡେଜାଙ୍କୁ ଲଙ୍ଗ ଅଫ୍ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗୋଟିଏ ଓଭରରେ ଭୁବନେଶ୍ୱର ମ୍ୟାକ୍ସୱେଲ ଓ ମାର୍ଶଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଫଳରେ ଅଷ୍ଟ୍ରେଲିଆର ସ୍କୋର ୩୦୦ ପାର କରି ନ ଥିଲା। ଏହାପରେ ରିଚାର୍ଡସନ ୨, ପିଟର ସିଡଲ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ନାଥନ ଲିୟନ ୧୨ ଓ ବେହେରେନଡୋର୍ଫ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଭୁବନେଶ୍ୱର ସର୍ବାଧିକ ୪, ସାମି ୩ ଓ ଜାଡେଜା ଗୋଟିଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ସିଡ୍‌ନୀରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୩୪ ରନରେ ପରାସ୍ତ ହୋଇଥିଲା।



ମହେନ୍ଦ୍ର ସିଂ ଧୋନୀ



୩୯ତମ ଶତକ ହାସଲ ପରେ ବିରାଟ କୋହଲି

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୫୦ ଓଭରରେ ୨୯୮/୯, (ଶନ୍ ମାର୍ଶ- ୧୩୧, ମ୍ୟାକ୍ସୱେଲ- ୪୮, ଭୁବନେଶ୍ୱର- ୪/୪୫, ସାମି- ୩/୫୮)।

ଭାରତ ୪୯.୨ ଓଭରରେ ୨୯୯/୪ (କୋହଲି- ୧୦୪, ଧୋନୀ- ୫୫*, କାର୍ତ୍ତିକ- ୨୫*, ରୋହିତ୍- ୪୩, ଧାୱନ- ୩୨, ରାୟୁଡୁ- ୨୪, ବେହେରେନଡୋର୍ଫ- ୧/୫୨, ରିଚାର୍ଡସନ- ୧/୫୯, ଷ୍ଟୋଇନିସ୍- ୧/୪୬, ମ୍ୟାକ୍ସୱେଲ- ୧/୧୬)।

**କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍**

**୧-୧ ସ୍ତରରେ ସିରିଜ**

## ଭାରତର ନକ୍‌ଆଉଟ୍ ଆଶା ଧୂଳିସାତ୍

ଶାରଜା,୧୫।୧(ପି.ଟି.)

ଏଠାରେ ଚାଲିଥିବା ଏଏଫ୍‌ସି ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟରୁ ଭାରତ ବିଦାୟ ନେଇଛି। ସୋମବାର ଅନୁଷ୍ଠିତ ଭାରତ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ବାହାରିନଠାରୁ ୧–୦ ଗୋଲରେ ପରାସ୍ତ ହୋଇଛି। ଫଳରେ ଭାରତର ନକ୍‌ଆଉଟ ଆଶା ଧୂଳିସାତ୍ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଜବରଦସ୍ତ ଲଢେଇ କରିଥିଲେ ମଧ୍ୟ ଭାରତ ଅନ୍ତିମ ମୂହୁର୍ତ୍ତରେ ଗୋଲ ବରଣ କରିଥିଲା। ଇଞ୍ଜୁରି ଟାଇମ୍‌ରେ ତଥା ୯୧ ତମ ମିନିଟରେ ବାହାରିନ୍‌ର ଜମାଲ ରସିଦ ପେନାଲ୍ଟିକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତ ଗୋଲ ପରିଶୋଧ କରିବାରେ ବିଫଳ ହେବାରୁ ଶେଷରେ ପରାଜୟ ବରଣ କରିଥିଲା।

**ଏସିଆନ୍ କପ୍ ଫୁଟବଲ**

## କୋଚ୍ ପଦରୁ କନ୍‌ଷ୍ଟାଣ୍ଟିନଙ୍କ ଇସ୍ତଫା

**ଶାରଜା, ୧୫।୧(ପି.ଟି.):** ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚଳିତ ଏସିଆନ୍ କପ୍‌ରେ ଭାରତୀୟ ଦଳ ବାହାରିନ୍‌ଠାରୁ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବାର ଗୋଟିଏ ଦିନ ପରେ ମଙ୍ଗଳବାର କନ୍‌ଷ୍ଟାଣ୍ଟିନ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। 'ଏହି ମ୍ୟାଚ୍ ପରେ ମୁଁ ମୋ ପଦରୁ ଇସ୍ତଫା ଦେଇଛି। ମୁଁ ଏହି ପଦରେ ୪ ବର୍ଷ ରହିଲି। ଏଏଫ୍‌ସି ଏସିଆନ୍ କପ୍‌କୁ ଯୋଗ୍ୟତା ଅର୍ଜନ କରିବା ପ୍ରଥମ ଦିନରୁ ମୋର ଲକ୍ଷ୍ୟ ରହିଥିଲା' ବୋଲି କନ୍‌ଷ୍ଟାଣ୍ଟିନ ତାଙ୍କ ଇସ୍ତଫା ପତ୍ରରେ କହିଛନ୍ତି।

କନ୍‌ଷ୍ଟାଣ୍ଟିନ ୨ୟ ଥର ପାଇଁ ଭାରତୀୟ ଫୁଟ୍‌ବଲ୍ ଦଳର କୋଚ୍ ରହିଥିଲେ। ସେ ପ୍ରଥମେ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ଭାରତୀୟ ଦଳର କୋଚ୍ ରହିଥିଲେ। ଏହାପରେ ୨୦୧୫ରୁ ୨ୟଥର ପାଇଁ ସେ ଏହି ଗୁରୁ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ଫିଫା ର୍ୟାଙ୍କିଙ୍ଗ୍‌ରେ ୧୭୩ରୁ ୯୭ତମ ସ୍ଥାନକୁ ଉନ୍ନୀତ ହୋଇଥିଲା।



ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ

## ଖେଲୋ ଇଣ୍ଡିଆ ୨୧ବର୍ଷରୁ କମ୍ ପୁରୁଷ ହକି

# ହରିୟାଣାକୁ ହରାଇ ଓଡ଼ିଶା ଚାମ୍ପିୟନ

କଟକ ଅଫିସ,୧୫।୧

ପୁଣେଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ବର୍ଷରୁ କମ୍ ପୁରୁଷ ହକି ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛି । ମଙ୍ଗଳବାର ରୋମାଞ୍ଚକର ଫାଇନାଲ ମୁକାବିଲାରେ ଟାଇବ୍ରେକର ପଦ୍ଧତିରେ ଓଡ଼ିଶା ହରିୟାଣାକୁ ପରାସ୍ତ କରିଥିଲା। ପ୍ରଥମ ଦୁଇଟି କ୍ୱାର୍ଟର ଓଡ଼ିଶା ଅକ୍ତିଆରରେ ଥିଲା। ଦୀପକ ଜନ କେରକେଟାଙ୍କ ନେତୃତ୍ୱାଧୀନ ଓଡ଼ିଶା ଆକ୍ରମଣାତ୍ମକ ଶୈଳୀରେ ଖେଳ ଆରମ୍ଭ କରିଥିବା ବେଳେ ୧୧ତମ ମିନିଟରେ ଏକ ପେନାଲ୍ଟି କର୍ନର ସୁଯୋଗ ଆସିଥିଲା। ନୀତୀନ ମୁକେଶ ଟିଗା ଏହାକୁ ଗୋଲରେ ପରିଣତ କରି ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୩ତମ ମିନିଟରେ ଡି–ଅଞ୍ଚଳ ମଧ୍ୟରେ ହରିୟାଣା ଖେଳାଳି ତ୍ରୁଟି କରିବା ଫଳରେ ପୁନର୍ବାର ଓଡ଼ିଶାକୁ ଅନ୍ୟଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ମଧ୍ୟ ହାତଛଡ଼ା କରିନଥିଲେ ଓଡ଼ିଶା ଖେଳାଳି। ପ୍ରସାଦ କୁଜୁରଙ୍କ ହକି ଷ୍ଟିକରୁ ଓଡ଼ିଶା ଦ୍ୱିତୀୟ ଗୋଲ ସ୍କୋର କରିଥିଲା। ଦ୍ୱିତୀୟ କ୍ୱାର୍ଟରର ୨୯ତମ ମିନିଟରେ ହରିୟାଣା ଅଧିନାୟକ ମନଦୀପ ମୋର ଏକ ଗୋଲ ଦେଇ ସ୍କୋରକୁ ୧–୨ ସ୍ଥିତିରେ ପହଞ୍ଚାଇଥିଲେ । ୩ୟ କ୍ୱାର୍ଟର ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ୪ର୍ଥ କ୍ୱାର୍ଟରରେ ହରିୟାଣା ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା । ଅଧିନାୟକ ମନଦୀପ ଏକ ପେନାଲ୍ଟି କର୍ନରରୁ ଗୋଲ ଦେଇ ସ୍କୋରକୁ ବରାବର କରିଥିଲେ। ପେନାଲ୍ଟି ଶୁଟଆଉଟ ଦ୍ୱାରା ମ୍ୟାଚ୍ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଏହି ପ୍ରକ୍ରିୟାରେ ଆଶିଷ ଟପ୍ପୋ ଓଡ଼ିଶା ନିମନ୍ତେ ପ୍ରଥମ ସୁଯୋଗରେ ହିଁ ଗୋଲ ଦେଇଥିଲେ। ହରିୟାଣାର ପ୍ରଥମ ପ୍ରଚେଷ୍ଟାକୁ ଓଡ଼ିଶା ଗୋଲକିପର ଜନସନ ଏକ୍କା ବିଫଳ କରି ଦେଇଥିଲେ। ଜି.ଖେସ ଓଡ଼ିଶା ନିମନ୍ତେ ଦ୍ୱିତୀୟ ଗୋଲ ଦେବା ପରେ କେ. କୁଲଦୀପ ହରିୟାଣାର ଦ୍ୱିତୀୟ ସୁଯୋଗରେ ପ୍ରଥମ ଗୋଲ ଦେଇଥିଲେ। ୨ଟି ଶୁଟଆଉଟ ଶେଷ ପରେ ଓଡ଼ିଶା ୨–୧ରେ ଅଗ୍ରଣୀ ଥିଲା। ୩ୟ ଶୁଟଆଉଟରେ ଉଭୟ ଦଳ ଫେଲ ମାରିଥିଲେ । ପରେ ଓଡ଼ିଶା ପକ୍ଷରୁ ୪ର୍ଥ ଶୁଟଆଉଟକୁ ଶିଳାନନ୍ଦ ଲାକ୍ରା ଓ ୫ମ ଶୁଟଆଉଟକୁ ଦୀପସାନ ତିର୍କୀ ଗୋଲରେ ପରିଣତ କରିଥିବା ବେଳେ ହରିୟାଣା ଆଉ ମାତ୍ର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା।



ଚାମ୍ପିୟନ୍ ଓଡ଼ିଶା ଦଳର ଖେଳାଳିମାନେ।

## ପାଣ୍ଡ୍ୟା, ରାହୁଲଙ୍କ ସହ କଥା ହେଲେ ବିସିସିଆଇ ସିଇଓ

**ନୂଆଦିଲ୍ଲୀ,୧୫।୧(ପି.ଟି.):** ମହିଳାଙ୍କ ଉପରେ ବିବାଦୀୟ ଟିପ୍ପଣୀ ପାଇଁ ସସ୍‌ପେଣ୍ଡ ହୋଇଥିବା ଭାରତୀୟ କ୍ରିକେଟ ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ କେଏଲ୍ ରାହୁଲଙ୍କ ବିରୋଧରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିଇଓ ରାହୁଲ ଜୋହରି ତାଙ୍କ ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅଡୁଆରେ ପଡ଼ିଥିବା ଦୁଇ କ୍ରିକେଟର ଟେଲିଫୋନ୍ ଜରିଆରେ ସିଇଓଙ୍କ ସହିତ କଥାହେବା ବେଳେ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି। ଖେଳାଳି ଦ୍ୱୟ ଇତିମଧ୍ୟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରି ସାରିଥିବା ବେଳେ ବିସିସିଆଇ ପକ୍ଷରୁ ସେମାନଙ୍କୁ ସାନି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜୋହରି ସମ୍ଭବତଃ ବୁଧବାର ପ୍ରଶାସକ କମିଟି (ସିଓଏ) ନିକଟରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ। ଖବର ଅନୁସାରେ 'କଫି ୱିଥ୍ କରନ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏବଂ ଏ ଭଳି କହିବା ଲାଗି ସେମାନଙ୍କ ଏଜେଣ୍ଟମାନେ ଚାପ ପକାଇଥିଲେ କି ନା ସେ ବିଷୟରେ ସିଇଓ ସେମାନଙ୍କୁ କୌଣସି ପ୍ରଶ୍ନ କରିନାହାନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ ପାଇଁ ଜଣେ ଅମ୍ବୁଡ୍‌ସମ୍ୟାନ କିମ୍ବା ଜଣେ କାମଚଳା ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ଦେଉଛନ୍ତି ତାହାକୁ ଅପେକ୍ଷା କରାଯାଇଛି। ପାଣ୍ଡ୍ୟା ଓ ରାହୁଲ 'କଫି ୱିଥ୍ କରନ' ଶୀର୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ବେଳେ ସେମାନେ ଏକାଧିକ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ବିଷୟ କହିଥିଲେ। ଏପରିକି ଏବିଷୟରେ ସେମାନେ ସେମାନଙ୍କୁ ଅବଗତ କରାଇବାକୁ ତିଳେ ମାତ୍ର ସଂକୋଚ କରି ନ ଥିଲେ। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ସିଓଏ ମୁଖ୍ୟ ବିନୋଦ ରାୟ ଖେଳାଳି ଦ୍ୱୟଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିବା ଲାଗି ସୁପାରିସ କରିଥିଲେ। କିନ୍ତୁ ତାଙ୍କ ସହକର୍ମୀ ଡାଏନା ଇଡୁଲ୍‌ଜୀ ଏହି ପ୍ରସଙ୍ଗକୁ ନେଇ ବିସିସିଆଇ ଲିଗାଲ ସେଲ୍‌ର ପରାମର୍ଶ ଲୋଡିଥିଲେ। ଖେଳାଳିମାନେ ଯାହା କରିଛନ୍ତି ସେମାନେ ଆଚରଣ ବିଧି ଉଲ୍ଲଂଘନ କରିଥିବା କୁହାଯାଇ ପାରିବ ନାହିଁ। ଘଟଣାର ତଦନ୍ତ ଜଣେ ଅମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା କରାଇବା ଲାଗି ଲିଗାଲ୍ ସେଲ୍ ସୁପାରିସ କରିଥିଲା। ବିସିସିଆଇ ପଦାଧିକାରୀମାନେ ଇଡୁଲ୍‌ଜୀଙ୍କ ପ୍ରତି ସେମାନଙ୍କ ସମର୍ଥ ଜ୍ଞାପନ କରିଛନ୍ତି। ପ୍ରସଙ୍ଗର ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇବା ଲାଗି ସେମାନେ ଦାବି ମଧ୍ୟ କରିଛନ୍ତି। ରାୟ କିନ୍ତୁ ଇଡୁଲ୍‌ଜୀଙ୍କ ନିକଟକୁ ପଠାଇଥିବା ତାଙ୍କ ଇ–ମେଲ୍‌ରେ ଯୁବ ଖେଳାଳିଙ୍କ କ୍ୟାରିୟରର ଅନ୍ତ ଘଟାଇବା ବିସିସିଆଇର କାର୍ଯ୍ୟ ନୁହେଁ।

# ଜୀବେ ଦୟା



ଡା. ବୀର କିଶୋର ପରିଡ଼ା

ଚଳିତବର୍ଷ ଜାନୁୟାରୀ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ଦିନ ଧରି ଆମ ରାଜ୍ୟ ତଥା ଦେଶରେ ସମଗ୍ର ମାନବ ସମାଜର କଲ୍ୟାଣ ସାଧନ ନିମନ୍ତେ ପାଳିତ ହେଉଛି 'ଜୀବ ମଙ୍ଗଳ ପକ୍ଷ'। ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ପରିହାର ସହିତ ସେମାନଙ୍କୁ ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ ହିଁ ଜୀବ ମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଆଜି ମଣିଷ ପ୍ରକୃତି, ଜଳ, ଜଙ୍ଗଲ, ଜମି ଉପରେ ଦାଉ ସାଧୁଥିବା ବେଳେ ନିରୀହ ବନ୍ୟପ୍ରାଣୀ ଓ ସେମାନଙ୍କ ଆଶ୍ରୟସ୍ଥଳୀ ଏବଂ ଖାଦ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରିଚାଲିଛି । ଅପରପକ୍ଷରେ ପ୍ରାଣୀ(ପଶୁପକ୍ଷୀ) ନିଜର ଜୀବନଧାରଣ ସହିତ ଆମକୁ ବିଭିନ୍ନ

**ଜୀବମଙ୍ଗଳ ପକ୍ଷ ଉପଲକ୍ଷେ**

ପ୍ରାଣୀଜ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ, ଅଣ୍ଡା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ମଳମୂତ୍ର ଜମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ ବା ଜୈବିକ ଖତ ରୂପେ ବ୍ୟବହାର ହୋଇ ଆମର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ । ସେହିଭଳି ବନ୍ୟପ୍ରାଣୀଙ୍କ ଦ୍ୱାରା ଜଙ୍ଗଲୀ ଗଛର ମଞ୍ଜି ସବୁ ସେମାନଙ୍କ ପାକସ୍ଥଳୀରେ ଜୈବ-ରାସାୟନିକ ପ୍ରକ୍ରିୟା ସଂଗଠିତ ହୋଇଥାଏ । ଯାହାଫଳରେ ସେମାନଙ୍କ ମଳରୁ ପତିତ ମଞ୍ଜି ମାଟିରେ ପଡ଼ି ଶିଘ୍ର ଅଙ୍କୁରୋଦ୍‌ଗମ ହେବା ଦ୍ୱାରା ନୂତନ ଜଙ୍ଗଲୀ ଗଛ ସୃଷ୍ଟି ହେବାରେ ସହାୟକ ହୋଇଥାଏ । ମାତ୍ର ମଣିଷକୁ ଜୀବନ ଧାରଣ କରିବାରେ ସାହାଯ୍ୟ କରୁଥିବା ପ୍ରାଣୀମାନଙ୍କ ପ୍ରତି ଏବେ ମଧ୍ୟ ବି ଅବିଚାର କରିଚାଲିଛି । ପ୍ରତ୍ୟେକ ଜୀବ ବଞ୍ଚିବାର ଅଧିକାର ନେଇ ଏ ମାଟି ମା' ସେମାନଙ୍କୁ କୋଳରେ ଧରି ରଖିଛି । ଈଶ୍ୱରଙ୍କ ସୃଷ୍ଟି ହେଉଛି ଜୀବ ଜଗତ । ସନ୍ଥକବି ଭୀମ ଭୋଇ ବୋଲିରେ କହିଛନ୍ତି - "ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ଚାହିଁଦେଲେ ଅନୁସରି । ସକଳ ଘଟରେ ପୂରି ସମାନରେ ନୋହେ ସାନ ବଡ଼ କରି ।" ତେଣୁ ଏ ବିଶ୍ୱରେ ପ୍ରତ୍ୟେକ ଜୀବର ବଞ୍ଚିବା ନେଇ ଯଥାର୍ଥତା ରହିଛି। ନଚେତ ପ୍ରକୃତିର ଭାରସାମ୍ୟ ରହିବା ଅସମ୍ଭବ। ଆଜି ଜନସଂଖ୍ୟା ବୃଦ୍ଧି ସହିତ ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁ ପ୍ରାଣୀଙ୍କ ବାସସ୍ଥାନ, ଖାଦ୍ୟ ନିରାପତ୍ତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । ଆଜି ଜଙ୍ଗଲର ଯଦି ଅବକ୍ଷୟ ନ ଘଟିଥାନ୍ତା, ତେବେ ବନ୍ୟପ୍ରାଣୀମାନେ ଜଙ୍ଗଲରେ ଆରାମରେ ରହିବା ସହିତ ପ୍ରକୃତିର ସନ୍ତୁଳନ ରକ୍ଷା ପାଇପାରନ୍ତା । ଜଙ୍ଗଲ ବୃଦ୍ଧି ଘଟିଲେ ଅମ୍ଳଜାନ ବୃଦ୍ଧି ହେବା ସହିତ ଅଙ୍ଗାର କାମ୍ଳ, କାର୍ବନ ମନୋକ୍ସାଇଡ୍, ମିଥେନ, ନାଇଟ୍ରସ୍ ଅକ୍ସାଇଡ୍ ଭଳି ଗ୍ୟାସ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ଘଟନ୍ତା ନାହିଁ କି ଜଳବାୟୁର ପରିବର୍ତ୍ତନ ଦେଖାଯାଆନ୍ତା ନାହିଁ।

ଆଜି କେତେକ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟାପକ ଗୋଚାଲାଣ ହେବା ଯୋଗୁ ବିକାଶ ଧାରାରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ଆମର ଆମୋଦ ପ୍ରମୋଦ ନିମନ୍ତେ ଚିଡ଼ିଆଖାନାରେ କୃତ୍ରିମ ଉପାୟରେ ବାଘ, ସିଂହ ଭଳି ମାଂସାଶୀ ପ୍ରାଣୀ ରଖିବା ଯୋଗୁ ଗୋମାଂସର ଆବଶ୍ୟକତା ହେଉଛି। ଯଦି ନିଃସ୍ୱାର୍ଥପର ଭାବେ ଏମାନଙ୍କୁ ଜଙ୍ଗଲକୁ ଛାଡ଼ି ଦିଆଯାଏ ତେବେ ସେମାନଙ୍କୁ ଆଉ ଗୋମାଂସ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଯଦି ମନୁଷ୍ୟ ତା'ର ଜିହ୍ୱା ଲାଳସାକୁ ଊର୍ଦ୍ଧ୍ୱରେ ରଖି ଶାକାହାରୀ ହୁଏ କିମ୍ବା ଗୋମାଂସ ଉପରେ ନିର୍ଭର ନ କରିବେ ତେବେ ଗୋମାଂସର ଆବଶ୍ୟକତା ସେମାନଙ୍କର ହେବ ନାହିଁ । ବାକି ରହିଲା ଅର୍ଥ ଉପାର୍ଜନ ପାଇଁ ଗୋମାଂସ ବିଦେଶ ବା ଅନ୍ୟ ରାଜ୍ୟକୁ ଚାଲାଣ ହେବା କଥା । ଆମେ ଯଦି ଆମ ନିରୀହ ମୂକ ଗୋରୁଙ୍କୁ ଖୁବ୍ ଅଳ୍ପଦାମ୍‌ରେ ଅସାଧୁ ବ୍ୟବସାୟୀଙ୍କ ହାତରେ ଟେକିଦେବା, ତେବେ ଆମଠାରୁ ନେଇଥିବା ଅତି କମ୍ ଦାମର ଗୋରୁଙ୍କୁ ସେମାନେ ଗୋଚାଲାଣ ବା ଗୋମାଂସ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆମକୁ ଭୁଆଁ ବନାଉଛନ୍ତି, ତାହା ବାସ୍ତବରେ ଚିନ୍ତା କରିବାର କଥା । ଆଜି ଗାଁରେ ବଳଦ ଖୋଜିଲେ ମିଳୁନାହିଁ। ପ୍ରାୟ ଖବର କାଗଜ ପୃଷ୍ଠାମଣ୍ଡନ କଲେ ଜଣାଯାଏ ଯେ, କେଉଁଠି ବେଆଇନ ଓ ଅତି ଅମାନୁଷିକ ଭାବେ ଆବଶ୍ୟକତାଠାରୁ ଅଧିକ ଟ୍ରକ୍‌ରେ ବୋଝେଇ କରି ରାତାରାତି ଗୋଚାଲାଣ କରାଯାଉଥିବା ବେଳେ ଗାଡ଼ି ଜବତ କରାଯାଇ ଗୋଶାଳାରେ ଗୋରୁଙ୍କୁ ଛାଡ଼ି ଦିଆଯାଉଛି ତ କେତେବେଳେ ଗୋରୁ ସେ ଗାଡ଼ିରେ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ମୃତ୍ୟୁବରଣ କରୁଛନ୍ତି ।





ଓଡ଼ିଶା ଗୋବଧ ନିବାରଣ ଆଇନ ଅନୁଯାୟୀ ଗୋବଧ କେବଳ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ଓଡ଼ିଶା ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ, ରାଜ୍ୟ ପ୍ରାଣୀ ଗବେଷଣା କେନ୍ଦ୍ର ଆଦିରେ ଗବେଷଣା କାର୍ଯ୍ୟ ପାଇଁ ନିୟମ ଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ଗୋବଧ କରିବା ନିୟମ ନାହିଁ। ଏତଦ୍ ବ୍ୟତୀତ ଅନ୍ୟସ୍ଥାନରେ ଗୋବଧ ହେଉଥିବାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜୀବନ ପ୍ରେମୀ ଯଦିଓ ଏହାର ପ୍ରତିବାଦ କରୁଛନ୍ତି ; ତାହା ଆଜି ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ପାଲଟିଛି । ସେହିପରି ପଶୁ ବଳି କଥା ଚିନ୍ତା କରାଯାଉ ।

ବଳିର ପ୍ରକୃତ ଅର୍ଥ ହେଉଛି ଭାଗ ବା ଅଂଶ । ନିଜ ପାଇଁ ସିଦ୍ଧ ହୋଇଥିବା ଭୋଜନରୁ ନିଜ ଖାଇବା ପୂର୍ବରୁ ଅସହାୟ ପ୍ରାଣୀଙ୍କ ନିମନ୍ତେ ଅର୍ପଣ କରିବ । ବିଭିନ୍ନ ଦେବଦେବୀ ପୀଠରେ ଏହି ବଳି ପ୍ରଥାନେଇ ନାନା ବାଦ ବିବାଦ ଏବେ ମଧ୍ୟ ଲାଗି ରହିଛି ଏହି ବଳିପ୍ରଥା ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ (ଆକ୍ଟ - ୫୯) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ।

ଏହି ପବିତ୍ର ଜୀବ ମଙ୍ଗଳ ପକ୍ଷ ପାଳନ ଉପଲକ୍ଷେ ଆମେ ସମସ୍ତେ ଯଦି ନିମ୍ନଲିଖିତ କେତୋଟି ପଦକ୍ଷେପ ଗ୍ରହଣ କରିବା, ତେବେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

— ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ପରିହାର ସହିତ ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ।

*-ଯୁଗ୍ମ ସମ୍ପାଦକ, ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି, ଓଡ଼ିଶା, କଟକ,ମୋ : ୯୪୩୭୬୦୭୩୧୨*

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ....

(ଦ୍ୱିତୀୟ ଭାଗ)

ଦୁଧିଆଳୀ ଗାଈ ଉପାର୍ଜନର ଏକ ଉତ୍ସ । ସେ ସୁସ୍ଥ ଓ ନୀରୋଗ ହେଲେ କ୍ଷୀର ପରିମାଣ ତଥା ଗୁଣାତ୍ମକ ମାନ ଠିକ୍ ରହିଥାଏ । ରୋଗୀଣା ଦୁଧିଆଳୀ ଗାଈଠାରୁ ଯକ୍ଷ୍ମା, ବୃସେଲୋସିସ୍ ତଥା ଥନହରା ରୋଗ ଆମ ଦେହକୁ ଆସିଥାଏ, କିନ୍ତୁ ତାଙ୍କର ପ୍ରକୋପ କମ୍ ଥାଏ । ଚିରରେ ଖଣ୍ଡିଆ ହେଲେ କିମ୍ବା ଗାଈଠାରେ କିଛି ଅନିୟମିତତା ଦେଖାଦେଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ ।

-ଥନହରା ରୋଗ ପ୍ରତି ସଚେତନ ରୁହନ୍ତୁ। ଏହା ଦ୍ୱାରା ଗାଈର ପହ୍ନା ଫୁଲିଯାଏ, କ୍ଷୀର ଛିଣ୍ଡିଯାଏ ଓ ସମୟ ସମୟରେ କ୍ଷୀରରେ ରକ୍ତ ଏବଂ ପୂଜ ପଡ଼ିଥାଏ। ପ୍ରାୟତଃ ସମସ୍ତ ଫାର୍ମରେ ଏହି ଥନହରା ରୋଗ ଦେଖାଯାଇଥାଏ । କେତେଗୁଡ଼ିଏ ପରିଚାଳନା ଗତ ପଦକ୍ଷେପ ଗ୍ରହଣ କଲେ ଏହି ରୋଗ ଦାଉରୁ ଗାଈକୁ ରକ୍ଷା କରିହେବ । ଥନହରା ରୋଗରେ ଗାଈର ଦୁଗ୍ଧ ଉତ୍ପାଦନ କ୍ଷମତା କମିବା ସହ ଦୁଗ୍ଧ ଅପରିଷ୍କାର ଓ ଖାଦ୍ୟ ଅନୁପଯୋଗୀ ହୋଇଥାଏ ।

-ଦୁହିଁବାର ଅଧଘଣ୍ଟା ପୂର୍ବରୁ ଗାଈଦେହରେ ଲାଗିଥିବା ଲୋମ, ଧୂଳି, ମାଟି, ଗୋବର ତଥା ଅନ୍ୟାନ୍ୟ ଅଳିଆ ବ୍ରଶ୍ ଓ ପାଣି ଦ୍ୱାରା ସଫା କରନ୍ତୁ। ନିକଟସ୍ଥ ପରୀକ୍ଷାଗାରରେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ପରୀକ୍ଷାକରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

-ସୁଷମ ଓ ଗୁଣାତ୍ମକ ଖାଦ୍ୟ ସାଙ୍ଗକୁ ଯଥେଷ୍ଟ ପାଣି ପିଇବା ପାଇଁ ଦେଲେ ଆମେ ପରିଷ୍କାର ଦୁଗ୍ଧ ଉତ୍ପାଦନ କରିପାରିବା । ପିଇବା ଲାଗି ବ୍ୟବହୃତ ପାଣି ସଫା ଏବଂ ରୋଗଜୀବାଣୁ ବିହୀନ ହୋଇଥିବା ଦରକାର ।

**ଦୁଗ୍ଧପାତ୍ର ଓ ବାସନ ସକାଶେ ସାବଧାନତା:**

-ଦୁଗ୍ଧ ଦୁହିଁବା ଲାଗି ଅଣଓସାରିଆ ମୁହଁଥିବା ପାତ୍ରର ବ୍ୟବହାର କଲେ ଗାଈରପହ୍ନା, ଚିର ଓ ତଳିପେଟରୁ ଲୋମ ଏବଂ ଅଳିଆ ଆବର୍ଜନା କ୍ଷୀରରେ ପଡିବାର ଆଶଙ୍କା କମ୍ ଥାଏ ।

-ବାସନକୁ ପ୍ରଥମେ ଗରମ ପାଣିରେ ଧୋଇଲେ ଘିଅ ଓ ତେଲ ଅଂଶ ତରଳି ଯାଇଥାଏ । ତା' ପରେ ଗରମ ପାଣିରେ ଡିଟରଜେଣ୍ଟ ଦେଇ ବ୍ରଶ୍ ମାରନ୍ତୁ, ଯେପରି କି ବାସନରେ ମଇଳା ରହିବ ନାହିଁ । ଯଥେଷ୍ଟ ପାଣି ବ୍ୟବହାର କରି ଡିଟରଜେଣ୍ଟକୁ ପୂରା ବାହାର କରନ୍ତୁ । ବାସନକୁ ସଫା ସ୍ଥାନରେ/ ଷ୍ଟାଣ୍ଡରେ ଓଲଟାଇ ରଖନ୍ତୁ ଯେପରି କି ଜଳୀୟ ଅଂଶ ପୂରା ବାହାରି ଯିବ । ବାସନକୁ ସୂର୍ଯ୍ୟକିରଣରେ/ଖରାରେ ରଖିଲେ ମଧ୍ୟ କେତେକାଂଶରେ ବିଶୋଧିତ ହୋଇଥାଏ ।



-ପାଣି ଛାଟି ଗାଈର ପହ୍ନା,ଚିର, ତଳିପେଟ ଓ ପଛଭାଗ ଧୋଇ ପରିଷ୍କାର କରନ୍ତୁ । ପହ୍ନା ଓ ଚିରକୁ ସଫାକନାରେ ପୋଛିଲା ପରେ ନଖ ଉଷୁମ ପାଣିରେ ପୁଣିଥରେ ସଫାକରି ଓଦା ଚିପୁଡ଼ା କନାରେ ପୋଛି ଦିଅନ୍ତୁ ।

-ଦୁହିଁବା ସମୟରେ ଗାଈକୁ ଠିକ୍‌ଭାବେ ବାନ୍ଧନ୍ତୁ, ଯେପରି କି ତାକୁ ଆଘାତ ଲାଗିବ ନାହିଁ ।

-ପାଣିରେ ପୋଟାସିୟମ୍ ପରମାଙ୍ଗାନେଟ୍ ବ୍ୟବହାର କଲେ ପହ୍ନା ଓ ଚିର ଅଧିକ ଜୀବାଣୁମୁକ୍ତ ହୋଇଥାଏ ।

-ଗୋମହିଷାଦି ପ୍ରାଣୀଙ୍କର ନିୟମିତ ବ୍ୟବଧାନ ଭିତରେ ଟିକାକରଣ, କୃମି ଔଷଧ ସେବନ ତଥା ବିଭିନ୍ନ ରୋଗର ନିରାକରଣ ପାଇଁ ଯତ୍ନବାନ ହେବା ଦରକାର ।

-ନିୟମିତ ବ୍ୟବଧାନରେ ଦୁଗ୍ଧକୁ

-ଗାଈ ଫାର୍ମରେ ପରିଚ୍ଛନ୍ନତା ଯଥା ଦୁଗ୍ଧ ଦୁହିଁବା ପାତ୍ର, ସାଇତି ରଖିବା ପାତ୍ର ଓ ଦୁଗ୍ଧ ଦୁହିଁବା ଯନ୍ତ୍ର ଆଦି ନିୟମିତ ବ୍ୟବଧାନରେ ପରିଷ୍କାର କରିବା ଆବଶ୍ୟକ । ଦୁଗ୍ଧ ଦୁହିଁବା ଯନ୍ତ୍ର ଏବଂ କ୍ଷୀର ରଖିବା ପାତ୍ର ପରିଷ୍କାର ହେବା ଦରକାର ।

-କ୍ଷୀର ଦୁହିଁବା ପରେ ଏହାକୁ ୪ ଡିଗ୍ରୀ ସେ. ତାପମାତ୍ରା ଠାରୁ କମ୍‌ରେ ସାଇତି ରଖିବା ଜରୁରୀ ।

**-ଡା.ରଞ୍ଜନ କୁମାର ମହାନ୍ତ,**
*ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ*
**-ଡା. ସାରଦା ପ୍ରସନ୍ନ ସାହୁ ,**
*ପ୍ରାଣୀଧନ ଅଧିକାରୀ, ପ୍ରାଣୀପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ନୂଆଦିଲ୍ଲୀ, ମୋ:୯୪୩୮୪୦୮୧୦୫*

# ଗହମ ଫସଲରେ ଶୀର୍ଷସାର



ଗହମ ଫସଲରେ ଫୁଲ ଓ କ୍ଷୀର ଢ଼ୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲରେ ଏହି ସମୟରେ ଲିଙ୍ଗ ସଞ୍ଚାର ଅବସ୍ଥାରେ ଥିଲେ ଜଳସେଚନ କରନ୍ତୁ ଏବଂ ଅନୁମୋଦିତ ସାରର ଏକ ଚତୁର୍ଥାଂଶ (ଏକର ପ୍ରତି ୧୨ରୁ ୧୬କି.ଗ୍ରା ଯବକ୍ଷାରଜାନ) ଶୀର୍ଷସାର ହିସାବରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଲାଗିଥିଲେ ତା'ର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ମନୋକ୍ରୋଟଫସ୍ କିମ୍ବା କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ। କାଳିଗୁଣ୍ଡି ରୋଗର ଦମନ ଲାଗି ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# କିପରି କରିବେ ଆମ୍ବ ଡାଆଣୀ ଦମନ

ଆମ୍ବ ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ, ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ଲାଗିବାର ଆଶଙ୍କା ରହିଛି। ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୫ ଗ୍ରାମ୍ ସଲ୍‌ଫର ସେଟିତ ଗୁଣ୍ଡ ଏବଂ ଆମ୍ବ ଡାଆଣୀର ଦମନ ସକାଶେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।



# ରବି ଚିନାବାଦାମ

ବର୍ତ୍ତମାନ ହୋଇଥିବା ଚିନାବାଦାମ ଫସଲରେ କାଁ ଭାଁ ଫୁଲ ଆସିବା ସମୟରେ ଆଉ ବିଳମ୍ବ ନ କରି କୋଡାଖୁସା କରି ମୂଳକୁ ମାଟି ଟେକି ଦିଅନ୍ତୁ। ଦିନର ତାପମାତ୍ରା ବଢ଼ିଲେ ଚିନାବାଦାମରେ ସର୍କୋସ୍ପୋରା ଜନିତ ପତ୍ରଦାଗ ରୋଗ ଦେଖାଯାଇପାରେ। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ ମାଙ୍କୋଜେବ୍ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚା କରନ୍ତୁ। ଠିଆ ଫସଲରେ ଉଇର ପ୍ରାଦୁର୍ଭାବ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ତରଳ କୀଟନାଶକ ମିଶାଇ ଆବଶ୍ୟକ



ପରିମାଣର ଦ୍ରବଣ (୨୦୦ ଲିଟର ପାଣି) ସହ ମାଟିଭିଜା କରନ୍ତୁ। ମେଘୁଆପାଗ ହୋଇଥିଲେ ଜଉପୋକ ଲାଗିବାର ଆଶଙ୍କା ଥାଏ। ଏମାନଙ୍କର ଦମନ ସକାଶେ ଏକର ପ୍ରତି ୪୦୦ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## ମୋଦି ନରମ, ...

ମୋଦି କହିଛନ୍ତି ଯେ, କେନ୍ଦ୍ର ସରକାର ଆଦିବାସୀମାନଙ୍କ ଅଧିକାରକୁ ଧ୍ୟାନରେ ରଖି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଖଣିଖାଦାନ ଅଞ୍ଚଳର ଲୋକମାନଙ୍କ ସୁବିଧା ପାଇଁ ଡିଏମ୍‌ଏଫ୍ ଗଠନ ହୋଇଛି। ଖଣି ଖାଦାନରୁ ଆସୁଥିବା ଲାଭାର୍ଥ ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ପାଇଁ ଖର୍ଚ୍ଚ କରିବାକୁ ଏହି ବ୍ୟବସ୍ଥା କରାଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ଓଡ଼ିଶାକୁ ୪ ହଜାର କୋଟି ଟଙ୍କାରୁ ଅଧିକ ଲାଭ ମିଳିଛି। ଦୁଃଖର ବିଷୟ ଗରିବଙ୍କ ଏହି ଅର୍ଥର ଖୁବ୍ କମ୍ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି। ବହୁ ଟଙ୍କା ଡିଏମ୍‌ଏଫ୍‌ରେ ପଡିରହିଛି। ଏଠିକା ସରକାରକୁ କ'ଣ ହୋଇଯାଇଛି, ମୋତେ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ମୋଦି କହିଛନ୍ତି। ଲୋକଙ୍କ ସମସ୍ୟା ଦୂର କର। ନିର୍ବାଚନ ଆସିବ ଯିବ। ଏହା ଆଦିବାସୀ ଭାଇଭଉଣୀଙ୍କ ଅଧିକାର ବୋଲି ସେ କହିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାର ବହୁତ କିଛି କରିଛନ୍ତି। ୨୦ ହଜାରରୁ ଅଧିକ ଲୋକ ବାସ କରୁଥିବା ଆଦିବାସୀ ଅଞ୍ଚଳରେ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ଆଦିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖୁବ୍‌ଶୀଘ୍ର ଆଦିବାସୀ ବହୁଳ ଜିଲ୍ଲାଗୁଡିକରେ କ୍ରୀଡ଼ାର ଉନ୍ନତି ପାଇଁ ୫ କୋଟି ଟଙ୍କା ଲେଖାଏ ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି ମୋଦି କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ, ହେଲେ ଏଥିରେ ରାଜ୍ୟ ସରକାର ବାଧକ ସାଜିଛନ୍ତି। ଫଳରେ ଓଡିଶାର ବିକାଶ କାମ ହୋଇପାରୁନାହିଁ। ପ୍ରଧାନମନ୍ତ୍ରୀ ପଶ୍ଚିମ ଓଡିଶା ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ସତ୍ତ୍ୱେ ସେ ଆସିଲେ ନାହିଁ। ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ବାରିପଦା ଗସ୍ତ ବେଳେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସି ନ ଥିଲେ। ଦୁଃଖର ବିଷୟ, ମୁଖ୍ୟମନ୍ତ୍ରୀ ରାଜନୀତି କରିବାକୁ ଚାହିଁଲେ, ପଶ୍ଚିମ ଓଡିଶାର ଉନ୍ନତି ଚାହିଁଲେ ନାହିଁ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ କୃଷକଙ୍କ ନାଁରେ କୁମ୍ଭୀର କାନ୍ଦଣା କାନ୍ଦିବା ପାଇଁ ବ୍ୟବସ୍ଥା କରିଛନ୍ତି। ରାଜ୍ୟର ବିକାଶ କଥାକୁ ଆଖି ବୁଜିଦେଇ ମୁଖ୍ୟମନ୍ତ୍ରୀ ରାଜନୀତି କରୁଛନ୍ତି। ବଲାଙ୍ଗୀରରେ ହଜାର କୋଟି ଟଙ୍କା ବ୍ୟୟ କରି ନଡାରୁ ପେଟ୍ରୋଲ ବାହାର କରିବାର ବିକଳ୍ପ ପ୍ରକଳ୍ପ ମୋଦି ସରକାର କରିଛନ୍ତି। ଯୁବକଙ୍କୁ ରୋଜଗାର ଦେବା ଓ ଚାଷୀର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ଏ ପ୍ରକଳ୍ପ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାରେ ୧୯ ବର୍ଷର ଶାସନରେ ଚାଷ ଜମିରେ ଜଳସେଚନ ନାହିଁ। ତଥ୍ୟାନୁଯାୟୀ ଗତ ୨୦ ବର୍ଷ ଭିତରେ ୫ରୁ ୧୦% ଅଞ୍ଚଳ ଜଳସେଚନ ହୋଇଛି। ଲୋଏର ସୁକତେଲ ପ୍ରକଳ୍ପର କାମ ୧୫ ବର୍ଷ ହେଲା ଚାଲିଛି, କିନ୍ତୁ ସମ୍ପୂର୍ଣ୍ଣ ହୋଇପାରୁନି। ୩୦ ବର୍ଷ ଏ ଅଞ୍ଚଳକୁ ଅଣଦେଖା କରି ରଖାଯାଇଛି। ଓଡ଼ିଶାର ୧୫ ଜିଲାରେ ୨୫୦୦ କିଲୋମିଟର ଜାତୀୟ ରାଜପଥ ରହିଛି। ଏଥିରେ ଆଉ ୧୭୬୭ କିଲୋମିଟର ରାସ୍ତା ଯୋଡ଼ିବା ପାଇଁ ମୋଦି ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ମାତ୍ର ରାଜ୍ୟ ସରକାର ଅନୁମତି ନ ଦେଇ ବିକାଶର ଏତେବଡ଼ କାମକୁ ଜାଣିଶୁଣି ଅଟକାଇ ରଖିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ୍ ପାଇଁ ରାଜ୍ୟ ସରକାର ଜମି ଦେଇନାହାନ୍ତି। ହକି ବିଶ୍ୱକପରେ ସଲମାନ ଓ ଶାହରୁଖ ଖାଁଙ୍କୁ ନଚାଇବା ପାଇଁ ପଇସା ଅଛି, କିନ୍ତୁ ଶିକ୍ଷକଙ୍କ ପାଇଁ ପଇସା ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ଏଠି ରାଜ୍ୟ ସରକାର କେବଳ ପ୍ରହସନ ଚଳାଇଛନ୍ତି। ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ହଡ଼ପ କରୁଛନ୍ତି। ନିର୍ବାଚନରେ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ପିଠା ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଟଙ୍କା ଦେଉଛନ୍ତି। ବିଗତ କଂଗ୍ରେସ ସରକାର ଅମଳରେ ଛବିରାଣୀ, ଅଞ୍ଜନା ମିଶ୍ର ଗଣବଳାତ୍କାର ଭଳି ଘଟଣା ଘଟିଥିଲା। ସେହି ସମୟରେ ଯେଭଳି ମହିଳାଙ୍କ ପ୍ରତି ଅତ୍ୟାଚାର ଘଟିଥିଲା, ଏବେ ସେଭଳି ସ୍ଥିତି ଉପୁଜିଛି। ପିପିଲି ଓ କୁନ୍ଦୁଲି ଗଣବଳାତ୍କାର ଘଟଣାରେ ରାଜ୍ୟ ସରକାର ବଦନାମ ହୋଇଛନ୍ତି। ମହିଳା ଓ ଶିଶୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ବର୍ତ୍ତମାନ ସମୟ ଆସିଛି ଆମେ ସମସ୍ତେ କଠିନ ପରିଶ୍ରମ କରି କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ସରକାରରେ ବସାଇବା ବୋଲି ଓରାମ କହିଛନ୍ତି। **-ରିପୋର୍ଟ: ସୁନୀତ୍ ମିଶ୍ର**

## ଓଡ଼ିଆ ସଂସ୍କୃତିକୁ ...

ବିଫଳତା କଥା କହି ବର୍ଷିଛନ୍ତି। ମୋଦି କହିଛନ୍ତି ଯେ, ଓଡିଶା ସୂର୍ଯ୍ୟଦେବଙ୍କ ସ୍ଥାନ। କୋଣାର୍କରୁ ଆସୁଥିବା କିରଣ ସାରା ଭାରତକୁ ଆଲୋକିତ କରିଆସୁଛି। ଓଡ଼ିଶା ସଂସ୍କୃତିର ମୁଖ୍ୟ ଅଂଶ ଓଡ଼ିଆ ଗୀତ, ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା ସାହିତ୍ୟ, କାବ୍ୟ ଅଦ୍ଭୁତ। ଓଡ଼ିଶାରେ ଭାରତର ଗୌରବଶାଳୀ ଇତିହାସ ରହିଛି। ଆମ ସଂସ୍କୃତି ଓ ସଭ୍ୟତାର ବହୁମୂଲ୍ୟ ଦରବାର ହେଉଛି ଓଡ଼ିଶା। ବଲାଙ୍ଗୀରର ଚଉଷଠି ଯୋଗିନୀ ମନ୍ଦିର, ଲୋହରିଗୁଡି ମନ୍ଦିର, ରାଣୀଗୁଡି ମନ୍ଦିର, ସୋମେଶ୍ୱର ମନ୍ଦିର ଆଦି ବହୁ ଶତାବ୍ଦୀରୁ ନିର୍ମିତ ହୋଇଛି। ବୌଦ୍ଧ ଜିଲାର ନୀଳମାଧବ, ସିଦ୍ଧେଶ୍ୱର, ଭୁବନେଶ୍ୱର, କପିଳେଶ୍ୱର ମନ୍ଦିର ଭଳି ଓଡ଼ିଶାର ପ୍ରତି ଜିଲାରେ ଆସ୍ଥାର ବହୁ ମହତ୍ତ୍ୱପୂର୍ଣ୍ଣ ସ୍ଥଳ ରହିଛି। ଓଡ଼ିଶାର ଏପରି ଅନେକ ମନ୍ଦିରର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ କଥା ଦିଲ୍ଲୀରେ ଥିବା ଭାଜପା ସରକାର ଚିନ୍ତା କରିଛି। ମାତ୍ର ପୂର୍ବରୁ ଏସବୁର ଅବସ୍ଥାକୁ ବହୁ ଦୟନୀୟ ଅବସ୍ଥାରେ ଛାଡ଼ି ଦିଆଯାଇଥିଲା। ଗୋଟିଏ ସମୟ ଥିଲା, ଦେଶରୁ ପ୍ରାଚୀନ ମୂର୍ତ୍ତିଗୁଡିକ ଚୋରି ହୋଇ ବିଦେଶକୁ ଚାଲିଯାଇଥିଲା। ବର୍ତ୍ତମାନ ତାକୁ ଫେରାଇ ଅଣାଯାଉଛି। ଏ ବିଷୟରେ କେବଳ ମୋତେ ନୁହେଁ ପୂର୍ବରୁ ଶାସନ କ୍ଷମତାରେ ଥିବା ସରକାରକୁ ମଧ୍ୟ ଜଣାଥିଲା। ହେଲେ ସେମାନଙ୍କର ସଂସ୍କୃତି ପ୍ରତି ପ୍ରେମ, ସଂକଳ୍ପ କିମ୍ବା ସମର୍ପଣ ନ ଥିଲା। ଆଜି ପର୍ଯ୍ୟନ୍ତ ସେମାନେ କିଛି ଶିଖିପାରିଲେ ନାହିଁ ବୋଲି ମୋଦି କହିଛନ୍ତି। ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସକୁ କଂଗ୍ରେସ ବିରୋଧ କରୁଛି ବୋଲି କହି ସେ ସମାଲୋଚନା କରିଛନ୍ତି। ସେହିପରି ଷ୍ଟାଚ୍ୟୁ ଅଫ୍ ୟୁନିଟି ପ୍ରତିଷ୍ଠାକୁ କଂଗ୍ରେସ ସରକାର ବିରୋଧ କରିଥିଲା। ମାତ୍ର ତାହା ଏବେ ପର୍ଯ୍ୟଟନର ମୁଖ୍ୟ ପ୍ରତୀକ ହୋଇଛି। ଯୁବକମାନଙ୍କୁ ରୋଜଗାର ପାଇଁ ନୂଆ ବାଟ ଦେଖାଇଛି। କେନ୍ଦ୍ର ସରକାର ଓଡ଼ିଶାରେ ଗମନାଗମନ ସୁବିଧା ବଢ଼ାଇବା ପାଇଁ କାମ କରୁଛନ୍ତି। ଗୋଟିଏ ମାସ ମଧ୍ୟରେ ୨୦ ହଜାର କୋଟିର କାମ ଓଡ଼ିଶାରେ ଆରମ୍ଭ ହୋଇଛି। ସେହିପରି ଓଡ଼ିଶାରେ ରେଳଲାଇନ୍‌ର ବିକାଶ ପାଇଁ ୨୦ ହଜାର କୋଟିର ବଜେଟ ଦିଆଯାଇଛି, ଯାହା ପୂର୍ବ ସରକାର ଦେଇଥିବା ଅର୍ଥଠାରୁ ୫ ଗୁଣ ଅଧିକ। ବଲାଙ୍ଗୀର-ବିଚ୍ଛୁପାଲି ରେଳ ଚଳାଚଳ ଆରମ୍ଭ ହୋଇଛି। ଆସନ୍ତା ଦିନରେ ଏହା ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରସାରିତ ହେବ, ଯଦ୍ୱାରା ସ୍ଥାନୀୟ ଛୋଟ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ଚାଷୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସୁବିଧା ଦେବ ବୋଲି ସେ କହିଛନ୍ତି।

ମୋଦି ଆହୁରି କହିଛନ୍ତି ଯେ, ଗତ ୪ ବର୍ଷରେ ଭାଜପା ସରକାର ଦେଶରେ ୬ କୋଟିରୁ ଊର୍ଦ୍ଧ୍ୱ ରାଶନ, ଗ୍ୟାସ ସଂଯୋଗ, ଛାତ୍ରବୃତ୍ତି, ଭତ୍ତା ହାତଉଥିବା ଜାଲ୍ ହିତାଧିକାରୀଙ୍କୁ ଧରିଛି। ଏମାନେ କାହା ଦୟାରେ ହିତାଧିକାରୀ ତାଲିକାରେ ସାମିଲ ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏକଥା ଲୋକଙ୍କ ଘରେ ଘରେ ଯାଇ ଓ ଛୋଟବଡ଼ ଖଟିରେ ଲୋକଙ୍କୁ ଜଣାଇବା ପାଇଁ ମୋଦି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ୩୦ ଟଙ୍କାରେ ଚାଉଳ କିଣି ଗରିବଙ୍କୁ ୨ ଟଙ୍କାରେ ଯୋଗାଇ ଦେଉଛନ୍ତି। ମାତ୍ର ଗରିବ ହିତାଧିକାରୀମାନେ ରାଶନ କାଉଣ୍ଟରରେ ସେହି ଲାଭ ପାଉ ନ ଥିଲେ। ଏ ବାବଦରେ ପ୍ରାୟ ୯୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ୍ କରାଯାଉଥିଲା, ଯାହା ଭାଜପା ସରକାର ଆସିବା ପରେ ବନ୍ଦ ହୋଇଯାଇଛି। ଏସବୁ କରିବା ଯୋଗୁ ବହୁ ଶତ୍ରୁ ସୃଷ୍ଟି ହୋଇଥିବା ମୋଦି କହିଛନ୍ତି। ଏହି ଅବସରରେ ମୋଦି ଏସ୍‌ଟି, ଏସ୍‌ସି ଏବଂ ଓବିସି ଲୋକଙ୍କୁ ମିଳୁଥିବା ସଂରକ୍ଷଣ ସୁବିଧାରୁ ବଞ୍ଚିତ ନ କରି ସାଧାରଣ ଗରିବ ବର୍ଗଙ୍କ ପାଇଁ ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଲାଗୁ କରିଥିବା ୧୦% ସଂରକ୍ଷଣ କଥା କହିଛନ୍ତି।

# ଆଉ ଏକ ବଜ୍ରକାପ୍ତା ଜବତ, ୮ ଅଟକ



ଜବତ ହୋଇଥିବା ବଜ୍ରକାପ୍ତା ।

**ମାଲକାନଗିରି, ୧୫ା୧ (ଡି.ଏନ୍.ଏ.)**

**କେନ୍ଦୁଝରେ ଘଟଣାର ତଦନ୍ତ କରିଥିଲା ଗୋଇନ୍ଦା ସଂସ୍ଥା**

ମାଲକାନଗିରି ଜିଲାରେ ଗତମାସ ୧୦ରେ ବନ ବିଭାଗ ଏକ ବଜ୍ରକାପ୍ତା ଜବତ କରି ଏଥିରେ ସମ୍ପୃକ୍ତ ଥିବା ୭ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଗତ ୭ରେ ବିଭାଗୀୟ କର୍ମଚାରୀ ମାଲକାନଗିରି ଆସି ତଦନ୍ତ କରି ଫେରି ଯାଇଥିଲେ। ମଙ୍ଗଳବାର ମାଲକାନଗିରି ବନଖଣ୍ଡ ବନ କର୍ମଚାରୀମାନେ ଆଉ ଏକ ବଜ୍ରକାପ୍ତା ଜବତ କରି ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଅଟକ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ବଙ୍ଗାଳି ସମ୍ପ୍ରଦାୟର ହୋଇଥିବା ବେଳେ ୩ଜଣ ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡିଛି। ଏହାର ସବିଶେଷ ତଥ୍ୟ ବୁଧବାର ସୂଚନା ଦେବାକୁ ବିଭାଗୀୟ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ କେନ୍ଦୁଝର ଜିଲାରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗୋଇନ୍ଦା ସଂସ୍ଥା ଦ୍ୱାରା ଗିରଫ କରାଯାଇଥିଲା। ବଜ୍ରକାପ୍ତା ଚୀନ୍ ଏବଂ ଥାଇଲାଣ୍ଡକୁ ରପ୍ତାନି ହେବା ସହ ଗୋଟିଏ ବଜ୍ରକାପ୍ତା ୧୦ରୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି।

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

# ୧୫୫୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



ବଲାଙ୍ଗୀର ରେଳଷ୍ଟେଶନଠାରେ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳକୁ ଉଦ୍‌ଘାଟନ କରୁଛନ୍ତି ।

- ବଲାଙ୍ଗୀର-ବିଚ୍ଛୁପାଲି ମଧରେ ରେଳ ଚଳାଚଳର ଶୁଭାରମ୍ଭ
- ରେଳପଥର ବିକାଶ ପଶ୍ଚିମ ଓଡ଼ିଶା ଚାଷୀ, ଶିଳ୍ପ ପାଇଁ ସହାୟକ ହେବ

**ବଲାଙ୍ଗୀର ଅଫିସ, ୧୫ା୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବଲାଙ୍ଗୀରଠାରେ ୧୫୫୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହିସବୁ ପ୍ରକଳ୍ପ ଶିକ୍ଷା, ସଂସ୍କୃତି, ରେଳପଥ, ଭିତ୍ତିଭୂମି ଏବଂ ସହଜ ଜୀବନଧାରଣର ଉନ୍ନତି ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି ।

ମଙ୍ଗଳବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ବଲାଙ୍ଗୀରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡ଼ା ବହୁମୁଖୀ ଲଜିଷ୍ଟିକ୍ ପାର୍କ, ଝାରସୁଗୁଡ଼ା-ବିଜୟନଗରମ୍ ରେଳଲାଇନ୍ ଏବଂ ସମ୍ବଲପୁର-ଅନୁଗୋଳ ରେଳ ଲାଇନ୍ ବିଦ୍ୟୁତୀକରଣ, ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରେଳପଥର ଦୋହରୀକରଣ ତଥା ଥେରୁବାଲି-ସିଙ୍ଗାପୁରରୋଡ ଷ୍ଟେଶନ ମଧ୍ୟରେ ୫୮୮ନମ୍ବର ବ୍ରିଜ୍‌ର ଲୋକାର୍ପଣ କରିଛନ୍ତି । ସେହିଭଳି ସୁବର୍ଣ୍ଣପୁରଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିର୍ମାଣ କାର୍ଯ୍ୟର ଆଧାରଶିଳା ରଖିଛନ୍ତି । ଏହାଛଡ଼ା ରାୟଗଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର-ବିଚ୍ଛୁପାଲି ସେକ୍ସନ ରେଳଲାଇନ୍, ବଲାଙ୍ଗୀର-ବିଚ୍ଛୁପାଲି ମଧ୍ୟରେ ନୂତନ ରେଳ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେହିଭଳି ବରଗଡ଼, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଫୁଲବାଣୀ ଏବଂ ପୁରୀ ଡାକଘରଗୁଡ଼ିକରେ ପାସ୍‌ପୋର୍ଟ ସେବାକେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହା ସହିତ ସାଂସ୍କୃତିକ ମହତ୍ତ୍ୱ ବହନ କରୁଥିବା ବୌଦ୍ଧ ଜିଲାର ନୀଳମାଧବ, ସିଦ୍ଧେଶ୍ୱର ମନ୍ଦିର, ପଶ୍ଚିମ ସୋମନାଥ ମନ୍ଦିର ସମୂହ, ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ ଐତିହ୍ୟ ସମୂହ ଏବଂ କଳାହାଣ୍ଡି ଜିଲାର ଅସୁରଗଡ଼ ଦୁର୍ଗସ୍ଥିତ ପ୍ରାଚୀନ ଐତିହ୍ୟ ସ୍ଥଳୀର ବିକାଶ, ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି ।



ଶୁଭାରମ୍ଭ ଦିବସରେ ବାହାରିଥିବା ଟ୍ରେନ୍ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଶିକ୍ଷା ମାନବ ସଂସାଧନର ବିକାଶ କରେ । ଏହି ସଂସାଧନ ଗମନାଗମନ ସହ ଯୋଡି ହେଲେ ରୋଜଗାର ସୃଷ୍ଟି କରେ । ଏହାକୁ ଦୃଷ୍ଟିରେ ରଖି ଓଡିଶାର ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରକୁ ବିସ୍ତାର କରାଯାଉଛି । ୬ଟି ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରାଯାଇଛି । ଏଥିରେ ଓଡିଶାର ଆନ୍ତ ଯୋଗାଯୋଗ, ଗମନାଗମନ ବ୍ୟବସ୍ଥା ସୁଧୁରିବ ଓ ଦେଶର ଅନ୍ୟ ରାଜ୍ୟ ମଧ୍ୟରେ ଯୋଗାଯୋଗ ବଢ଼ିବ । ଯୋଗାଯୋଗ, ଗମନାଗମନ ବୃଦ୍ଧି ହେଲେ ଚାଷୀ ସେମାନଙ୍କ ଉତ୍ପାଦନ ବଡ ମଣ୍ଡି ଓ ସହରକୁ ପହଞ୍ଚାଇବାର ସୁବିଧା ପାଇବେ । ଉଦ୍ୟୋଗ ବଢ଼ିଲେ ଯୁବବର୍ଗଙ୍କୁ ରୋଜଗାର ମିଳିବ ବୋଲି ସେ କହିଛନ୍ତି । ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି । ଓଡିଶାରେ ଜଙ୍ଗଲ, ସମୁଦ୍ର ରହିଛି । ପ୍ରକୃତି ଏଠାରେ କିଛି ବି କମ୍ କରିନାହିଁ । ଏସବୁର ଉପଯୁକ୍ତ ବିନିଯୋଗ ହେଲେ ପର୍ଯ୍ୟଟନର ବିକାଶ ହେବ ଏବଂ ସଂସ୍କୃତିଭିତ୍ତିକ ଐତିହ୍ୟ ସ୍ଥଳୀଗୁଡ଼ିକର ମଧ୍ୟ ସୁରକ୍ଷା ହୋଇପାରିବ । ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଓଡ଼ିଶା ଆସିବେ ଏବଂ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବଲାଙ୍ଗୀର ମଧ୍ୟଦେଇ ଯାଇଥିବା ପ୍ରାଚୀନ ସଡ଼କର ଧାରେ ଧାରେ ଥିବା ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ସେହିଭଳି କଳାହାଣ୍ଡିର ଅସୁରଗଡ଼ କିଲ୍ଲାର ବୀରତ୍ୱର ମହାନ୍ ସଂସ୍କୃତି ଏବେ ମଧ୍ୟ ଉଜ୍ଜୀବିତ ରହିଛି । ଏହି ସଭାରେ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଓ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମଞ୍ଚାସୀନ ଥିଲେ ।

### ନରସିଂହଙ୍କ ନାଁ ନେଲେନାହିଁ

ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରୀ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ । ହେଲେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ଆରମ୍ଭ ବେଳେ ଅନ୍ୟ ଅତିଥିଙ୍କୁ ସମ୍ବୋଧନ କରିଥିଲେ ମଧ୍ୟ ନରସିଂହଙ୍କ ନାମ ନେଇ ନ ଥିଲେ । ଏହାକୁ ନେଇ ସାଧାରଣରେ ଆଲୋଚନା ହୋଇଥିଲା । ମୋଦି ଜାଣିଶୁଣି ଏଭଳି କଲେ ନାଁ ଭୁଲବଶତଃ ଏଭଳି କଲେ ଏହି ପ୍ରସଙ୍ଗଟି ସାଧାରଣରେ ଆଲୋଚନା ପାଇଁ ଖୋରାକ ଯୋଗାଇଥିଲା ।

# ମୋଦିଙ୍କୁ ଭେଟିଲେ ଶହୀଦ ଅଚ୍ୟୁତଙ୍କ ମାତାପିତା, ଭାଇ

**ବଲାଙ୍ଗୀର ଅଫିସ, ୧୫ା୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ଛତିଶଗଡରେ ମାଓବାଦୀ ଗୁଳିରେ ପ୍ରାଣ ହରାଇଥିବା ଦୂରଦର୍ଶନ କ୍ୟାମେରାମ୍ୟାନ୍ ତଥା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା ଗାଁର ସହୀଦ ଅଚ୍ୟୁତାନନ୍ଦ ସାହୁଙ୍କ ପିତା ନରେନ୍ଦ୍ର ସାହୁ, ମାତା ତୁଳସୀ ସାହୁ ଓ ଭାଇ ପ୍ରଭାତ ସାହୁଙ୍କୁ ଭେଟିଥିଲେ । ମଙ୍ଗଳବାର ବଲାଙ୍ଗୀର ରେଳଷ୍ଟେଶନ୍ ସଭାସ୍ଥଳରେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ମୋଦି ସ୍ୱର୍ଗତ ଅଚ୍ୟୁତାନନ୍ଦଙ୍କ ଦୁଃଖଦ ମୃତ୍ୟୁରେ ସମବେଦନା ଜଣାଇଥିଲେ । ଅଚ୍ୟୁତ୍‌ଙ୍କ ବଳିଦାନ ପାଇଁ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ବୀର ପୁଅଙ୍କୁ ଜନ୍ମ ଦେବା ଗୌରବର କଥା ବୋଲି କହିଥିଲେ । ଏଭଳିକି ପଥରଚେପା ସାଧାରଣ ସଭାରେ ମଧ୍ୟ ମୋଦି ଅଚ୍ୟୁତ୍‌ଙ୍କ ସାହସ ଓ ବଳିଦାନ କଥା ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୋଦିଙ୍କୁ ଭେଟିବା ବେଳେ ସହୀଦ ଅଚ୍ୟୁତ୍‌ଙ୍କ ବୃଦ୍ଧା ମାତାଙ୍କ ଜୀର୍ଣ୍ଣ ସ୍ୱାସ୍ଥ୍ୟ ଓ ଚିକିତ୍ସା ତଥା ପୁଅ ପ୍ରଭାତ ପାଇଁ ଏକ ସରକାରୀ ଚାକିରି ବ୍ୟବସ୍ଥା କରିବା ନେଇ ନରେନ୍ଦ୍ର ସାହୁ ମୋଦିଙ୍କୁ ଅନୁରୋଧ ଜଣାଇଥିଲେ । ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ ।

### ଭେଟିପାରିଲେନି ସ୍ତ୍ରୀ

ମୋଦିଙ୍କୁ ଅଚ୍ୟୁତ୍‌ଙ୍କ ପିତାମାତା ଓ ଭାଇ ସାକ୍ଷାତ କରିଥିଲେ ମଧ୍ୟ ସ୍ତ୍ରୀ ହିମାଞ୍ଜଳି ସାକ୍ଷାତ କରିପାରି ନ ଥିବା ଜଣାପଡିଛି । ମୋଦୀଙ୍କୁ ଭେଟିବାକୁ ସେ ପଥରଚେପା ସମାବେଶସ୍ଥଳକୁ ଯାଇଥିଲେ ମଧ୍ୟ ପ୍ରବଳ ଭିଡ ଯୋଗୁଁ ଭେଟି ପାରି ନଥିଲେ । ସହୀଦଙ୍କ ପିତାମାତା ଓ ଭାଇ ମୋଦୀଙ୍କୁ ଭେଟିଥିବାବେଳେ ସ୍ତ୍ରୀ କିଭଳି ଭେଟି ପାରିଲେନି ବୋଲି ଆଲୋଚନାର ବିଷୟ ହୋଇଛି ।



ପ୍ରଧାନମନ୍ତ୍ରୀ ମୋଦି ଅଚ୍ୟୁତ୍‌ଙ୍କ ପିତାମାତା ଓ ଭାଇଙ୍କ ସହ ଆଲୋଚନା କରୁଛନ୍ତି ।

## ବଲାଙ୍ଗୀର ଭାଜପା ସମାବେଶର ଏପାଖ ସେପାଖ

### ସମାବେଶରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ପୋଷ୍ଟର

ଓଡିଶାରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିକୁ ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ସମାବେଶରେ ଦେଖିବାକୁ ମିଳିଛି । ବହୁ କୋଶଳ ରାଜ୍ୟ ସମର୍ଥକ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ଲେଖାଥିବା ପୋଷ୍ଟର, ବ୍ୟାନରକୁ ସମାବେଶରେ ପ୍ରଦର୍ଶନ କରି ନାରାବାଜି କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଭାଷଣ ଦେବା ସମୟରେ କୋଶଳ ରାଜ୍ୟ ଗଠନ ନାରା ସମାବେଶକୁ ପ୍ରକମ୍ପିତ କରିଥିଲା । ତେବେ ମୋଦି ତାଙ୍କ ବକ୍ତବ୍ୟରେ ଏନେଇ କିଛି ବି ମନ୍ତବ୍ୟ ଦେଇନଥିଲେ। ପୋଲିସ କର୍ମଚାରୀମାନେ ପ୍ରଦର୍ଶନକାରୀଙ୍କୁ ଚୁପ୍ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଚୁପ୍ ହୋଇନଥିଲେ ।

### କଣ୍ଟାବାଞ୍ଜି ସ୍ୱତନ୍ତ୍ର ଜିଲା ଗଠନ ଦାବି ପ୍ରସଙ୍ଗ ଉଠିଲା

ସ୍ୱତନ୍ତ୍ର କଣ୍ଟାବାଞ୍ଜି ଜିଲା ଗଠନ ଦାବି ନେଇ ଦୀର୍ଘଦିନରୁ କରୁଥିବା ଆନ୍ଦୋଳନକାରୀ ମୋଦିଙ୍କ ସାଧାରଣ ସଭାରେ ଉପସ୍ଥିତ ରହି ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ କରିଥିଲେ। କଣ୍ଟାବାଞ୍ଜି ଅଞ୍ଚଳକୁ ଜିଲା ମାନ୍ୟତା ମିଳିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦାଦନ ସମସ୍ୟାର ସମାଧାନ ହେବ ବୋଲି ଦୀର୍ଘଦିନରୁ ଦାବି କରିଆସୁଛନ୍ତି । ଆନ୍ଦୋଳନକାରୀମାନେ ବ୍ୟାନର ଦେଖାଇଥିଲେ ମଧ୍ୟ ମୋଦି ଏନେଇ କିଛି ମନ୍ତବ୍ୟ ଦେଇ ନ ଥିଲେ ।

### ହେଲିକପ୍ଟର ଦେଖିବାକୁ ଟେଣ୍ଟ ଭାଙ୍ଗିଦେଲେ ଲୋକ

ମୋଦି ସଭାସ୍ଥଳରୁ ଓହ୍ଲାଇ ହେଲିକପ୍ଟର ପାଖକୁ ଯାଇଥିଲେ । ପଡିଆ ଚାରିପାଖରେ ଟେଣ୍ଟ କନାଗୁଡା ଯାଇଥିବାରୁ ତାହା ଦେଖାଯାଇ ନ ଥିଲା । ହଠାତ୍ ଜଣେ ଲୋକ ସେହି ଟେଣ୍ଟକନାକୁ ଚିରି ମୋଦିଙ୍କ ଗସ୍ତ ଦୃଶ୍ୟ ଦେଖିଥିଲେ । ତାଙ୍କୁ ଦେଖି ସଭାରେ ଯୋଗଦେଇଥିବା ହଜାର ହଜାର ଲୋକ ସେଠାକୁ ଦୌଡିଥିଲେ । ଏହାପରେ ହେଲିକପ୍ଟର ଦେଖିବା ପାଇଁ ମହିଳାମାନେ ମଧ୍ୟ ସେଠାକୁ ଧାଇଁଥିଲେ । ଧକାଳନାରେ ଗୁଡାଯାଇଥିବା ଟେଣ୍ଟକୁ କିଛି ସମୟ ମଧ୍ୟରେ ଲୋକେ ମାଟିରେ ମିଶାଇ ଦେଇଥିଲେ ।

### ଚେୟାର ଧରି ଦୌଡିଲେ

ମୋଦି ଆସିବାର କିଛି ସମୟ ପୂର୍ବ ଯାଏଁ ସଭାସ୍ଥଳର ଆଗରେ ବ୍ୟବସ୍ଥା ହୋଇଥିବା ଭିଭିଆଇପି ଚେୟାର ଖାଲିପଡିଥିଲା । ମୋଦିଙ୍କ ଆସିବା ସମୟ ହେବା କ୍ଷଣି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ପୋଲିସକୁ ଲୋକମାନଙ୍କୁ ଆଗକୁ ପଠାଇ ଚେୟାର ଫୁଲ କରିବାକୁ ଅନୁରୋଧ କରିଥିଲେ । କାଳେ ଲୋକ ମାଡି ଆସିବେ ପୋଲିସ ସମ୍ଭାଳି ପାରିବ ନାହିଁ ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ଆଗକୁ ଛଡାଯାଇ ନ ଥିଲା । ମାତ୍ର ଦଳର ବରିଷ୍ଠ ନେତା ସୁରେଶ ପୂଜାରୀ ପୁଣି ଥରେ ସମାନ କଥା ଦୋହରାଇ ଲୋକଙ୍କୁ ଆଗକୁ ଛାଡିବାକୁ ପୋଲିସକୁ ଅନୁରୋଧ କଲେ । ଶେଷରେ ପୋଲିସ ଲୋକଙ୍କୁ ଆଗକୁ ଯିବାକୁ ଛାଡି ଦେଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଦୌଡ ଧପଡ । ଲୋକେ ଗୋଟେ ଗୋଟେ ଚେୟାର ଧରି ସିଧା ସଭାସ୍ଥଳ ନିକଟରେ ପହଞ୍ଚିଥିଲେ । କିଛଇ ସମୟ ଯାଏଁ ଲୋକେ ଏତେ ହୋଇଗଲେ ଯେ, ଲୋକଙ୍କୁ ଚେୟାର ମୁଣ୍ଡେଇ ସେଠାରେ ଠିଆହେବାକୁ ପଡିଥିଲା ।

## ସମାବେଶର ଝଲକ୍...



ବଲାଙ୍ଗୀର ପଥରଚେପା ପଡ଼ିଆରେ ମଙ୍ଗଳବାର ଭାଜପା ସମାବେଶରେ ଯୋଗଦେଇଥିବା କର୍ମୀ, ସମର୍ଥକ ଓ ଜନସାଧାରଣ ।




ସ୍ୱତନ୍ତ୍ର କଣ୍ଟାବାଞ୍ଜି ଜିଲା ଦାବିରେ ଆନ୍ଦୋଳନକାରୀଙ୍କ ମୋଦିଙ୍କ ସାଧାରଣ ସଭାରେ ପ୍ଲାକାର୍ଡ ପ୍ରଦର୍ଶନ ।




କୋଶଳ ରାଜ୍ୟ ସମର୍ଥକ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ଲେଖାଥିବା ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରୁଛନ୍ତି ।



୨୭,୦୦୦ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।
– ଅଜୟ କେ. ଖୁରାନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ସିଣ୍ଡିକେଟ ବ୍ୟାଙ୍କ



ଦେଶର ଉଡାଣ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଗୁରୁତ୍ୱ ଦିଆଯାଇଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ଅର୍ଥ ମନ୍ତ୍ରଣାଳୟର ଉଦ୍ୟମ: ଟୁଇଟର ସିରିଜରେ ଶିଖାଇବ ବଜେଟ

ନୂଆଦିଲ୍ଲୀ,୧୫-୧: ବଜେଟ ସମ୍ପର୍କରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଟୁଇଟର ସିରିଜ ଜରିଆରେ ଦେଶର ଯେକୌଣସି ନାଗରିକ ବଜେଟରେ ବ୍ୟବହୃତ ଶବ୍ଦଗୁଡିକର ଅର୍ଥ ଓ ସଂଜ୍ଞା ବିଷୟରେ ଜାଣିପାରିବେ। 'ନୋ ଇଓର ବଜେଟ' ନାମରେ ଏକ ଟୁଇଟର ସିରିଜ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ବଜେଟର ଗୁରୁତ୍ୱ ଓ ଏହାକୁ କିପରି ପ୍ରସ୍ତୁତ କରାଯାଏ, ସେ ସମ୍ପର୍କରେ ବିସ୍ତାରିତ ଭାବେ କୁହାଯାଉଛି। ମଙ୍ଗଳବାର ବଜେଟ ଓ ଭୋଟ୍ ଅନ୍ ଆକାଉଣ୍ଟ(ଲେଖାନୁଦାନ) କାହାକୁ କୁହାଯାଏ,ସେନେଇ ଉଲ୍ଲେଖ କରାଯାଇଛି।

### ରପ୍ତାନିରେ ସାମାନ୍ୟ ବୃଦ୍ଧି କମୁଛି ବାଣିଜ୍ୟ ନିଅଣ୍ଟ

ନୂଆଦିଲ୍ଲୀ,୧୫-୧: ଡିସେମ୍ବରରେ ଦେଶର ରପ୍ତାନି ସାମାନ୍ୟ ୦.୩୪% ବୃଦ୍ଧି ପାଇ ୨୭.୯୩ ବିଲିୟନ ଡଲାରରେ ପହଞ୍ଚିଛି। ଇଞ୍ଜିନିୟରିଂ, ରତ୍ନ ଓ ଆଭୂଷଣ, ଚମଡା, ହାତ ତିଆରି ସୂତା ତଥା ଔଷଧର ରପ୍ତାନି ହ୍ରାସ ପାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ, ଗତ ମାସରେ ଆମଦାନୀ ୨.୪୪ ପ୍ରତିଶତ ଅର୍ଥାତ୍ ୪୧ ବିଲିୟନ ଡଲାରକୁ ହ୍ରାସ ପାଇଛି। ଫଳରେ ଡିସେମ୍ବରରେ ବାଣିଜ୍ୟ ନିଅଣ୍ଟ ପରିମାଣ ୧୩.୦୮ ବିଲିୟନ ଡଲାରକୁ କମିଛି। ବର୍ଷକ ପୂର୍ବେ ଏହା ୧୪.୨ ବିଲିୟନ ଡଲାର ଥିଲା। ନଭେମ୍ବରରେ ଏହା ୧୬.୬୭ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ବର୍ଷରେ ପେଟ୍ରୋଲିୟମ ଉତ୍ପାଦ(୧୩.୧୮%), ଅର୍ଗାନିକ ଓ ଅଣଅର୍ଗାନିକ ରସାୟନ(୫.୫%) ଏବଂ ବୈଦ୍ୟୁତିକ ସାମଗ୍ରୀ(୫୦.୮୧%) ରପ୍ତାନି ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଏହି ସମୟ ମଧ୍ୟରେ ଦେଶର ସୁନା ଆମଦାନୀ ପରିମାଣ ୨୪.୩୩% ଅର୍ଥାତ୍ ୨.୫ବିଲିୟନ ଡଲାରକୁ ହ୍ରାସ ପାଇଛି।

### ଜେଟ୍ ଏୟାରୱେଜରେ ନିବେଶ କରିବନି କାତାର

ମୁମ୍ବାଇ,୧୫-୧: ସଙ୍କଟଗ୍ରସ୍ତ ଜେଟ୍ ଏୟାରୱେଜର ଅଂଶଧନ କିଣିବ ନାହିଁ ବୋଲି କାତାର ଏୟାରୱେଜ ସ୍ପଷ୍ଟ କରିଛି। ସିଇଓ ଅକବର ଅଲ୍-ବକର ମଙ୍ଗଳବାର ଏଠାରେ ଆୟୋଜିତ ଏଭିଏଶନ କନଫରେନ୍ସରେ ଯୋଗ ଦେଇ ବକର କହିଛନ୍ତି ଯେ, ଜେଟ୍ ଏୟାରୱେଜର ଅଂଶଧନକୁ ଆବୁଧାବୀର ଏଟିହାଦ୍ ଏୟାରୱେଜ କିଣିଛି। ୟୁଏଇର ଏକ ଅଂଶ ଆବୁଧାବୀ ତାଙ୍କ ଦେଶ କାତାରର ଶତ୍ରୁ। ଏହି କାରଣରୁ କାତାର ଏୟାରୱେଜ ଜେଟ୍ ବଦଳରେ ଭାରତର ସର୍ବବୃହତ ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋର ଅଂଶଧନ କିଣିବାକୁ ଚାହୁଁଛି ବୋଲି ସେ କହିଛନ୍ତି।

# ଜିଏସ୍‌ଟି ଫାଙ୍କି ରୋକିବ ଫାଷ୍ଟାଗ୍



- ପରିବହନ ଉପରେ ନଜର ରଖାଯିବ
- ଇ-ୱେ ବିଲ୍ ସହ ଯୋଡ଼ାଯିବ ଫାଷ୍ଟାଗ୍
- ୨୦୧୮-୧୯ର ପ୍ରଥମ ୯ମାସରେ ୧୫,୨୭୮.୧୮ କୋଟିର ଫାଙ୍କି ଧରାପଡ଼ିଛି
- ୧ ଲକ୍ଷ କୋଟିର ଟିକସ ଆଦାୟ ଲକ୍ଷ୍ୟ
- ମିଳୁଛି ହାରାହାରି ୯୬,୮୦୦ କୋଟି

ନୂଆଦିଲ୍ଲୀ,୧୫-୧

ସାମଗ୍ରୀର ପରିବହନ ଉପରେ ନଜର ରଖିବା ତଥା ଜିଏସ୍‌ଟି ଫାଙ୍କିକୁ ରୋକିବା ଲାଗି କେନ୍ଦ୍ର ସରକାର ଏବେ ଇ-ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡ଼ିବାକୁ ଯାଉଛନ୍ତି। ଏପ୍ରିଲରୁ ଏହି ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଟ୍ରାନ୍ସପୋର୍ଟରଙ୍କ ସହ ଆଲୋଚନା ପରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ରାଜସ୍ୱ ବିଭାଗ ଦ୍ୱାରା ଇ-ୱେ ବିଲ୍, ଫାଷ୍ଟାଗ୍ ଓ ଡିଏମ୍‌ଆଇସିର ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କକୁ ଯୋଡିବା ଲାଗି ଅଧିକାରୀମାନଙ୍କର ଏକ କମିଟି ଗଠନ କରାଯାଇଛି। ଏହି ସମନ୍ୱିତ ବ୍ୟବସ୍ଥାକୁ ସାରା ଦେଶରେ ଏପ୍ରିଲରୁ ଲାଗୁ କରିବା ପୂର୍ବରୁ କର୍ଣ୍ଣାଟକରେ ପାଇଲଟ ପ୍ରକଳ୍ପ ଭିତ୍ତିରେ ଆରମ୍ଭ କରାଯାଇଛି।

ଜଣେ ଅଧିକାରୀ କହିଛନ୍ତି ଯେ, କିଛି ଟ୍ରାନ୍ସପୋର୍ଟର ଗୋଟିଏ ଇ-ୱେ ବିଲ୍‌ରେ ଏକାଧିକଥର ସାମଗ୍ରୀ ପରିବହନ କରୁଛନ୍ତି। ଇ-ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡାଯିବା ମାତ୍ରେ ଗାଡ଼ିଗୁଡିକର ପ୍ରକୃତ ଅବସ୍ଥିତି ସହଜରେ ଜାଣି ହୋଇଯିବ। ଏହାଛଡ଼ା ଗାଡ଼ିଗୁଡିକ ଜାତୀୟ ରାଜପଥରେ ଟୋଲ୍ ପ୍ଲାଜାଗୁଡିକୁ କେତେଥର ଅତିକ୍ରମ କରିଛନ୍ତି ତାହା ଫାଷ୍ଟାଗ୍ ମାଧ୍ୟମରେ ଜାଣି ହେବ। ଉଲ୍ଲେଖଥାଉ କି, ଫାଷ୍ଟାଗ୍ ମାଧ୍ୟମରେ ଏବେ ଜାତୀୟ ରାଜପଥରେ ନ୍ୟାଶନାଲ ହାଇୱେଜ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଇଲେକ୍ଟ୍ରୋନିକ ପଦ୍ଧତିରେ ଟୋଲ ଆଦାୟ କରିଥାଏ। ଏଣୁ ଇ-ୱେ ବିଲ୍‌କୁ ଫାଷ୍ଟାଗ୍ ସହ ଯୋଡାଯିବା ଦ୍ୱାରା ଗାଡ଼ିଗୁଡିକର ପ୍ରକୃତ ଅବସ୍ଥିତିକୁ ରାଜସ୍ୱ ବିଭାଗ ଅଧିକାରୀ ସହଜରେ ଖୋଜି ପାଇବେ ଏବଂ ତଦନୁଯାୟୀ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। କାରଣ ଇ-ୱେ ବିଲ୍‌ରେ ଦର୍ଶାଯାଇଥିବା ରାସ୍ତାରେ ଗାଡ଼ି ଯାଉଛି କି ନା ତାହା ଫାଷ୍ଟାଗ୍ ଜରିଆରେ ଜଣାପଡିବ। ଏହାଦ୍ୱାରା ଇଜ୍ ଅଫ୍ ଡୁଇଂ ବିଜନେସ୍ ଉପରେ ବେଶ୍ ସକାରାତ୍ମକ ପ୍ରଭାବ ପଡିବ। କାରଣ ଏହି ସମନ୍ୱିତ ବ୍ୟବସ୍ଥା ସାରା ଦେଶରେ ଥରେ ଲାଗୁ ହୋଇଯିବା ପରେ ଲଜିଷ୍ଟିକ୍ସ ଅପରେଶନର କାର୍ଯ୍ୟଦକ୍ଷତା ବଢ଼ିଯିବ। ଏହାବ୍ୟତୀତ ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଯୋଗୁ ବ୍ୟବସାୟ ପରିବେଶରେ ଉନ୍ନତି ଆସିବ। ଏହାଦ୍ୱାରା ଇ-ୱେ ବିଲ୍‌ରେ ଥିବା ଫାଙ୍କକୁ ଦୂର କରାଯାଇପାରିବ। ସୂଚନାଥାଉ କି, ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ର ପ୍ରାରମ୍ଭିକ ୯ ମାସ ଏପ୍ରିଲରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଟିକସ ଅଧିକାରୀମାନେ ୧୫,୨୭୮.୧୮ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିର ୩୬୨୬ ମାମଲା ଧରିଛନ୍ତି। କେନ୍ଦ୍ର ସରକାର ପ୍ରତି ମାସରେ ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ପ୍ରତି ମାସରେ ହାରାହାରି ୯୬,୮୦୦ କୋଟି ଟଙ୍କା ଆଦାୟ କରିପାରୁଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଜିଏସ୍‌ଟି ନିୟମ ଅନୁଯାୟୀ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପରିବହନ ଲାଗି ଇ-ୱେ ବିଲ୍ ତିଆରି କରିବା ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ-ରାଜ୍ୟ ଭିତରେ ମାଲ୍ ପରିବହନ ଲାଗି ଏହି ନିୟମ ୨୦୧୮ ଏପ୍ରିଲ ପହିଲାରୁ ଲାଗୁ କରାଯାଇଥିବା ବେଳେ ଏପ୍ରିଲ ୧୫ରୁ କେବଳ ରାଜ୍ୟ ଭିତରେ ଏଥିପାଇଁ ଅନୁମତି ଦିଆଯାଇଛି। ଜିଏସ୍‌ଟି ଆଦାୟ ବୃଦ୍ଧି ସହ ଟିକସ ପରିସର ବଢ଼ାଇବା ଏବେ କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ବୋର୍ଡର ଲକ୍ଷ୍ୟ ରହିଛି। ଜିଏସ୍‌ଟି ଫାଙ୍କି ରୋକିବା ଲାଗି କେନ୍ଦ୍ର ସରକାର ଜିଏସ୍‌ଟି ଗୁଇନ୍ଦା ମହାନିର୍ଦ୍ଦେଶାଳୟ ସ୍ଥାପନ କରିଛି।

## ହୋଣ୍ଡା ଟୁହ୍ୱିଲର୍ସର ସିବି ୩୦୦ ଆର୍ ବଜାରରେ



ଗୁରୁଗ୍ରାମ,୧୫-୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ହୋଣ୍ଡା ସିବି୩୦୦ଆର୍ ଭାରତ ବଜାରରେ ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲଟିକୁ ଜାପାନର ନିଓ ସ୍ପୋର୍ଟସ କାଫେ ଡାଞ୍ଚାରେ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ସୂଚନା ଦେଇଛି। ଘରୋଇ ବଜାରରେ ଏହା କମ୍ପ୍ଲିଟଲି ନକ୍‌ଡ ଡାଉନ(ସିକେଡି) ରୁଟ୍‌ରେ ବିକ୍ରି ହେବ। ନୂଆ ଚିନ୍ତାଧାରା ତଥା ଲକ୍ଷ୍ୟକୁ ଆଧାର କରି ଏହି ମଡେଲକୁ ବଜାରକୁ ଆଣିଥିବା କମ୍ପାନୀର ସେଲ୍ସ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ନୂତନ ପିଢିର ବାଇକ ପ୍ରେମୀଙ୍କୁ ଏକ ଭିନ୍ନ ଧରଣର ଅନୁଭୂତି ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି ଗୁଲେରିୟା କହିଛନ୍ତି। ଏହାର ବୁକିଂ ଆରମ୍ଭ ହୋଇଥିବା ବେଳେ ଏହା ୨୮୬ ସିସିର ଡିଓଏଚ୍‌ସି ୪ ଭଲ୍‌ଵ ଲିକ୍ୟୁଡ କୁଲ୍‌ଡ ଇଞ୍ଜିନ, କ୍ଲାସିକ ଷ୍ଟାଇଲିଂ , ମେଟ ଆକ୍ସିସ ଗ୍ରେ ମେଟାଲିକ, କ୍ୟାଣ୍ଡି କ୍ରୋମୋସ୍ଫିୟର ରେଡ ରଙ୍ଗରେ ଉପଲବ୍ଧ ହେଉଛି। ଏହାର ଏକ୍ସଶୋରୁମ ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ନିମ୍ନରେ ରହିଛି। ଗ୍ରାହକ କେତେକ ସ୍ଥିରୀକୃତ ଡିଲରଶିପରେ ମାତ୍ର ୫,୦୦୦ ଟଙ୍କା ଦେଇ ବୁକିଂ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଓଟିପି ଜରିଆରେ ଆକାଉଣ୍ଟରୁ ଗାଏବ ହୋଇଯାଉଛି ଟଙ୍କା

ନୂଆଦିଲ୍ଲୀ,୧୫-୧

ହ୍ୟାକରମାନେ ଏବେ ଏକ ନୂଆ ପନ୍ଥା ଆପଣାଇ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରି ନେଉଛନ୍ତି। ବ୍ୟାଙ୍କ ଦ୍ୱାରା ପଠାଯାଉଥିବା ଓଟିପି(ୱାନ୍ ଟାଇମ ପାସ୍‌ୱର୍ଡ)କୁ ଏହି ହ୍ୟାକରମାନେ କୌଣସି ଉପାୟରେ କରାୟତ୍ତ କରି ଆକାଉଣ୍ଟରୁ ଟଙ୍କା ଚୋରାଇ ନେଉଛନ୍ତି। କର୍ଣ୍ଣାଟକର କେତେକ ଇଞ୍ଜିନିୟର ଏଭଳି ଓଟିପି ଚୋରିର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଥିବାର ସାମ୍ନାକୁ ଆସିଛି। ସାଧାରଣତଃ ଦୁଇଟି ଉପାୟରେ ହ୍ୟାକରମାନେ ଓଟିପି ଚୋରି କରୁଛନ୍ତି। ପ୍ରଥମ ଉପାୟରେ ସେମାନେ ନିଜକୁ ବ୍ୟାଙ୍କ କର୍ମଚାରୀ ଭାବେ ପରିଚୟ ଦେଇ ଗ୍ରାହକଙ୍କଠାରୁ ଓଟିପି ପଚାରି ବୁଝି ନେଉଛନ୍ତି। ଦ୍ୱିତୀୟ ପନ୍ଥା ଭାବେ ସେମାନେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି ମାଲ୍‌ୱାର ସଫ୍ଟୱେର୍ ବ୍ୟବହାର କରିଥାନ୍ତି। ଓଟିପି ପାଇଯିବା ପରେ ସେମାନେ ଗ୍ରାହକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ସାଇବର ଅପରାଧ ପୋଲିସ ପକ୍ଷରୁ କୁହାଯାଇଛି ଯେ, ହ୍ୟାକରମାନେ ନିଜକୁ ବ୍ୟାଙ୍କ ଅଧିକାରୀ ଦର୍ଶାଇ ଫୋନ୍‌ରେ ଗ୍ରାହକଙ୍କ ଆସ୍ଥାଭାଜନ ହେଲା ପରେ ସେମାନଙ୍କର କାର୍ଡ ନମ୍ବର ଓ ସିଭିଭି ମାଗନ୍ତି। ବିନା ଓଟିପିରେ ଟଙ୍କା ଉଠାଇ ହେବ ନାହିଁ ମନେ କରି ଗ୍ରାହକ ଏହା ସହଜରେ ଦେଇଥାଏ। ତେବେ ହ୍ୟାକର ଏତିକିରେ ନ ଅଟକି ଗ୍ରାହକଙ୍କୁ ଏକ ଏସ୍‌ଏମ୍‌ଏସ୍ ପଠାଇଥାଏ। ଏଥିରେ ଥିବା ଏକ ଲିଙ୍କକୁ କ୍ଲିକ୍ କରିବାକୁ କୁହାଯାଏ। ଗ୍ରାହକ ଏହି ଲିଙ୍କକୁ କ୍ଲିକ୍ କରିବା ମାତ୍ରେ ତାଙ୍କ ମୋବାଇଲ ଫୋନକୁ ଆସୁଥିବା ସମସ୍ତ ଏସ୍‌ଏମ୍‌ଏସ୍ ଦ୍ୱାରା ଓଟିପି ହାସଲ କରି ସେମାନେ ଟଙ୍କା ଉଠାଇ ନିଅନ୍ତି।

■ ମେକ୍ ଇନ୍ ଇଣ୍ଡିଆକୁ ଝଟକା

## ବିଦେଶରୁ ଟିଭି ଆମଦାନି କରୁଛନ୍ତି କମ୍ପାନୀ

ନୂଆଦିଲ୍ଲୀ,୧୫-୧

ଟିଭି ନିର୍ମାଣରେ ବ୍ୟବହୃତ ଏକ ମୁଖ୍ୟ ଯନ୍ତ୍ରାଂଶ ଓପନ ସେଲ୍ ଏଲ୍‌ଇଡି ପ୍ୟାନେଲ ଉପରେ କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ଆଦାୟ କରୁଛନ୍ତି। ଫଳରେ ଟିଭି ନିର୍ମାଣ ଏବେ ମହଙ୍ଗା ହେଉଛି। ପ୍ରତିଯୋଗିତାରେ ତିଷ୍ଠି ରହିବା ଲାଗି ମାର୍କେଟ ଲିଡର ସାମସଙ୍ଗ ଏବେ ଭାରତରେ ଟିଭି ନିର୍ମାଣ ବନ୍ଦ କରିଦେଇଛି। କମ୍ପାନୀ ଏବେ ଆସିଆନ ଦେଶରୁ ଟିଭି ଆମଦାନୀ କରିବା ଆରମ୍ଭ କରିଛି। ସାମ୍‌ସଙ୍ଗ ରାସ୍ତାରେ ଏବେ ଏଲ୍‌ଜି ପାଦ ଥାପିବାକୁ ଯାଉଛି। ଏହା ଟିଭି ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ନ କଲେ ମଧ୍ୟ ବିଦେଶରୁ ଆମଦାନୀ କରିବାକୁ ବିଚାର କରୁଛି। ସାମ୍‌ସଙ୍ଗ ପରେ ଏଲ୍‌ଜିର ପଦକ୍ଷେପ କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ'ଯୋଜନା ପାଇଁ ଏକ ଜୋର୍ ଝଟ୍‌କା କୁହାଯାଇପାରେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉପରୋକ୍ତ ଯନ୍ତ୍ରାଂଶର ଆମଦାନୀ ଶୁଳ୍କ ପ୍ରତ୍ୟାହାର କରିବାକୁ ବିଚାର କରୁଛି।

ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନଫର୍ମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଉକ୍ତ ଯନ୍ତ୍ରାଂଶ ଉପରେ ୫% ଆମଦାନୀ ଶୁଳ୍କ ନେଉଛନ୍ତି। ସରକାର ଦେଶରେ ମାନୁଫାକ୍‌ଚରିଂକୁ ପ୍ରୋତ୍ସାହନ ଦେଉଥିବାରୁ ଏହାକୁ ପ୍ରତ୍ୟାହାର କରିବା ପାଇଁ ଆଲୋଚନା ହେଉଛି। କାରଣ ଏହା ଏକ ବାଧା ହୋଇ ଛିଡା ହେଲାଣି। ସେ କହିଛନ୍ତି ଯେ, ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ୍ ପ୍ରମୋଶନ(ଡିଆଇପିପି) ଏହି ପଦକ୍ଷେପକୁ ସମର୍ଥନ କରୁଛି। ତେବେ ଚୂଡାନ୍ତ ନିଷ୍ପତ୍ତି ଅର୍ଥ ମନ୍ତ୍ରଣାଳୟ ନେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସାମ୍‌ସଙ୍ଗ ଭଳି ଦେଶର ଦ୍ୱିତୀୟ ସର୍ବବୃହତ ଟିଭି କମ୍ପାନୀ ଏଲ୍‌ଜି ମଧ୍ୟ ଦେଶରେ ଟିଭି ନିର୍ମାଣ କରିବା ପରିବର୍ତ୍ତେ ବିଦେଶରୁ ଏହାକୁ ଆମଦାନୀ କରିବାକୁ ଚିନ୍ତା କରୁଛି। କମ୍ପାନୀ ବିଦେଶୀ ବାଣିଜ୍ୟ ଚୁକ୍ତି ରାସ୍ତା ଜରିଆରେ ଏହି ପଦକ୍ଷେପ ନେବାକୁ ଯାଉଛି। କାରଣ ଭାରତ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ବିଦେଶୀ ରାଷ୍ଟ୍ରରୁ ଆମଦାନୀ ହେଉଥିବା ସାମଗ୍ରୀ ଶୁଳ୍କମୁକ୍ତ ହୋଇଥାଏ। ମାମଲା ସମ୍ପର୍କରେ ଜାଣିବା ଲାଗି ମନ୍ତ୍ରଣାଳୟର ଅଧିକାରୀମାନେ ଦୁଇଥର ଉକ୍ତ ଦୁଇ କମ୍ପାନୀର ବରିଷ୍ଠ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଲ୍ଲେଖଥାଉ କି, ଚେନ୍ନାଇ କାରଖାନାରେ ଟିଭି ନିର୍ମାଣ କରୁଥିବା ସାମ୍‌ସଙ୍ଗ ଗତବର୍ଷରୁ ଭିଏତନାମରୁ ଆମଦାନୀ କରିବା ଆରମ୍ଭ କରିଛି। ଏହା ପରେ କମ୍ପାନୀ ଆସିଆନ ଦେଶରୁ ଆମଦାନୀ ବଢ଼ାଇଛି। ଗତ ବର୍ଷ ଅଗଷ୍ଟରୁ ଏହା ଧୀରେ ଧୀରେ ଉତ୍ପାଦନ ହ୍ରାସ କରିବା ପରେ ଅକ୍ଟୋବର ସୁଦ୍ଧା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କଣ୍ଟ୍ରାକ୍ଟ ମାନୁଫାକଚରର ଡିକ୍ସନ ଟେକ୍ନୋଲୋଜି ଅଧକ୍ଷ ସୁନିଲ ବଚ୍ଛାନୀ କହିଛନ୍ତି ଯେ, ଭାରତରେ ଓପନ ସେଲ୍ ପ୍ୟାନେଲ ନିର୍ମାଣ କରିବା ଲାଗି କୌଣସି କାରଖାନା ନାହିଁ। ହାଇଟେକ୍ ସୁବିଧାଯୁକ୍ତ ଗୋଟିଏ କାରଖାନା ସ୍ଥାପନ ଲାଗି ଅତିକମ୍‌ରେ ୪ ବର୍ଷ ଲାଗିଯିବ। ଏଲ୍‌ଜି ମୁଖପାତ୍ର କହିଛନ୍ତି ଯେ, କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଦେଶରେ ଟିଭି ନିର୍ମାଣ ଜାରି ରଖିବ।

## ଭାରତରେ ଖାଦ୍ୟ ବ୍ୟବସାୟରୁ ଓହରିଯିବାକୁ ଆମାଜନର ଯୋଜନା

ନୂଆଦିଲ୍ଲୀ,୧୫-୧

କେନ୍ଦ୍ର ସରକାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ନେଇ ନୂଆ ଗାଇଡଲାଇନ ଜାରି କରିଛନ୍ତି। ଏହାକୁ ଆସନ୍ତା ଏକ ମାସ ଭିତରେ ପ୍ରତ୍ୟାହାର କରା ନ ଗଲେ ଆମାଜନର ରିଟେଲ ବିଜନେସ୍ ୟୁନିଟ ଆମାଜନ ଡଟ୍ ଇନ୍ ୱେବସାଇଟରେ ଖାଦ୍ୟ ସାମଗ୍ରୀ ବିକ୍ରି ବନ୍ଦ କରିଦେବ ବୋଲି ବିଚାର କରୁଛି। ବିଦେଶୀ କମ୍ପାନୀ ଏ ସମ୍ପର୍କରେ ନିଷ୍ପତ୍ତି ନେଲେ ଏହା ଦେଶର ଇ-କମର୍ସ ବ୍ୟବସାୟ ପାଇଁ ଏକ ବଡ଼ ଝଟ୍‌କା ହେବ। କାରଣ ଏହା ଏକମାତ୍ର ବିଦେଶୀ ରିଟେଲର କମ୍ପାନୀ, ଯିଏକି ଫୁଡ୍ ରିଟେଲ ସେଗମେଣ୍ଟରେ ୫୦ କୋଟି ଡଲାର( ପ୍ରାୟ ୩୫ଶହ କୋଟି ଟଙ୍କା) ନିବେଶ କରିବ ବୋଲି ପୂର୍ବରୁ ଘୋଷଣା କରିଥିଲା। ସୂଚନାଥାଉ କି, ବିଦେଶୀ କମ୍ପାନୀମାନଙ୍କ ଲାଗି ଏହି ସେଗ୍‌ମେଣ୍ଟକୁ ଖୋଲାଯାଇଥିଲା। ସରକାରଙ୍କ ପଦକ୍ଷେପ ଯୋଗୁ ଫ୍ୟୁଚର ରିଟେଲ୍‌ର ଅଂଶଧନ କିଣିବାକୁ ଚାହୁଁଥିବା ଆମାଜନ ଏହାକୁ ବିଳମ୍ବ କରିବ। ସୂଚନାଥାଉ କି, ନିକଟରେ କେନ୍ଦ୍ର ସରକାର ଇ-କମର୍ସ ଏଫ୍‌ଡିଆଇ ଉପରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁଥିରେ ଇ-କମର୍ସ କମ୍ପାନୀ ନିଜର ସହଯୋଗୀ କମ୍ପାନୀର ସାମଗ୍ରୀକୁ ବିକ୍ରି କରିବା ଉପରେ କଟକଣା ଲାଗୁ କରାଯାଇଥିଲା।


### ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ପ୍ରାୟୋଜିତ
**ନିଯୁକ୍ତି ମେଳା**

ତାରିଖ ୧୯।୦୧।୨୦୧୯ ସ୍ଥାନ- ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରି

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ମାଲକାନଗିରି ତରଫରୁ ଆସନ୍ତା ତା୧୯।୦୧।୨୦୧୯ରିଖରେ ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରିଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏଣୁ ଇଚ୍ଛୁକ ସମସ୍ତ ବେକାର ଯୁବକ / ଯୁବତୀଙ୍କୁ ଅବଗତ କରାଯାଉଛି କି ଯେଉଁମାନେ ୫ମ ରୁ ଯୁକ୍ତ ୩/ITI ଶିକ୍ଷାଗତ ଯୋଗ୍ୟତା ପୂର୍ଣ୍ଣ କରିଛନ୍ତି ଏବଂ ବୟସ ୧୮ ରୁ ୩୫ ମଧ୍ୟରେ ହୋଇଥିବ, ସେମାନଙ୍କ ମଧ୍ୟରୁ ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ତା୧୯।୦୧।୨୦୧୯ରିଖରେ ସ୍ପୋର୍ଟସ୍ ଷ୍ଟାଡିୟମ, ମାଲକାନଗିରିଠାରେ ଦିବା ଘ.୯ ଘଟିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଯୋଗ ଦେଇ ବିଭିନ୍ନ ବେସରକାରୀ ସଂସ୍ଥାରେ ସିଧାସଳଖ ନିଯୁକ୍ତି ଓ ନିଯୁକ୍ତି ଭିତ୍ତିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣର ସୁଯୋଗ ପାଇପାରିବେ। ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀମାନେ ନିଜର ପାସପୋର୍ଟ ଫଟୋ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ସହିନକଲ ସହ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି।

ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରିଙ୍କ ଫୋନ୍ ନଂ.୦୬୮୬୧-୨୩୦୪୨୭ରେ ଯୋଗାଯୋଗ କରନ୍ତୁ।

ଜିଲ୍ଲା ନିୟୋଜନ ଅଧିକାରୀ, ମାଲକାନଗିରି ଜିଲ୍ଲାପାଳ, ମାଲକାନଗିରି



### ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.
Utkalika କାରିଗର ସହାୟତା କେନ୍ଦ୍ର, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଜେ.ଆର୍.ଏମ୍.ସି. ପରିସର, ବଲାଣି, କେଉଁଝର ଏବଂ ଉଦୟପୁର, ରାଜସ୍ଥାନ ଠାରେ ୦୧/୦୨/୨୦୧୯ ଠାରୁ ୧୦/୦୨/୨୦୧୯ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୨୧/୦୧/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ



### ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **50/CDB/2018-19.** କାର୍ଯ୍ୟର ନାମ : ଯାଜପୁର ରୋଡ ପୋଷ୍ଟ ଅଫିସ୍‌ରେ ପାର୍ସଲ୍ ହବ୍‌ସେଡ୍‌ର ସ୍ଥାପନା। ଆନୁମାନିକ ମୂଲ୍ୟ : ଟ.୧୪,୨୭,୨୦୮.୦୦, ଅମାନତ ଜମା ରାଶି : ଟ.୨୮,୫୪୪/-, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୨.୦୧.୨୦୧୮ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ।
2. NIT No. **51/CDB/2018-19.** କାର୍ଯ୍ୟର ନାମ : କଟକର ଲିଙ୍କରୋଡ୍ ସାଇଟ୍‌ରେ ପାର୍ସଲ୍ ହବ୍‌ସେଡ୍‌ର ସ୍ଥାପନା। ଆନୁମାନିକ ମୂଲ୍ୟ : ଟ.୧୪,୨୭,୪୧୯.୦୦, ଅମାନତ ଜମା ରାଶି : ଟ.୨୮,୫୪୮/-, ଟେଣ୍ଡର ଶୁଳ୍କ : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଯାହା ପ୍ରଯୁଜ୍ୟ ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୨୨.୦୧.୨୦୧୮ରିଖ ଅପରାହ୍ନ ୧୫.୦୦ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର



### ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
Regd.Office: Janpath, Bhubaneswar-751022, Telephone: (0674) 2540051, (EPABX), Website: www.optcl.co.in, CIN:U4102OR2004SGC007553

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.:CPC-53/2018-19** **Date: 16.01.2019**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelope system from reputed EPC/Turnkey Contractors for Engineering, Supply, Erection and Commissioning for **diversion of one no. 400 KV line and 4 nos. 220 KV line with 220 KV LILO arrangement for connectivity with the 400/220KV Gas Insulated Substation at Meramundali-B at an Estimated Cost of the Package for ₹ 39.18 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/OPTCL"** portal from Dt. **(16/01/2019)/(11.00) AM** up to Dt. **(06/02/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

**Chief General Manager (C.P.C.)**
Email id: sgm.cpc@optcl.co.in

CR-Advt.No.- 75/18-19

Please connect us: optcl.odisha optcl_odisha energyodisha



### GRIDCO LIMITED
GRIDCO Empowering Odisha
(A Govt. of Odisha Undertaking)
(Formerly Grid Corporation of Odisha Limited)
Regd. Office : Janpath, Bhoinagar, Bhubaneswar - 751022
Phone : 0674-2541168/2543677, Fax : 0674-2543677
Website : www.gridco.co.in, Email : dmu_gridco@optcl.co.in, CIN : L40109OR1995SGC003960

**NOTICE INVITING TENDER**
**(DISCOM MONITORING UNIT)**

DISCOM MONITORING UNIT, GRIDCO invites Sealed Tenders in duplicate on two part bidding system from eligible **Advt. Agency,** who comply to the terms and conditions laid in the tender document for carrying out **'Media Campaign'** for Electricity Consumers to create awareness about consumers rights & duties as per following schedule :

| Tender SL. No. | Activities | Last date of Submission of Bids | Opening of Technical Bid |
| --- | --- | --- | --- |
| T/S No-DMU/ 18-19/09/MC | Wall painting of 680 Sub stations / Section / Sub-Division / Division / Fuse call walls in Divisional Hqrs. | 30.01.2019 at 16.00 Hrs | 04.02.2019 at 16.00 Hrs |
| T/S No-DMU / 18-19/10/MC | Performance of Skits by Dedicated Street Theater Group in 30 Districts Hqs. and 10 Important Towns with LCD Mounted OB Van. | 30.01.2019 at 16.00 Hrs | 04.02.2019 at 16.00 Hrs |
| T/S No-DMU / 18-19/11/MC | Painting, Poster & Debate Competitions on Selected Topic in High School in 72 Divisional Hqs. | 30.01.2019 at 16.00 Hrs | 04.02.2019 at 16.00 Hrs |

For details (Specification & Term Conditions, Eligibility Criteria, Cost of Tender Document, EMD etc for above tender) prospective bidders may please visit our website : **www.cescoorissa.com, www.nescoodisha.com, www.southcoodisha.com & www.wescoodisha.com.** Prospective bidders may also visit our website regularly for any addendum / corrigendum.

**Sd/-**
**HEAD, DMU**



### नालको NALCO
**National Aluminium Company Limited**
**(A Government of India Enterprise)**
Nalco Bhawan, Nayapalli,
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**GLOBAL TENDER NOTICE**
NO.NBC/MM/1000040603/PIG IRON/2019/01, Date: 08/01/2019

Online bids are invited for the supply of the following material for our Smelter plant, Angul (Orissa), India from bonafide indigenous as well as overseas manufacturers/suppliers or their accredited agents. Item Description: **Pig Iron,** Approx. Qty. reqd. (MT): **2400 MT+/-5%,** Earnest Money Deposit : **Rs.9,35,880/-** or in Equivalent Foreign Currency. Last date of Tender submission : **05.02.2019 Up to 1:00 PM.** Tender documents and online submission procedure can be downloaded from Nalco's website i.e. **www.nalcoindia.com & www.eprocure.gov.in.** Please refer to the above website for any further updation or modification in NIT.

**DGM (Materials)**


See Career Appointment on every **Wednesday & Saturday**

## ସଂକ୍ଷେପରେ

### କ୍ୱାମାର ସର୍ବକନିଷ୍ଠ ବକ୍ସିଂ କୋଚ୍

**ନୂଆଦିଲ୍ଲୀ, ୧୫।୧(ପି.ଟି.):** ସମ୍ମାନଜନକ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ବକ୍ସିଂରେ ଭାରତ ପାଇଁ ସର୍ବପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ମହମ୍ମଦ ଅଲି କ୍ୱାମାରଙ୍କୁ ମହିଳା ବକ୍ସିଂ ଦଳର ମୁଖ୍ୟକୋଚ୍ ନିଯୁକ୍ତ କରାଯାଇଛି। ନିକଟରେ ୩୮ ବର୍ଷରେ ପଦାର୍ପଣ କରିଥିବା ମହମ୍ମଦ ଅଲି ଏଥିସହ ଭାରତୀୟ ମହିଳା ବକ୍ସିଂ ଦଳର ଗୁରୁଦାୟିତ୍ୱ ତୁଲାଇବାରେ ସର୍ବକନିଷ୍ଠ ପ୍ରଶିକ୍ଷକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଭେଟେରାନ ଶିବ ସିଂଙ୍କ ସ୍ଥାନରେ ସେ ଏହି ଟପ୍ ପୋଜିଶନରେ ଅବସ୍ଥାପିତ ହୋଇଛନ୍ତି। ଅର୍ଜୁନ ପୁରସ୍କାର ବିଜେତା କ୍ୱାମାର ଗତ ୩ ବର୍ଷ ହେବ ରେଲ୍‌ୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ମହିଳା ବକ୍ସିଂ ଦଳର ମଧ ପ୍ରଶିକ୍ଷକ ଦାୟିତ୍ୱ ମଧ ତୁଲାଇ ଆସୁଛନ୍ତି। 'ଏହା ମୋ ପାଇଁ ସର୍‌ପ୍ରାଇଜ୍ ଥିଲା। ଏହି ନୂଆ ଦାୟିତ୍ୱ ବିଷୟରେ ସୋମବାର ରାତିରେ ଜାଣିଲି ଏବଂ ସେଥିଲାଗି ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)କୁ କୃତଜ୍ଞତା ଜଣାଇବି' ବୋଲି ୨୦୦୨ ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିବା ମହମ୍ମଦ କହିଛନ୍ତି। କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରିକମ୍‌ଙ୍କ ଟ୍ରେନର ଛୋଟେ ଲାଲ୍ ଯାଦବଙ୍କ ସମେତ ୭ଜଣ ସହକାରୀ କୋଚ୍ କ୍ୱାମାରଙ୍କୁ ପ୍ରଶିକ୍ଷଣରେ ସହାୟତା କରିବେ।




ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରଥମ ରାଉଣ୍ଡ ଜିତିବା ପରେ ସର୍ବିଆର ନୋଭାକ ଜୋକୋଭିଚ୍। ମ୍ୟାଚ୍ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଆମେରିକାର ସେରେନା ୱିଲିୟମ୍ସ।

# ଜୋକୋଭିଚ୍, ସେରେନାଙ୍କ ବିଜୟ ଅଭିଯାନ

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୧୫।୧(ଏଏଫ୍‌ପି)**

ସର୍ବିୟାର ନୋଭାକ ଜୋକୋଭିଚ୍, ଆମେରିକାର ସେରେନା ୱିଲିୟମ୍ସ ସହଜ ବିଜୟ ସହ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛନ୍ତି। ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଲକ୍ଷ୍ୟରେ ଥିବା ଜୋକୋଭିଚ୍ ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ଆମେରିକାର ମିଚେଲ କ୍ରୁଗରଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱର ଏହି ନମ୍ବରୱାନ ଖେଳାଳି ଏହାକୁ ମିଶାଇ କ୍ରମାଗତ ୧୩ଥର ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ସେରେନା ୬-୦, ୬-୨ ସେଟ୍‌ରେ ଜର୍ମାନୀର ତାତଜାନା ମାରିଆଙ୍କୁ ହରାଇ ଦେଇଛନ୍ତି। ରେକର୍ଡ ସମକକ୍ଷ ୨୪ତମ ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟରେ ରହିଥିବା ସେରେନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୪୯ ମିନିଟ୍ ସମୟ ଲାଗିଥିଲା। ୩୭ ବର୍ଷୀୟା ସେରେନା ଦୁଇବର୍ଷ ତଳେ ନିଜର ୨୩ତମ ଗ୍ରାଣ୍ଡସ୍ଲାମ ଜିତିଥିଲେ। ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଜିତି ସେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଟେନିସ ଖେଳାଳି ମାର୍ଗାରେଟ୍‌ଙ୍କ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛନ୍ତି। ମାର୍ଗାରେଟ୍ ମହିଳା ସିଙ୍ଗଲ୍ସରେ ରେକର୍ଡ ସଂଖ୍ୟକ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଶୀର୍ଷରେ ରହିଛନ୍ତି।

ପୁରୁଷ ସିଙ୍ଗଲ୍ସର ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ, ଜାପାନର କେଇ ନିଶିକୋରି, ସୁଇଜରଲାଣ୍ଡର ଷ୍ଟାନ୍ ୱାରିଙ୍କା, ଫ୍ରାନ୍ସର ଜୋ-ୱିଲଫ୍ରେଡ୍-ସୋଙ୍ଗା, ଦକ୍ଷିଣ କୋରିଆର ହ୍ୟୁନ ଚୁଙ୍ଗ୍, ଫ୍ରାନ୍ସର ଜାଇଲ୍ସ ସିମନ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସର ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ ଆମେରିକାର ଭେନସ ୱିଲିୟମ୍ସ, ରୋମାନିଆର ସିମୋନା ହାଲେପ, ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା, କାନାଡ଼ାର ଇଉଜିନ ବୌଚାର୍ଡ, ୟୁକ୍ରେନର ଏଲିନା ସ୍ୱିତୋଲିନା, ବ୍ରିଟେନର ଜୋହାନା କୋଣ୍ଟା, ସ୍ପେନର ଗାର୍ବିନ ମୁଗୁରୁଜା, ଚେକ୍ ରିପବ୍ଲିକର କ୍ରିଷ୍ଟିନା ପ୍ଲିସ୍‌କୋଭା, ଫ୍ରାନ୍ସର ଆଲିଜେ କୋର୍ନେଟ ପ୍ରମୁଖ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଧୋନୀଙ୍କୁ କୋହଲିଙ୍କ ପ୍ରଶଂସା

**ଆଡିଲେଡ, ୧୫।୧(ପି.ଟି.)**

ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ ପାଇଁ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ କ୍ୟାପ୍‌ଟେନ କୋହଲି ପ୍ରଶଂସା କରିଛନ୍ତି। ୫୪ ବଲରୁ ଅପରାଜିତ ୫୫ ରନ ସଂଗ୍ରହ କରି ଧୋନୀ ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିରେ ଦୁଇଟି ବିଶାଳ ଛକା ସାମିଲ ରହିଛି। ଧୋନୀ ଏବେ ଦଳରେ ଅଂଶବିଶେଷ। ତେଣୁ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି କୋହଲି କହିଛନ୍ତି। ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ସେ ନିଜର ଇନିଂସକୁ ଆଗକୁ ବଢାଇଥିଲେ। ଧୋନୀଙ୍କର ଏହା ଆଉ ଏକ କ୍ଲସିକ ଇନିଂସ। ଶେଷ ପର୍ଯ୍ୟନ୍ତ ସେ ମ୍ୟାଚକୁ ନେଇ ଫିନିସ କରିଥିଲେ ବୋଲି ମ୍ୟାଚ୍ ପରର ଖବରଦାତା ସମ୍ମିଳନୀରେ କୋହଲି କହିଛନ୍ତି। ଧୋନୀ ଏବଂ ମୁଁ ୫୦ ଓଭର ଫିଲ୍ଡିଂ କରିବା ପରେ ବ୍ୟାଟିଂ କରିବା ଅବସରରେ କ୍ଳାନ୍ତ ହୋଇ ପଡିଥିଲୁ।

ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ମଧ କୋହଲି ପ୍ରଶଂସା କରିଛନ୍ତି। ଡେଥ୍ ଓଭରରେ ସେ ବେଶ୍ ଉଚ୍ଚକୋଟୀର ବୋଲିଂ କରିଥିଲେ ଓ ଗୋଟିଏ ଓଭରରେ ଶନ୍ ମାର୍ଶ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଆଉଟ କରି ସେ ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ। ଅନ୍ୟପଟେ ଭାରତ ଅପେକ୍ଷାକୃତ ଭଲ ଖେଳିଲା ଓ ବିଜୟ ହକ୍‌ଦାର ବୋଲି ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ କହିଛନ୍ତି। ଶନ୍ ମାର୍ଶଙ୍କ ଶତକୀୟ ପାଳିକୁ ସେ ପ୍ରଶଂସା କରିଛନ୍ତି।



ପଦକ ଓ ମାନପତ୍ର ସହ ପ୍ରତ୍ୟାଶା ରାୟ।

# ପ୍ରତ୍ୟାଶାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୫।୧(କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ମଙ୍ଗଳବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତ୍ୟାଶା ୩୨.୦୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ପ୍ରତ୍ୟାଶା ୨୦୦ ମିଟରରେ ୪ର୍ଥ ସ୍ଥାନରେ ରହିଥିଲେ ହେଁ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୧୦.୬୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୧ ବର୍ଷରୁ କମ୍ ଓଡ଼ିଶା ବାଳିକା ଖୋ-ଖୋ ଦଳ ପ୍ରତିଯୋଗିତାରେ ଆକର୍ଷଣ ପ୍ରଦର୍ଶନ ବଜାୟ ରଖିଛି। ବାଳିକା ଦଳ ୧୫-୧୪ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

# କଟକରେ ହେବ ଏସିଆ କପ୍ ସିନିୟର ରୋଇଂ

**କଟକ ଅଫିସ, ୧୫।୧**

କଟକ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ହେବ ଏସିଆ କପ୍ ସିନିୟର ଏବଂ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ। ରୋଇଂ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ ଥରପାଇଁ ଏପରି ୨ଟି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏକାବେଳେ ଅନୁଷ୍ଠିତ ହେବ। ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ପ୍ରତିଯୋଗିତା ହେବାକୁ ଥିବାରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି ବୋଲି ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବା ପରେ ଓଡ଼ିଶା ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିସାରିଛି। ଆସନ୍ତା ଜୁଲାଇରେ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ହେବ ବୋଲି ଘୋଷଣା ହୋଇ ସାରିଛି। ଏବେ ରୋଇଂ ପାଇଁ ଆସିଛି ଶୁଭ ଖବର। ଗତ ବର୍ଷ ଜଗତପୁର ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଜାତୀୟ ରୋଇଂ ଚାମ୍ପିୟନଶିପ ସଫଳତାର ସହ ଆୟୋଜନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ରୋଇଂ ଫେଡେରେଶନ ଅଫ ଇଣ୍ଡିଆ ଏବେ ଜଗତପୁରରେ ୨ଟି ଏସୀୟ ପ୍ରତିଯୋଗିତା ହେବାକୁ ସବୁଜ ସଙ୍କେତ ଦେଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି ବୋଲି ବିନୋଦ କହିଛନ୍ତି। ନଭେମ୍ବର ଶେଷ ସପ୍ତାହ ପୂର୍ବରୁ ଭିତ୍ତିଭୂମିର ବିକାଶ ସମ୍ପୂର୍ଣ୍ଣ କରାଯିବ। ଏ ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବା ସହ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ଖୁବଶୀଘ୍ର ପଠାଯିବ। ବିରୂପା ନଦୀରେ ଏହି ପ୍ରତିଯୋଗିତା ହେବ। ତେଣୁ ସେଠାରେ ଭିତ୍ତିଭୂମୀରେ ଉନ୍ନତି ଅଣାଯିବ। ପ୍ରତିଯୋଗିତା ସ୍ଥଳର ଦୈର୍ଘ୍ୟ ଅଧିକ ରହିବା ସହ ଏହା ଅଣଓସାରିଆ ରହିଛି । ଏଣୁ ଏହାକୁ ସିଧା କରାଯାଇ ଦୈର୍ଘ୍ୟକୁ ୨.୪ କିମି କରାଯିବ। ଏହାଛଡ଼ା ପ୍ରସ୍ଥ ୬୦ମିଟର ରହିଛି। ଏହାକୁ ୧୧୦ମିଟରକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ନଦୀବନ୍ଧରେ ଥିବା ଆବର୍ଜନାପୂର୍ଣ୍ଣ ସ୍ଥାନ ଗୁଡ଼ିକୁ ପାର୍କ କରାଯିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ବିନୋଦ କହିଛନ୍ତି । ସୂଚନା ଥାଉକି, ଏସିଆ କପ୍ ଏବଂ ଏସିଆନ ରୋଇଂ ଚାମ୍ପିୟନଶିପ ଶେଷଥର ପାଇଁ ଭାରତରେ ୨୦୦୫ରେ ହାଇଦ୍ରାବାଦରେ ହୋଇଥିଲା।

# ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି: ସେମିରେ କ୍ରାଉନ

**ଭଣ୍ଡାରିପୋଖରୀ, ୧୫।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆଠାରେ ଚାଲିଥିବା ଦ୍ୱାଦଶତମ ଆନ୍ତଃଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ କଟକର ବିଶ୍ୱଭାରତୀ କ୍ଲବକୁ ହରାଇ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। କ୍ରାଉନ ଟସ ଜିତିବିଶ୍ୱଭାରତୀକୁ ପ୍ରଥମେ ବ୍ୟାଟିଂ ଦେଇଥିଲା। ବିଶ୍ୱଭାରତୀ ୨୩.୨ ଓଭରରେ ୧୦ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌରଭ ବୋଷ ୨୯ ବଲରେ ୨୭ ରନ, ସଞ୍ଜୀବ ସାହୁ ୨୨ ବଲରେ ୨୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ନ୍ୟୁଟନ ମହାନ୍ତି ୪ ଓଭର ବୋଲିଂ କରି ୩ ଉଇକେଟ, ଅଜିତ ରାଉତ ୪ ଓଭରରେ ୨ ଉଇକେଟ, ଓମ ଆରିୟା ୫ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ୯୬ ରନ ବିଜୟ ଲକ୍ଷ୍ୟକୁ କ୍ରାଉନ ସ୍ପୋର୍ଟିଂ ୧୩.୧ ଓଭରରେ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଓମ୍ ଆରିୟା ୪୨ ବଲରେ ୩ ଛକା, ୭ ଚୌକା ସହ ୫୬, କିଶାନ ରଥ ୫ ଛକା ସହାୟତାରେ ୩୬ ରନ କରି ଦଳକୁ ବିଜୟୀ କରାଇଥିଲେ। ପ୍ରସନ୍ନ ବିଶ୍ୱାଳ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିବା ବେଳେ ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ। ମ୍ୟାନ ଅଫ ଦି ମ୍ୟାଚ ଭାବେ କ୍ରାଉନ ସ୍ପୋର୍ଟିଂରେ ଓମ୍ ଆରିୟାଙ୍କୁ ପୁରସ୍କୃତ କରାଯାଇଥିଲା। ବୁଧବାର ମ୍ୟାଚ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ସହିତ ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

**GOVERNMENT OF INDIA**
**CENTRAL WATER COMMISSION**
**OFFICE OF THE EXECUTIVE ENGINEER**
**MAHANADI DIVISION, DOCTOR'S COLONY**
**BURLA-768017, Dist: SAMBALPUR (ORISSA)**

**NOTICE INVITING e-TENDER**

Online-Tenders are invited by the Executive Engineer, Mahanadi Division, CWC, At –Doctor's Colony , Burla, Dist:- Sambalpur (Orissa)-768017on behalf of the President of India, from the reputed Firm as below: NIT No MD/JE(HQ)/ NIT/2018-19/36-42 Dated 14.01.2019

Name of Work: **HIRING OF UNSKILLED MANPOWER IN EXISTING SITES UNDER MAHANADI DIVISION, CWC, BURLA FOR THE PERIOD FROM 01.02.2019 TO 31.05.2019.**
**EMD: Rs. 37,500/-**
Last Date & Time for receipt of Bids online: 28.01.2019 up to 16:00 hrs.
Date of opening: 29.01.2019 at 11:00 hrs.
The Bid forms and other details can be obtained from the CWC website.**www.eprocure.gov.in / www.tcil-india.com / www.cwc.nic.in**

**Sd./-Executive Engineer,**
**Mahanadi Division,CWC,Burla**

**ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼**

ନମ୍ବର- ୩୫୩ ତାରିଖ ୧୪।୦୧।୨୦୧୯

ଏହି କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୯୭୧୪/ତା୦୬।୦୯।୨୦୧୮ ଅନୁସାରେ ତତ୍ତ୍ୱାବଧାରକ ପଦବୀ ପାଇଁ କୌଣସି ପ୍ରାର୍ଥିନୀ ଯୋଗ୍ୟ ବିବେଚିତ ନ ହେବା ହେତୁ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପତ୍ରାଙ୍କ ସଂଖ୍ୟା. ୨୫୧୭/ ତା. ୩୦.୧୦.୨୦୧୮ ଅନୁସାରେ ପରିବର୍ତ୍ତିତ ସର୍ତ୍ତାବଳୀକୁ ଆଧାରକରି ପୁଣିଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଅଛି କି ବରଗଡ଼ ଜିଲ୍ଲାର ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ବାନ୍ଧୁପାଲି ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଛାତ୍ରୀ ନିବାସର ଚୁକ୍ତି ଭିତ୍ତିକ ତତ୍ତ୍ୱାବଧାରକ ଆବଶ୍ୟକ। ଏହି ଖାଲି ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥିନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି, ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର. ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା ଓ ଅଭିଜ୍ଞତା | ବୟସ ସୀମା (୧୪.୦୧.୧୯ ତାରିଖ ସୁଦ୍ଧା) | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧ | ତତ୍ତ୍ୱାବଧାରକ (ମହିଳା) | ୦୧ | ସ୍ନାତକ କଳା / ସ୍ନାତକ ବିଜ୍ଞାନ (ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ), ଅଭିଜ୍ଞତା-୦୨ ବର୍ଷ ହୋଷ୍ଟେଲ ପରିଚାଳନା | ୪୦-୬୦ | ୫୦୦୦/- |

ଆବେଦନ ପତ୍ର ଏବଂ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ୍ www.bargarh.nic.inରୁ ଡାଉନଲୋଡ୍ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥିନୀ ତା. ୨୪.୦୧.୨୦୧୯ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ, ବରଗଡ଼, ପୋ.କି.-ବରଗଡ଼, ପିନ୍-୭୬୮୦୨୮ଙ୍କୁ କେବଳ ରେଜିଷ୍ଟ୍ରେଡ୍ ପୋଷ୍ଟ କିମ୍ବା ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତଙ୍କୁ ରଦ୍ଦ କରିବାର ଅଧିକାର ଓ ସତ୍ତ୍ୱ ଜିଲ୍ଲାପାଳ, ବରଗଡ଼ଙ୍କର ରହିଅଛି।

**ସ୍ୱା./- ପ୍ରକାଶ କୁମାର ଯୋଶୀ**
**ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼**

**ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନଙ୍କ କାର୍ଯ୍ୟାଳୟ, ପାଣିକୋଇଲି**

**ସର୍ବସାଧାରଣ ନୋଟିସ୍**

**No. 1126-B:-** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପତ୍ର ସଂଖ୍ୟା- ୧୦୨୪୧, ତା୩୧।୦୩।୨୦୧୪ରିଖର ଆଦେଶ ମୁତାବକ ଯାଜପୁର ଜିଲ୍ଲା, ଦଶରଥପୁର ତହସିଲ ଅଧୀନସ୍ଥ କନିକାପଡ଼ା ମୌଜାର ଏ୧.୮୧୦ଡି ପ୍ରଜାସ୍ୱତ୍ୱ ସମ୍ପତ୍ତିକୁ ମଙ୍ଗଳପୁର ବାଏପାସ୍ ପ୍ରକଳ୍ପ କାର୍ଯ୍ୟରେ ଲଗାଇବା ନିମନ୍ତେ ପ୍ରତ୍ୟକ୍ଷ ଖର୍ଦ୍ଦି ମାଧ୍ୟମରେ ଖର୍ଦ୍ଦି କରିବାକୁ ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହନିର୍ମାଣ ବିଭାଜନ, ପାଣିକୋଇଲି ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ତା୦୭।୧୦।୨୦୧୫ରିଖରେ ପ୍ରଜାମାନଙ୍କ ସହ ଏକ ଦ୍ୱିପାକ୍ଷିକ ଆଲୋଚନା ଥାଲୁକୁଡ଼ି ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଅଛି। ଜମି ଅଧିଗ୍ରହଣ ବାବଦୀୟ ରାଶିକୁ DCAC ଦ୍ୱାରା ଅନୁମୋଦନ କରାଯାଇଅଛି।

ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି କି, ନିମ୍ନରେ ଦର୍ଶାଯାଇଥିବା ଜମି ସମ୍ବନ୍ଧୀୟ ବିବରଣୀ ଉପରେ ଯେଉଁ ବ୍ୟକ୍ତିଙ୍କର ସ୍ୱାର୍ଥ ଅଛି ସେମାନେ ଖବରକାଗଜରେ ପ୍ରକାଶନ ତାରିଖଠାରୁ ୩୦ଦିନ ମଧ୍ୟରେ (ଛୁଟିଦିନ ବ୍ୟତୀତ) ସହକାରୀ ଯନ୍ତ୍ରୀ, ମଙ୍ଗଳପୁର ରାସ୍ତା ଓ ଗୃହଙ୍କ କାର୍ଯ୍ୟାଳୟରେ ଆନୁଷଙ୍ଗିକ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ପାଣିକୋଇଲି ରାସ୍ତା ଓ ଗୃହ ନିର୍ମାଣ ବିଭାଜନ**

**ସୂଚୀ:** ମଙ୍ଗଳପୁର ବାଏପାସ ରାସ୍ତା ପାଇଁ ଅଧିକୃତ କରାଯିବାକୁ ଥିବା ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ କନିକାପଡ଼ା ମୌଜା ଜମିର ସଂକ୍ଷିପ୍ତ ବିବରଣୀ ସଂଲଗ୍ନ କରାଗଲା।

**LAND SCHEDULE OF MOUZA: KANIKA PADA, THANA NO. 360, DIST.: JAJPUR**

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | ସମୁଦାୟ ଜମି (ରକବା) | ଅଧିକୃତ ଜମି | କିସମ | ପ୍ରଜାର ନାମ |
|---|---|---|---|---|---|---|
| ୧ | ୧୧୦୧ | ୩୫୦୮ | ଏ୦.୩୩ଡି. | ଏ୦.୨୨ଡି. | ଶାରଦ | ଭଗବାନ ଦାସ, ପି: ରାଜୀବ ଦାସ, ବିପ୍ର ଦାସ, ମଣି ଦାସ, ପି: ପୁନାନନ୍ଦ ଦାସ, ସିଦ୍ଧ ଦାସ, ପି: ରାମ ଦାସ, ବୀର ଦାସ, ପି: ଚତୁରୀ ଦାସ, ଦିବାକର ଦାସ, ଭାସ୍କର ଦାସ, ପି: ବୈରାଗି ଦାସ, ବ୍ରହ୍ମାନନ୍ଦ ଦାସ, ପି: ହାଡ଼ି ଦାସ, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୧୩୨ | ୩୫୧୮ | ଏ୦.୦୯ଡି. | ଏ୦.୦୬ଡି. | ଶାରଦ | ଉପେନ୍ଦ୍ର ପାତ୍ର, ପି: ଗୋରାଚାନ୍ଦ ପାତ୍ର, ନୀଳମଣି ମହାପାତ୍ର, ପି: ବିଜେ ଗୋବିନ୍ଦ ମହାପାତ୍ର, ଶ୍ରୀପତି ମହାପାତ୍ର, ପି: କୃଷ୍ଣଚରଣ ମହାପାତ୍ର, କମଳା ବେୱା, ସ୍ୱା: ଯୋଗେନ୍ଦ୍ର ପାତ୍ର, ଉଦେକର ଦାସ, ପି: ଭିକାରୀ ଦାସ, ମାଗୁଣି ଦାସ, ପି: ମହେନ୍ଦ୍ର ଦାସ, ଜାତି: ମହାଲାୟକ, ବା: ନିଜଗାଁ |
| ୩ | ୧୧୩୬ | ୩୫୧୭ | ଏ୦.୩୯ଡି. | ଏ୦.୨୩ଡି. | ଶାରଦ | ଲକ୍ଷ୍ମୀଧର ମଳିକ, ଭାସ୍କର ମଳିକ, ବିଦ୍ୟାଧର ମଳିକ, ପି: ବଳି ମଳିକ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୪ | ୧୦୭୧ | ୩୫୧୫ | ଏ୦.୨୯ଡି. | ଏ୦.୨୦ଡି. | ଶାରଦ | ଗୋବିନ୍ଦ ସାମଲ, ଭରତ ସାମଲ, ପି: ଅନନ୍ତ ସାମଲ, ବେଣୁ ସାମଲ, ପି: ରାଘବ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୫ | ୧୧୧୭ | ୩୬୦୪ | ଏ୦.୭୨ଡି. | ଏ୦.୨୮ଡି. | ଶାରଦ | ରାଜକିଶୋର ସାମଲ, ପି: ପରାନ୍ଦି ସାମଲ, ଲୋକନାଥ ସାମଲ, ପି: ମାଧ ସାମଲ, ଜା: ମହାଲାୟକ |
| ୬ | ୧୦୮୦ | ୩୬୦୫ | ଏ୦.୧୦ଡି. | ଏ୦.୧୦ଡି. | ଶାରଦ | ନନ୍ଦକିଶୋର ସାମଲ, କନ୍ଦ ସାମଲ, ଆନନ୍ଦ ସାମଲ, ପି: କାହ୍ନୁ ସାମଲ, ରାଧାକୃଷ୍ଣ ସାମଲ, ପି: ରାଜକିଶୋର ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭ | ୧୦୬୨ | ୩୬୩୯ | ଏ୦.୬୫ଡି. | ଏ୦.୦୪ଡି. | ଶାରଦ | ଗଣେଶ ପାତ୍ର, ପି: ଗୋବିନ୍ଦ ପାତ୍ର, ଜା: ମହାଲାୟକ, ବା: ନିଜଗାଁ |
| ୮ | ୧୦୬୩ | ୩୬୦୬ | ଏ୦.୧୭ଡି. | ଏ୦.୧୫ଡି. | ଶାରଦ | ଗଣେଶ ଧଳ, ପି: ଗଜେନ୍ଦ୍ର ଧଳ, ନବ ଧଳ, ପି: ରୁଚି ଧଳ, ପୀତାମ୍ବର ଧଳ, ପି: କୁଶ ଧଳ, ସଦାନନ୍ଦ ଧଳ, ଦାଶରଥି ଧଳ, ପି: ଭୋଳି ଧଳ, ଜା: ଖଣ୍ଡାୟତ, ବା: ବଜରାପାଟ |
| ୯ | ୧୦୬୩ | ୩୬୨୩ | ଏ୦.୧୨ଡି. | ଏ୦.୦୨ଡି. | ଶାରଦ | |
| ୧୦ | ୧୦୩୦ | ୩୬୦୮ | ଏ୦.୩୯ଡି. | ଏ୦.୨୪ଡି. | ଶାରଦ | କାହ୍ନୁ ଓଝା, ପି: ହଳଧର ଓଝା, ଜା: କମାର, ବା: ନିଜଗାଁ |
| ୧୧ | ୧୦୪୮ | ୩୬୨୬ | ଏ୦.୬୨ଡି. | ଏ୦.୧୫ଡି. | ଶାରଦ | ହରିହର ମହାପାତ୍ର, ପି: ଜଗବନ୍ଧୁ ମହାପାତ୍ର, ମହେନ୍ଦ୍ର ସୂତାର, ପି: ଅର୍ଜୁନ ସୂତାର, ବା: ବାଜରାପାଟ |
| ୧୨ | ୧୦୩୯ | ୩୬୨୫ | ଏ୦.୧୫ଡି. | ଏ୦.୧୦ଡି. | ଶାରଦ | ଜଗବନ୍ଧୁ ପଣ୍ଡା, ପି: ନବ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ପି: ରଘୁ ପଣ୍ଡା, ଦୈତାରୀ ପଣ୍ଡା, ମହେଶ୍ୱର ପଣ୍ଡା, ଗୟାଧର ପଣ୍ଡା, ପୂର୍ଣ୍ଣାନନ୍ଦ ପଣ୍ଡା, ପି: ଶମ୍ଭୁ ପଣ୍ଡା, ଜା: ବ୍ରାହ୍ମଣ, ବା: ମଙ୍ଗଳପୁର |
| ୧୩ | ୧୦୪୯ | ୩୫୧୪ | ଏ୦.୩୧ଡି. | ଏ୦.୦୨ଡି. | ଶାରଦ | ଅର୍ଜୁନ ସାମଲ, ପି: ରାଘବ ସାମଲ, କାହ୍ନୁ ସାମଲ, ପି: ବାଞ୍ଛାନିଧି ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ |

34067/11/0020/1819

ସ୍କୁଟି ଉପରେ ମାଡ଼ିଯାଇ ଓଲଟିଲା ବସ୍

# ୧୦ ଯାତ୍ରୀ ଆହତ, ୨ ସ୍କୁଟି ଆରୋହୀ ଗୁରୁତର



ବନ୍ଧମୁଣ୍ଡା ଅଞ୍ଚଳରେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ରାଉରକେଲା ଅଫିସ,୧୫।୧**

ମଙ୍ଗଳବାର ଅପରାହ୍ଣ ସାଢ଼େ ୧୨ଟାରେ ବନ୍ଧମୁଣ୍ଡା ଡି କ୍ୟାବିନ ଅଞ୍ଚଳରେ ଖୁସ୍‌ବୁ ନାମକ ବସ୍ ଏକ ସ୍କୁଟି ଉପରେ ମାଡ଼ିଯାଇ ଓଲଟି ପଡ଼ିଥିଲା। ଫଳରେ ସ୍କୁଟିରେ ଯାଉଥିବା ୨ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେହିପରି ବସ୍‌ରେ ଥିବା ୧୦ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଗୁରୁତର ଦୁଇ ଯୁବତୀ ହେଲେ ସବିନା ଟପ୍ପୋ (୧୮) ଓ ସୁଚିତା ଧାଡେ। ଏମାନେ ଏବେ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଚିକିତ୍ସାଧୀନ ଅଛନ୍ତି। ଆହତ ବସ୍ ଯାତ୍ରୀମାନଙ୍କୁ ସ୍ଥାନୀୟ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ରାରୁ ରାଉରକେଲା ଆସୁଥିବା ଏହି ବସ୍ (ନଂ. ଓଆର୧୬-୯୭୭୮) ଭାରସାମ୍ୟ ହରାଇ ସବିନା ଓ ସୁଚିତାଙ୍କ ସ୍କୁଟି ଉପରେ ମାଡ଼ିଯାଇଥିଲା। ଫଳରେ ଦୁହେଁ ବସ୍ ତଳେ ଚାପିହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା। ସୁଚିତାଙ୍କୁ ଆଇଜିଏଚ୍ ନିଆଯାଇଥିବା ବେଳେ ସବିନାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ଅଣାଯାଇଥିଲା। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅପରାହ୍ଣ ପ୍ରାୟ ୨ଟାରେ ତାଙ୍କୁ ମଧ୍ୟ ଆଇଜିଏଚ୍ ପଠାଯାଇଥିଲା।

- **କ୍ଷତିପୂରଣ ଦାବିରେ ରାସ୍ତାରୋକୋ**
- **ସହାୟତା ପାଇଁ ପ୍ରତିଶ୍ରୁତି ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ**

ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ପୂର୍ବତନ ନଗରପାଳ ରମେଶ ବଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗୁରୁତର ଆହତ ଦୁଇ ଯୁବତୀଙ୍କୁ ଚିକିତ୍ସା ସହାୟତା ପ୍ରଦାନ ପାଇଁ ବଳ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତ୍ତା କରିଥିଲେ। ଉଭୟଙ୍କୁ ୭ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ ବୋଲି ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ଘଟାଇଥିବା ବସ୍ କର୍ମଚାରୀଙ୍କୁ କଠୋର ଦଣ୍ଡଦେବାକୁ ଲୋକେ ଦାବି କରିଛନ୍ତି। ପୋଲିସ ବସ୍ ଜବତ କରି ଘଟଣାର ତଦନ୍ତ କରୁଛି। ଏ ନେଇ ବଳ କହିଛନ୍ତି, ଏହି ଅଞ୍ଚଳରେ ଏପରି ଏକାଧିକ ଘଟଣା ପୂର୍ବରୁ ଘଟିଛି। ତେବେ ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରୋକୋ ହଟିପାରିଲା ନାହିଁ। ଫଳରେ ଦୀର୍ଘ ୫ ଘଣ୍ଟା ଅଚଳାବସ୍ଥା ଲାଗି ରହିଲା। ଏ ଦିଗରେ ପ୍ରଶାସନ ସଚେତନ ହୋଇଥିଲେ ଏପରି ହୋଇ ନ ଥାନ୍ତା ବୋଲି ବଳ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏ ନେଇ ପ୍ରଶାସନ ସଜାଗ ରହିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

DADLS-247



ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୬ ଜାନୁଆରୀ, ୨୦୧୯ (ଶାନ୍ତ ଦଶମୀ)

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ — ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ,
ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଏବଂ ସାଧାରଣ ଉଦ୍ୟୋଗ

ମୁଖ୍ୟବକ୍ତା – ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ,
ମାନ୍ୟବର ସାଂସଦ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ତରୁଣ କଳାକାର ସଂସ୍ଥାର ଲୋକନୃତ୍ୟ ଗବେଷଣା କେନ୍ଦ୍ର ଦ୍ୱାରା ମୁଁ ଚକରା କହୁଛି ନାଟକ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ତରୁଣ କଳାକାର ସଂସ୍ଥା, ଭଞ୍ଜନଗରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0546/1819

DSPL-350

ଆମ ଗାଁ ଆମ ବିକାଶ

# ଆମ ଗାଁ ଆମ ବିକାଶ
ନବୀନ ଓଡ଼ିଶାର ନୂତନ କିରଣ

ପିଠା
PEETHA
(Peoples' Empowerment - Enabling Transparency and Enhancing Accountability on Odisha Initiatives)



# ଆମ ଘରେ ଏଲ୍‌ଇଡି



ଆମ ଘରେ ଏଲ୍‌ଇଡି
ଆମ ପ୍ରଗତିର ଶକ୍ତି




'ଆମ ଘରେ ଏଲ୍‌ଇଡି' ଯୋଜନା ମାଧ୍ୟମରେ ଜାନୁୟାରୀ ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା 'ପିଠା' (PEETHA) ଶିବିରରେ NFSA ଏବଂ SFSS ହିତାଧିକାରୀମାନଙ୍କୁ ବିନା ମୂଲ୍ୟରେ ୯ ୱାଟ୍‌ର ୪ ଗୋଟି ଏଲ୍‌ଇଡି ବଲ୍‌ବ ଯୋଗାଣର ଶୁଭାରମ୍ଭ କରାଯିବ । ପିଠା ଶିବିର ପରେ ଏହି ଏଲ୍‌ଇଡି ବଲ୍‌ବ ବିତରଣ ବ୍ୟବସ୍ଥା ପଞ୍ଚାୟତ କାର୍ଯ୍ୟାଳୟ / ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରମାନଙ୍କରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ଚାଲୁ ରହିବ ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ଏକ ଦଶମାଂଶ ବିଦ୍ୟୁତ୍ ଖର୍ଚ୍ଚ | କମ୍ ବିଦ୍ୟୁତ୍ ବିଲ୍ | ଅଧିକ ଆଲୋକ ଓ ଦୀର୍ଘସ୍ଥାୟୀ | ପରିବେଶ ପାଇଁ ଉତ୍କୃଷ୍ଟ

04001/13/0011/1819




'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନାରେ ଅନ୍‌ଲାଇନ ଠକେଇର ଶିକାର ବଲାଙ୍ଗୀର ଜିଲାର ଚାଷୀ 'ଚୋଲାମଣ୍ଡଲମ୍' କମ୍ପାନୀର ଶହୀଦନଗରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି।

■ ୨୦୧୭ ବକେୟା ଅନ୍‌ଲାଇନ କୃଷି ବୀମା ପ୍ରଦାନ ଦାବି

# ବୀମା କମ୍ପାନୀ ସମ୍ମୁଖରେ ଧାରଣା, ପ୍ରତିବାଦ ସଭା

**ଭୁବନେଶ୍ୱର,୧୫।୧(ବ୍ୟୁରୋ)**

'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନାରେ ୨୦୧୭ ମସିହାରୁ ଅନ୍‌ଲାଇନ ଠକେଇ ହୋଇଛି। ଠକାମିର ଶିକାର ହୋଇଥିବା ବଲାଙ୍ଗୀର ଜିଲାର ହଜାରେରୁ ଅଧିକ ଚାଷୀ 'ଚୋଲାମଣ୍ଡଲମ୍' କମ୍ପାନୀର ଶହୀଦନଗରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ବଲାଙ୍ଗୀର ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ଏହି ଧାରଣା ଓ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି।

କୃଷକ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କିଶୋର ମେହେର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ସେ କହିଛନ୍ତି ଯେ, ବଲାଙ୍ଗୀର ଜିଲାର ଚାଷୀ ଭାଇମାନଙ୍କୁ ଠକି ଦିଆଯାଇଛି। ଅଥଚ ସେଥିପ୍ରତି ଆଦୌ ଭ୍ରୂକ୍ଷେପ ନ କରି ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ବଲାଙ୍ଗୀରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବ୍ୟୟବହୁଳ ଦଳୀୟ ସଭା କରିବା ଚାଷୀଙ୍କ ପ୍ରତି କ୍ରୂର ଉପହାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ଧାର୍ଯ୍ୟ କରିବାକୁ ଚିଠି ଲେଖିବା ସହ ଦିଲ୍ଲୀରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ହେଲେ ପ୍ରଧାନମନ୍ତ୍ରୀ ତାହା ଶୁଣିନାହାନ୍ତି ବୋଲି ମେହେର କହିଛନ୍ତି। ଚୋଲାମଣ୍ଡଲମ୍ ବୀମା କମ୍ପାନୀର ପ୍ରତିନିଧି ଧାରଣାସ୍ଥଳରେ ପହଞ୍ଚି କୃଷକମାନଙ୍କ ସହିତ ଆଲୋଚନା କରିଥିବା ଲକ୍ଷ୍ୟ କରାଯାଇଥିଲା। ପରେ ଧାରଣରତ ଚାଷୀ ମୁଖ୍ୟ ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ କରିବା ନେଇ ମୁଖ୍ୟ ପରିଚାଳକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ପ୍ରତିବାଦ ସଭାରେ ମୁରିବାହାଲ, ତୁରେଇକେଲା ଓ ବଙ୍ଗୋମୁଣ୍ଡା ସମେତ କଣ୍ଟାବାଞ୍ଜି ଅଞ୍ଚଳର ବହୁ ଚାଷୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ୨୦୧୭ରେ କୃଷି ବୀମା ଯୋଜନାରେ ଅନଲାଇନ୍ ଦ୍ୱାରା ଟଙ୍କା ଜମା କରିଥିଲେ। ୨ ବର୍ଷ ପରେ କୃଷି ବୀମା ନ ମିଳିବାରୁ ଚାଷୀମାନେ ଭୁବନେଶ୍ୱରସ୍ଥିତ ଚୋଲାମଣ୍ଡଲମ୍ କମ୍ପାନୀ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ । ହେଲେ ଏଥିରୁ କୌଣସି ସୁଫଳ ମିଳି ନାହିଁ।

୧୬ କେସିଏସଏ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଭିଲାଇ, ପାଟଣାଗଡ଼ ସେମିରେ



ଅର୍ବାନ ଡେଭଲପମେଣ୍ଟର ଯୁଗ୍ମ ସଚିବ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

**ଖଡିଆଳ,୧୫।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ୧୬ତମ କେସିଏସଏ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ବ୍ଲୁ ଡାଇମଣ୍ଡ ବରଗଡ ଏବଂ ସ୍ପୋର୍ଟି ଭିଲାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡକୁ ୨୨ ରନରେ ହରାଇ ଭିଲାଇ ପ୍ରଥମ ଟିମ୍ ଭାବରେ ସେମିଫାଇନାଲକୁ ଉନ୍ନିତ ହୋଇଛି । ଭିଲାଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ଦଳର ଜଗପାଲ ସିଂ ୩୪ ବଲରେ ୫୪ ରନରେ ୧୫୬ ରନ ସଂଗ୍ରହ କରିଥିଲା । ଜବାବରେ ବରଗଡ ଦଳ ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ମ୍ୟାଚ ଆୟୋଜକ ଖଡିଆଳ ଏବଂ ପାଟଣାଗଡ ମଧ୍ୟରେ ହୋଇଥିଲା । ଏଥିରେ ପାଟଣାଗଡ ଦଳ ୫ ଉଇକେଟରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି। ବୁଧବାର ଭିଲାଇ ଓ ପାଟଣାଗଡ ମଧ୍ୟରେ ପ୍ରଥମେ ସେମିଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିବେ। ଖଡିଆଳ ଦଳ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୭ ଉଇକେଟ ହରାଇ ଦଳର ଧନଞ୍ଜୟ ଭୋଇଙ୍କ ୩୦ ବଲରେ ୫୧ ରନ ସହାୟତାରେ ୧୩୮ ରନ ସଂଗ୍ରହ କରିଥିଲା । ଜବାବରେ ପାଟଣାଗଡ ଦଳର ବିକାଶଙ୍କ ୫୬ ରନ ସହାୟତାରେ ୫ ଉଇକେଟରେ ୧୩୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଉଭୟ ମ୍ୟାଚକୁ ଓସିଏର ପ୍ୟାନେଲ ଅମ୍ପାୟାର ପ୍ରତାପ ପାତ୍ର ଓ ବିଶ୍ୱଜିତ ଖମାରୀ ଖେଳ ପରିଚାଳନା କରିଥିଲେ । ସୋନୁ ପଟ୍ଟନାୟକ ଖେଳ ସ୍କୋରର ଦାୟୀତ୍ୱ ତୁଲାଇଥିବା ବେଳେ ବିନୋଦ ଦୁରିଆ, ସାନ ଜଗତ, ବଡ ଜଗତ, ନରେଶ ଭୋଇ, ଗୁଡ୍ଡୁ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଓଡିଶା ସରକାରଙ୍କ ଅର୍ବାନ ଡେଭଲପମେଣ୍ଟର ଯୁଗ୍ମ ସଚିବ ସୁକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏନଏସି ପୂର୍ବତନ ଅଧକ୍ଷା ଖୁଲଣା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁ, ଆସୋସିଏଶନ୍‌ର ସଭାପତି ଅଧିରାଜ ପାଣିଗ୍ରାହୀ, ସମ୍ପାଦକ ସନ୍ତୁ ପଟ୍ଟନାୟକଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯଦି ପକ୍ଷୀମାନଙ୍କର ଏକତା ରହେ,
ସେଠାରେ ସିଂହ ମଧ ହାର୍‌ମାନେ।
- ବ୍ଲେଜ୍ ପାସ୍‌କଲ୍



# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆରୋପ-ପ୍ରତ୍ୟାରୋପ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ତିନି ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନ ଘନ ଓଡ଼ିଶା ଗସ୍ତ। ସରକାରୀ କାର୍ଯ୍ୟକ୍ରମ ସାଙ୍ଗକୁ ଦଳୀୟ ସଭା। ଏହାକୁ ନେଇ ଉତ୍ସାହିତ ଭାଜପା ନେତାମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବାବେଳେ ବଦଳିଯାଇଛି ମୋଦିଙ୍କ ଶାଣିତ ସ୍ୱର। ଆଉ ଶୁଣିବାକୁ ମିଳୁନି ଆଗଭଳି ଅଗ୍ନିବର୍ଷୀ ଭାଷଣ। କେନ୍ଦ୍ରରେ ଏନ୍‌ଡିଏ ପୁନର୍ବାର କ୍ଷମତାସୀନ ନ ହେବା ଚିନ୍ତାରେ ମୋଦି ରଣନୀତି ବଦଳାଇଥିବା କୁହନ୍ତି ରାଜନୈତିକ ବିଶ୍ଳେଷକ।

ଏଆଇସିସି ସମ୍ପାଦକ ତଥା ଗୁଜରାଟ ପ୍ରଭାରୀ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ବିଜେଡି ଓ ଭାଜପା ମଧ୍ୟରେ ସମ୍ପର୍କ କାହାକୁ ଅଛପା ନାହିଁ। ଭାଜପା ଦେଶରେ ବିଜେଡି ରାଜ୍ୟରେ ଲୋକପ୍ରିୟତା ହରାଇଛି। ତେଣୁ ଉଭୟ ପରସ୍ପରର ଆବଶ୍ୟକତା ହୋଇଛନ୍ତି। ତେଣୁ ସେମାନଙ୍କ ରାଜନୈତିକ ପ୍ରୀୟାପ୍ରୀତିକୁ ରାଜ୍ୟବାସୀ ବୁଝନ୍ତୁ। କୌଣସି ଭ୍ରମରେ ନ ରହି କଂଗ୍ରେସକୁ ହିଁ ବିକଳ୍ପ ବାଛନ୍ତୁ। ପ୍ରାୟ ବର୍ଷକ ତଳେ ବିଜେଡି ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣାତ୍ମକ ମନୋଭାବ ପୋଷଣ କରୁଥିଲେ। ହେଲେ ଖୋର୍ଦ୍ଧା, ବାରିପଦା ଏବଂ ବଲାଙ୍ଗୀର ଗସ୍ତ ଭାଜପାର ଅସହାୟତା ବଖାଣିଲା। ବିଜେଡିର ଜନ୍ମଲଗ୍ନ ଭାଜପା ସହାୟତାରୁ ହିଁ ହୋଇଥିଲା। ତେଣୁ ପ୍ରଥମରୁ ସାମ୍ପ୍ରଦାୟିକତାର ଖୋଳପା ପିନ୍ଧିଥିବା ବିଜେଡି ଜାତୀୟ ରାଜନୀତିରେ କୌଣସି ବଡ ଭୂମିକା ନେବାର ସମ୍ଭାବନା ନାହିଁ। ୨୧ ଲୋକସଭାରେ ବିଜେଡି ପାଇଁ ଇଭିଏମ୍‌ରେ ଟିପା ଯିବାକୁ ଥିବା ସମସ୍ତ ଭୋଟ୍ ଭାଜପାକୁ ଯାଉଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ନରମ ଥିଲେ ବି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଭିମୁଖ୍ୟ ଆକ୍ରମଣାତ୍ମକ ରହିଛି, ଯାହାକୁ ନେଇ ରାଜ୍ୟ ଭାଜପା ନେତା ଉତ୍ସାହ ପ୍ରକାଶ କରିଛନ୍ତି। ଦଳର ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ଯେ, କଂଗ୍ରେସ ଦଳ ଭାଜପାକୁ ସମାଲୋଚନା କରିବାର କୌଣସି ଅଧିକାର ନାହିଁ। କଂଗ୍ରେସର ଏକାଧିକ ବିଧାୟକ ବିଜେଡି ଯିବା ପାଇଁ ଯେପରି ତତ୍ପରତା ପ୍ରଦର୍ଶନ କରୁଛନ୍ତି, ତାହା ଦଳର ପ୍ରକୃତ ସ୍ଥିତିକୁ ବୁଝାଉଛି। ନେତା ରାଗିଲେ କି ଗାଳି ଦେଲେ, ଜନତା ଭୋଟ୍ ଦିଅନ୍ତି ନାହିଁ। ଜନତା ଠିକଣା ସମୟରେ ନିଷ୍ପତ୍ତି ନିଅନ୍ତି। ତେଣୁ ପଞ୍ଚାୟତ ନିର୍ବାଚନରେ ବିଜେଡି ଯେଉଁ ରାଜନୈତିକ ଧକ୍କା ପାଇଥିଲା, ତାହା ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ। ଅପରପକ୍ଷରେ ବିଜେଡି ନେତା ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କଂଗ୍ରେସ ଓ ଭାଜପା ମତକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଆଞ୍ଚଳିକ ଦଳ ବିଜେଡିର ଗୁରୁତ୍ୱ ପ୍ରତି ନିର୍ବାଚନରେ ବୃଦ୍ଧି ପାଇବାରେ ଲାଗିଛି। ଜନକଲ୍ୟାଣକାରୀ ଯୋଜନା ଜାରି ରହିଛି। ଭାଜପା ହେଉକି କଂଗ୍ରେସ , ରାଜ୍ୟ ପ୍ରତି କାହାର ପ୍ରତିବଦ୍ଧତା ନାହିଁ। ତେଣୁ ପ୍ରଧାନମନ୍ତ୍ରୀଙ୍କ ସରିଥିବା ଗସ୍ତ କିମ୍ବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ରାଜ୍ୟ ରାଜନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

ଭାଜପାର ରାଜ୍ୟ ସରକାରଙ୍କ ପ୍ରତି ନରମ ଆଭିମୁଖ୍ୟକୁ କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ମଧ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଉଭୟ ଦଳ ଖେଳନା ବନ୍ଧୁକ ଧରି ଖେଳୁଛନ୍ତି। ସେହିପରି ବାମପନ୍ଥୀ ନେତା ନାରାୟଣ ରେଡ୍ଡୀ କହିଛନ୍ତି ଯେ, ସୁସ୍ଥ ଗଣତନ୍ତ୍ର ପାଇଁ ସରକାର ପରିବର୍ତ୍ତନର ଆବଶ୍ୟକତା ରହିଛି। ରାଜ୍ୟ ଏବଂ କେନ୍ଦ୍ରରେ ଶାସକ ବଦଳାଇବାର ସମୟ ଆସିଛି।

## ୧୮୮ ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ, ଯୋତା

ବୀରମହାରାଜପୁର, ୧୫।୧(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ସଦର ମହାକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୮୮ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ସହିତ ଯୋତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ମାର୍କଣ୍ଡେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ସର୍ବଶିକ୍ଷା ଅଭିଯାନର ବାଳିକା ବିଭାଗ ସଂଯୋଜକ ମାନସ ସେଠ୍ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସିଆରସିସି ପଦ୍ମନାଭ ବାରିକ ଏବଂ ସ୍କୁଲ ପରିଚାଳନା ସମିତି ସଭାପତି ରାମ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥି ମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବାକୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବୌଦ୍ଧ ଥାନା ଏଏସ୍ଆଇଙ୍କ ମୃତ୍ୟୁ

**ବୌଦ୍ଧ,୧୫।୧(ସ୍ୱ.ପ୍ର.):** ଏକ ବାଇକ୍ ଦୁର୍ଘଟଣାରେ ବୌଦ୍ଧ ଥାନାରେ କାର୍ଯ୍ୟରତ ଏଏସ୍ଆଇ ସାର୍ଦ୍ଦିକ ନାଏକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଏଏସ୍ଆଇ ନାଏକ ମଙ୍ଗଳବାର ମଧ୍ୟାହ୍ନରେ ଏକ ବାଇକ୍‌ରେ ବୌଦ୍ଧରୁ ଲଇଗାଁ ଛକ ନିକଟରେ ଥିବା ନିଜ ଭାଇଙ୍କ ହୋଟେଲକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ହରେକୃଷ୍ଣପୁର ଛକଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଠି ହୋଇଯାଇଥିଲା। ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଏଏସଆଇଙ୍କ ଘର ନୟାଗଡ଼ ଜିଲା ଗଣିଆଁ ଅଞ୍ଚଳର ଟଲକପାଟଣା ଗ୍ରାମ ବୋଲି ଜଣାପଡିଛି। ସେ ଗତ ଦେଢ ମାସ ହେବ ବୌଦ୍ଧ ଥାନାରେ ଏଏସ୍ଆଇ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର କହିଛନ୍ତି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା(ନଂ.୧୨/୧୯) ରୁଜୁ ହୋଇଥିବା ସେ ପ୍ରକାଶ କରିଛନ୍ତି।

### ସମବାୟ ବ୍ୟାଙ୍କରେ ଲିଙ୍କ୍ ଫେଲ୍ : ଚାଷୀ ହଟହଟା

**ବୀରମହାରାଜପୁର, ୧୫।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବୀରମହାରାଜପୁର ଶାଖାରେ ଗତ ପାଞ୍ଚଦିନ ଧରି ଇଣ୍ଟରନେଟ ସେବା ବ୍ୟାହାତ ହୋଇଥିବାରୁ ଏଠାରେ କାରବାର ହୋଇପାରୁନାହିଁ। ଏହି ବ୍ଲକର ୧୦ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଉପରେ ନିର୍ଭର କରୁଥିବାରୁ ସମ୍ପୃକ୍ତ ପ୍ୟାକ୍ସଗୁଡିକର ସଭ୍ୟମାନେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ବିଶେଷତଃ ବର୍ତ୍ତମାନ ସମବାୟ ବ୍ୟାଙ୍କ ମାଧମରେ ଧାନ କିଣାବିକାର ଆର୍ଥିକ କାରବାର ପରିଚାଳିତ ହେଉଥିବାରୁ ସମସ୍ୟା ଦୁଇଗୁଣିତ ହୋଇଛି। ଏହି ବ୍ଲକରେ ଏକମାତ୍ର ସମବାୟ ବ୍ୟାଙ୍କର ଶାଖା ଥିବାରୁ ପ୍ରତ୍ୟହ ଦୁରଦୂରାନ୍ତ ଚାଷୀ ଟଙ୍କାପାଇଁ ଏଠାକୁ ଆସୁଥିବା ବେଳେ ଜଗିଜଗି ଶେଷରେ ନିରାଶ ହେଇ ଫେରୁଥିବା ଦୃଶ୍ୟ ସାମ୍‌ନା ଆସୁଛି। ଏ ସମ୍ପର୍କରେ ଶାଖା ପରିଚାଳକ ସହ ଯୋଗାଯୋଗ କରାଯିବାରୁ ବୈଷୟିକ ତ୍ରୁଟି ଯୋଗୁଁ ଶାଖାରେ ସଂଯୋଗ ହୋଇଥିବା ଉଭୟ ବିଏସ୍ଏନ୍ଏଲ ଓ ଏୟାରଟେଲ୍‌ର ଲିଙ୍କ ଫେଲ ଥିବା କହିଥିଲେ।

### ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର

**ଉଲୁଣ୍ଡା, ୧୫।୧ (ଡି.ଏନ.ଏ):** ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଯାଇ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତଗତ ଗଣ୍ଡପାଲି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଅରୁଣ କୁମାର ଦାଶଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ପହଞ୍ଚି ୨୧ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତତ୍ ସହିତ ଶିବିର ମାଧମରେ ବିଦ୍ୟାର୍ଥିମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯିବା ସହିତ ଔଷଧ ବଣ୍ଟନ କରାଯାଇଥିଲା। ପରୀକ୍ଷା ପରେ ଜଣେ ଛାତ୍ରୀଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ସୋନପୁର ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାର୍ମାଷ୍ଟ ପ୍ରଭୁଦତ୍ତ ପୁରୋହିତ, ଷ୍ଟାଫ ନର୍ସ ଆଭାରାଣୀ ପର୍ଡିଆ ଶିବିର ପରିଚାଳନା କରିଥଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷ ଗୋପିନାଥ ପଧାନଙ୍କ ସହ ପ୍ରଧାନଶିକ୍ଷକ ଶଙ୍କର୍ଷଣ ମିଶ୍ର ଓ ସହକାରୀ ଶିକ୍ଷକ ମୁରାରୀ କର୍ମୀ ଏଥିରେ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଉଲୁଣ୍ଡା, ୧୫।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟୁପାଲି ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର ଏକ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତକ ହେଲେ ମାଟୁପାଲି ଗ୍ରାମର ଦାମୋଦର ଭୁଲ୍ତା(୩୨) ବୋଲି ଜଣା ପଡିଛି। ସୂଚନା ଅନୁସାରେ ଦାମୋଦର ସୋମବାରଠାରୁ ନିଖୋଜ ଥିଲେ।

### ବାଇକ୍ ଦୁର୍ଘଟଣା, ୨ ଆହତ

**ବିନିକା,୧୫।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ମିଶ୍ରପାଲି ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ବରପାଲିର ସୁବଳ ଭୋଇ(୨୫) ଓ ସିଦ୍ଧାନ୍ତ ପଧାନ(୨୪)। ଏହି ରାସ୍ତାରେ ଯାଉଥିବା ବେଳେ ସେମାନଙ୍କ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିନିକା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରୁ ଆହତଦ୍ୱୟଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ନିର୍ମାଣ ହେବ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ
# ରିମୋଟ କଣ୍ଟ୍ରୋଲ ଯୋଗେ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ସୋନପୁର,୧୫।୧(ନି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରରୁ ରିମୋଟ କଣ୍ଟ୍ରୋଲ ଯୋଗେ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର କୋଠା ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି। ସୋନପୁର ବ୍ଲକର ପାଣିସିଆଲିରେ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ୍ ନିର୍ମାଣ ହେବ। ୧୫କୋଟି ୮୧ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ ବୋଲି ଜଣାପଡିଛି । ଆସନ୍ତା ୧୪ମାସ ଭିତରେ ବିଦ୍ୟାଳୟ ପାଇଁ କୋଠା, ପ୍ରାଚୀର, ଖେଳପଡିଆ, ଶିକ୍ଷକ, କର୍ମଚାରୀଙ୍କ ପାଇଁ ୮ଟି କ୍ୱାର୍ଟର୍ସ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି କେନ୍ଦ୍ର ମାନବ ସଂଶାଧନ ବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଶିଳାନ୍ୟାସ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ଜିଲା ସାଧନ କେନ୍ଦ୍ର ପରିସରସ୍ଥିତ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଭିଡିଓ ସ୍କ୍ରିନ୍‌ରେ ଛାତ୍ରୀଛାତ୍ର, ଅଭିଭାବକ ଓ ଜନସାଧାରଣ ଶିଳାନ୍ୟାସ କାଯର୍ୟକ୍ରମ ଦେଖିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ ଓ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଶମ୍ଭୁ ପ୍ରସାଦ କଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ଅତିରିକ୍ତ ଜିଲାପାଳ ପଣ୍ଡା ପୁରସ୍କୃତ କରିଥିଲେ। ୨୦୧୦ରୁ ସୋନପୁରରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ହେଁ ଜମି ସମସ୍ୟା ପାଇଁ କୋଠା ନିର୍ମାଣ ହୋଇ ପାରୁ ନ ଥିଲା । ଏବେ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ପାଇଁ ଶିଳାନ୍ୟାସ ହୋଇଥିବାରୁ ଅଭିଭାବକ ଓ ବୁଦ୍ଧିଜୀବୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଗତ ୧ ମାସ ପୂର୍ବରୁ ନୂତନ କ୍ୟାମ୍ପସର ନିର୍ମାଣ କାମ ଆରମ୍ଭ ହୋଇଛି । ସେହିପରି ଗତ ସେପ୍ଟେମ୍ବର ୧୯ତାରିଖରେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଜିଲାପାଳ ମଧୁସୂଦନ ମିଶ୍ର, ସିପିଡବ୍ଲୁଡିର ନିର୍ବାହୀ ଯନ୍ତ୍ରୀ ଇଂ ସ୍ୱପ୍ନିଳ ପାଠକ ଓ ସହକାରୀ ଯନ୍ତ୍ରୀ ଇଂ. ହରିଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପିଙ୍କ ପରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଏହି ପ୍ରକଳ୍ପର ଶିଳାନ୍ୟାସ କରିବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଅନ୍ୟପକ୍ଷେ ଏମ୍‌ପିଙ୍କ ଶିଳାନ୍ୟାସ ପର୍ବରେ ମାନବ ସମ୍ବଳ ବିକାଶ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିଲେ । କାର୍ଯ୍ରକ୍ରମ ସରକାରୀ ନଥିଲା, ଫଳକ ମଧ୍ୟ ସରକାରୀ ଭାବେ ଲଗା ଯାଇ ନଥିଲା ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ସଫେଇ ଦିଆଯାଇଛି ।

## ଡୁଙ୍ଗୁରିପାଲିରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
# ୨୦୧ ପ୍ରକଳ୍ପ ପାଇଁ ୪କୋଟି ୩୨ ଲକ୍ଷ ମଞ୍ଜୁର

ଡୁଙ୍ଗୁରିପାଲି,୧୫।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରୀଡକୋ ପଡିଆରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶାର ଜଳ ସଂପଦ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଭିଡିଓ କନଫରେନ୍ସ ଜରିଆରେ ଡୁଙ୍ଗୁରିପାଲି ବ୍ଲକର ୨୫ ପଞ୍ଚାୟତରେ ୨୦୧ଟି ପ୍ରକଳ୍ପ ପାଇଁ ୪ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହା ସହିତ ବିଭିନ୍ନ ପଞ୍ଚାୟତର ମହିଳା ଏସଏଚଜି ଗୃପମାନଙ୍କୁ ମଧ୍ୟ ୧୫ ହଜାର ଟଙ୍କା ଲେଖାଏଁ ମଞ୍ଜୁର କରିଥିବା ଘୋଷଣା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ, ସିଡିଏମଓ ବିଜୟଲକ୍ଷ୍ମୀ ଗୁରୁ,ଏଡିଏମଓ (ପରିବାର କଲ୍ୟାଣ) ଦୈତ୍ୟନାରାୟଣ ପାଢୀ, ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ହିମାଂଶୁ ଶେଖର ବିଶ୍ୱାଳ, ରାମପୁର ତହସିଲଦାର ପଞ୍ଚାନନ ପାତ୍ର, ଡୁଙ୍ଗୁରିପାଲି ବ୍ଲକ ଚେୟାରମେନ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ, ଡୁଙ୍ଗୁରିପାଲି ଥାନାଧିକାରୀ ଅମରେନ୍ଦ୍ର ଷାଣ୍ଢ, ସୁବର୍ଣ୍ଣପୁର ଜିଲା ଆରଡି ବିଭାଗ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ରାସ୍ତା ଓ ଗୃହ ବିଭଜନ ବିଭାଗୀୟ ଯନ୍ତ୍ରୀ ଆଶିଶ କୁମାର ବଡପଣ୍ଡା, କେନାଲ ଡିଭିଜନ ଏସଡିଓ ସୁରେନ୍ଦ୍ର ସେଠ ଓ ଯନ୍ତ୍ରୀ ପ୍ରଭାସ ରଥ, ପ୍ରଶାନ୍ତ କୁମାର ମାନକର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ବିପିନ ବିହାରୀ ଦାଶ, ଜିଲା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ସ୍ୱାଇଁ, ବିନିକା ଏସଡିଓ ରଶ୍ମିରଞ୍ଜନ ଜେନା, ଯନ୍ତ୍ରୀ ଶ୍ରୀକାନ୍ତ ସା, ଏବିଡିଓ ଶଶୀ ଭୂଷଣ ପଧାନ, ଜିପିଓ ଶୁଭ୍ରାଂଶୁ ଶେଖର ମଲ୍ଲିକଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନର ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ । ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଚେରୁପାଲି ଗ୍ରୀଡକୋ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।




ସୁକାନ୍ତୀ ଏଜୁକେଶନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନ କରାଯାଉଛି ।

## ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ଭୀମଭୋଇ ଶିଶୁ ସଦନ ପରିଦର୍ଶନ

ସୋନପୁର,୧୫।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ର ଅଧକ୍ଷ ହିମାଂଶୁ ଭୁଷଣ ନାୟକ ଓ ସଭ୍ୟ ମାନେ ବିଶେଶ୍ୱରପାଲିସ୍ଥିତ ଭୀମଭୋଇ ଶିଶୁ ସଦନ ପରିଦର୍ଶନ କରିଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଏହି ସଦନରେ ଶିଶୁ ସୁରକ୍ଷା ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ସମିତିର ଅଧକ୍ଷ ନାୟକ ଏବଂ ସଭ୍ୟ ବୃନ୍ଦ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ସମିତିର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମିତିର ସଭ୍ୟ ବରିଷ୍ଠ ଆଇନଜୀବୀ ମଧୁସୂଦନ ପ୍ରଧାନ, ଦିଲ୍ଲିପ କୁମାର ମୁଣ୍ଡ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରଶାନ୍ତ ମହାକୁର ଓ ରୁଦ୍ର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ସୁକାନ୍ତୀ ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଡାଇରେକ୍ଟର ବିଶ୍ୱନାଥ ତ୍ରିପାଠୀ ଓ ଟ୍ରଷ୍ଟି କମଳିନୀ ତ୍ରିପାଠୀ କମ୍ବଳ ବଣ୍ଟନ କରିଥିଲେ ।

# ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ ମକର ମିଳନ

ବୌଦ୍ଧ,୧୫।୧(ସ୍ୱ.ପ୍ର.)

ପବିତ୍ର ମକର ସଂକ୍ରାନ୍ତ ଅବସରରେ ବୌଦ୍ଧ ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ ଏକ ହୋଟେଲରେ ସୋମବାର ମକର ମିଳନ ପାଳିତ ହୋଇଯାଇଛି । ଜ୍ଞାନଚାନ୍ଦ ଶତପଥୀଙ୍କ ସଭାପତିରେ ଆୟୋଜିତ ମକର ମିଳନ ଅବସରରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବନମାଳୀ ପାଣିଗ୍ରାହୀ ଯୋଗଦେଇ ମାନବ ଜୀବନ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ସୂର୍ଯ୍ୟପ୍ରିୟା ପାଣିଗ୍ରାହୀ, ଚିତ୍ତରଞ୍ଜନ ଦାଶ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ । କବିତା ପାଠୋତ୍ସବକୁ କବି ରମେଶ ମେହେର, ଶାନ୍ତନୁ ପାଣିଗ୍ରାହୀ, ଚନ୍ଦ୍ରକାନ୍ତ ନାୟକ ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଇଂ ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। ସେହପରି ବୌଦ୍ଧ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ବିଭାଗ ସେବା ପ୍ରମୁଖ ପର୍ଶୁରାମ ପ୍ରଧାନ ଯୋଗଦେଇଥିବା ବେଳେ ଅତିଥି ଭାବେ ଜିଲା କାର୍ଯ୍ୟବାହ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ମକର ସଂକ୍ରାନ୍ତି ପାଳନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ନଗର କାର୍ଯ୍ୟବାହ ପଦ୍ମ ଚରଣ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ନୀଳଚକ୍ର ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ମକର ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ନିଆରା ପରମ୍ପରା: ପଲସାଗୋରାର ମକରଯାତ୍ରା

କନ୍ଧମାଳ,୧୫।୧(ଡି.ଏନ୍.ଏ.)

ବୌଦ୍ଧ ଜିଲା ପଲସାଗୋରାର ମକର ଯାତ୍ରା ଏକ ନିଆରା ପରମ୍ପରା। ଏହା ସୋମବାର ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ। ଅନ୍ୟପକ୍ଷେ ଆସନ୍ତା ଗୁରୁବାର ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। ୪ ଦିନ ଧରି ହେବାକୁ ଥିବା ଏହି ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ଅନୁମାନ କରାଯାଉଛି। ଏହି ଯାତ୍ରାରେ ଅନେକ ଭିନ୍ନ ପରମ୍ପରା ରହିଛି।




ପଲସାଗୋରାର ମକରଯାତ୍ରାରେ ଲୋକଙ୍କ ଭିଡ।

## ଯାତ୍ରାର ଅତୀତ

ମକର ଯାତ୍ରା ଆରମ୍ଭ ହୋଇଥିଲା ୧୯୩୮ ମସିହାରେ। ସେହି ସମୟରେ ରାମଚନ୍ଦ୍ର ପ୍ରଧାନ, ଚକ୍ରଧର ପ୍ରହରାଜ, ଉଦ୍ଧବ ବାରିକ, ମୋହନ ପ୍ରଧାନ, ଦୁଃଖୁ ଦଳବେହେରା, ଶ୍ରୀରାମ ପ୍ରହରାଜ ପ୍ରମୁଖ କେଜେଣ ବନ୍ଧୁ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ମକରଯାତ୍ରା ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ଯାତ୍ରାର ପରିଚାଳନା କରୁଛନ୍ତି ରବୀନ୍ଦ୍ର ପ୍ରଧାନ। ମେଳା ମକର ସଂକ୍ରାନ୍ତିର ପୂର୍ବଦିନ ସକାଳୁ କାନ୍ଧୁଲମୁଣ୍ଡାରୁ କଳସରେ ପାଣି ଧରି ନଗର କୀର୍ତ୍ତନରେ ବାହାରିଥାନ୍ତି ଶ୍ରଦ୍ଧାଳୁ। ପରେ ମକରପଡ଼ିଆସ୍ଥିତ କପିଳେଶ୍ୱରଙ୍କଠାରେ ଜଳାଭିଷେକ କରାଯାଇ ନାମଯଜ୍ଞର ଆରମ୍ଭ ହୋଇଥାଏ। ଏହି ପରମ୍ପରା ଏବେ ବି ବଜାୟ ରହିଛି।

## ବଦଳିଛି ଅନେକ

ଗଉଡି ଖୋଳ(ମୃଦୁଙ୍ଗ)ର ସମାବେଶ ପାଇଁ ପ୍ରସିଦ୍ଧ ଥିଲା ଏହି ମକର ଯାତ୍ରା । ଛାତି ଖୋଳ ବାଦନରେ କମ୍ପି ଉଠୁଥିଲା ପାଞ୍ଚ ଖଣ୍ଡ ଗାଁ। ଏଥିରେ ସୁଦୂର ବରଗଡ଼, ସମ୍ବଲପୁର ଓ କନ୍ଧମାଳ ଅଞ୍ଚଳରୁ କଳାକାର ଆସି ଏଥିରେ ସାମିଲ ହେଉଥିଲେ। ବର୍ତ୍ତମାନ ସେଇ କଳାର ଆଦର ଅଞ୍ଚଳରେ ଆଉ ନାହିଁ । ଏପରି କି ଯାତ୍ରାରେ ଚମ୍ପା ଓ ଚିଡ଼େଇର ଚଢ଼େଇ ଲଢେଇ ଥିଲା ସବୁଠୁ ଆକର୍ଷଣୀୟ। ବର୍ତ୍ତମାନ ଏହା ଅଞ୍ଚଳରେ ଲୁପ୍ତ ପ୍ରାୟ ଅବସ୍ଥାରେ ରହିଛି।

## ବର୍ଷକର ବେପାର

ଯାତ୍ରାରେ ମୁଖ୍ୟତଃ କିଣାବିକା ଜୋର ଧରିଥାଏ। ୪ ଦିନ ଧରି ହେଉଥିବା ଏହି ଯାତ୍ରାରେ କଳାହାଣ୍ଡି, ସୋନପୁର, ବଲାଙ୍ଗୀର, କନ୍ଧମାଳ ଆଦି ଜିଲାର ଲୋକଙ୍କ ସମାଗମ ହୋଇଥାଏ। ଲୋକେ ଯାତ୍ରାରୁ ଘରକରଣା ସାମଗ୍ରୀ ସହ ବିବାହ ଉତ୍ସବରେ ଉପହାର ଦେବାନେଇ ବିଭିନ୍ନ ସାମଗ୍ରୀ କିଣି ଘରକୁ ନେଇଥାନ୍ତି। ମକର ଯାତ୍ରା କେବଳ ପଲସାଗୋରା ବା କନ୍ଧମାଳ ଅଞ୍ଚଳର ନୁହେଁ ସମଗ୍ର ବୌଦ୍ଧ ଜିଲା ତଥା ଆଖପାଖ ପଡୋଶୀ ଜିଲାର ଲୋକଙ୍କ ପାଇଁ ଗୋଟେ ବିକାକିଣାର ମଉକା।

## ଆସ ହୋ ସାଙ୍ଗ ମକର

ପ୍ରାଚୀନ ଶୈବପୀଠ କପିଳେଶ୍ୱର ବାବାଙ୍କ ଏହି ପୀଠରେ ମାଳୀ ସମ୍ପ୍ରଦାୟର ସେବକ ମକର ସଂକ୍ରାନ୍ତି ଦିନ ରାଶି ମିଶ୍ରିତ ମକର ଚାଉଳ ଠାକୁରଙ୍କୁ ଭୋଗ ଲଗାଇଥାନ୍ତି। ଏହି ମକର ଚାଉଳକୁ ନେଇ ଯୁବକମାନେ ମିତ, ସଙ୍ଗାତ ବସୁଥିବା ବେଳେ ଯୁବତୀମାନେ ମକର, ସାଥୀ, ବଉଳ ବସିଥାନ୍ତି। ଏହା ବନ୍ଧୁତା ସୂତ୍ରରେ ବାନ୍ଧି ରଖିଥାଏ।


ଦହି ଚୋରି ପାଇଁ ମା' ଜଶୋଦା ଶ୍ରୀକୃଷ୍ଣଙ୍କୁ ଆକଟ କରୁଛନ୍ତି ।


ମଥୁରା ଭ୍ରମଣ ବେଳେ ମହାରାଜା କଂସଙ୍କୁ ସ୍ୱାଗତ କରାଯାଉଛି ।



କୃଷ୍ଣ ବଳରାମଙ୍କୁ ବେଣୁବାବା ମଠକୁ ଅଣାଯାଉଛି ।

■ବରଗଡ଼ ମହୋତ୍ସବର ପଞ୍ଚମ ଦିବସ

# ଦହିବିକା ଦୃଶ୍ୟାଭିନୟ, ନିଆରା ଅନୁଭୂତି

ଆସ ଆସ ପ୍ରାଣମିତ
ମଥୁରା ହାଟକୁ ଯିବାଗୋ
ଖଟାହେଲେ ଦହି କେହି ନେବେ ନାହିଁ
ବହନ ବିକି ଆସିବା ଗୋ ସଖୀ
ନକର ଉଚ୍ଛୁର.....

ଏହି ଗୀତ ବୋଲି ଗୋପୀ ଗୋପାଙ୍ଗନାମାନେ ମଙ୍ଗଳବାର ଗୋପପୁରରୁ ମଥୁରା ଅଭିମୁଖେ ଆସିଥିଲେ । ତାଙ୍କ ସାଙ୍ଗରେ ଥିଲେ ଚନ୍ଦ୍ରସେଣା । ଚନ୍ଦ୍ରସେଣା ଏକ ଭାରରେ ଦହି ମାଠିଆ ବୋହିଥିଲେ । କିନ୍ତୁ ସାଙ୍ଗରେ ଥିବା ସଭିଁଏ ଗୋପୀ, ଗୋପାଙ୍ଗନାମାନେ କାଖେଇ ଧରିଥିଲେ ଗୋଟିଏ ଲେଖାଏଁ ଦହି ମାଠିଆ । ଯମୁନା ପାଲଟିଥିବା ଜୀରା ନଇ ମଝିରେ ଆମେ ସେମାନଙ୍କୁ ଭେଟିଥିଲୁ । ଚନ୍ଦ୍ରସେଣା ଓ ମୁଖ୍ୟ ଗୋପୀଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ଥିଲେ ଜଣେଜଣେ ଶିଶୁ କଳାକାର । ସମସ୍ତେ ଗୋପପୁର ପାଲଟିଥିବା ଅମ୍ବାପାଲି ସ୍କୁଲର ଛାତ୍ରୀ । ଆଉ ସେମାନଙ୍କ ଦୃଶ୍ୟାଭିନୟର ଦିଗଦର୍ଶନ ଦେବା ପାଇଁ ଜୀରାନଦୀ ପର୍ଯ୍ୟନ୍ତ ଆସିଥିଲେ ଦୁଇ ଦିଗଦର୍ଶକ । ଆମେ ଭେଟି ପଚାରିବାରୁ ସେହି କଳାକାର ଏବଂ ଦିଗଦର୍ଶକମାନେ ଯାହା କହିଲେ ତାକୁ ନେଇ ଏକ ଉପସ୍ଥାପନା...


ଗୋପୀ, ଗୋପାଙ୍ଗନାଙ୍କଠାରୁ ଜଣେ ଦହି କିଣୁଛନ୍ତି ।


ଗୁରୁଦେବ ଭୋଇ


ମଞ୍ଜୁ ବନଛୁର


ରୀମା ପାତ୍ର


ଶର୍ମିନ ମୁଦୁଲି


ବର୍ଷା ବିଶ୍ୱାଳ


ସ୍ମିତା ମେହେର


ରୀମା ସେଠ


ରବିନ୍ଦ୍ର ପୂଜାରୀ


ଦୟାନିଧି ପ୍ରଧାନ

ପ୍ରତିବର୍ଷ ମୁଁ ଗୋପପୁର ଯାତ୍ରାରେ ସାମିଲ ହୋଇ ଆସୁଛି । ଚନ୍ଦ୍ରସେଣା ଭୂମିକରେ ଅଭିନୟ କରୁଛି । ଦହିବିକା ଦୃଶ୍ୟାଭିନୟରେ ଶିଶୁ କଳାକାରଙ୍କ ଗହଣରେ ବୁଲିବା ନିଶ୍ଚିତଭାବେ ଖୁସିର ବିଷୟ ।

– ଗୁରୁଦେବ ଭୋଇ

ଆମ ଗାଁ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛି । ଗୋପୀ ଭୂମିକାରେ ଅଭିନୟ କରିବାକୁ ବହୁତ ଦିନରୁ ଇଚ୍ଛା ଥିଲା । ପ୍ରଥମଥର ପାଇଁ ସେହି ସୁଯୋଗ ପାଇଛି । ଆଉ ବହୁତ ଭଲ ବି ଲାଗୁଛି ।

–ମଞ୍ଜୁ ବନଛୁର

ଅଭିନୟ କରିବାକୁ ଭଲ ଲାଗେ । କିନ୍ତୁ କେବେ ଗୋପୀ ଅଭିନୟ କରି ନ ଥିଲି । ଏଥର ସହପାଠୀଙ୍କ ସହିତ ଅଭିନୟ କରୁଛି ଏବଂ ତାର ମଜା ବି ନେଉଛି । ସୁଯୋଗ ମିଳିଲେ ଆଗକୁ ମଧ୍ୟ ଅଭିନୟ କରିବି ।

–ରୀମା ପାତ୍ର

ଧନୁଯାତ୍ରା ପୂର୍ବରୁ କିଛିଦିନ ଧରି ଆମେ ଏହି ଅଭିନୟ ପାଇଁ ଅଭ୍ୟାସ କରିଥିଲୁ । ଗୀତ ମଧ୍ୟ ମୁଖସ୍ଥ କରିଥିଲୁ । ଏବେ ସମସ୍ତେ ଏକାଠି ହୋଇ ଦହି ବିକିବାକୁ ଯାଉଛୁ । ବହୁତ ଖୁସି ଅନୁଭବ କରୁଛି ।

–ସାର୍ମିନ ମୁଦୁଲି

ମୁଁ ସପ୍ତମ ପଢୁଛି । ଗତ ୩ବର୍ଷ ହେଲା ଗୋପୀ ଭୂମିକାରେ ଅଭିନୟ କରି ଆସୁଛି । ଏତେ ବଡ଼ ମହୋତ୍ସବରେ ଅଭିନୟ କରୁଛୁ । ଚାଲିଚାଲି ଦହି ବିକିବାକୁ ଯାଉଛୁ । କିନ୍ତୁ କେଜାଣି କାହିଁକି ଟିକିଏ ସୁଦ୍ଧା କ୍ଲାନ୍ତ ଅନୁଭବ ହେଉନାହିଁ ।

–ବର୍ଷା ବିଶ୍ୱାଳ

ମୋର ସହପାଠୀ, ସହପାଠିନୀମାନେ ଗୋପାଳ, ଗୋପୀ ଭୂମିକାରେ ଅଭିନୟ କରୁଥିଲେ । ତାହା କେବଳ ମୁଁ ଦେଖି ଆସୁଥିଲି । ଏଥର ସେହି ସହପାଠୀଙ୍କ ସହିତ ଅଭିନୟ କରିବାର ସୁଯୋଗ ପାଇଛି । ନିଶ୍ଚୟ ଭଲ ଲାଗୁଛି ।

–ସ୍ମିତା ମେହେର

ଆମ ଗାଁ ସ୍କୁଲରେ ପଞ୍ଚମ ପଢୁଛି । ଅଭିନୟ ଦୀର୍ଘଦିନର ଆଶା ଥିଲା । ସେହି ଆଶା ଆଜି ପୂରଣ ହୋଇଛି । ପ୍ରଥମଥର ପାଇଁ ଗୋପୀ ଭୂମିକାରେ ଅଭିନୟ କରୁଛି । ଗୋପୀବେଶରେ ସଜ୍ଜିତ ହୋଇଛି । ଖୁବ୍ ଖୁସି ଲାଗୁଛି ।

–ରୀମା ସେଠ

ଗୋପପୁର ଯାତ୍ରାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ପ୍ରମୁଖ ଆକର୍ଷଣ । ସେଥିମଧ୍ୟରୁ ଦହିବିକା ଦୃଶ୍ୟାଭିନୟ ଅନ୍ୟତମ । ଫଳରେ ଏହି ଅଭିନୟରେ ଯେତେ ଅଧିକ ବାସ୍ତବତା ଅଣାଯାଇ ପାରିବ, ସେଥିପ୍ରତି ପ୍ରୟାସ କରିଛୁ ।

– ରବିନ୍ଦ୍ର ପୂଜାରୀ, ଦିଗଦର୍ଶକ

ଗୋପପୁର ଯାତ୍ରାରେ ଅଧିକାଂଶ ଶିଶୁ କଳାକାର । ଫଳରେ ସେମାନଙ୍କୁ ଅଭିନୟ ପାଇଁ ଯେଭଳି ଅଭ୍ୟାସ ଦରକାର, ସେହିପରି ଦିଗଦର୍ଶନର ଆବଶ୍ୟକତା ପଡେ । ତାକୁ ଦୃଷ୍ଟି ଦେଇ ଆମେ ଶିଶୁ କଳାକାରଙ୍କୁ ଦିଗଦର୍ଶନ ଦେଇ ଆସୁଛୁ ।

–ଦୟାନିଧି ପ୍ରଧାନ, ଦିଗଦର୍ଶକ

## ପରିଭ୍ରମଣରେ ଟ୍ରାଫିକ ସଚେତନତା

ଅତାବିରା, ୧୫।୧ (ଡି.ଏନ.ଏ)

ବରଗଡ଼ ଜିଲା ଭେଡେନ ବ୍ଲକ ସାଲନା ପଞ୍ଚାୟତ ହାଇସ୍କୁଲ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କୁ ନେଇ ଏକ ଟ୍ରାଫିକ ସଚେତନାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗରଙ୍କ ସହ ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରି ଟ୍ରାଫିକ ସଚେତନତା ସମ୍ପର୍କରେ ଅବଗତ ହୋଇଥିଲେ । ଏପରିକି ଛାତ୍ରୀଛାତ୍ର ହୀରାକୁଦ ଡ୍ୟାମ, ଘଣ୍ଟେଶ୍ୱରୀ ଆଦି ସ୍ଥାନ ବୁଲି ଦେଖିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷକମାନଙ୍କ ମଧ୍ୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଟ୍ରାଫିକ ସଚେତନତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସାଲନା ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାନନ୍ଦ ଶତପଥୀ, ବାବୁଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଦିନକୁ ଦିନ ଅଞ୍ଚଳରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହ ଧନଜୀବନ ନଷ୍ଟ ହେଉଥିବାରୁ ଟ୍ରାଫିକ ସଚେତନତା ସଂଯୋଜକ ଭୋରାସାଗରଙ୍କ ଏଭଳି ପ୍ରୟାସକୁ ସଚେତନ ନାଗରିକ ସାଧୁବାଦ ଜଣାଇଛନ୍ତି ।

## କୃଷକ ସଙ୍ଗଠନ ବୈଠକ

ଭେଡ଼େନ,୧୫।୧(ଡ଼ି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଖାଉପାଲିଠାରେ ପଞ୍ଚାୟତସ୍ତରୀୟ ଆଞ୍ଚଳିକ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅଞ୍ଚଳର କୃଷକ ତଥା କୃଷି ସମ୍ବନ୍ଧିୟ ବିଭିନ୍ନ ସମସ୍ୟା ଯଥା ଧାନ ବିକ୍ରି, ଜଳସେଚନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ସାହାଯ୍ୟ ଏବଂ ବୀମା ରାଶି ବିଷୟରେ ଆଲୋଚନା ହୋଇଥିଲା । ସଭାରେ ଜୟ କିଷାନ ଆନ୍ଦୋଳନର ସଭାପତି ଉତ୍ପନ୍ନ ଭୋଇ, ସମ୍ପାଦକ ରମେଶ ମହାପାତ୍ର ସଦସ୍ୟ ନିରଞ୍ଜନ ପଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ମହେଶ୍ୱର ପ୍ରଧାନ ସଞ୍ଚାଳନା କରିଥିବା ବେଳେ ଗ୍ରାମର ତେଜରାଜ ପଧାନ, ଖଗେଶ୍ୱର ପଧାନ, ଲକ୍ଷ୍ମଣ ପଧାନ, ସୁଶାନ୍ତ ମହାକୁର, ସୁନୀଲ ପଧାନଙ୍କ ସମତେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପଣ୍ଡିତ ଯୋଗେନ୍ଦ୍ର ମିଶ୍ରଙ୍କ ପରଲୋକ

ଭଟଲି,୧୫।୧(ଡି.ଏନ୍.ଏ.)

ବରଗଡ ଜିଲା ଭଟଲି ବ୍ଲକ ବ୍ରାହ୍ମଣ ସମାଜର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପ୍ରସାଦ ମିଶ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଜଣେ ଭଗବତ ପ୍ରେମୀ ଥିବା ବେଳେ ସ୍ଥାନୀୟ ଦଧିବାମନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ୪୦ ବର୍ଷ ଶିକ୍ଷକତା କରି ୧୯୯୫ରେ ଅବସର ଗ୍ରହଣ କରିଥିଲେ । ଏପରି କି ସେ ୨୦ ବର୍ଷ ଧରି ଭଟଲି ବ୍ରାହ୍ମଣ ସମାଜର ସଭାପତି ଦାୟିତ୍ୱ ତୁଲାଇଥିଲେ । ତାଙ୍କର ଦ୍ୱିତୀୟ ପୁତ୍ର ବାଙ୍କା ବିହାରୀ ମିଶ୍ର ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଟ୍ରାଫିକ ସଚେତନତା ନେଇ କଂସଙ୍କୁ ଫେରାଦ

ମଥୁରାନଗରୀ,୧୫।୧

ଟ୍ରାଫିକ ନିୟମକାନୁନକୁ ନେଇ ସଚେତନତାର ଅଭାବରୁ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଏଥିପାଇଁ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଟ୍ରାଫିକ ସଚେତନତାର ଅଧିକ ଆବଶ୍ୟକତା ରହିଛି । ଏହି କ୍ରମରେ ବିହିତ ପଦକ୍ଷେପ ନେବା ପାଇଁ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମଙ୍ଗଳବାର ମହାରାଜ କଂସଙ୍କୁ ଫେରାଦ ହୋଇଥିଲେ । ରାଜମହଲକୁ ଯାଇ ସେଠାରେ ମହାରାଜ କଂସଙ୍କୁ ସେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଟ୍ରାଫିକ ସଚେତନତା ପାଇଁ ସେ କାର୍ଯ୍ୟ କରୁଛନ୍ତି ଏବଂ ସଚେତନତା ଉଦ୍ଦେଶ୍ୟରେ ଗତ ୧୦ ତାରିଖ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏକ ପୋଷ୍ଟର ମଧ୍ୟ ଉନ୍ମୋଚନ କରି ସାରିଛନ୍ତି ବୋଲି ଭୋସାଗର ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ।



ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ମହାରାଜ କଂସଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## କୃତୀ ଯୋଗାସନ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ବିଜେପୁର, ୧୫।୧ (ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ବରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରିଥିବା ବିଜେପୁର ବ୍ଲକ କୁର୍କୁଟା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ରୀନା କାଣ୍ଡଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ପ୍ରଧାନ ଶିକ୍ଷକ ସୁନନ୍ଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା । ହେମସାଗର ମେହେର, କ୍ଷୀରୋଦ୍ର ସାହୁ, ସରୋଜ ପଧାନ, ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରୀ ରୀନା କାଣ୍ଡଙ୍କୁ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କ୍ରୀଡ଼ା ଶିକ୍ଷକ ଦଶରଥ ଗଡତିଆ ଉଦ୍ଦେଶ୍ୟ ଜ୍ଞାପନ ଓ ଜୟଦଥ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, କ୍ରୀଡ଼ାଶିକ୍ଷକ ଦଶରଥ ଗଡତିଆଙ୍କ ନେତୃତ୍ୱରେ ସମ୍ପୃକ୍ତ ଛାତ୍ରୀ ବୀରମାଳ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ । ମୟୁରଭଞ୍ଜ ଜିଲା ବାରିପଦାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ସେ ସାମିଲ ହୋଇଥିଲେ । ଶିକ୍ଷକ ରମାକାନ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଗଡ଼ ଧନୁଯାତ୍ରା: ଆର୍‌ଏମ୍‌ସି ପକ୍ଷରୁ ଷ୍ଟଲ ଉଦ୍‌ଘାଟିତ

ଅତାବିରା, ୧୫।୧ (ଡି.ଏନ.ଏ)

ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ କୃଷିଜାତ ଦ୍ରବ୍ୟର ସୁଷମ ବିକ୍ରି ଏବଂ ଉନ୍ନତ ଭିତ୍ତିଭୂମି ପାଇଁ ସଚେତନ କରାଇବା ପାଇଁ ବରଗଡ ଧନୁଯାତ୍ରାରେ ଏକ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବରଗଡ଼ ଏଡିଏମ୍ ତପିରାମ ମାଝି, ସବ୍‌କଲେକ୍ଟର ଦେବେନ୍ଦ୍ର ନନ୍ଦ, ଆରଏମ୍‌ସି ସମ୍ପାଦକ ବିଶ୍ୱଜିତ ବାରିକ, ଆରଏମ୍‌ସି କର୍ମଚାରୀଙ୍କ ସହ ଅଗ୍ରଣୀ ଚାଷୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁଷମ ବିକ୍ରି, ଉନ୍ନତ ଭିତ୍ତିଭୂମିର ସଚେତନତା ପାଇଁ ଏକ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିବା ସମ୍ପାଦକ ବାରିକ କହିଛନ୍ତି ।

■କାଳିଆ ଯୋଜନାରେ ଏଲଆଇ ନୋଡାଲ ଅଫିସର

## ମାଡ୍‌ଖାଉଛେ ପ୍ରାଣୀ ଚିକିତ୍ସା ସେବା, ଦହଗଁଜ ଚାଷୀ

ବିଜେପୁର, ୧୫।୧ (ଡି.ଏନ.ଏ)

ଗାଁଗଁଲିରେ ପୁଷା ପଶୁପକ୍ଷୀକଁର୍ ଚିକିତ୍ସା ଲାଗି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଖୁଲା ହେଇଛେ । ହେଲେ ଗଲା ଦୁଇ ହପ୍ତା ହେଲା ରାଏଜ୍ ସରକାରକଁର୍ କାଲିଆ ଯୋଜନା ଲାଗି ଇ କେନ୍ଦ୍ରମାନ୍‌କେ ତାଲା ଝୁଲୁଛେ । ଯେନଥିର୍ ଲାଗି ଗାଁଗଁଲିର ଚାଷୀକର ଭିତରେ ଅଶାଁତି ଦେଖାଦେଇଛେ । ବରଗଡ ଜିଲା ବିଜେପୁର ବ୍ଲକରେ ଏନ୍‌ତା ହାଲ୍ ହେଇଥିବାର ଅଭିଯୋଗ ହେଉଛେ । ବିଜେପୁର ୧୨ଟାରୁ ଅଏତ୍‌କା ପ୍ରାଣୀଧନ ନିରୀକ୍ଷକ ପଦବୀ ମନଜୁର୍ ହେଇଛେ । ହେଲେ କୁଲ୍ ୬ଝନ୍ ପ୍ରାଣୀଧନ ନିରୀକ୍ଷକ ୧୧୦ ଖଣ୍ ରାଜସ୍ୱ ଗାଁର ଛେଲମେଣ୍ଢ଼ି, ଗାଇଗୋରୁକଁର୍ ଚିକିତ୍ସା କରୁଛନ୍ । ଏତେ ଗାଁକେ ୬ଝନ୍ ଏଲଆଇ କେନତା ଚିକିତ୍ସା ସେବା ଯୁଗଉଥିବେ ସେଟା ଇଥିରୁ ବୁଝାପଡୁଛେ । ଏନତାଥି ଫେର କାଲିଆ ଯୋଜ୍‌ନା ଲାଗି କୃଷି ବିଭାଗ୍ କରମଚାରୀକଁର୍ ସଂଗେ ଏଲଆଇମାନକୁ ନୋଡାଲ ଅଫିସର ହିସାବେ ନିୟୋଜିତ କରାଯାଇଛେ । ବ୍ଲକର ୧୬ଝନ୍ ଭିଏଡବ୍ଲୁ, ଦୁଇ ଝନ୍ କୃଷି ଅଧିକାରୀ ଆର ୫ଝନ୍ ଏଲଆଇକୁଁ ଭିନ୍ ଭିନ୍ ପନଚେତର୍ ନୋଡାଲ ଅଫିସର୍ ହିସାବେ ଦାଇତିଅ ଦିଆଯାଇଥିବାର ଜନାଯାଇଛେ । ଯେନଥିର୍ ଲାଗି ଏଲଆଇମାନେ ପ୍ରାଣୀ ଚିକିତ୍ସା ସେବାକେ ଛାଡି ସଖାଲୁ ବେଲବୁଡା ତକ୍ ପଁଚେତ୍‌ରେ କାଲିଆ ଯୋଜନାର କାମ କରୁଛନ୍ । ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ବଁନ୍ଦ୍ ହେବାର ଲାଗି ଚାଷୀ ନିଜର ଛେଲମେଣ୍ଢ଼ି, ଗାଇଗୋରୁ, ପୁଢ଼ଭଇଁସ୍‌କର ଚିକିତ୍ସା କରେଇ ନାଇଁପାରି କରି ବଡା ଅସୁବିଧାରେ ପଡୁଛନ୍ । ଇ ଦିଗେ ଜିଲାପାଲ ଧିଆନ୍ ଦେଇ ପଦକ୍ଷେପ ନେବାକେ ଚାଷୀ ସମାଜ ଦାବି କରିଛେ । ଝନେ ପ୍ରାଣୀଧନ ନିରୀକ୍ଷକ ଦୁଇ ତିନଟା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରର ଦାଇତିଅରେ ରହୁଛନ୍ । ଏନ୍‌ତାଥି ଫେର ସେମାନକୁ କାଲିଆ ଯୋଜ୍‌ନାରେ ନୋଡାଲ ଅଫିସର ଦାଇତିଅ ଦେବାରଟା କେତେ ଦୂରଠିକ୍ ବଲି ସାଧାରନ୍‌ରେ ଚରଚା ହେଉଛେ । ଇ ବାବଦେ ବ୍ଲକ ପ୍ରାଣୀଧନ୍ ଚିକିତ୍ସା ଅଧିକାରୀ ଡା. ଗିରିଧାରୀ ଭୋଇକୁଁ ପଚରାଲାରୁ ୬ ଝନରୁ ୫ଝନ ପ୍ରାଣୀଧନ ନିରୀକ୍ଷକକୁଁ କାଲିଆ ଯୋଜନାର ନୋଡାଲ ଅଫିସର୍ କରାହେଇଛେ । ପ୍ରାଣୀଧନ ଚିକିତ୍ସା ଲାଗି ଚାଷୀ ଭାଇ କିଛିଟା ଅସୁବିଧାର ସାମନା କରୁଛନ୍ । ଚିକିତ୍ସା ଅଭାବ ଲାଗି ଗାଇଗୋରୁ, ଛେଲମେଣ୍ଢ଼ି ମରବାର୍ ଖବର ମିଛ ଆଏ । ମୋବାଇଲ ଚିକିତ୍ସା ସେବା ଉପରେ ମୁଇଁ ସଜାଗ ରହିଛେଁ । ଯେନୁ ଖବର ଆଏଲା ତୁରତି ସେ ଠାନ୍‌କେ ପୁହୁଁଚୁଛୁଁ । ମଙ୍ଗଳବାର ଏଲଆଇମାନକର ନୋଡାଲ ଅଫିସର ଦାଇତିଅ ସରିଛେ ବଲି ସେ କହିଥିଲେ ।



ଭବିଷ୍ୟତ ଯେତେ ମନୋହର ହେଲେ ମଧ
ସେଥିରେ ଅଯଥା ଆସ୍ଥା ରଖନାହିଁ।
- ହେନେରୀ ୱର୍ଡ୍‌ସୱର୍ଥ ଲଙ୍ଗ୍‌ଫେଲୋ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଖଡିଆଳ,୧୫।୧(ଡି.ଏନ୍.ଏ.)

ନୂଆପଡା ଜିଲା ଖଡିଆଳ ସହରଠାରୁ ୫ କିଲୋମିଟର ଦୂର ବରଗାଁ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକଙ୍କ ନାମ ଇନ୍ଦ୍ର ଶବର (୩୫) । ତାଙ୍କ ଘର କୋମନା ଥାନା ରେଙ୍ଗ ଗାଁର ବୋଲି ଜଣାପଡିଛି । ସୂଚନା ଅନୁସାରେ ଇନ୍ଦ୍ର ବାଇକ୍ ଯୋଗେ ଖଡିଆଳ ପଟୁ ନିଜ ଗାଁ ରେଙ୍ଗ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଇକ୍ ୩୫୩ ନଂ ଜାତୀୟ କଡରେ ଥିବା ବିଶ୍ରାମ ଗୃହରେ ପିଟି ହୋଇଥିଲେ । ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ବୁଧବାର ପୋଷ୍ଟମୋର୍ଟମ୍ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

### ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୧୫।୧(ଡି.ଏନ୍.ଏ.)

ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ରାଜନୈତିକ ଦଳମାନଙ୍କ ସମରସଜା ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ମଧ ସମ୍ଭାବ୍ୟ ନିର୍ବାଚନକୁ ଆଖି ଆଗରେ ରଖି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ସେଥିମଧରୁ ପ୍ରଶାସନର ସହାୟତାରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ସହିତ ଏବେ ସର୍ବଶେଷ ତଥ୍ୟ ଅନୁସାରେ ଲୋକଙ୍କ ମଧରେ ଇଭିଏମ୍ ଦ୍ୱାରା ଭୋଟଦାନ ପାଇଁ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ବ୍ଲକର ଲାଞ୍ଜିଗଡଠାରେ ଓଡିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଜଳନ୍ଧର ତାଣ୍ଡି ଓ ଜିପିଟିଏ ପ୍ରବୀଣ କୁମାର ପାଣି ପ୍ରମୁଖ ପଞ୍ଚାୟତ ଅଞ୍ଚଳର ଲୋକଙ୍କୁ ଇଭିଏମ୍ ଜରିଆରେ ଭୋଟଦାନ ପାଇଁ ସଚେତନ କରାଇଥିଲେ ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ଼,୧୫।୧(ଡି.ଏନ୍.ଏ.)

ଲାଞ୍ଜିଗଡ ଯୁବକ ସଂଘ ପକ୍ଷରୁ ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ଚନ୍ଦ୍ରଧ୍ୱଜ ପେସନିଆ, ବରିଷ୍ଠ ନାଗରିକ କାମରାଜ ଦଳବେହେରା, ଶ୍ରୀମୁଖ ଅଗସ୍ତି, ବେଦାନ୍ତ ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶିବାନନ୍ଦ ମହାନ୍ତି, ଯୁବକ ସଂଘର ଉପସଭାପତି ନରେନ୍ଦ୍ର ପ୍ରଧାନୀ, ସମ୍ପାଦକ ଭୁପେନ୍ଦ୍ର ମହାରଥା, ବିଭୁତି କୁମାରଙ୍କ ସମେତ ଯୁବକ ସଂଘର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ।

# ଖରିଆରରୋଡ଼ ମଣ୍ଡିରେ ଶ୍ରମିକ ଅଶାନ୍ତି

ନୂଆପଡା ଅଫିସ,୧୫।୧



ଖରିଆରରୋଡ ମଣ୍ଡିରେ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରି ଛିଡା ହୋଇଛନ୍ତି ।

- ୨ ଦିନ ପରେ ଧାନ ଉଠାଇଲେ ଶ୍ରମିକ
- ୧୦.୫୦ ବଦଳରେ ମିଳୁଛି ୮. ୫୦ଟଙ୍କା
- ଗତବର୍ଷର ମଜୁରି ଦରଠାରୁ ଅଧିକ ଦିଆ ନ ଗଲେ ଆନ୍ଦୋଳନ

ସରକାର ଶ୍ରମିକଙ୍କ ମଜୁରୀ ବୃଦ୍ଧି କରି ବାର୍ଷିକ କର୍ମ ଯୋଗାଣର ସୁନିଶ୍ଚିତ କରିଥିବା କହୁଥିବା ବେଳେ ନୂଆପଡା ଜିଲାରେ ଧାନକିଣାରେ ନିୟୋଜିତ ଶ୍ରମିକମାନେ ନିର୍ଦ୍ଧାରିତ ଦରଠାରୁ କମ ପାରିଶ୍ରମିକ ପାଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଖରିଆରରୋଡ ମଣ୍ଡିରେ ନିୟୋଜିତ ଶ୍ରମିକମାନେ (ହେମାଲି)ପୂର୍ବ ବର୍ଷରେ ନିର୍ଦ୍ଧାରିତ ପାରିଶ୍ରମିକଠାରୁ କମ ଦିଆଯାଉଥିବା ଅଭିଯୋଗ ଆଣି ୨ ଦିନ ହେଲା ଧାନ ଉଠାଉ ନ ଥିବାବେଳେ ପ୍ରଶାସନର ବୁଝାଶୁଝା ପରେ ଧାନ ଉଠାଇଥିବା ଦେଖାଯାଇଛି । ଆଗାମୀ ଦିନରେ ଏହା ନିଶ୍ଚିତ ନ କଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।
ଜିଲାରେ ଏହି ବର୍ଷ ୨୭ଟି ସେବା ସମବାୟ ସମିତି ଜରିଆରେ ମୋଟ ୬୧ଟି ସ୍ଥାନରେ ମଣ୍ଡି ଖୋଲାଯାଇ ଧାନ କିଣାଯାଉଛି । ଏଥିରେ ଶ୍ରମିକମାନେ ଧାନ ମଣ୍ଡିରୁ ଉଠାଇବା କାମରେ ନିୟୋଜିତ ରହିଛନ୍ତି । ସେମାନଙ୍କୁ ପ୍ରତି କୁଇଣ୍ଟାଲ ପିଛା ସେବା ସମବାୟ ଜରିଆରେ ପାରିଶ୍ରମିକ ପ୍ରଦାନ କରାଯାଇଥାଏ । ଗତ ବର୍ଷରେ ଶ୍ରମିକମାନଙ୍କୁ କୁଇଣ୍ଟାଲ ପିଛା ୧୦ ଟଙ୍କା ୫୦ ପଇସା ଦିଆଯାଉଥିଲା। ଏହି ବର୍ଷ ଶ୍ରମିକମାନଙ୍କୁ ୮ଟଙ୍କା ୫୦ ପଇସା ଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଖରିଆରରୋଡ ମଣ୍ଡିରେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଛନ୍ତି । ସେମାନଙ୍କୁ ଗତବର୍ଷ ତୁଳନାରେ ୨ ଟଙ୍କା କମ ଦିଆଯାଉଥିବାରୁ ଆଜକୁ ମାସେ ହେବ ପ୍ରଶାସନକୁ ଜଣାଇଆସୁଛନ୍ତି। ଏହା ଉପରେ ପ୍ରଶାସନ ବିଚାର କରୁଥିବା ନେଇ ଟାଳି ନେଉଥିବା ଶ୍ରମିକ ନେତା ସନ୍ତୋଷ ଲୁହାର, ଈଶ୍ୱର ପାଣ୍ଡେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଆଜକୁ ୨ ଦିନ ଧରି ଶ୍ରମିକମାନେ ଆମକୁ ଗତ ବର୍ଷ ଦରରେ ପାରିଶ୍ରମିକ ଦିଆଯାଉବୋଲି ଦାବି କରି ଖରିଆରରୋଡ ମଣ୍ଡିରୁ ଧାନ ଉଠାଉ ନ ଥିଲେ। ମଙ୍ଗଳବାର ସ୍ଥାନୀୟ ସେବା ସମବାୟ ସମିତି ସମ୍ପାଦକ ବୁଝାଶୁଝା କରିବା ପରେ ଧାନ ଉଠାଇଥିଲେ । ଶ୍ରମିକମାନଙ୍କ କହିବାନୁଯାୟୀ ସେମାନେ ବାର୍ଷିକ ଦୁଇ ମାସ ଖରିଫ ଋତୁରେ ଧାନ କିଣାରେ ନିୟୋଜିତ ରହିଥାନ୍ତି। ଏହି ଦୁଇ ମାସ ମଧ୍ୟରେ ମାତ୍ର ୩୦ ଦିନ କାମ କରିଥାନ୍ତି। ଦୈନିକ ୫ ଶହ ଟଙ୍କା ହିସାବରେ ମାତ୍ର ୧୫ ହଜାର ଟଙ୍କା ଉପାର୍ଜନ କରିଥାନ୍ତି । ବର୍ଷର ବାକି ସମୟରେ ବେରୋଜଗାର ହୋଇ ରହୁଛୁ ବୋଲି ଶ୍ରମିକମାନେ କହିଛନ୍ତି । ଜିଲାରେ ଧାନ କିଣା ନାଁରେ ଶ୍ରମିକ ଶୋଷଣ ହେଉଛି । ଆମକକୁ ବାର୍ଷିକ ରୋଜଗାର ସୁନିଶ୍ଚିତ କରାଯାଉ, ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉ ବୋଲି ଶ୍ରମିକ ନେତା ସୁମନ ସାହୁ, ପୀତମ ସାହୁ ପ୍ରମୁଖ ଦାବି କରିଛନ୍ତି । ଏହା ଉପରେ ସମବାୟ ସହ ନିବନ୍ଧକ କାର୍ଯ୍ୟାଳୟର ଇନ୍ସପେକ୍ଟର ଯଶୋବନ୍ତ ମାଝିଙ୍କୁ ପଚାରିବାରେ ଏହି ବର୍ଷର ସରକାରୀ ମଜୁରୀ ଦର ଆସିନାହିଁ । ଶ୍ରମିକମାନଙ୍କୁ କିଛି ଅଗ୍ରୀମ ଦିଆଯାଉଛି । ଏଭଳି କେବଳ ଖରିଆରରୋଡରେ ନୁହେଁ ସାରା ଜିଲାରେ ଚାଲିଛି । ସମ୍ପାଦକମାନେ ନିଜ ପାଣ୍ଠିରୁ ମଜୁରୀ ପ୍ରଦାନ କରୁଛନ୍ତି । ପରେ ସବୁ ପ୍ରଦାନ କରାଯିବ ବୋଲି କହିଛନ୍ତି । ତେବେ ଶ୍ରମିକମାନଙ୍କୁ ଗତବର୍ଷର ମଜୁରୀ ଦରଠାରୁ ଅଧିକ ଦିଆ ନ ଗଲେ ଶ୍ରମିକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# କୋମନା ବ୍ଲକରେ ହାତୀ ଆତଙ୍କ, ବିଜୁଳି ସେବା ଠପ୍

## ୨୮ଟି ହାତୀ ବୁଲୁଛନ୍ତି ପେଣ୍ଡ୍ରାବନ୍ଧ ଜଙ୍ଗଲରେ

ନୂଆପଡା ଅଫିସ,୧୫।୧

ନୂଆପଡ଼ା ଜିଲା କୋମନା ବ୍ଲକ ପେଣ୍ଡ୍ରାବନ୍ଧ ଅଞ୍ଚଳରେ ମଙ୍ଗଳବାର ୨୮ରୁ ଊର୍ଦ୍ଧ୍ୱ ହାତୀ ବୁଲୁଥିବାବେଳେ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଏଥିପାଇଁ ସମଗ୍ର ବ୍ଲକ ଅଞ୍ଚଳରେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିବାରୁ ଲୋକେ ଅନ୍ଧାରରେ ରହୁଛନ୍ତି। ଆଜକୁ ୨ ଦିନ ତଳେ ପଡୋଶୀ ବଲାଙ୍ଗୀର-ନୂଆପଡା ଜିଲା ସୀମାନ୍ତରେ ହାତୀ ପଲ ବୁଲୁଥିବା ବେଳେ ମଙ୍ଗଳବାର ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଖୋଜେନ, ବାନ୍ଧନପାଲି ଗାଁ ଦେଇ ନୂଆପଡା ଜିଲାରେ ପ୍ରବେଶ କରିଛନ୍ତି। ଏମାନେ ରାତିରେ ବିଭିନ୍ନ ସ୍ଥାନକୁ ଯାଉଥିବାବେଳେ ଦିନବେଳା ବୁଦା ଜଙ୍ଗଲରେ ଲୁଚି ରହୁଛନ୍ତି । ମଙ୍ଗଳବାର କୋମନା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂର ପେଣ୍ଡ୍ରାବନ୍ଧ ନିକଟସ୍ଥ ଝାଙ୍କରିପାଲିର ଭାଲୁ ବାହାଲ ଡୁଙ୍ଗରୀଠାରେ ହାତୀପଲ ରହିଥିବା ସ୍ଥାନୀୟ ଲୋକେ ବନବିଭାଗକୁ ଜଣାଇଥିଲେ । ବନ ବିଭାଗର ଏସଏଫ ଶିଶିର କୁମାର ପଟ୍ଟନାୟକ ସଦଳ ବଳେ ପହଞ୍ଚିଥିଲେ । ଆଖପାଖ ଗାଁକୁ ସତର୍କ କରିଥିବା ବେଳେ ସେହି ଅଞ୍ଚଳକୁ ଲୋକଙ୍କୁ ନ ଯିବାକୁ ବାରଣ କରିଥିଲେ । ରାତିରେ ବିଜୁଳି ସଂସ୍ପର୍ଶରେ ହାତୀପଲ ଆସିବା ସମ୍ଭାବନା ଥିବାରୁ ସମଗ୍ର ବ୍ଲକ ଅଞ୍ଚଳକୁ ବିଜୁଳି ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଛି । ଫଳରେ କୋମନା ବ୍ଲକ ସଦର ମହକୁମା ସମେତ ସମସ୍ତ ଗ୍ରାମପଞ୍ଚାୟତବାସୀ ଅନ୍ଧାରରେ ରହୁଛନ୍ତି । ରାତିରେ ହାତୀପଲ ବିଭିନ୍ନ ଅଞ୍ଚଳରେ ବୁଲି ଲୋକଙ୍କ ବିଭିନ୍ନ ଚାଷ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ବୁଧବାର ଏମାନେ କୁଆଡେ ଯିବେ ତାହା କହିହେଉ ନାହିଁ । ନିକଟରେ ଜାତୀୟ ରାଜପଥ ୩୫୩ ରହିଥିବାରୁ ବିଭିନ୍ନ ପ୍ରକାର ଅଘଟଣକୁ ଏଡାଇ ଦିଆଯାଇପାରୁନାହିଁ ।



ଜଙ୍ଗଲ ତଳି ଅଞ୍ଚଳରେ ହାତୀପଲ ବୁଲୁଛନ୍ତି ।

ଇନ୍ଦିରା ଆବାସ, ଘରଭଂଗା ଟଁକା ସାତ୍‌ସପନ୍

# ଶୀତ୍ କାକ୍‌ରେ ବିତୁଛେ ଗରିବ ଦୁଖିକର ଜୀବନ୍

ଜୁନାଗଡ,୧୫।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଆଟିଗାଁ ପଁଚେତ୍‌ରେ ବର୍ଷା ଦିନେ କେତେ ଗରିବ୍ ଦୁଖିକର ଘରଦୁଆର ଭାଂଗି ଯାଇଥିଲା। ଏହେଦ୍‌କା ସେମାନେ ଘରଦୁଆର ଅଭାବୁ ଶୀତ୍ କାକରରେ ଜୀବନ ବିତଉଛନ୍। ଖବର ନେବାରେ ଜନାଯାଇଛେ ଯେ ଆଟିଗାଁ ଗଁଡିଆ ପଡ଼ାର ମଝିଆ ଭାଟି(୭୦) ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ତାଁକର ମାଏକିନାର ବଏସ ବି ୬୦ ଟପିଥିଲା ବେଳେ ଆଧାର କାର୍ଡରେ ୬୦ ନୁହେ ହୁଏ। ଗୁଟେ ବଲି ଝିଁକେ ବିହାଚୁରା କଲା ଉତାରୁ ବୁଢ଼ାବୁଢ଼ୀ ନିଜର କୁରିଆରେ ଦୁଖେସୁଖେ ଚଲି ଯାଉଥିଲେ। ହେଲେ ଦଇବ ନାଇଁ ସହେଲା, ବର୍ଷାରେ ମାଏଟ୍ କୁରିଆଟା ଭାଂଗି ଗଲା। ମଝିଆ ଭାଟି ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଥିବାର ଲାଗି ତାକର ମାଏକିନା ପର୍‌ହର କାମ୍‌ବୁତା କରି ପରିବାର ଚଲଉଛନ୍। ତାକର ଘର ଭାଂଗ୍‌ଲା ଉତାରୁ ରାଜସ୍ୱ ବିଭାଗ ତରଫୁ ଖଁଡ଼େ ପଲିଥିନ ମିଲିଛେ। ସେତେବେଲେ ଥାନୀୟ ସରପଁଚ୍ ଆର ରାଜସ୍ୱ ନିରୀକ୍ଷକ ତାହାକୁ ଘର ମିଲବା ବଲି କହିଥିଲେ। ହେଲେ ଆଏଜ୍‌ତକ୍ ଘର ନାଇଁ ମିଲ୍‌ଲା। ଏହେଦେ ଦୁଇ ବୁଢ଼ାବୁଢ଼ୀ ଇ ହାଡ଼୍‌ଭଂଗା ଶୀତ୍‌ରେ ଜୀବନ୍‌କେ ମୁଠ୍‌ଛି ପଲିଥିନ୍ ତଲେ ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଏନ୍‌ତାକି ଆଏଜତକ୍ ରାଜସ୍ୱ ବିଭାଗ ତରଫୁ ଘର ସଜାବାକେ ବି ଟଁକା ନୁହେମିଲେ। ସେନ୍‌ତା ଇ ପଁଚେତ୍‌ର ଦର୍ଲପଡ଼ା ଗାଁର ବିଧବା ବୁଢ଼ୀ ପଦ୍ମିନୀ ହଂସ, ପିରୋ ମାଝି ନିଜର ନିଜର ଭଂଗା ଦଦ୍‌ରା କୁରିଆରେ ରହୁଛନ୍। ନିଜର ଭଂଗା ଘରକେ ଅଧାତିଆ ସଜେଇ ପଦ୍ମିନୀ ହଂସ ରହୁଥିଲା ବେଲେ ପିରୋ ରାଏତ୍ ବେଲି ପାଖ୍‌ପଡ଼ିଶାକର ଘରେ ଆଶ୍ରେ ନେଉଛନ୍। କାନ୍ଧୁଲଗୁଡ଼ା ଗାଁର କେସବ ସୁନାନୀକଁର ଘର ଭାଂଗି ଯାଇଥିଲା ବେଲେ ମାଏକିନା ସୁଲୋଚନା ସଂଗେ ଭଂଗା ଘରେ ରହୁଛନ୍। ସେନ୍‌ତା ଅବିହାରି ଝି ରଞ୍ଜିତା ଆର ପୁଓ ବଡ଼ଭାଇ ଘରେ ଘରେ ଆଶ୍ରେ ନେଇଛନ୍। ଅଂଚଲରେ କାମ୍‌ଧଁଦା ନାଇଁ ମିଲବାର ଲାଗି ସେମାନେ ଝାରସୁଗୁଡ଼ା, ହୀରାକୁଦ ଅଂଚଲକେ ଦାଦନ ଖଟିଯିବାର ଲାଗି ସଜବାଜ ହେଉଥିବାର କେଶବ କହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ହିମାଦ୍ରୀ ମାଝିକଁର ସଂଗେ ଯୋଗାଯୋଗ କଲାରୁ ମଝିଆ ଭାଟିର ଇନ୍ଦିରା ଆବାସ ତାଲିକା ତିଆର ହେଇଛେ। ସିରିଏଲ ନମ୍ବର ୫୬୮ରେ ଥିବାର ଲାଗି କାର୍ଯ୍ୟାଦେଶ ଦେବାରେ ଡେରି ହେଉଛେ। ଉନିଆ ହିତାଧିକାରୀକଁର ଘର ଭଂଗା ଟଁକା ଲାଗି ଆବେଦନ କରାଯାଇଥିଲା ବେଲେ ଆଟିଗାଁ ପଁଚେତ୍‌ର କେହେନ୍‌ସି ହିତାଧିକାରୀକଁର ଆକାଉଣ୍ଟରେ ଟଁକା ନୁହେପଡ଼େ। ହେଲେ ବହୁତ ଜଲ୍‌ଦି ଟଁକା ଆଏବା ବଲି ସେ କହିଥିଲେ। ସେନ୍‌ତା ଜୁନାଗଡ଼ ତହସିଲଦାର ଉପେନ୍ଦ୍ର ଲୁହାକୁଁ ପଚରାଲାରୁ ସବୁ ହିତାଧିକାରୀକଁର ଆକାଉଣ୍ଟରେ ଟଁକା ପଡ଼ିଯାଇଛେ। ମୁଇଁ ଏହେଦେ ବାହାରେ ଅଛେ କାଣା ହେଇଛେ ଗଲେ କହି ପାରମି ବଲି ସେ କହିଥିଲେ।



ଭିଟିପରିବାରର ଦୁଇ ବୁଢ଼ାବୁଢ଼ୀ ନିଜର ଭଂଗା ଘରଆଘେ ଠିଆ ହେଇଛନ୍। ପଦ୍ମିନୀ ହଂସର ଭଂଗା ଘର।

# ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଭବାନୀପାଟଣା,୧୫।୧(ଡି.ଏନ୍.ଏ.)

ସ୍ୱାମୀ ବିବେନଦନ୍ଦ ପବ୍ଲିକ ସ୍କୁର ୧୬ତମ ପ୍ରତିଷ୍ଠା ଦିବସ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସ୍କୁଲ ସଭାପତି ବ୍ରହ୍ମାନନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ କୁମାର ଶ୍ରୀଚନ୍ଦ ମୁଖ୍ୟଅତିଥି ଭାବରେ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ, ବିଇଓ ଜଗନ୍ନାଥ ପୁରୋହିତ, ସ୍କୁଲ ଉପଦେଷ୍ଟା ସୁତମ ନାୟକ ଓ ସାମାଜିକ କର୍ମୀ ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ମହାନ ଦାର୍ଶନିକ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୪ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ବିବେକଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ମୁଖପାତ୍ର ସ୍ୱାଭିମାନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ଶିବରାମ ନାୟକ କର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଦେବେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାବ୍ୟାପୀ ଚାଲିଛି ଭିଭିପାଟ୍ ସଚେତନତା

ନୂଆପଡା ଅଫିସ,୧୫।୧



ସମାଡ ପଦର ଗାଁରେ ଭିଭିପାଟ୍ ବ୍ୟବହାର କରୁଛନ୍ତି ନାଗରିକମାନେ ।

- ଗାଁକୁ ଗାଁ ବୁଲି ସଚେତନତା କରୁଛନ୍ତି କର୍ମଚାରୀ
- ଦୁର୍ଗମ ଅଞ୍ଚଳରେ ପହଞ୍ଚିଲା ଭିଭିପାଟ୍

ସାଧାରଣ ନିର୍ବାଚନ ୨୦୧୯ ପୂର୍ବରୁ ଦେଶରେ ନାଗରିକମାନଙ୍କୁ ସଚେତନତା ଆଣିବାକୁ ନିର୍ବାଚନ କମିଶନର ବିବିଧ ପ୍ରୟାସ ଚଳାଇଛନ୍ତି । ନାଗରିକମାନଙ୍କ ମତଦାନର ମହତ୍ୱ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବହୁତ । ଏଥିପାଇଁ ମତଦାନକୁ ସୁନିଶ୍ଚିତ କରିବାକୁ ଭିଭିପାଟ (ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରେଲ) କାର୍ଯ୍ୟକାରୀ କରାଯାଉଛି । ଏହାକୁ ବର୍ତ୍ତମାନ ଜିଲାବ୍ୟାପି ମିଶନ ମୋଡରେ ପ୍ରଚାର କରାଯାଉଥିବା ଦେଖାଯାଇଛି। ମଙ୍ଗଳବାର ଜିଲାର ଦୁର୍ଗମ ଇଲାକା କୁହାଯାଉଥିବା ଖଡିଆଳ ବ୍ଲକ ସମାଡପଦର ଭଳି ଗାଁରେ ଟିମ ପହଞ୍ଚିଥିବାବେଳେ ସେଠାରେ ପ୍ରବଳ ଜନସମାଗମ ଯୋଜନାର ସଫଳତାକୁ ସୂଚାଇ ଦେଇଛି । ଉଲ୍ଲେଖଯୋଗ୍ୟ ଯେ, ଖଡିଆଳ ବ୍ଲକର ଦୁଇ ଗୋଟି ସ୍ୱାଇପ ରଥ ଯଥାକ୍ରମେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁକ୍ରୁ ରାଠୋଡ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରୁ ବାହାରିଥିଲା । ଦୀର୍ଘ ପଥ ଅତିକ୍ରମ କରିବା ପରେ ରାନିମୁଣ୍ଡା ଗ୍ରାମପଞ୍ଚାୟତ ଦୁର୍ଗମ ସମାଡପଦର ଗ୍ରାମାଞ୍ଚଳରେ ପହଞ୍ଚିଥିଲା । ସେଠାରେ ପହଞ୍ଚିବା ପରେ ସମସ୍ତ ଲୋକେ ଏକତ୍ର ହୋଇଥିଲେ । ଟିମ ନେଇଯାଇଥିବା ଇଭିଏମ ଏବଂ ଭିଭିପାଟ ମେଶିନ ବିଷୟରେ ବିଷଦ ଭାବରେ ଅଧିକାରୀମାନେ ବୁଝାଇଥିଲେ । ପରେ ଏହାକୁ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ କରିଥିଲେ। ଗାଁର ସମସ୍ତ ଲୋକ ଜଣ ଜଣ କରି ଭୋଟିଂ କରିଥିଲେ। ତେବେ ଏଭଳି ଗାଁକୁ ଗାଁ ପ୍ରଶାସନିକ ଟିମ ବୁଲି ସଚେତନତା କରୁଥିବା ଦେଖାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୭ ତାରିଖଠାରୁ ଜିଲା ପରିକ୍ରମା କରି ଏହି ରଥ ଭିଭିପାଟ ସଚେତନତା କରୁଛି । ଇଭିଏମରେ ବଟନ ଦେବା ପରେ ଏଥିରେ ସଂଲଗ୍ନ ଭିଭିପାଟରେ ମତଦାତା କାହାକୁ ଭୋଟ ଦେଇଛନ୍ତି ତାହା କିଛି ସମୟ ଦେଖାଯିବ । ସେଥିରୁ ମତଦାତା କାହାକୁ ଭୋଟ ଦେଇଛନ୍ତି ସ୍ପଷ୍ଟ ଭାବେ ଜାଣପାରିବେ ।

# ଉପାନ୍ତରେ ମହାବିଦ୍ୟାଳୟ ସ୍ଥାପନ ଆନ୍ଦୋଳନ ତେଜୁଛି

ସିନାପାଲି,୧୫।୧(ଡି.ଏନ୍.ଏ.)



ଉପାନ୍ତରେ ମହାବିଦ୍ୟାଳୟ ସ୍ଥାପନ ନେଇ ସ୍ଥାନୀୟ ଲୋକେ ଏକତ୍ର ହୋଇଛନ୍ତି।

**ସିନାପାଲି ବ୍ଲକ**
- ପୂର୍ବରୁ ଜିଲା ପ୍ରଶାସନକୁ ଲେଖି ଜଣାଇଛନ୍ତି
- ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପାନ୍ତବାସୀ
- ଛତିଶଗଡରେ ମିଶିବା ଧମକ

ନୂଆପଡା ଜିଲା ସିନାପାଲି ବ୍ଲକ ସୀମାନ୍ତବର୍ତ୍ତି ତଥା ଆଦିବାସୀ ଅଧୁଷିତ ନଙ୍ଗଲବେଡାଠାରେ ମହାବିଦ୍ୟାଳୟ ସ୍ଥାପନ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି । ସିନାପାଲି ସଦର ମହକୁମାଠାରୁ ୨୫ କି.ମି. ଦୂର ନଙ୍ଗଲବୋଡ ଅବସ୍ଥିତ । ଏଠାରେ ମହାବିଦ୍ୟାଳୟ ସ୍ଥାପନ କରିବାକୁ ନେଇ ଗତ ମଙ୍ଗଳବାର ଘାଟମାଳ ଗ୍ରାମପଞ୍ଚାୟତ, ନୂଆମାଳପଡା ଗ୍ରାମପଞ୍ଚାୟତ ଓ ନଙ୍ଗଲବୋଡ ଗ୍ରାମପଞ୍ଚାୟତର ଜନସାଧାରଣ ଏକ ମେଳି କରି ବିରାଟ ଶୋଭାଯାତ୍ରାରେ ନଙ୍ଗଲବୋଡ ଗ୍ରାମକୁ ପରିକ୍ରମା କରିଥିଲେ । ଉକ୍ତ ମେଳିରେ ୩ଟି ଗ୍ରାମପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ରହି ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଦାବିଜଣାଇବାକୁନିଷ୍ପତ୍ତିନେଇଛନ୍ତି। ଏହି ସପ୍ତାହରେ ଭୁବନେଶ୍ୱର ଯାଇ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି ନେଇଛନ୍ତି । ମହାବିଦ୍ୟାଳୟ ସ୍ଥାପନ କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦିଆଯାଇଛି । ଏ ପରିକି ସୀମାନ୍ତ ଛତିଶଗଡରେ ମିଶିଯିବା ପାଇଁ ମଧ ଧମକ ଦେଇଛନ୍ତି । ଏ ସମ୍ପର୍କରେ ପୂର୍ବରୁ ଅନେକବାର ସ୍ଥାନୀୟ ବିଧାୟକ ଦୁର୍ଯ୍ୟୋଧନ ମାଝି, ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଜିଲାପାଳ ଡ. ପୋମା ଟୁଡୁ ଓ ସ୍ଥାନୀୟ ରାଜନେତା ଓ ଶିକ୍ଷା ବିଭାଗକୁ ଦାବି ଜଣାଇ ସାରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ୩ଟି ଗ୍ରାମପଞ୍ଚାୟତର ଜନସାଧାରଣ ସିନାପାଲି ମହାବିଦ୍ୟାଳୟ ଉପରେ ନିର୍ଭର କରନ୍ତି । ଯାହାକି ସିନାପାଲିକୁ ଯିବାକୁ ହେଲେ ନଙ୍ଗଲବୋଡଠାରୁ ୨୫ କି.ମି., ନୂଆମାଳପଡା ଠାରୁ ୩୫ କି.ମି., ଘାଟମାଲଠାରୁ ୩୦ କି.ମି. ଯିବାକୁ ପଡେ । ଫଳରେ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ମ୍ୟାଟ୍ରିକ ପାସ ପରେ ଘରେ ପଡି ରହୁଛନ୍ତି । ଉଚ୍ଚଶିକ୍ଷା ପାଇଁ କୌଣସି ବିକଳ୍ପ ନ ଥିବା ବେଳେ ଆଦିବାସୀ ଅଧୁଷିତ ଅଞ୍ଚଳର ବହୁ ଛାତ୍ରୀଛାତ୍ର ସରକାରୀ କିମ୍ବା ବେସରକାରୀ ସଂସ୍ଥାଗୁଡିକରେ ଚାକିରୀ ପାଇ ନ ପାରି ବେକାରୀ ହୋଇ ରହୁଛନ୍ତି ବୋଲି ୩ଟି ଗ୍ରାମପଞ୍ଚାୟତ ଜନସାଧାରଣ ମତ ରଖିଛନ୍ତି । ମେଳିରେ ନଙ୍ଗଲବୋଡ ସରପଞ୍ଚ ଯଶୋଦା ମାଝି, ଘାଟମାଲ ସରପଞ୍ଚ ଆରତୀ ହଂସ, ନୂଆମାଲପଡା ସରପଞ୍ଚ ନାକମୁନ୍ଦିଆ ଚିନ୍ଦା, ମହମ୍ମଦ ଇମରାନ୍, ପୂର୍ବତନ ସରପଞ୍ଚ ଜଗଦିଶ ମାଝି, ସଦନ ମାଝି, ଦୁଃଖୁ ମାଝି, ପୂର୍ବତନ ସରପଞ୍ଚ ପଦ୍ମ ଲୋହର, ରତନ ମାଝି, ବୁଟୁରାମ ମାଝି, ଟିକେସୁନ୍ଦର ମାଝି, ଯୁଗରାମ ମାଝି ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ତୀବ୍ର କରିବାକୁ ଚେତାବନୀ ଦେଇଛନ୍ତି ।



ଯଦି ଭଗବାନ ନାହାନ୍ତି ବୋଲି କେହି ଭାବୁଥାନ୍ତି, ତଥାପି ତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ।
- ଭୋଲ୍ଟାୟାର



## ସଂକ୍ଷେପରେ

### ଦୋକାନ ଉପରେ ମାଡ଼ିଗଲା ପର୍ଯ୍ୟଟକ ବସ୍: ୧୦ରୁ ଊର୍ଦ୍ଧ୍ୱ ଆହତ

**ଦଶପଲ୍ଲା,୧୫।୧(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଟାକେରା ଠାରେ ମଙ୍ଗଳବାର ଦୋକାନ ଉପରକୁ ଏକ ପର୍ଯ୍ୟଟକ ବସ୍ ମାଡ଼ିଯାଇଥିଲା। ଫଳରେ ଦୋକାନ ଭାଙ୍ଗି ଚୂରମାର୍ ହୋଇଯାଇଥିବାବେଳେ ବସ୍‌ରେ ଥିବା ୧୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୩ଟାରେ ବଲାଙ୍ଗୀର ଜିଲା ଲୋଇସିଂହାରୁ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଚକାଡୋଳା ନାମକ (ନଂ.ଓଡି ୦୩ ଜି ୮୦୭୧) ବସ୍ ଯୋଗେ ପ୍ରାୟ ୪୦ରୁ ଅଧିକ ପର୍ଯ୍ୟଟକ ଯାଉଥିଲେ। ଭୋର ସମୟରେ ବସ୍‌ଟି ନୟାଗଡ ଜିଲା ଦଶପଲ୍ଲା ବ୍ଲକ ଟାକେରା ଠାରେ ପହଁଚି ଥିବା ବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା କେତେକ ଦୋକାନ ଉପରେ ମାଡ଼ିଯାଇଥିଲା। ଫଳରେ ସନ୍ତୋଷ ତ୍ରିପାଠୀଙ୍କ ୨ଟି ଓ ବାନାମ୍ବର ଷଡଙ୍ଗୀଙ୍କ ଗୋଟିଏ କ୍ୟାବିନ୍ ଭାଙ୍ଗିରୁଜି ଚୂରମାର୍ ହେବା ସହ ଦୋକାନରେ ଥିବା ବିଭିନ୍ନ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଁଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ତେବେ ବସ୍ ଆଗରେ ବସିଥିବା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଥିବାବେଳେ ସେମାନଙ୍କୁ ଦଶପଲ୍ଲା ଦମକଳ ବାହିନୀ ଦ୍ୱାରା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ପରେ ପର୍ଯ୍ୟଟକମାନେ ଅନ୍ୟଏକ ବସ ଯୋଗେ ଯାଇଥିବା ବେଳେ ପୋଲିସ ପହଁଚି ଦୁର୍ଘଟଣା ଗ୍ରସ୍ତ ବସ୍‌କୁ ଜବତ କରିଛି। ଦୋକାନୀ ମାନଙ୍କୁ କ୍ଷତିପୂରଣ ପାଇଁ ଦାବି ହେଉଛି।

### ଗେଟ୍ ସରୋବରପଡ଼ା ସ୍କୁଲ କୋଠା ଉଦ୍‌ଘାଟନ

**ବଲାଙ୍ଗୀର ଅଫିସ, ୧୫।୧:** ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ଗେଟ ସରୋବରପଡା ସ୍କୁଲର ନବନିର୍ମିତ କୋଠାକୁ ମଙ୍ଗଳବାର ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ପ୍ରାଥମିକ ଶିକ୍ଷା ହେଉଛି ଦେଶ ଗଠନର ମୂଳଦୁଆ । ଏହା ଦୁର୍ବଳ ହେଲେ ଦେଶର ବିନାଶ ହେଇଯିବ । ଏଣୁ ଛୋଟ ଛୁଆମାନଙ୍କ ଶିକ୍ଷା ପ୍ରତି ଆମକୁ ଯତ୍ନବାନ ହେବାକୁ ପଡିବ ବୋଲି ମିଶ୍ର କହିଥିଲେ । ଦେଶର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରାଥମିକ ଶିକ୍ଷା, ଶିକ୍ଷକ, କର୍ମଚାରୀ, ଭିତ୍ତିଭୂମି ଓ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ ଉପରେ ପ୍ରାଥମିକତା ଦେବାକୁ ପଡିବ ବୋଲି ସେ କହିଥିଲେ । ଦୁଇବର୍ଷ ପୂର୍ବେ ଏହି ସ୍କୁଲର ସ୍ଥିତି ଖରାପ ଅବସ୍ଥାରେ ଥିଲା। ଜରାଜୀର୍ଣ୍ଣ ସ୍କୁଲ କୋଠା, ପୁତିଗନ୍ଧମୟ ପରିବେଶରେ ଶିକ୍ଷାଦାନ କିମ୍ବା ଶିକ୍ଷାଲାଭ ଆଦୌ ସହଜ ନ ଥିଲା । ଏହି ସ୍କୁଲକୁ ସ୍ଥାନୀୟ ବିଧାୟକ ମିଶ୍ର ପରିଦର୍ଶନରେ ଯାଇ ଶୀଘ୍ର ସେଠାରେ ଏକ ନୂଆ ସ୍କୁଲ କୋଠା ନିର୍ମାଣ କରାଯିବାକୁ ପାଇଁ ଶିକ୍ଷା ଓ ନିର୍ମାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସ୍କୁଲ ସମ୍ପୂର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଛି। ଉଦ୍‌ଘାଟନୀ ସଭାରେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ନାୟକ, ବିଧାୟକଙ୍କ ଶିକ୍ଷା ପ୍ରତିନିଧି ବାମଦେବ ମିଶ୍ର, ଓମ୍ ପ୍ରକାଶ କୁମ୍ଭାର, ବୁଲୁ ଦାନୀ, ମନୀଷ ମିଶ୍ର, ପବିତ୍ର ନେପାକ, ସଞ୍ଜୟ ମିଶ୍ରଙ୍କ ସହ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ମହିଳା, ପୁରୁଷ ଉପସ୍ଥିତ ଥିଲେ ।

### ପରିବାର ଲାଗି ଦାଦନ ଖଟୁଛନ୍ ପଢୁଆ ପୁଓ

# ଭିନ୍ନକ୍ଷମ ଭତା ଲାଗି ବାପ୍ ବାରଦୁଆର

**ବେଲପଡା, ୧୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ସିହିନୀ ପଁଚେତ୍ ସିହିନୀ ଗାଁର ସ୍ୱର୍ଗତ ଗୋପୀନାଥ ରଣାଙ୍କର ପୁଓ ଯୁବରାଜ ରଣା(୬୨)। ଗଲା ୨୦୦୯ ମସିହାରେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ି ତାକର ଦୁଇ ହାତ୍ ଅକାମି ହେଇଗଲା। ସେଦିନ୍‌ଠାନୁ ସେ ଅକାମିକା ହେଇଗଲେ। ନିଜର ଦେଢ଼ ଏକର ବଲି ଚାଷ୍ ଜମିକେ ଗହନା ପକେଇ ସେ ଟଁକାରେ ଚିକିତ୍ସା ଲାଗି ଭିନେ ଭିନେ ଡାକ୍ତରଖାନା ବୁଲି ନିରାଶ ହେଲେ। ରୋଗ୍ ଭଲ ନାଇଁ ହେଲା। ୨୦୦୯ ସାଲେ ବ୍ଲକରେ ଅନୁଷ୍ଠିତ ଭୀମଭୋଇ ସାମର୍ଥ ଶିବିରରେ ବି ଡାକ୍ତରକୁଁ ଦେଖେଇଥିଲେ। ଯେନ୍‌ଥିରଲାଗି ଜିଲା ମୁଖିଆ ଡାକ୍ତରଖାନା ତରଫୁ ତାହାକୁ ୬୦ ପରତିଶତ ଭିନ୍ନକ୍ଷମ ପରମାନପତର ଦିଆଯାଇଥିଲା। ଯୁବରାଜଙ୍କର ପରିବାର କହେଲେ ମାଏକିନା ଚନ୍ଦ୍ରମା ଆର ପୁଓ



ଭିନ୍ନକ୍ଷମ ଭତା ଲାଗି ଯୁବରାଜ ବିଡିଓକୁଁ ଗୁହାରି କରିଆସିଛନ୍।

**ବେଲପଡ଼ା ବ୍ଲକ**

- ୯ ବଛର ହେଲା ଭିନ୍ନକ୍ଷମ ଭତାର ଲାଗି କିଁଦ୍‌ରୁଛନ
- ଚିକିତ୍ସା ଲାଗି ଜମିବାଡ଼ି ଗହନାକରି ସରବ୍‌ସୁଆଁତ୍ ହେଇଛନ
- ଦୁଇ ବଖରା ପକାଘର ଦେଖି ଚାଉଳ ବଁଦ୍ କଲା ପରଶାସନ

ଉମେଶ(୧୮), ଝିଁ ବିହାଚୁରା ହେଇ ଶାଶ୍‌ଘରେ ଖଟୁଛନ୍। ଅକାମିକା ହେଲାରୁ ଯୁବରାଜ କାମବୁତା ନାଇଁ କରିପାରବାର। ଇଆଡ଼େ ଚିକିତ୍ସାରେ ନିଜର ଜମି ବି ବଁଧା ପକେଇଛନ୍। ଏନ୍‌ତାଥି ଘର ଚଲାବାର ଲାଗି ଯୁକ୍ତ ଦୁଇ ପଢୁଥିବାର ପୁଓ ଉମେଶ ତାମିଲନାଡୁ ଦାଦନ ଖଟିଯାଇଛନ୍। ଯୁବରାଜ ଭିନ୍ନକ୍ଷମ ଭତା ପାଏବାର ଲାଗି ଗଲା ୯ ବଛର ହେଲା ପରମାନପତର ଧରି କିଁଦ୍‌ରୁଛନ୍। ସେ ପଁଚେତ୍‌ନୁ ମୂଳ କରି ବ୍ଲକ୍, ଭିନେ ଭିନେ ଅଫିସର, ରାଜନେତା, ସରପଁଚ୍, ଓ୍ୱାର୍ଡ ମେମ୍ବରକୁଁ ଭେଟି ତାକର ଦୁଖ ଗୁହାରିଛନ୍, ହେଲେ ଯୁବରାଜଙ୍କର ଗୁହାରି ଶୁନବାକେ କାହାରି ପାସେ ସମିଆ ନାଇଁ। ପରିବାରଟା ଯେନ୍ ସମିଆରେ ଦୁଖ୍‌ସୁଖ୍ କରି ଚଲୁଥିଲେ ଦୁଇ ବଖ୍‌ରା ପକାଘର ତିଆରିଥିଲେ। ହେଲେ ମୁନୁଷ୍ ଜିବନ୍‌ରେ ସବୁବେଲେ ଭଲେ ଭଲେ ନାଇଁଯାଏ, ଇ କଥା ସଭେ ଜାନିଛନ୍। ହେଲେ ହୃଦୁହୀନ ପରଶାସନ ଇ କଥା ନାଇଁ ବୁଝ୍‌ଲା, ଆମେ ପାଉଥିବାର ସରକାରୀ ଚାଉଲକେ ବଁଦ୍ କରି ଆମର ଭୁଖା ପେଟେ ଲାତ୍ ମାଏଲା ବଲି ଯୁବରାଜ କହିଛନ୍। ଇ ସବୁ ସମସିଆ ବାବ୍‌ଦେ ଗୁହାରି କରବାକେ ମଙ୍ଗଲବାର ଯୁବରାଜ ଚାଷୀ ନେତା କନ୍ଦର୍ପ ଦନ୍ତାଙ୍କର ସଂଗେ ବେଲପଡ଼ା ବିଡିଓକୁଁ ଭେଟବାକେ ଆସିଥିଲେ। ହେଲେ ବିଡିଓଙ୍କର ଭେଟ ନାଇଁପାଇ ନିରାଶ ହେଇ ଘରକେ ଫିରିଛନ୍। ଇ ବାବ୍‌ଦେ ବେଲପଡ଼ା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାକୁଁ ପଚରାଲାରୁ ମୁଇଁ ଇ ବିଷେରେ ଆପନକରନୁ ଜାନବାକେ ପାଇଲି। ଆଏଜକାଲି ଅନ୍‌ଲାଇନ୍‌ରେ ଭତାର ଲାଗି ଆବେଦନ କରବାକେ ପଡୁଛେ ଆର ସେଟାକେ ଉପଜିଲାପାଲ ମଂଜୁର କରୁଛନ୍। ସେ ଆବେଦନ୍ କଲେ ମୁଇଁ ନିଜେ ଉପଜିଲାପାଲକୁଁ କହି ମଂଜୁର କରାବାର ଚେଷ୍ଟା କରମି। ଆର ତାକର ରାଶନ କାର୍ଡ ବାବ୍‌ଦେ ଯୋଗାଣ ଅଧିକାରୀଙ୍କର ସଂଗେ କଥା ହେଇ ଯେନ୍‌ଟା ହେବା ପଦକ୍ଷେପ ନେମି ବଲି କହିଥିଲେ। ଜିଲାପାଲ ଇ ଅସାହା ପରିବାର ଉପରେ ଦୁରୁଷ୍ଟି ଦେଇ ତାକର ଏହେଦ୍‌କାର ଥିତି ବାବ୍‌ଦେ ତଦଁତ୍ କରି ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

### ସମବାୟ ବ୍ୟାଙ୍କରେ ଲିଙ୍କ୍ ଫେଲ୍ : ଚାଷୀ ହଟହଟା

**ବୀରମହାରାଜପୁର, ୧୫।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବୀରମହାରାଜପୁର ଶାଖାରେ ଗତ ପାଞ୍ଚଦିନ ଧରି ଇଣ୍ଟରନେଟ ସେବା ବ୍ୟାହତ ହୋଇଥିବାରୁ ଏଠାରେ କାରବାର ହୋଇପାରୁନାହିଁ। ଏହିବ୍ଲକର ୧୦ଟିପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଉପରେ ନିର୍ଭର କରୁଥିବାରୁ ସମ୍ପୃକ୍ତ ପ୍ୟାକ୍ସଗୁଡିକର ସଭ୍ୟମାନେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ବିଶେଷତଃ ବର୍ତ୍ତମାନ ସମବାୟ ବ୍ୟାଙ୍କ ମାଧ୍ୟମରେ ଧାନ କିଣାବିକାର ଆର୍ଥିକ କାରବାର ପରିଚାଳିତ ହେଉଥିବାରୁ ସମସ୍ୟା ଦୁଇଗୁଣିତ ହୋଇଛି। ଏହି ବ୍ଲକରେ ଏକମାତ୍ର ସମବାୟ ବ୍ୟାଙ୍କର ଶାଖା ଥିବାରୁ ପ୍ରତ୍ୟହ ଦୁରଦୂରାନ୍ତ ଚାଷୀ ଟଙ୍କାପାଇଁ ଏଠାକୁ ଆସୁଥିବା ବେଳେ ଜଗିଜଗି ଶେଷରେ ନିରାଶ ହେଇ ଫେରୁଥିବା ଦୃଶ୍ୟ ସାମ୍ନା ଆସୁଛି। ଏ ସମ୍ପର୍କରେ ଶାଖା ପରିଚାଳକ ସହ ଯୋଗାଯୋଗ କରାଯିବାରୁ ବୈଷୟିକ ତ୍ରୁଟି ଯୋଗୁଁ ଶାଖାରେ ସଂଯୋଗ ହୋଇଥିବା ଉଭୟ ବିଏସ୍‌ଏନ୍‌ଏଲ ଓ ଏୟାରଟେଲ୍‌ର ଲିଙ୍କ ଫେଲ ଥିବା କହିଥିଲେ।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

## ବିରାଟ ଧନୁଯାତ୍ରା ପାଇଁ କଳସ ଶୋଭାଯାତ୍ରା

**ଗୁଡଭେଲା,୧୫।୧(ଡି.ଏନ.ଏ.)**

ଗୁଡଭେଲା ବ୍ଲକ ଅନ୍ତର୍ଗତ ଲୁର୍କି ଗ୍ରାମରେ ମଙ୍ଗଳବାର ବିରାଟ ଧନୁଯାତ୍ରା ପାଇଁ ସ୍ଥାନୀୟ ସ୍କୁଲପଡା ପୋଖରୀ (ମଥୁରାପୁର)ରୁ ପୂର୍ଣ୍ଣ କଳସ ପାଣି ଧରି ମହିଳାମାନେ ଏକ ଶୋଭାଯାତ୍ରାରେ ଚୈତନ୍ୟ ମନ୍ଦିରକୁ ଆଣି ସ୍ଥାପନ କରିଥିଲେ । ବୁଧବାରଠାରୁ ଗୋପଲୀଳା ପରାୟଣ ଓ ଭାଗବତ ଦଶମସ୍କନ୍ଧ ପରାୟଣ ପଠନ କରାଯିବ । ଏଥିସହ ଭଗବାନ ଶ୍ରୀକୃଷ୍ଣ ଓ କଂସ ମହାରାଜଙ୍କ ବିଭିନ୍ନ ଲୀଳା ନାଟକ ମାଧ୍ୟମରେ ଉପସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ସଭାପତି ସରୋଜ ପ୍ରଧାନ କହନ୍ତି । ଆନନ୍ଦ ପ୍ରଧାନ, ଅବନୀ ପ୍ରଧାନ, ଭୋପାଳ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ମନୋଜ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି ।

### ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ଭୀମ ଭୋଇ ଶିଶୁ ସଦନ ପରିଦର୍ଶନ

**ସୋନପୁର,୧୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ଓ ସଭ୍ୟ ମାନେ ବିଶେଶ୍ୱରପାଲିସ୍ଥିତ ଭୀମଭୋଇ ଶିଶୁ ସଦନ ପରିଦର୍ଶନ କରିଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଏହି ସଦନରେ ଶିଶୁ ସୁରକ୍ଷା ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ସମିତିର ଅଧ୍ୟକ୍ଷ ନାୟକ ଏବଂ ସଭ୍ୟ ବୃନ୍ଦ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ସମିତିର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସମିତିର ସଭ୍ୟ ବରିଷ୍ଠ ଆଇନଜୀବୀ ମଧୁସୂଦନ ପ୍ରଧାନ, ଦିଲ୍ଲିପ କୁମାର ମୁଖି, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରଶାନ୍ତ ମହାକୁର ଓ ରୁଦ୍ର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ସୁକାନ୍ତୀ ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଡାଇରେକ୍ଟର ବିଶ୍ୱନାଥ ତ୍ରିପାଠୀ ଓ ଟ୍ରଷ୍ଟି କମଳିନୀ ତ୍ରିପାଠୀ କମ୍ବଳ ବଣ୍ଟନ କରିଥିଲେ ।




ବିଜେଡି କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

## ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

### ଭାଜପା ଛାଡ଼ି ବିଜେଡିରେ ଯୋଗଦେଲେ ବ୍ଲକ ଉପାଧ୍ୟକ୍ଷ

**ଖପ୍ରାଖୋଲ, ୧୫।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି କ୍ଲବ ଛକଠାରେ ବିଜୁ ଜନତା ଦଳର ଜୋନ ନଂ-୩ ସ୍ତରୀୟ କର୍ମୀ ସମାବେଶ ବ୍ଲକ ସଭାପତି ସତ୍ୟନାରାୟଣ ମେହେରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ମୁଖ୍ୟ ଅତିଥିଭାବେ ଯୁବନେତା ସରୋଜ ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସଲିମ୍, ସମିତି ସଭ୍ୟ ମୋହନ ସୁନା, କଳାକାହ୍ନୁ ବାରିକ, ଖୁଲଣା ଧରୁଆ, ଲିଙ୍ଗରାଜ ନାଗ, ପ୍ରଦୀପ ପୁରୋହିତ, ବ୍ଲକ ଯୁବ ସଭାପତି ପଞ୍ଚୁଦେବ ସାହୁ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ସମାବେଶରେ ଭାଜପା ନେତା ତଥା ଖପ୍ରାଖୋଲ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର ଦଳ ଛାଡି ବିଜେଡିରେ ଯୋଗଦେଇ ଥିଲେ। ସେ ଲାଠୋର ପଞ୍ଚାୟତରୁ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି। ସମାବେଶ ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଦଳୀୟ କର୍ମୀମାନେ ସଭାସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଭାରତୀ ମେହେର, ସରପଞ୍ଚ କୁନ୍ତଳା ମାଝୀ, ନୃପ ନାଗ, ପବିତ୍ର ପଟେଲ ସମେତ ଅଂଚଳର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ ।

## ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଗ୍ରାମସଭା

**ଟିକ୍ରାପଡା,୧୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ସମ୍ପର୍କିତ ଏକ ସ୍ୱତନ୍ତ୍ର ଗ୍ରାମସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ହିମାଳ ବୁଡେକ ସଭାରେ ଅଧ୍ୟକ୍ଷତା କରିଥିଲେ । ପିଇଓ ଦେବରାଜ ମାଝୀ ସଭା ସଂଯୋଜନା କରିଥିଲେ । ସ୍ୱେଡ ସଙ୍ଗଠନ ଦ୍ୱାରା କରାଯାଇଥିବା ସାମାଜିକ ସମୀକ୍ଷାର ଫଳାଫଳ ଉପରେ ଆଲୋଚନା କରାଯାଇଥିଲା। ଏନଏଫଏସଏ ୨୦୧୩ ଅନ୍ତର୍ଗତ ସମନ୍ୱିତ ଶିଶୁ ବିକାଶ ସେବା, ମମତା ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ସାମାଜିକ ସମୀକ୍ଷକ କୁଶ ସାହୁ ଯୋଗାଣ ସହାୟକ ଶିବ କୁମାର ବୁଡେକ, ଫକିର ଚରଣ ରାଉତ, ନାରାୟଣ ଚନ୍ଦ୍ର ଜେନା, କରମତଲା ସମିତି ସଭ୍ୟ ସୁବାଷଚନ୍ଦ୍ର ବୁଡେକ, ଗୁଡଭେଲା, ଦେଓଗାଁ, ପୁଇଁତଲା, ଲୋଇସିଂହା ବ୍ଲକର ସାମାଜିକ ସମୀକ୍ଷା ସଂଯୋଜକମାନେ ଉପସ୍ଥିତ ଥିଲେ । ଲୋକ ସହାୟତା ସୂଚନା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଉପରୋକ୍ତ ଯୋଜନାଗୁଡିକର ହିତାଧିକାରୀଙ୍କ ବିଭିନ୍ନ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଶୀଘ୍ର ସମାଧାନ କରାଯିବ ବୋଲି ସରପଞ୍ଚ ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

### ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

## ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ,୧୫।୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗ୍ରହଣ କରିଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ରବି ବହିଦାର, ଅଶୋକ ରାଉତ ଓ ଅଶ୍ୱିନୀ ତ୍ରିପାଠୀ ଉପସ୍ଥିତ ଥିଲେ । ଦାବିପତ୍ରକୁ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପହଞ୍ଚାଇବେ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ । ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିଲେ ମଧ୍ୟ ସିଧାସଳଖ ତାଙ୍କୁ ସାକ୍ଷାତ କରି ଦାବିପତ୍ର ହସ୍ତାନ୍ତର କରାଯାଇପାରିନଥିବା ଜଣାପଡିଛି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନ ମଙ୍ଗଳବାରେ ୪୩ ଦିନରେ ପହଞ୍ଚିଛି। ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରହିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

## ୬୦ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ

**କଣ୍ଟାବାଞ୍ଜି, ୧୫।୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଜିଲା ଦାବି ଆନ୍ଦୋଳନ ମଙ୍ଗଳବାର ୬୦ଦିନରେ ପହଞ୍ଚିଛି। ଦିବସର ଧାରଣାରେ ବଙ୍ଗୋମୁଣ୍ଡା ଓକିଲ ସଂଘର କର୍ମକର୍ତ୍ତାମାନେ ସଭାପତି ଉଦ୍ଧବ ବେହେରାଙ୍କ ନେତୃତ୍ୱରେ ଆସି ଧାରଣାରେ ସାମିଲ ହୋଇଥିଲେ। ସେମାନଙ୍କୁ ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ଉପସଭାପତି ବ୍ରଜଶ୍ୟାମ ଗୁରୁ, କୁଞ୍ଜବିହାରି ବେହେରା, କୈଳାସ ଦୀପ, ନରେନ୍ଦ୍ର ସୁନା, ସତ୍ୟନାରାୟଣ ରାଏ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତି ବେହେରା କଣ୍ଟାବାଞ୍ଜି ଜିଲା ହେବାର ଉପଯୁକ୍ତ ସ୍ଥାନ ବୋଲି କହିଛନ୍ତି। ଓକିଲ ସଂଘରୁ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ହରିବନ୍ଧୁ ମେହେର, ଭବାନୀ ଶଙ୍କର ରାଓ, ରାଜୁ କମ୍ଭାର, ଏଚ.ମେହେର, କାନନ କିଶୋର ପଣ୍ଡା, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ସାମିଲ ଥିଲେ।




ମଙ୍ଗଳବାର ଆନ୍ଦୋଳନରେ ସାମିଲ ବଙ୍ଗୋମୁଣ୍ଡା ଓକିଲ ସଂଘ କର୍ମକର୍ତ୍ତା।

## ପଢ଼ାକୁଠି ଅଭାବ୍: ବାରନ୍ଡାରେ ଚାଲିଛେ ପାଠ୍‌ପଢ଼ା

**ଲାଠୋର, ୧୫।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଁଚେତ୍‌ର ସାନଗୁର୍ଜିଭଟା ସରକାରୀ ନୂତନ ଉପ୍ରା ବିଦ୍ୟାଳୟ। ସ୍କୁଲଟା ୧୯୧୬୦ ସାଲେ ଥାପନ ହେଇଥିଲା ବେଲେ ଏହେଦେ ସ୍କୁଲରେ ପରଥମରୁ ଅଷ୍ଟମ ଶ୍ରେଣୀ ତକ୍ ୧୪୬ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଛୁଆକୁ ପାଠ୍‌ପଢ଼ାବାର ଲାଗି ସ୍କୁଲରେ ୫ ଝନ୍ ଶିକ୍ଷକ ବି ନିୟୋଜିତ୍ ଅଛନ୍। ସ୍କୁଲରେ ତିନ୍‌ଟା ପଢ଼ାକୁଠି ଆର ଗୁଟେ ଅଫିସ ଘର ଅଛେ। ହେଲେ ପଢ଼ାକୁଠି ଭିତ୍‌ରୁ ଦୁଇଟା ପୂରାପୂରି ବିପଦ୍ ଅବସ୍ତାରେ ଅଛେ, ଯେନ୍‌ଥିରଲାଗି ଗୁଟେ କୁଠି ବେଭାର ହେଉଛେ। ହେଲେ ଇ ଗୁଟେ କୁଠିରେ ବି ବର୍ଷା ଦିନେ ଏନ୍‌ତା ପାଏନ୍ ଗଲୁଛେ ଯେ ଛାତ୍ରୀଛାତ୍ର ବସି ନାଇଁପାରବାର। ସ୍କୁଲର ଏନ୍‌ତା ଅବସ୍ତା ଲାଗି ଅଫିସ ଘର ବାରନ୍ଡାରେ ୭ମ ଆର ୮ମ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ୍ ପଢୁଛନ୍। ଆରଗୁଟେ ବାରନ୍ଡାରେ ୫ମ ଆର ୬ଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଯେନ୍‌ଗୁଟେ ପଢ଼ାକୁଠି ଠିକ୍ ଅଛେ ତାର ବାରନ୍ଡାରେ ୧ମରୁ ୪ର୍ଥ ଶ୍ରେଣୀ ତକ୍ ଛାତ୍ରୀଛାତ୍ର ବସି ପାଠ୍ ପଢୁଛନ୍। ଗୁଟେଆଡ଼େ ପଢ଼ାକୁଠି ଅଭାବ ଥିଲାବେଲେ ଆରଗୁଟେ ଆଡ଼େ ରୁତୁକାଲିନ ଆବାସିକ ବିଦ୍ୟାଳୟ ଥାପନ ହେବାର ଲାଗି ପରିସ୍ଥିତି ଆହୁରି ବିଗଡ଼ି ଯାଉଛେ। ସ୍କୁଲ ତରଫୁ ସିଆରସିସିଙ୍କର ଜରିଆରେ ଫିମାସ ପଢ଼ାକୁଠି ଅଭାବ ବାବ୍‌ଦେ ଉପର ଅଧିକାରୀମାନକୁ କୁହାଯାଉଛେ। ହେଲେ ନୂତନ ପଢ଼ାକୁଠି ତିଆର କରବାର କଥା ତେନ୍‌କେ ଥାଉ ପୂରାପୂରି ବିପଦ୍ ଅବସ୍ତାରେ ଥିବାର ପଢ଼ାକୁଠି ଭାଂଗବାର ଲାଗି ବି ଆଏଜତକ୍ ଆଦେଶ ନୁହେମିଲେ। ଯେନଥିରଲାଗି ଛାତ୍ରୀଛାତ୍ର ଆର ଶିକ୍ଷକମାନକର ଜୀବନ ପରତି ବିପଦ୍ ସୁରୁଷ୍ଟି କରୁଛେ। ଇ ଅବେବସ୍ତା ଲାଗି ଗାଁର କେତେ ସଚେତନ ଲୋକ୍ ଖପ୍ରାଖୋଲ ବିଡିଓକୁଁ ସ୍କୁଲ ବୁଲେଇ ଦେଖେଇ ସାରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ମୁଇଁ ସେ ସ୍କୁଲ ବୁଲି ଦେଖିଛେଁ। ଚଳତି ବଛର ପଁଚେତ୍ ତରଫୁ ସ୍କୁଲକେ ଗୁଟେ ନୂତନ ପଢ଼ାକୁଠି ଯୁଗେଇ ଦିଆଯିବା ବଲି ସେ କହିଥିଲେ।



**ଇମାନେ ଯାହା କହିଛନ୍...**

"ଆମେ ବାରବାର ସିଆରସିସିଙ୍କର ଜରିଆରେ ପଁଚେତ୍‌ନୁ ବ୍ଲକ୍ ତକ୍ ସ୍କୁଲ ସମସିଆ ବାବ୍‌ଦେ କହିଛୁଁ। ହେଲେ ଆଏଜ୍‌ତକ୍ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ। **-ଭଗବାନ ସେଠ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ**

"ପଢ଼ାକୁଠି ଅଭାବ ଲାଗି ଆମର ଛୁଆପିଲା ସ୍କୁଲ ବାରନ୍ଡାରେ ବସି ପାଠ୍‌ପଢ଼ବାରଟା ନିହାତି ଗୁଟେ ଲାଜ୍‌ଲଜନା କଥା ଆଏ। ଇ ଦିଗେ ପରଶାସନ ଧିଆନ ଦେବାର କଥା। **-କାମାକ୍ଷା ପ୍ରସାଦ ସିଂ ଭୋଇ, ପରିଚାଳନା କମିଟି ସଭାପତି**

"ଆମେ ଗାଁବାସୀ ଖପ୍ରାଖୋଲ ବିଡିଓକୁଁ ସ୍କୁଲ ବୁଲେଇ ଦେଖେଇଛୁଁ। ସ୍କୁଲର ସବୁପରକାର ସମସିଆ ବାବ୍‌ଦେ ବି ବଖାନିଛୁଁ। ହେଲେ ଆଏଜ୍‌ତକ୍ କେହେନ୍‌ସି ପରକାର ପଦକ୍ଷେ ନାଇଁ ନିଆଯାଇ। **-ଘନଶ୍ୟାମ ସରାଫ, ଗାଁବାସୀ**

"୨ଟା ପଢ଼ାକୁଠି ପୂରାପୂରି ବିପଦ୍ ଅବସ୍ତାରେ ଅଛେ। ସେଟାକେ ଭାଂଗବାର ବେବସ୍ତା ନାଇଁ କରାଯିବାର। ଯେନ୍‌ଥିରଲାଗି ଛାତ୍ରୀଛାତ୍ର ଆର ଶିକ୍ଷକମାନକର ଜୀବନ ପରତି ବିପଦ ସୁରୁଷ୍ଟି କରୁଛେ। **-ଗୋବର୍ଦ୍ଧନ କୁମ୍ଭାର, ଗାଁବାସୀ**

## ସଂକ୍ଷେପରେ



### ଚିଟୈଗୁଡ଼ା ପଞ୍ଚାୟତରେ ଏଲଇଡି ବଲ୍ବ ବଣ୍ଟନ

ଜୁନାଗଡ,୧୫।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଏଲ୍ଇଡି ବଲବ ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ଶହେ ଜଣ ହିତାଧିକାରୀଙ୍କୁ ୪ଟି ଲେଖା ହିସାବରେ ୪ ଶହ ଏଲଇଡି ବଲବ୍ ବଣ୍ଟନ କରାଯାଇଥିଲା। ଚିଟୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୁଦିପ୍ତ କୁମାର ନାଏକ, ସ୍ଥାନୀୟ ପିଇଓ ଟୁନୁ ଗଡତିଆ, ନାଏବ ସରପଞ୍ଚ ନବୀନ ମେହେରଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇଥିଲେ। ଅବଶିଷ୍ଟ ହିତାଧିକାରୀଙ୍କୁ ଖୁବଶୀଘ୍ର ଏଲଏଇଡି ବଲବ୍ ବଣ୍ଟନ କରାଯିବ ବୋଲି ସରପଞ୍ଚ ସୁଧିରା ମେହେର ପ୍ରକାଶ କରିଥିଲେ।

### ୨୬ରୁ ରିଷିଡା ଲୋକ ମହୋତ୍ସବ

ରିଷିଡା,୧୫।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଓ ସଂସ୍କୃତିର ଆଦିପୀଠ ରିଷିଡାଠାରେ ଆସନ୍ତା ୨୬ ଓ ୨୭ ତାରିଖ ୨ଦିନ ବ୍ୟାପି ପ୍ରଥମ ଆଞ୍ଚଳିକ ଲୋକ ମହୋତ୍ସବ ଅନୁଷ୍ଠିତ ହେବ । ଅବିଭକ୍ତ ରିଷିଡା ରାଜସ୍ୱ ସର୍କଲ ଅଧୀନସ୍ଥ ରିଷିଡା, ପୌରକେଲା ଓ ଗଜବାହାଲ ପଞ୍ଚାୟତର ମିଳିତ ଉଦ୍ୟମରେ ଆରମ୍ଭ ହୋଇଛି । ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଞ୍ଚଳିକ ଲୋକ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ନରୋତ୍ତମ ସେଲମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହୋତ୍ସବ କମିଟି ଉପାଧକ୍ଷା ତଥା ଗଜବାହାଲ ସରପଞ୍ଚ ପୂଜା ସାହୁ, ପୌରକେଲା ସରପଞ୍ଚ କେତକୀ ରଣାଙ୍କ ସମେତ ଉପସଭାପତି ଲକ୍ଷ୍ମୀପ୍ରସାଦ ସେଠ, ସମ୍ପାଦକ ମଧୁସୂଦନ ବାଗ, ସହସମ୍ପାଦକ ଭଜଶ୍ୟାମ ସାହୁ, ହେମାଦ୍ରୀ ଭୋଇ, ବିଶିକେଶନ ସେଠୀ, ସଞ୍ଜୟ କୁମାର ଜୈନ, ବୁଟା ସିଂ ଭୋଇ, ସୁରଥ ଦାସ ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ୨୬ରେ ଏହି ୩ଟି ପଞ୍ଚାୟତର ୧୯ ଖଣ୍ଡ ଗ୍ରାମରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ।

### ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ

ରିଷିଡା,୧୫।୧(ଡି.ଏନ.ଏ.)
ପ୍ରତ୍ୟକ ଭୋଟ କେନ୍ଦ୍ରରେ ଇଭିଏମ ମତଦାନ କକ୍ଷରେ ଭିଭିପାଟ ରହିବ। ସେଥିପାଇଁ କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟର ରିଷିଡା-୧ର ୨୦୧ ନମ୍ବର ବୁଥରେ ଭୋଟରମାନଙ୍କୁ ସଚେତନ କରାଯାଇଥିଲା। ଏଥିରେ ଏଏଫଓ କୁଳଦୀପ ଅମ୍ଳାନ ରଞ୍ଜନ, ସିଆରସିସି ପୂର୍ଣ୍ଣଚନ୍ଦ୍ର ରଣା ଯୋଗଦାନ କରିଥିଲେ।

## ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ର ଦ୍ୱିତୀୟ ସନ୍ଧ୍ୟା

# ଭାଙ୍ଗଡା, ବିହୁ, ବଜାସାଲ ନୃତ୍ୟରେ ଝୁମିଲେ ଦର୍ଶକ

ଭବାନୀପାଟଣା,୧୫।୧(ଡି.ଏନ.ଏ.)

୨୩ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ର ମଙ୍ଗଳବାର ଥିଲା ଦ୍ୱିତୀୟ ଦବିସ । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ୍ ଠାକୁର ଏବଂ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ବି ଗଙ୍ଗାଧର ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର ଯୋଗଦେଇଥିଲେ। ଜିଲାପାଳ ଗାଭାଲି ପରାଗ ହର୍ଷଦ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ଉପାଧକ୍ଷ ଜିଲା ସଂସ୍କୃତି ପରିଷଦ ଶରତଚନ୍ଦ୍ର ଶ୍ରୀଚନ୍ଦନ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିବସ ସମାରୋହରେ ଉପସ୍ଥିତ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନେ ପ୍ରକାଶ କରିଥିଲେ ଯେ, ଏହି ମହୋତ୍ସବ ଦ୍ୱାରା ସଂସ୍କୃତି ଭାବ ବିନିମୟ, ବୁଝାମଣା,






୨୩ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଶାନ୍ତି ଓ ଭାଇଚାରା ସୃଷ୍ଟି ହୋଇଥାଏ । ଏହି ଉତ୍ସବ ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ଐତିହ୍ୟ ସମ୍ପନ୍ନ କଳା ଓ ସଂସ୍କୃତି ସାଙ୍ଗକୁ ବିଲୁପ୍ତ ହେବାକୁ ଥିବା ଲୋକଗୀତ, ଲୋକନୃତ୍ୟ ନିଶ୍ଚୟ ଭାବେ ପୁନଉଦ୍ଧାର ହୋଇ ପାରୁଛି ଓ ଶହ ଶହ ନୂତନ କଳାକାର ଏହି ମଞ୍ଚ ଓ ଉତ୍ସବରୁ ସୃଷ୍ଟି ହୋଇ ପାରୁଛି । ପାରମ୍ପରିକ କଳା କୌଶଳକୁ ଆଗାମୀ ପିଢି ପାଇଁ ସାଇତି ରଖିବାର ଏକ ପ୍ରୟାସ ଏହି କଳାହାଣ୍ଡି ଉତ୍ସବ ବୋଲି କହିଥିଲେ । ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ପିଏଆଡିଏ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସେମିନାର୍ ଏବଂ ସିଟିଜେନ୍ ମୋଡେଲ ସ୍କୁଲରେ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା । ଦ୍ୱିତୀୟ ଦିବସରେ ରେଙ୍ଗୋ ମାଝି ମଞ୍ଚରେ ମହ୍ଲାର କଳାନିକେତନ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ଶିଶୁ ଘୁମୁରା ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସାଂସ୍କୃତିରେ କାର୍ଯ୍ୟକ୍ରମରେ କାରୁଣ୍ଡ କଳାକେନ୍ଦ୍ର ଓ ନଟରାଜ ସାଂସ୍କୃତିକ ପରିଷଦ ଦ୍ୱାରା ବଜାସାଲ, ସଙ୍ଗମର ଲୋକନୃତ୍ୟ, ଧର୍ମଗଡର ମା' ଭଣ୍ଡାରୀଘରଣୀ ସାଂସ୍କୃତିକ ଅନୁଷ୍ଠାନ, ଜେକେ ସ୍କୁଲ ଅଫ୍ ଡ୍ୟାନ୍ସ, ମୟୁରି ଡ୍ୟାନ୍ସ ଏକାଡେମୀ ଲୋକନୃତ୍ୟ, ଭବାନୀପାଟଣା ନଟରାଜର ବଜାସାଲ ନୃତ୍ୟ, ଅରବିନ୍ଦ କଳାବିକାଶ କେନ୍ଦ୍ର ଦ୍ୱାରା ସମ୍ବଲପୁରୀ ନୃତ୍ୟ, ମୋହନଗିରିର ଢାପ, ବରଗଡର ସମ୍ବଲପୁରୀ, ଜମ୍ମୁକାଶ୍ମୀର ଗ୍ରୁପ୍ ଡ୍ୟାନ୍ସ, ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, କଲିକତାର କ୍ରିଏଟିଭ୍, କେନ୍ଦୁଝରର ଆଦିବାସୀ ନୃତ୍ୟ ସହିତ ଅନ୍ୟାନ୍ୟ ଜିଲାରୁ ଆସିଥିବା କଳାକାରମାନେ ବିଭିନ୍ନ ଲୋକନୃତ୍ୟ, ସମ୍ବଲପୁରୀ, ଡାଲଖାଇ, ରସରକେଲି ଆଦି ନୃତ୍ୟ ଦର୍ଶକଙ୍କ ମନମୋହି ଥିଲା । ସେହିପରି ଖୋଲାମଞ୍ଚ 'ପରବା'ରେ ଜିଲା ଓ ଜିଲା ବାହାରୁ ଆସିଥିବା ବିଭିନ୍ନ ଲୋକନୃତ୍ୟ ଓ ବାଦ୍ୟର ତାଳେ ତାଳେ ଦର୍ଶକ ନୃତ୍ୟ କରିଥିଲେ ।

## କେବିକେ ମୁଖ୍ୟ ପ୍ରଶାସକ ବିଭିନ୍ନ ମଣ୍ଡି ବୁଲି ଦେଖିଲେ

# ଧାନର ମାନ ତଦାରଖ କଲେ

ଭବାନୀପାଟଣା,୧୫।୧(ଡି.ଏନ.ଏ.)

ମଙ୍ଗଳବାର କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ୍ ଠାକୁର କଳାହାଣ୍ଡି ଗସ୍ତ କରିଛନ୍ତି । ଏହି ଅବସରରେ ସେ ଜିଲାର ବିଭିନ୍ନ ଅଞ୍ଚଳ ବୁଲିଛନ୍ତି । ଜିଲାରେ ଧାନ ବିକ୍ରୀ କିପରି ଚାଲିଛି ଓ ଧାନର ମାନ କିପରି ଅଛି ତାହା ତଦାରଖ କରିବା ସହିତ ବିଭିନ୍ନ ମଣ୍ଡି ବୁଲି ଦେଖିଛନ୍ତି । ସିଧାସଳଖ ଚାଷୀ ଏବଂ ମିଲର୍ସଙ୍କ ସହିତ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଛନ୍ତି । କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ମଙ୍ଗଳବାର କଳାହାଣ୍ଡି ଗସ୍ତରେ ଅସି ପ୍ରଥମେ ପାଷ୍ଟିକୁଡି ପ୍ୟାକ୍ସ ବୁଲିବା ସହିତ ପରେ ଉକ୍ଲୋ ପ୍ୟାକ୍ସ ପରିଦର୍ଶନ କରିଥିଲେ । ଏହି ଦୁଇ ପ୍ୟାକ୍ସରେ ସିଧାସଳଖ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ଚାଷୀଙ୍କ ସମସ୍ୟା ଏବଂ ଧାନର ମାନ ନିଜେ ତଦାରଖ କରିଥିଲେ । ପରେ ଠାକୁର କେସିଙ୍ଗା ବ୍ଲକ ଲଇତରା ଏମ୍ ଆଇପି ପରିଦର୍ଶନ କରି ଉକ୍ତ ଏମ୍ଆଇପି ଦ୍ୱାରା କେତେ ଏକର ଜମି ଜଳସେଚିତ ହେଉଛି ତାହା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଠାକୁର କେସିଙ୍ଗା ବ୍ଲକର କସ୍ତୁରୁପଡାସ୍ଥିତ ଅତିହଂସ ରାଇସମିଲ୍ ପରିଦର୍ଶନ କରି ମିଲର୍ସଙ୍କ ସହିତ ସେମାନଙ୍କ ସମସ୍ୟା ଓ ଧାନର ମାନ ଏବଂ ଚାଉଳର ମାନ ଏବଂ କେତେ ଉତ୍ପାଦନ ହେଉଛି ତଦାରଖ କରିବା ସହିତ ମିଲର୍ସ ସହିତ ଆଲୋଚନା କରିଥିଲେ । ପରେ ଠାକୁର କେସିଙ୍ଗା-ଟିଟିଲାଗଡ ଯାଉଥିବା ତେଲନଦୀ ଉପରେ ନିର୍ମିତ ନୂତନ ବ୍ରିଜ୍ ଓ ରାସ୍ତା ତଦାରଖ କରିଥିଲେ । ଠାକୁରଙ୍କ ସହିତ ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରା ଉପସ୍ଥିତ ରହି ଧାନ ଚାଷୀଙ୍କ ସମସ୍ୟା, ଧାନର ମାନ, ଚାଉଳ କିପରି ଉତ୍ପାଦନ ହେଉଛି ତାଉପରେ ଠାକୁରଙ୍କୁ ଅବଗତ କରାଇଥିଲେ।



କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ୍ ଠାକୁର କଳାହାଣ୍ଡି ଜିଲା ଗସ୍ତ ବେଳେ ଏକ ଧାନ ମଣ୍ଡି ପରିଦର୍ଶନ କରୁଛନ୍ତି ।

# ଧର୍ମଗଡ଼ଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ





କଳାହାଣ୍ଡି ଉତ୍ସବ ଘୁମୁର-୨୦୧୯ ଧର୍ମଗଡ଼ଠାରେ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି (ବାମ) । ଏହି ଅବସରରେ ଆୟୋଜିତ କଳସ ଶୋଭଯାତ୍ରା ।

ଧର୍ମଗଡ,୧୫।୧(ଡି.ଏନ.ଏ.)

କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଜିଲାସ୍ତରୀୟ ଉତ୍ସବ ଧର୍ମଗଡ ପଞ୍ଚାୟତଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ଉପଜିଲାପାଳ ତଥା ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ପଦ୍ମନାଭ ବେହେରାଙ୍କ ପୌରହିତ୍ୱରେ ରାଜ୍ୟ ଗୃହ ନିର୍ମାଣ ବିଭାଗ ଅଧ୍ୟକ୍ଷ ଭୂପିନ୍ଦର ସିଂ ମୁଖ୍ୟଅତିଥି ଭାବରେ ଉଦ୍‌ଘାଟନ କରିଥିଲେ। ଧର୍ମଗଡଠାରେ ହେଉଥିବା ଏହି ଉତ୍ସବର ସ୍ୱତନ୍ତ୍ରତା ରହିଛି । ଆଜି କଳାହାଣ୍ଡି ଶିକ୍ଷା ସ୍ୱାସ୍ଥ କ୍ଷେତ୍ରରେ ଅଗ୍ରଗତି କରିପାରିଛି । ଜିଲାର ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଦଯିବିତ କରିବା ପାଇଁ ଏହି ଉତ୍ସବର ପରିକଳ୍ପନା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ ଏନଏସି ଅଧ୍ୟକ୍ଷା ହୀରା ବାଗ, ଭବାନୀପାଟଣା ବିଧାୟକ ଅନାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ଧର୍ମଗଡ ପଞ୍ଚାୟତ କଲେଜ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧର୍ମଗଡ ବିଡିଓ ଅଶୋକ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ କଳାହାଣ୍ଡିର ଘୁମୁରା ନୃତ୍ୟ ସହ ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଶଣ କରାଯାଇଥିଲା।
୨୦୦୩ରେ ତତ୍‌କାଳୀନ ଉପଜିଲାପାଳ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟ ପାଣ୍ଡିୟାନଙ୍କ ଉଦ୍ୟମରେ ଧର୍ମଗଡଠାରେ ସମାନ୍ତରାଳ ଭାବରେ ଜିଲାସ୍ତରୀୟ ଉତ୍ସବ ପାଳନ କରିବା ପାଇଁ ଉଦ୍ୟମ କରାଯାଇଥିଲା । ରାଜ୍ୟରେ ଜିଲାସ୍ତରୀୟ ଉତ୍ସବ କେବଳ ଜିଲା ସଦର ମହକୁମାଠାରେ ପାଳନ କରାଯାଉଥିବା ବେଳେ ଉପଖଣ୍ଡ ସଦର ମହକୁମାଠାରେ ଏହି ଜିଲାସ୍ତରୀୟ ଉତ୍ସବ ପାଳନ ଏହା ଓଡିଶାରେ ପ୍ରଥମ। ଉତ୍ସବ ପଡିଆ ନିକଟ ସ୍ଥାନୀୟ ଟାଉନ ହଲଠାରେ ବିଶିଷ୍ଟ ଫଟୋଗ୍ରାଫର ବିଦ୍ୟାଧର ସାହୁଙ୍କ ଦ୍ୱାରା କଳାହାଣ୍ଡିର ଐତିହ୍ୟ, ପରମ୍ପରାକୁ ଫଟୋଚିତ୍ର ମାଧ୍ୟମରେ ଏକ କୋଠରୀରେ ବାନ୍ଧି ରଖିବାର ପ୍ରୟାସ ଫେଟାଚିତ୍ର ପ୍ରଦର୍ଶନୀ 'ପ୍ରଣାମ କଳାହାଣ୍ଡି' ମଧ୍ୟ ଅନ୍ୟ ତମ ପ୍ରମୁଖ ଆକର୍ଷଣ ହୋଇଛି । ଏଥିରେ ଜିଲାର ଫଟୋଗ୍ରାଫରମାନଙ୍କୁ ଉତ୍ସାହିତ କରିବା ପାଇଁ କଳାହାଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପର୍ଯ୍ୟଟନସ୍ଥଳ ଶିର୍ଷକ ଏକ ଫଟୋଗ୍ରାଫୀ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଉତ୍ସବ ପଡିଆ ପରିସରରେ ୧୦୦ଟିରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି । ଏଥିସହ ମିନାବଜାର ମଧ୍ୟ ଏଠାକାର ଅନ୍ୟତମ ଆକର୍ଷଣ ରହିଛି । ଉତ୍ସବକୁ ଅଧିକ ଆକର୍ଷଣ କରିବା ପାଇଁ ଆୟୋଜନ କମିଟି ତରଫରୁ ସମଗ୍ର ସହରର ରାସ୍ତାର ଦୁଇ ପାର୍ଶ୍ୱରେ ତୋରଣ ସହ ଲାଇଟ ମାଳାରେ ସୁସଜ୍ଜିତ କରାଯାଇଛି । ଏଥିପୂର୍ବରୁ ସକାଳ ୯ଟାରେ ଧର୍ମଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ମା'ଙ୍କ କଳସ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ କଳାହାଣ୍ଡି ଉତ୍ସବ ମୁଖ୍ୟ ମଞ୍ଚରେ ସ୍ଥାପନ କରାଯାଇଥିଲା । ମା'ଙ୍କ ଏହି କଳସ ଯାତ୍ରାରେ ସହରର ପ୍ରତ୍ୟେକ ଘର ସମ୍ମୁଖରେ ମହିଳାମାନେ ସ୍ୱାଗତ କରି ବନ୍ଦାପନା କରିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କର୍ଲାମୁଣ୍ଡା,୧୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବାଗବୁରାଇ ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଟକାରୁମାଲ ଗାଁର ଜଗନ୍ନାଥ ବେହେରା (୩୮) । ଖବର ପାଇ ସ୍ଥାନୀୟ ଫାଣ୍ଡି ଅଧିକାରୀ ଅଧିଶ୍ ଚନ୍ଦ୍ର ବିଶ୍ୱାସ ଘଟଣା ସ୍ଥଳକୁ ପହଞ୍ଚି ଶବ ଜବତ କରି ୧୦୮ ଆମ୍ବୁଲାନ୍ସ ଯୋଗେ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ହୋଇସାରିଥିବା ସୂଚନା ଦେଇଥିଲେ। ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ମଙ୍ଗଳବାର ସକାଳ ୧୦ଟାରୁ ଦୁର୍ଘଟଣା ଘଟିଥିବା ସ୍ଥାନରେ ଶବକୁ ରଖି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ବିଡିଓ କିଶୋର କୁମାର ପଣ୍ଡା, ତହସିଲଦାର ଅବନିକାନ୍ତ ସାହୁ, ମ.ରାମପୁର ଥାନା ଅଧିକାରୀଣୀ ରେଣୁକା ସୁନା, ଏସଡିପିଓ ଗୁପ୍ତେଶ୍ୱର ଭୋଇ ପହଞ୍ଚି ପରିବାର ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ ସେମାନେ କ୍ଷତି ପୂରଣ ଦେବାକୁ ଦାବି କରିଥିଲେ। ଅପରାହ୍ନ ୧.୩୦ରେ କୌଣସି ସମାଧାନ ହୋଇଥିଲା। ଏଥିରେ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶଚନ୍ଦ୍ର ଯୋଜନାରେ ୨୦୦୦ ହଜାର ଟଙ୍କା ଦେବା ସହିତ ଗାର୍ଡୱାଲ ନିର୍ମାଣ ପାଇଁ ମେଟାଲ ରଖିଥିବା ଠିକାଦାରଙ୍କ ସମ୍ପର୍କୀୟ ପହଞ୍ଚି ୧ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶବ ବ୍ୟବଚ୍ଛେଦ ପାଇଁ ଶବକୁ ମ.ରାମପୁର ପଠାଯାଇଥିବା ଥାନାଧିକାରୀ କହିଛନ୍ତି।
ସୂଚନା ଅନୁସାରେ ଟକାରୁମାଲ ଗାଁର ଜଗନ୍ନାଥ କୌଣସି କାମ ପାଇଁ ସ.ମାଲପଡା ଯାଇ ଫେରୁଥିବା ବେଳେ ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନ ପାଖରେ ଗାର୍ଡୱାଲ ନିର୍ମାଣ ପାଇଁ ରାସ୍ତାକଡରେ ରଖାଯାଇଥିବା ମେଟାଲ ଯୋଗୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ମୃତ ଜଗନ୍ନାଥଙ୍କ ଦୁଇଟି ଛୋଟ ଛୁଆ ଥିବା ବେଳେ ତାଙ୍କ ପରିବାରର ଭରଣ ପୋଷଣ ପାଇଁ ଏବେ ଆର୍ଥିକ ସଙ୍କଟ ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଗତ ଏକ ସପ୍ତାହ ମଧ୍ୟରେ ଦୁଇ ଥର ଦୁର୍ଘଟଣା ଘଟିଛି।



କ୍ଷତି ପୂରଣ ଦାବିରେ ମୃତକଙ୍କ ପରିବାର ପକ୍ଷରୁ ରାସ୍ତାରୋକୋ।

## ବିନା ସୁରକ୍ଷାରେ ଚାଲିଛି ଭାଙ୍ଗ ଭର୍ତ୍ତି କାମ

# ଅର୍ଥ ଲାଳସାରେ ଗରିବଙ୍କ ଜୀବନ ସହ ଖେଳ

ଜୁନାଗଡ,୧୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଛତୁ ଫୁଟିଲା ଭଳି ଭାଙ୍ଗ କାରଖାନା ଗଢି ଉଠିଛି। ଅଧିକ ଅର୍ଥ ଉପାର୍ଜନ ଆଶାରେ ନିରୀହ ଗରିବ ଲୋକମାନେ ଜୀବନକୁ ବାଜି ଲଗାଇ ବିନା କୌଣସି ସୁରକ୍ଷାରେ ଭାଙ୍ଗ ଭର୍ତ୍ତି କାମ କରିବା ସାଧାରଣରେ ଉଦ୍‌ବେଗର ବିଷୟ ହୋଇଛି। ଏହି କାରଖାନାରେ ଶ୍ରମିକମାନଙ୍କୁ ହେଣ୍ଡ ଗ୍ଲୋଭ, ନୋଜ ମାକ୍ସ, ସୁରକ୍ଷା ଜୋତା ତଥା ସୁରକ୍ଷା ବ୍ୟବସ୍ଥା ପାଇଁ ବିଭିନ୍ନ ଉପକରଣ ସାମଗ୍ରୀ ଯୋଗାଇ ଦେବାକୁ ନିୟମ ରହିଛି । କିନ୍ତୁ ଏହାକୁ ଭାଙ୍ଗ କାରଖାନାର ମାଲିକମାନେ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଜଣାପଡିଛି। ଶ୍ରମିକମାନେ କୌଣସି ସୁରକ୍ଷା ଜିନିଷ ବ୍ୟବହାର ନ କରି ଭାଙ୍ଗ କାରବାର କରୁଥିବା ଦେଖିବାକୁ ମିଳିଛି। ସରକାର ଯକ୍ଷ୍ମା ରୋଗର ନିରାକରଣ ପାଇଁ ଅନେକ ଲୋକଙ୍କୁ ସଚେତନତା କରିବା ସହ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି। ଜୁନାଗଡ ଅଞ୍ଚଳରେ ଥିବା ଭାଙ୍ଗ କାରଖାନା ଯୋଗୁ ବର୍ତ୍ତମାନ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଜୁନାଗଡ ସହରର ପଲସାପଡା, କନ୍ୟାଶ୍ରମ ପଛପଟ ଓ ଜୁନାଗଡ ସହର ନିକଟସ୍ଥ ହାତୀନଦୀ କୂଳ ଚିଟୈଗୁଡା ରାସ୍ତାରେ ଭାଙ୍ଗ ଭର୍ତ୍ତି କାମ ପ୍ରତିଦିନ ଚାଲିଥାଏ। ପଲସାପଡା ଦେଇ ଖର୍ଲାବେଡା, କୁଲହାରୀ,



ଏକ ଭାଙ୍ଗ କାରଖାନାରେ ଜଣେ ଯୁବକ ବିନା ସୁରକ୍ଷାରେ ଭାଙ୍ଗ ଭର୍ତ୍ତି କାମ କରୁଛନ୍ତି।

- କେନ୍ଦ୍ରୀୟ ଅବକାରୀ ବିଭାଗ, ପ୍ରଦୂଷଣ ବିଭାଗ ନିଦାବିଷ୍ଟ
- ଭାଙ୍ଗ ବାସ୍ନାରେ ଲୋକେ ଅଣନିଃଶ୍ୱାସୀ

ବ୍ରାହ୍ମଣୀଗୁଡା ତଥା ଅନେକ ଗ୍ରାମର ଲୋକେ ସ୍କୁଲ, କଲେଜ ଛାତ୍ରୀଛାତ୍ର ପ୍ରତିଦିନ ଯାତାୟାତ କରିଥାନ୍ତି। ସନ୍ଧ୍ୟାରେ ନଷ୍ଟ ହୋଇଥିବା ଭାଙ୍ଗ, ବାସ୍ନା ଓ ଭାଙ୍ଗ ପଲିଥିନକୁ ପୋଡିଦେବା ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡୁଥିବା ଅଭିଯୋଗ ହୋଇଛି। କନ୍ୟାଶ୍ରମ ପଛପଟେ ଭାଙ୍ଗ କାରଖାନା ଥିବାବେଳେ ସିଧାସଳଖ ଭାବେ କନ୍ୟାଶ୍ରମର ଛାତ୍ରୀମାନଙ୍କ ଉପରେ ପ୍ରଦୂଷଣର ପ୍ରଭାବ ପଡୁଥିବା ନେଇ ସ୍କୁଲ ପ୍ରଧାନଶିକ୍ଷକ ଅଭଯୋଗ କରନ୍ତି। ସେହିପରି ଏହି ରାସ୍ତା ଦେଇ ଓଡିଶା ଆଦର୍ଶ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଷ୍ଟେଶନ, ପିଆଇ କଲେଜ, ଏଲନିସିମିଶନ ଇଂଲିସ ସ୍କୁଲ ପଡିଥାଏ। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯାତାୟାତ ବେଳେ ମୁହଁରେ କପଡା ଘୋଡାଇ ଯିବାଆସିବା କରିଥାନ୍ତି। ପୋଲିସ, କେନ୍ଦ୍ରୀୟ ଅବକାରୀ ବିଭାଗ ଭାଙ୍ଗ କାରଖାନା ମାଲିକମାନଙ୍କ ସହିତ ସଲାସତୁରା ହୋଇ ଚଡାଉ କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଭାଙ୍ଗ କାରଖାନା ମାଲିକମାନେ ଅନାୟସରେ ନିଜ କାରବାର ଚଳାଇଛନ୍ତି। ସେହିପରି ପ୍ରଦୂଷଣ ବିଭାଗ ମଧ ଭାଙ୍ଗ ମାଲିକମାନଙ୍କ କବଜାରେ ଥିବାରୁ ଜନସାଧାରଣଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ଅଭଯାଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ସହର ନିକଟସ୍ଥ ବଳଦିଆମାଲ ଛକ ନିକଟରେ ଥିବା ଏକ ଭାଙ୍ଗ କାରାଖାନାରେ ନେହେରୁ ନଗରପଡାର ପଦ୍ମାବତୀ ମେହେର ନାମକ ଜଣେ ମହିଳା ଭାଙ୍ଗ ଭର୍ତ୍ତି କାମ କରୁଥିଲେ। ଭାଙ୍ଗ ବାସ୍ନା ଯୋଗୁ ପେଟରେ ଗ୍ୟାସ ହୋଇ ଗୁରୁତର ଭାବେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ଜୁନାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦୧୭ ଅଗଷ୍ଟ ୧୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଜୁନାଗଡ ସହର ହିଞ୍ଜିଲିବାହାଲି ପଡାର ଜଣେ ମହିଳା ପଳସାପଡା ଭାଙ୍ଗ କାରଖାନାରେ କାମ କରୁଥିଲେ। ସେ ମଧ ଭାଙ୍ଗ ଗ୍ୟାସ ଯୋଗୁ ମୃତ୍ୟୁ ବରଣ କରିଥିବା ନେଇ ଗତ ୨ବର୍ଷ ତଳେ ଅଭିଯୋଗ ହୋଇଥିଲା। ସରକାର ତୁରନ୍ତ କେନ୍ଦ୍ରୀୟ କମିଟି ଗଠନ କରି ଏହାର ତଦନ୍ତ କଲେ ବହୁ ରହସ୍ୟ ଜଣାପଡିବ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ରାୟଗଡାସ୍ଥିତ କେନ୍ଦ୍ରୀୟ ଅବକାରୀ ବିଭାଗ ଅଧୀକ୍ଷକ ଶ୍ରୀଧର ଦାଶଙ୍କୁ ପଚାରିବାରୁ ମୋ ପାଖରେ ଏ ସମ୍ପର୍କରେ କୌଣସି ଅଭିଯୋଗ ନ ଥିଲା। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଜାନୁୟାରୀ ୧୬/୨୦୧୯



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ



## ସଂକ୍ଷେପରେ

### ଡାଜଲିଙ୍ଗ୍ କପ୍ କ୍ରିକେଟ୍: ସାଇନିଂ ଷ୍ଟାର ଚାମ୍ପିୟନ

**ଲେଫ୍ରିପଡା,୧୫।୧(ଡି.ଏନ.ଏ)** -ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଅଉଁଲାବାହାଲ ଡାଜଲିଙ୍ଗ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଦଲିପାଲି ଏନଟିପିସିର ଏଜିଏମ୍ ଅନ୍ତର୍ଯ୍ୟାମୀ ଦାଶ, ହରିନାରାୟଣ ଶର୍ମା, ପୂର୍ବତନ ସରପଞ୍ଚ ମୀନକେତନ ମାଝି, ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ଉପାଧ୍ୟକ୍ଷ ଅମୀର କୁମାର ନାଏକ, ବିମଲ ପଟେଲ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳ ସାଇନିଂ ଷ୍ଟାର ଗମ୍ଭାରୀଡିହି ଏବଂ ବର୍ଷା-୧୧ ଗର୍ଜନବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇନିଂ ଷ୍ଟାର ଗମ୍ଭାରୀଡିହି ଚାମ୍ପିୟନ ଏବଂ ବର୍ଷା-୧୧ଗର୍ଜନ ବାହାଲ ରନର୍ସ ଅପ୍ ହୋଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଚାଳିଶ ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଗତ ୧୧ରୁ ଆରମ୍ଭ ହୋଇଥିବା ବେଳେ ଏହାର ଉଦ୍‌ଘାଟନୀ ଉତ୍ସବରେ ଭାଜପା ନେତା କଳାକୃଷ୍ଣ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡେଜଲିଙ୍ଗଷ୍ଟାର କ୍ଲବ୍ ସଭାପତି ଦିଲୀପ ମାଝି, ସମ୍ପାଦକ ଧର୍ମେନ୍ଦ୍ର ମାଝି, ପ୍ରଶାନ୍ତ ରାଉତ୍, ସୁମନ୍ତ ପଟେଲ, ସମୀର ନାଏକ, ନକୁଲ ରାଉତ, ଲଲିନ୍ଦ୍ର ମାଝି, ରଞ୍ଜନ ଦାନୀ, ଚୈତନ୍ୟ ରୋହିଦାସ ପ୍ରମୁଖ ଆୟୋଜନ କରିଥିଲେ।

# ବଣାଇରେ ଜିଲା ଦାବି ତେଜିଲା

**ବଣାଇ, ୧୫।୧(ସ୍ୱ.ପ୍ର)**




ଜିଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଶୋଭାଯାତ୍ରା ବଣାଇ ସହର ପରିକ୍ରମା କରୁଛି।

- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା ନେଇ ପରବର୍ତ୍ତୀ କାର୍ଯ୍ୟକ୍ରମ

ବଣାଇକୁ ଜିଲାର ମାନ୍ୟତା ଦାବି ନେଇ ଗଠିତ ଜିଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଏକ ବିଶାଳ ଶୋଭାଯାତ୍ରା ମଙ୍ଗଳବାର ବଣାଇ ସହର ପରିକ୍ରମା କରିଥିଲା। ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବଣାଇର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଣାଇବାସୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବଣାଇ ସହର ପରିକ୍ରମା କରିଥିଲେ। ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ଜିଲା କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବଣାଇ ରାଜାସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ସଂଯୋଜକ ତପନ କୁମାର ଦଣ୍ଡିଆଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଭାଜପା ଜିଲା ସଭାପତି ରାହାସ ବିହାରୀ ପ୍ରଧାନ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବରିଷ୍ଠ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଶିଷ୍ଟ କଂଗ୍ରେସ ନେତା ହବିବ ଖାନ, ଭାଜପା ଯୁବମୋର୍ଚ୍ଚା ସଭାପତି ଉଗ୍ରସେନ କିଷାନ, ବଣାଇ ସରପଞ୍ଚ ସଂଘର ସଭାପତି ଅଜୟ ନାୟକ, ବଣାଇ କିଷାନ ବିକାଶ ପରିଷଦର ସଭାପତି ଅର୍ଜୁନ ମୋହନ କିଷାନ, ବ୍ରାହ୍ମଣ ସମାଜର ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବିଜେଡି ମୁଖପାତ୍ର ସୁନ୍ଦରମଣି ପ୍ରଧାନ, ଜିଲାପରିଷଦ ସଭ୍ୟ କେଦାର ମହାନ୍ତ, ଭାଜପା ମହିଳା ନେତ୍ରୀ ସେବତୀ ନାୟକ, ବନ୍ଦିତା ମହାନ୍ତ, ଜୟନ୍ତୀ ମହାନ୍ତ, ବଣାଇ ଓକିଲ ସଂଘର ସଭାପତି ଲିଙ୍ଗରାଜ ମିଶ୍ର, ସମ୍ପାଦକ ପାର୍ଥସାରଥୀ ମିଶ୍ର, ବରିଷ୍ଠ ଆଇନଜୀବୀ ବିଜନ କୁମାର ସେନ, ବିନୟ କୁମାର ଦାସ, କର୍ମବୀର ଦାଶ, ଦିନେଶ କୁମାର ଦାସ, ହିମାଂଶୁ ଶେଖର ସେନାପତି, ମାନସ କୁମାର ପତି, କମିଟିର ଆବାହକ ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ବଣାଇ ଜିଲା ଗଠନ ନେଇ କ୍ରିୟାନୁଷ୍ଠାନ କମିଟିର ଦାବିକୁ ଯଥାର୍ଥ ବୋଲି କହିଥିଲେ। ଏହା ସହିତ ରାଜ୍ୟ ସରକାର ବଣାଇବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ତୁରନ୍ତ ବଣାଇକୁ ଜିଲା ଘୋଷଣା କରିବାକୁ ଦାବି ଦୋହରାଇଥିଲେ। ସୁନ୍ଦରଗଡ ଜିଲାର ବଣାଇ ଉପଖଣ୍ଡ ଏକ ଉପାନ୍ତ ଅଞ୍ଚଳ। ଯାହାର ୧୫ କିଲୋମିଟର ପରେ ଝାଡଖଣ୍ଡ ରାଜ୍ୟ, ଅପର ପକ୍ଷରେ ଅନୁଗୋଳ, କେନ୍ଦୁଝର, ଦେବଗଡ ତଥା ସମ୍ବଲପୁର ଜିଲା ସୀମାବର୍ତ୍ତୀ ଅଞ୍ଚଳଭାବେ ପରିଚିତ। ତଥାକଥିତ ଏହି ଉପଖଣ୍ଡରୁ ଜିଲା ସଦର ମହକୁମାକୁ ପହଞ୍ଚିବାକୁ କେବଳ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା ନୁହେଁ ବରଂ ଜିଲା ସଦର ମହକୁମାକୁ ଯିବାକୁ ହେଲେ ଗୋଟାଏ ଦିନ ଅତିକ୍ରାନ୍ତ ହେବା ପରେ ସାଧାରଣ ଜନତା ଜିଲା ସଦର ମହକୁମାରେ ପହଞ୍ଚିଥାନ୍ତି। କେବଳ ସେତିକି ନୁହେଁ, ଯେହେତୁ ବଣାଇ ଉପଖଣ୍ଡ ସୁନ୍ଦରଗଡ ଜିଲାର ଏକ କୋଣଠେସା ଉପଖଣ୍ଡ। ତେଣୁ ଏଥିରେ ଜିଲା ପ୍ରଶାସନର ସିଧାସଳଖ ପ୍ରଭାବ ନ ରହିବା କାରଣରୁ ସ୍ୱାଧୀନତା ପରଠାରୁ ଅଞ୍ଚଳ ସଦା ଅବିକଶିତ ଅବସ୍ଥାରେ ପଡିରହିଥିବା ଇତ୍ୟାଦି କାରଣକୁ ନେଇ ବଣାଇକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ଅଞ୍ଚଳରେ ଏବେ ଜୋର ଧରିଛି।

କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଭାରପ୍ରାପ୍ତ ବଣାଇ ଉପଜିଲାପାଳ ରବୀନ୍ଦ୍ର କୁମାର ସେଠୀଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳ ସୁନ୍ଦରଗଡଙ୍କୁ ୪କିତା ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ, ଦାମୋଦର ସାହୁ, ସୁଦ୍ୟୁମ୍ନ କୁମାର ସାହୁ, ଜିତେନ୍ଦ୍ରିୟ ଆଚାର୍ଯ୍ୟ, ପ୍ରଦୀପ କୁମାର ଜିତ, ଧୀରେନ୍ଦ୍ର ମହାନ୍ତ, ହରି ସାହୁ, ବିଦେଶୀ ମୁଖୀ, କାର୍ତ୍ତିକ ସାହୁ, ରଣଜିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର, ଲିଙ୍ଗରାଜ ସାହୁ, ସନ୍ତୋଷ କୁମାର ସାହୁ, ଅଗସ୍ତୀ ନାଏକ, ଝସକେତନ ମହାନ୍ତ, ସିପିଆଇଏମ ଦଳର ଓମନ୍ତ କୁମାର ମହାନ୍ତ, ବାଣେଶ୍ୱର ସାହୁ, ଗିରିଧାରୀ ତ୍ରିପାଠୀ, ଭୁବନ ସାହୁ, ନରହରି ପାତ୍ର, ବିଜେଡି ଦଳର ସନ୍ତୋଷ କୁମାର ସାହୁ, ସରୋଜ କାନ୍ତ ପ୍ରଧାନ, ଗଙ୍ଗାଧର ଅମାତ, ଗଙ୍ଗାଧର ସାହୁ, ଚନ୍ଦ୍ରମଣି ସାହୁ, ଭାଜପାର ଜଗନ୍ନାଥ ମହାନ୍ତ, ଦୁର୍ଗାମାଧବ ବେହେରା, ହେମନ୍ତ କୁମାର ସାହୁ, ଶିବ ସୁନ୍ଦର ରାଉତ, ଦୁଃଖୀଶ୍ୟାମ ନନ୍ଦ, ଦୟାନିଧି ସେନାପତି, ଆହ୍ଲାଦ ବଢେଇ, ଦିବ୍ୟମରୀ ଶେଖର ଦେଓ, ଶକୁନ୍ତଳା ନାଏକ, କଂଗ୍ରେସ ଦଳର ଜିଲା ସମ୍ପାଦକ ସମୀର ଚକ୍ରବର୍ତ୍ତୀ, ମଧୁ ସାହୁ, ମନୋଜ ସେଠ ଯୋଗ ଦେଇଥିଲେ। ବଣାଇ ବରିଷ୍ଠ ନାଗରିକଭାବେ ସୁରେନ୍ଦ୍ର ନାଥ ତ୍ରିପାଠୀ, ରୁଦ୍ରଚରଣ ବାରିକ, କ୍ଷେତ୍ର ମୋହନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ହେମଗିର ବ୍ଲକରେ ଭୋଟର ସଚେତନତା କାର୍ଯ୍ୟକ୍ରମ

**ହେମଗିର, ୧୫।୧ (ଡି.ଏନ.ଏ)**

ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଉନ୍ନତରୁ ଉନ୍ନତ ପ୍ରଣାଳୀ ଗ୍ରହଣ କରାଯାଉଛି। ପ୍ରଥମେ ଲୋକେ ମୋହର ଲଗାଇ ପ୍ରାର୍ଥୀ ଚୟନ କରୁଥିବା ବେଳେ ବର୍ତ୍ତମାନ ଇଭିଏମ ମେସିନ ଜରିଆରେ ପ୍ରାର୍ଥୀ ଚୟନ କରାଯାଉଛି। କିନ୍ତୁ ଏଥିରେ ମଧ ଦୁର୍ନୀତି ଅଭିଯୋଗ ହେବା ଫଳରେ ସ୍ୱଚ୍ଛତାର ଆଉ ପାଦେ ଆଗକୁ ଯାଇ ଏହି ଇଭିଏମ ସହ ଭିଭିପିଏଟି ମେଶିନ୍‌କୁ ସଂଲଗ୍ନ କରାଯାଇଛି। ଏହା ଦ୍ୱାରା ଭୋଟର କେଉଁ ଚିହ୍ନରେ ମତଦାନ କରିଛନ୍ତି, ତାହା ଭିଭିପିଏଟି ମେଶିନରେ ଦେଖି ପାରିବେ। ତେଣୁ ବର୍ତ୍ତମାନ ପ୍ରତ୍ୟେକ ଗ୍ରାମକୁ ଏହାର ପ୍ରଶିକ୍ଷଣ ପାଇଁ ଏକଟିମ ପ୍ରେରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ହେମଗିର ବ୍ଲକରେ ଦୁଇଟି ଟିମ୍ ସହ ଚାରିଜଣ ନୋଡାଲ ଅଫିସର ନିଯୁକ୍ତି ହୋଇଛନ୍ତି। ସେମାନେ ହେଲେ ଲଳିତ କୁମାର ଖିଲେଇ, ଚନ୍ଦ୍ରମଣୀ ଟପ୍ପୋ, ନାରାୟଣ କୁଜୁର ଓ ସମୀର ତିର୍କୀ। ସାଥିରେ ଇଭିଏମ ମେଶିନ ସହ ଭିଭିପିଏଟି ଧରି ଗାଁଗାଁ ବୁଲି ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ବୁଝାଇବା ସହ ପ୍ରୟୋଗ ମଧ କରାଉଛନ୍ତି। ଏହି କାର୍ଯ୍ୟକ୍ରମ ଗତ ଜାନୁୟାରୀ ୭ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୮ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରଖାଯାଇଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ ଡାଙ୍ଗ ଜଣାଇଛନ୍ତି।

### ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ପବ୍ଲିକ ସ୍କୁଲ ପରିଦର୍ଶନ

## ପ୍ରତିଭାର ବିକାଶ ହେଲେ ସମାଜରେ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି ହେବେ

**ସୁନ୍ଦରଗଡ଼, ୧୫।୧ (ଡି.ଏନ୍.ଏ)**

ଛାତ୍ରୀଛାତ୍ର ମାନଙ୍କର ପ୍ରତିଭାର ବିକଶିତ ହୋଇପାରିଲେ ସମାଜରେ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି ହେବାରେ ସମସ୍ୟା ରହନ୍ତା ନାହିଁ। ସମସ୍ତେ ନିଜର ସାମାଜିକ ଦାୟିତ୍ୱ ବହନ କରିବା ପାଇଁ ସକ୍ଷମ ହୋଇପାରନ୍ତେ। ଏଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟ ଛାତ୍ରମାନଙ୍କ ପ୍ରତିଭାକୁ ବିକଶିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ପଟ୍ଟନାୟକ ସୁନ୍ଦରଗଡ ପବ୍ଲିକ ସ୍କୁଲ ପରିଦର୍ଶନ ଅବସରରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ, ଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ଆଲୋଚନାବେଳେ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍କୁଲର ପୂର୍ବତନ ଛାତ୍ରୀ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ପ୍ରେରଣା ପ୍ରିୟଦର୍ଶିନୀ ଜେନା ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରୁ ଏମ୍‌ବିଏରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଇପସିତା ପଟ୍ଟନାୟକ ଏବଂ ସର୍ବଭାରତୀୟ ସ୍ତରରେ ୧୭ବର୍ଷରୁ କମ୍ ସ୍କୁଲ ଗେମସ୍ କ୍ରିକେଟରେ ଓଡିଶା ଦଳର ପ୍ରତିନିଧିତ୍ୱ କରିଥିବା ଅଂଶ ଶର୍ମାଙ୍କୁ ମୁଖ୍ୟ ଅତିଥି ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହା ଛଡା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପଟ୍ଟନାୟକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ପ୍ରତିଭା ବିକଶିତ କରିବା ପାଇଁ ସଦ୍ୟ ସ୍ଥାପିତ ହୋଇଥିବା ଅତ୍ୟାଧୁନିକ ଅଟଳ ଟିଙ୍କରିଙ୍ଗ ଲ୍ୟାବ ମଧ୍ୟ ପରିଦର୍ଶନ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍କୁଲର ସଫଳତା ଉପରେ ଆଲୋକପାତ କରିଥିଲେ। ପରିଚାଳନା ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଟ୍ରଷ୍ଟି ନିମାଇଁ ଚରଣ ନାଏକ, ପ୍ରସନ୍ନ ବେହେରା, ବେଣୁମାଧବ ତ୍ରିପାଠୀ, ପୂର୍ବତନ ନଗରପାଳ ତାରାକାନ୍ତ ରକ୍ସା ପ୍ରମୁଖ ପଟ୍ଟନାୟକଙ୍କ ସୁନ୍ଦରଗଡ ପବ୍ଲିକ ସ୍କୁଲ ପ୍ରତି ରହି ଥିବା ଅବଦାନର ପ୍ରଶଂସା କରିଥିଲେ। ବରିଷ୍ଠ ଶିକ୍ଷକ ଦେବାଶୀଷ ଦାଶ, ମାଇକେଲା ଖାଲକୋ, ଅଞ୍ଜନା ବିଶ୍ୱାସ, ଭାଗବତ ମିଶ୍ର, ସୁସ୍ମିତା ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ। ସୁନ୍ଦରଗଡରେ ତାଙ୍କ ଜିଲାପାଳ କାର୍ଯ୍ୟକାଳ ସମୟ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗତ ୩୩ ବର୍ଷ ଧରି ସମ୍ପର୍କ ରହିଆସିଥିବା ସୁନ୍ଦରଗଡ ପବ୍ଲିକ ସ୍କୁଲକୁ ପରିଦର୍ଶନ ଅବସରରେ ବିଦ୍ୟାଳୟରେ ପହଞ୍ଚିବା କ୍ଷଣି ତାଙ୍କୁ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଅଧ୍ୟକ୍ଷା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟ ମାନେ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।




ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ସିନିୟର ଫୁଟବଲ ଟୁର୍ନାମେଣ୍ଟ: ଭଣ୍ଡାର କରୁଆବାହାଲ ଚାମ୍ପିୟନ

**ବାଲିଶଙ୍କରା, ୧୫।୧ (ଡି.ଏନ.ଏ)**

ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ୩ଦିନ ଧରି ଚାଲିଥିବା ବାଲିଶଙ୍କରା ସିନିୟର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସର୍ବମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଭଣ୍ଡାରକରୁଆ ବାହାଲ ସହିତ ମାୟାବାହାଲ ବରପାଲି ଖେଳ ହୋଇଥିଲା। ଭଣ୍ଡାରକରୁଆ ବାହାଲ ୨ ଗୋଲରେ ବିଜୟୀ ହୋଇଥିଲା। ଚାମ୍ପିୟନ ଭାବେ ୭ହଜାର ଓ ରନର୍ସଅପ୍ ଦଳକୁ ୫ହଜାର ଟଙ୍କ ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦିଲୀପ କୁମାର ସାଏ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ତଥା ସରପଞ୍ଚ ଦୀନବନ୍ଧୁ ସାଏ, ପୂର୍ବତନ ଖେଳାଳି କେଦାର ସାଏ, ଟଙ୍କଧର ପଣ୍ଡା, ଇନ୍ଦ୍ରମଣି ଦଣ୍ଡସେନା, ଶଶିଧର ବଢ଼େଇକ, ଝାଲକୁ ଟପ୍ପୋ, ବସନ୍ତ କୁମାର ସାଏ, ରଞ୍ଜିତ କୁଜୁର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ବାଲିଶଙ୍କରା ସିନିୟର ଫୁଟବଲ ଟୁର୍ନାମେଣ୍ଟକୁ ସୁରେନ୍ଦ୍ର ସାଏ, ଶୁକ୍ରୁ ଓରାମ, ସନାତନ କିସାନ, ଆଜାରଦାନ କୁଜୁର, ପ୍ରଦୀପ ଦଣ୍ଡସେନା, ସଞ୍ଜୟ କୁଜୁର, ଅଶୋକ ସା, ପ୍ରମୋଦ ମିଞ୍ଜ ଟୁର୍ନାମେଣ୍ଟ ପରିଚାଳନା ଦାୟୀତ୍ୱରେ ଥିବା ବେଳେ ଖେଳ ପରିଚାଳନା ହେମନ୍ତ କୁମାର ଦାଶ, କ୍ଷେତ୍ରମଣି ଦେହେରୀ, କୁମରମଣି ଛତ୍ରିଆ ମୁଖ୍ୟ ଦାୟୀତ୍ୱରେ ଥିଲେ।

## କାଳିଆ ଯୋଜନା, ଏଲ୍‌ଇଡି ବଲ୍‌ବ ପାଇଁ ଲୋକଙ୍କ ଭିଡ଼

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଶେଷ ତାରିଖ ମଙ୍ଗଳବାର ହୋଇଥିବା ଯୋଗୁ ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କ ଅହେତୁକ ଭିଡ ସୃଷ୍ଟି ହୋଇଥିଲା। ପଞ୍ଚାୟତରେ ଆୟୋଜିତ ଖାଦ୍ୟ ସୁରକ୍ଷା କାର୍ଡ ହିତାଧିକାରୀଙ୍କୁ ମାଗଣାରେ ସରକାର ୪ଟି ଲେଖାଏଁ ଏଲଇଡି ବଲବ ମଙ୍ଗଳବାରଠାରୁ ନୂତନ କରି ପ୍ରଦାନ କରାଯାଇଛି। ଅନୁରୂପଭାବେ କାଳିଆ ଯୋଜନା ଓ ଏଲ୍‌ଇଡି ବଲବ ପାଇଁ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଦ୍ମପୁର, କୁଆଁରମୁଣ୍ଡା, ଝାରବେଡ଼ା ଓ ପୁଟ୍ରିଖମଣ ପଞ୍ଚାୟତରେ ଶତାଧିକ ଲୋକେ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ରହି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯୋଜନା ସମ୍ପର୍କରେ ବିଶେଷଭାବେ ଅବଗତ ହେବା ସହ କାଳିଆ ଯୋଜନାର ଶେଷ ତାରିଖରେ ଚାଷୀମାନେ ଫର୍ମ ପୂରଣ କରି ଆବେଦନ କରିଛନ୍ତି। ପ୍ରତ୍ୟେକ କାର୍ଡଧାରୀମାନଙ୍କୁ ୪ଟି ଏଲ୍‌ଇଡି ବଲବ ଯୋଗାଇ ଦିଆଯାଇଛି। ଏ ନେଇ ପଦ୍ମପୁର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀଭାବେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମେହେର, ରାଜଗାଙ୍ଗପୁର ୱେସ୍କୋ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ସାହୁ, କୁଆଁରମୁଣ୍ଡା ୱେସ୍କୋ ଉପଖଣ୍ଡ ଅଧିକାରୀ ଇଂ.ଶୁଭାଶୀଷ ମହାନ୍ତି, ପଞ୍ଚାୟତ ଜେଇ ସ୍ମିତାରାଣୀ ନାଥ, ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସମିତି ସଭ୍ୟ ରୋସା କିଷାନ ଉପସ୍ଥିତ ଥିଲେ। ବ୍ଲକ ଏପିଓ କୃଷ୍ଣମୋହନ ନାୟକ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଛନ୍ତି।

### ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଉଦ୍‌ଯାପିତ

## ଅନୁଗୋଳର ପତାକା କ୍ଲବ ଚାମ୍ପିୟନ

**ସୁନ୍ଦରଗଡ, ୧୫।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଫୁଟବଲ ରେଫରୀ ମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ୍ ଆସୋସିଏସନ୍ ଓ କିଞ୍ଜିର୍ମା ଏସ୍‌ଡିବିଏଲ କ୍ଲବର ମିଳିତ ଆନୁକୂଲ୍ୟରେ କିଞ୍ଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଗୋଳର ପତାକା କ୍ଲବ, ଜୟ ଜଗନ୍ନାଥ କ୍ଲବ ଫୁଲଧୂଡିକୁ ହରାଇ ଚାମ୍ପିୟନ ହୋଇଛି। ଝାରସୁଗୁଡା ବିଧାୟକ ନବକିଶୋର ଦାସ ମୁଖ୍ୟ ଅତିଥି ଓ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିବା ସହ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କିଞ୍ଜିର୍ମା ପଡିଆକୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ ନାମରେ ଘୋଷଣା କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ଆୟୋଜକ କମିଟିର କାର୍ତ୍ତିକ ସୁନ୍ୟାନୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶୁଶୀଲ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ନିତ୍ୟକୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ଅନୁଗୋଳର ପତକା କ୍ଲବ ଏବଂ ଜୟ ଜଗନ୍ନାଥ କ୍ଲବ ଫୁଲଧୂଡି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନୁଗୋଳର ପତାକା କ୍ଲବର ବିଦେଶୀ ଖେଳାଳିଙ୍କ ଚମତ୍କାର ଖେଳ ଯୋଗୁ ଏହି ଦଳର କରଣ ଟପ୍ପୋଙ୍କ ୩୫ ମିନିଟରେ ଏକ ମାତ୍ର ଗୋଲ ବଳରେ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଗୋଳ ପତକା କ୍ଲବ ଲଗାତାର ୩ଥର ଆରଏସଏକପ୍ (୨୦୧୫,୨୦୧୬,୨୦୧୮ ରେ ହ୍ୟାଟ୍ରିକ ଚାମ୍ପିୟନ ହୋଇପାରିଛି। ପତକା କ୍ଲବର କରଣ ଟପ୍ପୋ ମ୍ୟାନ ଅପ ଦି ମ୍ୟାଚ୍ ଓ ଗୋଲକିପର ଶ୍ରବଣତନ୍ତୀଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଫୁଲଧୂଡି ଜୟଜଗନ୍ନାଥ କ୍ଲବର ଆକାଶ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନଦଳକୁ ଟ୍ରଫିସହ ୨୦ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଜାତୀୟ ବକ୍ସିଂ ଖେଳାଳି ସୋନିଆରାଣୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁ ରେଫରୀ ରୋମାଞ୍ଚ ଭୈଷାଁଲ, ପ୍ରସନ୍ନ ଭୋଇ, ଦେବେନ୍ଦ୍ର କିଷାନ ଓ ଚିତ୍ତରଞ୍ଜନ ସେଠ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନରର ଦାୟିତ୍ୱ ନିର୍ବାହ କରିଥିଲେ । କୋଲକତାର ଆନ୍ତଃର୍ଜାତୀୟ ଫୁଟବଲ ଯାଦୁଗର ପ୍ରଦୀପ କୁମାରଙ୍କ କୌତୁକିଆ ଫୁଟବଲ କାର୍ଯ୍ୟକ୍ରମ ଓ କୋଲକତାର ଚିୟର୍ସ ଗାଲର୍ସଙ୍କ ନୃତ୍ୟ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ ଏବଂ ଆୟୋଜକ କମିଟିର ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ସମ୍ପନ୍ନ ହୋଇଛି।

### ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ)**-ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚୁଟିଆଟୋଲି ନିକଟରେ ବୁଧବାର ଏକ ଟ୍ରେଲର (ପିବି ୦୬-ଏଲ-୯୫୬୪) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ଫାଣ୍ଡି ଅଧିକାରୀ ଅନିଲ ପରିଡା ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ଶବକୁ ଜବତ କରିଥିଲେ। ତାଙ୍କର କୌଣସି ପରିଚୟ ମିଳିପାରି ନ ଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଫାଣ୍ଡି ଅଧିକାରୀ ପରିଡା ଜବତ କରିଥିବାବେଳେ ଫେରାର ଚାଳକଙ୍କୁ ବ୍ରାହ୍ମଣୀ ତରଙ୍ଗ ଥାନା ନିକଟରୁ ଗୋଡାଇ ଧରାଯାଇଛି। ତାଙ୍କୁ ଫାଣ୍ଡିରେ ଅଟକ ରଖାଯାଇ ପଚରାଉଚରା ଚାଲିଥିବା ସୂଚନା ମିଳିଛି।

### ଡମ୍ପର ଧକ୍କାରେ ନାବାଳିକା ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କୁତ୍ରା, ୧୫।୧ (ଡି.ଏନ.ଏ)–** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ତଥା କୁତ୍ରା ଥାନା ଅଧିନ ଗରିଆମୁଣ୍ଡା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଡମ୍ପର ନଂ. ଆର୍ ୧୪ କ୍ୟୁ- ୪୮୭୨ ଧକ୍କାରେ ଜଣେ ନାବାଳିକା ନମ୍ରତା ଲାକଡା (୧୧)ଙ୍କ ମୃତ୍ୟୁ ଘଟିଥିଲା। ତେବେ କ୍ଷତିପୂରଣ ପାଇଁ ପରିବାର ଲୋକ ଓ ଗରିଆମୁଣ୍ଡା ଗ୍ରାମବାସୀ ମଙ୍ଗଳବାର ସକାଳୁ ଗୋମାରଡିହିକୁ ସୋନଖଣ୍ଡି ରାସ୍ତାକୁ ଅବରୋଧ କରିଥିବା ଜଣାପଡିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ରାସ୍ତାରୋକୋ ଜାରି ରହିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଗରିଆମୁଣ୍ଡା ଗ୍ରାମର ନମ୍ରତା ନିଜ ଭାଇ ସାଙ୍ଗରେ ଟ୍ୟୁସନ୍ ପଢ଼ିବା ପାଇଁ ଯାଉଥିଲେ। ଗୋମରଡିହି ସ୍ଥିତ ଟାଟା ଷ୍ଟିଲ କମ୍ପାନୀର କ୍ରସରରୁ ମେଟାଲ ନେଇ ସୋନାଖଣ୍ଡି ରେଳଷ୍ଟେସନର ସାଇଡିଂକୁ ଯାଉଥିବା ଏକ ଡମ୍ପର ନମ୍ରତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନମ୍ରତାଙ୍କ ମୃତ୍ୟୁ ହୋଇଯାଇଥିଲା। ନମ୍ରତାଙ୍କ ଭାଇ ମଧ ସାମାନ୍ୟ ଆହତ ହୋଇଛନ୍ତି। ଏନେଇ ଗ୍ରାମବାସୀ, ମୃତକ ନମ୍ରତାଙ୍କ ପରିବାର ଲୋକ ୧୫ଲକ୍ଷ କ୍ଷତିପୂରଣ ଦାବିକରି ନମ୍ରତାଙ୍କ ମୃତଦେହକୁ ରାସ୍ତା ଉପରେ ରଖି ଆନ୍ଦୋଳନ କରିଛନ୍ତି। ମଙ୍ଗଳବାର ଦିନ ତମାମ ଏହି ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବା ବେଳେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏବାବଦରେ ଗରିଆମୁଣ୍ଡା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି ଯେ, ପ୍ରତିଦିନ ଟାଟା ଷ୍ଟିଲ କମ୍ପାନୀର ଶତାଧିକ ଡମ୍ପର ମେଟାଲ ନେଇ ସୋନାଖଣ୍ଡି ରେଳଷ୍ଟେସନକୁ ଯାଇଥାଏ। ହେଲେ ଗାଡି ଚାଳକ ଅଧିକ ଟ୍ରିପ କରିବା ପାଇଁ ବହୁ ଦୃତଗତିରେ ଗାଡି ଚାଳନା କରୁଥିବାରୁ ବହୁ ସମୟରେ ଦୁର୍ଘଟଣାମାନ ଘଟିଥାଏ। ଏଥିପ୍ରତି ଅଭିଯୋଗ ହେଲେ ମଧ ପ୍ରଶାସନ ଓ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଏ ନାହିଁ ବୋଲି ଅଭିଯୋଗ କରିଛନ୍ତି।



ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।



ବୁଲେଟଠାରୁ ଭୋଟ୍‌ର ବଳ ଅଧିକ।
- ଆବ୍ରାହମ୍ ଲିଙ୍କନ



**ସଂକ୍ଷେପରେ**

## ବଡ଼ଗାଁ ଯୁକ୍ତ ୨ କଲେଜରେ ବ୍ୟାସକବିଙ୍କ ଜୟନ୍ତୀ

**ବଡଗାଁ, ୧୫।୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ସୋମବାର ବ୍ୟାସକବି ଫକିରମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। ଶିବାନୀ ବାଗ, ସୁପ୍ରୀତି ହୋତା, ଚୁମକି ପଣ୍ଡା, ଆଦିତ୍ୟ ପାତ୍ର, ସୌଭାଗ୍ୟବନ୍ତ ସାହୁ, ସରିତା ସେନାପତି ପ୍ରମୁଖ ଛାତ୍ରୀଛାତ୍ର ଫକୀରମୋହନଙ୍କ ଜୀବନୀ, ସାହିତ୍ୟ କୃତୀ, ଉପାଧି ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ଅଧକ୍ଷ ଚୌଧୁରୀ ବ୍ୟାସକବିଙ୍କ ଉଇଲ୍, ଅଧାପକ ଧୂଳେଶ୍ୱର ସାହୁ କବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ପ୍ରାଚୀର ପତ୍ରିକା 'ଲେଖା'ର 'ଫକୀରମୋହନ' ବିଶେଷାଙ୍କ ଉନ୍ମୋଚିତ କରାଯାଇଥିଲା । ସାହିତ୍ୟ ସଂସଦ ପକ୍ଷରୁ ଅଧାପିକା ସୁପ୍ରିୟା ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

■ କାଳିଆ ଯୋଜନାର ଫାଇଦା ନେବାକୁ ସରକାରୀ କର୍ମଚାରୀ ଗାଁ ମୁହାଁ

# ଯୋଜନା ରାଶି ହାତେଇବାକୁ ବ୍ୟାକୁଳ ଅଣଚାଷୀ

**ରାଉରକେଲା ଅଫିସ,୧୫।୧**

ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଏବେ ସହରୀ ଚାକିରିଆଙ୍କୁ ଆକର୍ଷିତ କରିଛି। ଯୋଜନାରୁ ଫାଇଦା ନେବାକୁ ଏବେ ଗାଁ ମୁହାଁ ହୋଇଛନ୍ତି ଅଣଚାଷୀ ସରକାରୀ ଚାକିରିଆ। ଇତିମଧ୍ୟରେ କେତେଜଣ ଆର୍‌ଏସ୍‌ପି ଓ ସରକାରୀ କର୍ମଚାରୀଙ୍କ ସମେତ ବ୍ୟବସାୟୀ କାଳିଆ ଯୋଜାନରୁ ସୁଫଳ ପାଇବାକୁ ଗାଁରେ ପହଞ୍ଚିଥିବା ଜଣାଯାଇଛି। ଯୋଜନାର ପ୍ରଥମ କିସ୍ତି ପାଇବାକୁ ବ୍ୟାକୁଳ ହୋଇ ଉଠିଛନ୍ତି ଏମାନେ। ଏପରି ଅବସ୍ଥାରେ ସରକାର ଯାହାପାଇଁ ଯୋଜନା କରିଛନ୍ତି, ସେମାନେ ଏଥିରୁ ଉପକୃତ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୀବନସାରା ସହରରେ ରହୁଥିବା ଓ ଦିନେ ଲଙ୍ଗଳ କଣ୍ଟି ଧରି ନ ଥିବା ଚାକିରିଆ ଗୋଷ୍ଠୀ କାଳିଆ ଯୋଜନା ପ୍ରତି ଏତେ ଆକର୍ଷିତ ହେବା ପଛରେ ସରକାରଙ୍କ ଢିଲା ନୀତିକୁ ଦାୟୀ କରାଯାଇଛି। ଏଥିରେ ସେମାନଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଛନ୍ତି ସ୍ଥାନୀୟ ଲୋକ ପ୍ରତିନିଧି। ସରକାରଙ୍କ ହିସାବ ମୁତାବକ ରାଜ୍ୟର ୬୦ଲକ୍ଷ ଚାଷୀ ପରିବାର ଏହା ଦ୍ୱାରା ଉପକୃତ ହେବେ। ପ୍ରଥମ ପର୍ଯ୍ୟାୟ ଅବେଦନ ମଙ୍ଗଳବାର ଶେଷ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଆସନ୍ତା ୨୫ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଆବଶ୍ୟକ ପଡ଼ିଲେ ୩ୟ ପର୍ଯ୍ୟାୟ ଅବେଦନ ପାଇଁ ସୁଯୋଗ ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। ଏହା କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସରକାର କହିଛନ୍ତି। ଏଥିରୁ କ୍ଷୁଦ୍ର ଓ ନାମମାତ୍ର, ଭୂମିହୀନ ଚାଷୀ, କୃଷି ଶ୍ରମିକ, ଭାଗଚାଷୀ ସର୍ବୋପରି ଅସମର୍ଥ କୃଷି ପରିବାର ଉପକୃତ ହେବେ ବୋଲି କୁହାଯାଉଛି। ଏହାକୁ ସୁଯୋଗ ମନେକରି ବହୁ ଅଣଚାଷୀ ଏହି ଯୋଜନାରେ ସାମିଲ ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସରକାରଙ୍କ ଗଳାବାଟ ଦେଇ କିପରି ଏମାନଙ୍କୁ ଫାଇଦା ଦେଇହେବ ସେ ନେଇ ମଧ୍ୟ ଷଡ଼ଯନ୍ତ୍ର ରଚାଯାଇଥିବା ଆଲୋଚନା ହେଉଛି। ଏନେଇ ଉପକୂଳ ଜିଲା ବାସିନ୍ଦା ଗାଁ ମୁହା ହେବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ ରାଉରକେଲା ସହରତଳି ବ୍ଲକ ଅଞ୍ଚଳରେ ବସବାସ କରୁଥିବା କେତେଜଣ କର୍ମଚାରୀ, ବ୍ୟବସାୟୀ ତଥା ଅଣଚାଷୀ ଯୋଜନାର ଲାଭ ଉଠାଇବାକୁ ଆବେଦେନପତ୍ର ଦାଖଲ କରିଛନ୍ତି। ସରକାରଙ୍କ କାଳିଆ ଯୋଜନା ଏବେ ଅନେକଙ୍କ ପାଇଁ ଆକର୍ଷଣ ପାଲଟିଛି। ଯାହାକୁ ପ୍ରହସନ ଓ ନାଟକବାଜି କହିଛନ୍ତି ବିରୋଧୀ। ଭାଜପା ମୁଖପାତ୍ର ଭଗବାନ ରାଉତ କହିଛନ୍ତି, ନିର୍ବାଚନ ପୂର୍ବରୁ ଯୋଜନା ଆଳରେ ଅର୍ଥ ବଣ୍ଟନ କରି ଲୋକଙ୍କ ମନ ଜିଣିବାକୁ ପ୍ରୟାସ ଆରମ୍ଭ କରିଛି ବିଜେଡି। ଗଳାବାଟ ଦେଇ ଅଣଚାଷୀ କର୍ମଚାରୀଙ୍କୁ ଫାଇଦା ଦେବାକୁ ଦଳୀୟ ନେତାଙ୍କ ଉଦ୍ୟମ ଶେଷରେ ବୁମେରାଂ ହେବ। ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି କହିଛନ୍ତି, ଏହା କେବଳ ଭୋଟ ରାଜନୀତି। ଆନ୍ତରିକତା ଥିଲେ ସରକାର ବହୁ ପୂର୍ବରୁ ଚାଷ ଓ ଚାଷୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନେଇ ପାରିଥାନ୍ତେ। ଏହା ନ କରି ଆଗାମୀ ନିର୍ବାଚନ ପୂର୍ବରୁ ଥୋପ ରାଜନୀତି ଆରମ୍ଭ କରିଛନ୍ତି। ଲୋକେ ଏହାକୁ ବୁଝିବା ଦରକାର। ବାମପନ୍ଥୀ ନେତା ବିଷ୍ଣୁ ପଣ୍ଡା କହିଛନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମତଦାତାଙ୍କୁ ଆକର୍ଷିତ କରିବାକୁ ଏଭଳି ଯୋଜନା କରିଛନ୍ତି। ଏହା ପ୍ରକୃତ ଚାଷୀଙ୍କ ଉପକାରରେ ଆସିବନି। ସେହିଭଳି କୃଷକ ମୋର୍ଚ୍ଚା ସଭାପତି ସୁଧୀର ଲୋହାର କହିଛନ୍ତି, ପ୍ରକୃତ ହିତାଧିକାରୀ ଏଥିରୁ ଉପକୃତ ହେବା ସମ୍ଭାବନା କ୍ଷୀଣ। ତେବେ ଲାଠିକଟା ବ୍ଲକ ହାତୀବନ୍ଧା ସରପଞ୍ଚ ଚାମରସିଂ ମୁଣ୍ଡାରୀ ବିରୋଧୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପ୍ରକୃତ ଚାଷୀ କିପରି ଏଥିରୁ ଲାଭବାନ ହେବେ ସେ ଦିଗରେ ସରକାର ଦୃଷ୍ଟି ଦେଇଛନ୍ତି।

## ଚୋରି ଗାଡି ଉଦ୍ଧାର



**ବାଲିଶଙ୍କରା, ୧୫।୧ (ଡି.ଏନ.ଏ)–** ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ତେଇଶମେଲ ଛକ ଜୟଧର୍ମ ନିକଟରେ ୩ଦିନ ଧରି ଛିଡା ହୋଇଥିବା ଇଣ୍ଡିଗୋ ଗାଡି ଏମପି ୧୯ ସିବି- ୬୪୬୦କୁ କୌଣସି ଚୋର ଦଳ ନେଇ ପଳାଇନ କରୁଥିବା ବେଳେ ଗାଡିଟିର ଚକ ଫାଟି ଯିବାରୁ ଛାଡି ଦେଇ ଚାଲିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ତଳସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ଗାଡିକୁ ଜବତ କରିବା ସହିତ ଅନୁସନ୍ଧାନ କରିବାରେ ଗାଡିଟି ମଧ୍ୟପ୍ରଦେଶ ରାୟପୁରଠାରୁ ଚୋରି କରି ଧରି ପଳାଉଥିବା ପୋଲିସ ସୂଚନାରୁ ଜଣାପଡିଛି। ଏନେଇ ଗାଡି ମାଲିକ ପାଖକୁ ପୋଲିସ ଯୋଗାଯୋଗ କରି ଖବର ଦିଆଯାଇଥିବା ପୋଲିସ କହିଛି।

ଚିନ୍ମୟ ପବ୍ଲିକ ସ୍କୁଲର ୧୬ତମ ବାର୍ଷିକୋତ୍ସବ

# ଶିକ୍ଷା ରୂପକ ଭଣ୍ଡାରକୁ କରାୟତ୍ତ କରିବା ବୁଦ୍ଧିମତ୍ତାର ପରିଚାୟକ

**ରାଉରକେଲା ଅଫିସ, ୧୫।୧**





ଚିନ୍ମୟ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଆଇଡିଏଲ ରୋଡ ମୋହିନୀବିହାର ଅଞ୍ଚଳରେ ଥିବା ଚିନ୍ମୟ ପବ୍ଲିକ ସ୍କୁଲ ପକ୍ଷରୁ ଏହାର ୧୬ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କହିଥିଲେ ଯେ, ଶିକ୍ଷା ରୂପକ ଭଣ୍ଡାରକୁ କରାୟତ କରିବା ବୁଦ୍ଧିମତାର ପରିଚାୟକ। ଏଥିରେ ଅବହେଳା ଜୀବନ ଗତିପଥକୁ ରୋଧ କରିଥାଏ। ସେ କହିଥିଲେ, ପୋଥିଗତ ବିଦ୍ୟା ବାହାରେ ଅନେକ କିଛି ଶିଖିବାର ଅଛି। ଶୈକ୍ଷିକ ପରିବେଷ୍ଟନୀ ସହ ସାମାଜିକ ଜୀବନର ବାସ୍ତବ ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରିଲେ ଆମେ ସୁନାଗରିକ ହୋଇ ପାରିବା ବୋଲି ନିର୍ଲିପ୍ତାନନ୍ଦ ଏଥିରେ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ.ଏନ ଶର୍ମା, ଡାକ୍ତର ରାହାସବିହାରୀ ମହାପାତ୍ର ଓ ଡାକ୍ତର ଅକ୍ଷୟ ସାମଲ ପ୍ରମୁଖ ଯୋଗଦେଇ କହିଥିଲେ, ବିଦ୍ୟାଳୟ ସମୟକୁ କେବେ ଅବହେଳା କରାଯିବା ଅନୁଚିତ। ସମୟର ସଦୁପଯୋଗ ଜାଣିଲେ ଜଣେ ଜୀବନରେ ହାରିବ ନାହିଁ ବୋଲି ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଟି ଦାସ ମୋହିନୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୀତୁସ୍ମିତା ପାଣିଗ୍ରାହୀ ଓ ମମତା କୁମାରୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱକଲ୍ୟାଣୀ ଦାସ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମଞ୍ଚସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ଏଥିରେ ସୁନୀତା ପଟ୍ଟନାୟକ, ରବର୍ଟ ହାଇଫିଲ୍ଡ, ମଧୁସ୍ମିତା ମାର୍ଥା, ମଧୁସ୍ମିତା ବେହୁରା, ପ୍ରତିମା ଦେଓ, ନମିତା ସେନାପତି, ବୀଣାପାଣି ସାହୁ ଓ କୈଳାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ଆଇଟିଆଇ ଫେଷ୍ଟ

# ଭାଗନେଲେ ୯ ଅନୁଷ୍ଠାନ

**ରାଉରକେଲା ଅଫିସ, ୧୫।୧**

ଜିଲାସ୍ତରୀୟ ଆଇଟିଆଇ ଫେଷ୍ଟ ମଙ୍ଗଳବାର ରାଉରକେଲା ସରକାରୀ ଆଇଟିଆଇ କେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲାରୁ ୯ଟି ଆଇଟିଆଇ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିପିୟୁଟି ନିଯୁକ୍ତି ଓ ଶିଳ୍ପ ତାଲିମ ନିର୍ଦ୍ଦେଶକ ପ୍ରଫେସର ମୋତିଲାଲ ଦାସ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, କ୍ରୀଡା କସରତ ଛାତ୍ର ଜୀବନ ସହ ଯୋଡି ହୋଇ ରହିଛି। ଏହା ସୁନା ରୂପକ ଆଭୂଷଣ ପରି ଆମ ସୌନ୍ଦର୍ଯ୍ୟକାନ୍ତିକୁ ସମୃଦ୍ଧ କରେ। ଏହା ଦ୍ୱାରା ମାନସିକ ଓ ଶାରିରୀକ ସୁସ୍ଥତା ବଜାୟ ରହେ। ଏନେଇ ଛାତ୍ରୀଛାତ୍ର ସଚେତନ ହେବା ସହ କ୍ରୀଡା ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ଦାସ ଏଥିରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ହକିପ୍ରଶିକ୍ଷକ ହରମୋହନ ଲାକ୍ରା କହିଥିଲେ, କେବଳ ଜଣେ ପାଠ ପଢିଲେ ଦକ୍ଷତାର ବିକାଶ ହେଲା ବୋଲି କୁହାଯାଇ ପାରିବନି। ନିଜକୁ ସର୍ବଗୁଣ ସମ୍ପନ୍ନ କରିବା ଦିଗରେ ଛାତ୍ରୀଛାତ୍ର ଉଦ୍ୟମ ଜାରି ରଖନ୍ତୁ ବୋଲି ସେ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ଆଥଲେଟ ନିଖିଲ କଳାକାର ପ୍ରଧାନ କହିଥିଲେ, ଖେଳ କେବଳ ନିଜ ପାଇଁ ବା ନିଜକୁ ସୁସ୍ଥ ରଖିବା ନେଇ ଖେଳାଯାଏ ନାହିଁ ବରଂ ଏହା ଦେଶ ମାତୃକାର ସୁନାମ ପାଇଁ ଅଭ୍ୟାସ କରାଯାଏ ବୋଲି ସେ କହିଥିଲେ। ଏଥିରେ ଅନୁଷ୍ଠାନ ଅଧକ୍ଷ ଇଂ ଶୁଭାଶିଷ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍ତମ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ରବୀନ୍ଦ୍ର ମଲ୍ଲିକ, ସାର୍ଥସାରଥି ମିଶ୍ର, ଯୋଗେଶ୍ୱର ମିଶ୍ର, ପ୍ରଦୀପ ବିଶ୍ୱାଳ, ବିଶ୍ୱଜିତ ମହାଲିକ ଓ ଅବନୀନ୍ଦ୍ର ଓଝା ପ୍ରମୁଖ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଆଇଟିଆଇ ଫେଷ୍ଟରେ ମଞ୍ଚାସୀନ ଅତିଥି।

**ଫଟୋରେ ଖବର**



ରାଉରକେଲା ରିଙ୍ଗ ରୋଡ଼ ନିକଟ ଟ୍ରାଫିକଠାରେ ଥିବା ଡଷ୍ଟବିନ ନିକଟରେ ଗୋରୁଙ୍କ ଭିଡ଼।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ବଡଗାଁ, ୧୫।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ରେଙ୍ଗାଲମାଲ ଗ୍ରାମରେ ସୋମବାର ରାତି ସାଢ଼େ ୮ଟାରେ ଜନୈକା ମହିଳାଙ୍କୁ ଜଣେ କଂଗ୍ରେସ ନେତାଙ୍କ ସମେତ ୬ଜଣ ମରଣାନ୍ତକ ଆକ୍ରମଣ କରିବା ଘଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାଇ, ହୃଦାନନ୍ଦ ରାଉତ ତାଙ୍କ ସମ୍ପର୍କୀୟ ଭାଇ ଉମାଶଙ୍କର ରାଉତଙ୍କୁ ତମେ ମୋ ଜମିରେ ଗାଡି କାହିଁକି ପୁରାଉଛ କହିବାରୁ ଗଣ୍ଡଗୋଳ ହୋଇଥିଲା। ଏହା ପରେ ପୂର୍ବତନ ସମିତି ସଭ୍ୟ ତଥା ସ୍ଥାନୀୟ କଂଗ୍ରେସ ନେତା ଉମାଶଙ୍କରଙ୍କ ସହିତ ୬ଜଣ ଲାଠି, ରଡ ଧରି ହୃଦାନନ୍ଦଙ୍କ ଘରକୁ ଯାଇଥିଲେ। ସେଠାରେ ହୃଦାନନ୍ଦଙ୍କ ସ୍ତ୍ରୀ ପୂର୍ଣ୍ଣିମାଙ୍କୁ ନିସ୍ଥୁକ ମାଡ ମାରିବାରୁ ସେ ଚେତାଶୂନ୍ୟ ହୋଇଯାଇଥିଲେ । ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା ବେଳେ ଉମାଶଙ୍କର ମଧ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଉଭୟ ପରିବାର ମଧରେ ଜମିକୁ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ, ମାଡପିଟ ହୋଇଆସୁଛି । ସୋମବାର ରାତିରେ ହୋଇଥିବା ଆକ୍ରମଣରେ ଆହତ ହୃଦାନନ୍ଦଙ୍କ ସ୍ତ୍ରୀ ପୂର୍ଣ୍ଣିମା (୩୫)ଙ୍କୁ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ମୁଁ ହିରୋ କାର୍ଯ୍ୟକ୍ରମ: ସଦାନନ୍ଦ ସମ୍ବର୍ଦ୍ଧିତ

**ବଡଗାଁ, ୧୫।୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସରପଞ୍ଚ ଟଙ୍କଧର ନାଏକ, ଜିଲା ବିଜେଡି (ଯୁବ) ଉପସଭାପତି କିଶୋର ସାହୁ, ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଯୁବପିଢ଼ୀଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ଖେଳ, ସମାଜସେବା କ୍ଷେତ୍ରରେ ଆଗେଇନେବାରେ ସହାୟକ ହୋଇଥିବା ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ସଦାନନ୍ଦ ଡନସନାଙ୍କୁ ମୁଁ ହିରୋ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ପଞ୍ଚାୟତ ଅଞ୍ଚଳର ବୃଦ୍ଧାବୃଦ୍ଧ, ଗରିବ, ଅସହାୟ ବ୍ୟକ୍ତିମାନେ କିପରି ଭତ୍ତା ପାଇବେ, ସୁଲଭ ମୂଲ୍ୟରେ ଖାଉଟି ଚାଉଳ ପାଇବେ, ସରକାରୀ ଯୋଜନାରେ ସାମିଲ ହେବେ ସେ ଦିଗରେ ନିରନ୍ତର କାର୍ଯ୍ୟ କରି ଆସୁଥିବାରୁ ତାଙ୍କୁ ମୁଁ ହିରୋ ଭାବେ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ସିଲ୍ଡ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜୁ ଯୁବ ବାହିନୀର ପଞ୍ଚାୟତ ସଭାପତି ଭବାନୀ ସା, ସଭ୍ୟ କେଦାର ନାଥ ପ୍ରଧାନ, ଆକାଶ କାଲୋ, ପ୍ରକାଶ ରଣା, ବବଲୁ ସା, ମନୋଜ ସେନାପତି ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।



ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜ ଓ ଅତିଥିମାନେ ସଦାନନ୍ଦ ଡନସନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

■ ସାନ୍ତାଳ ସମାଜ ପକ୍ଷରୁ ୫ ଦିନିଆ ମକର ସାକ୍ରାତ

# ଚଳଚଞ୍ଚଳ ବସ୍ତି, ନୃତ୍ୟଗୀତରେ କମ୍ପୁଛି ଗାଁ ଦାଣ୍ଡ

**ରାଉରକେଲା ଅଫିସ,୧୫।୧**

ପବିତ୍ର ମକର ସଂକ୍ରାନ୍ତି ପର୍ବକୁ ସାନ୍ତାଳ ସମାଜ ପକ୍ଷରୁ ବିଧିବିଧାନରେ ପାଳନ କରାଯାଉଛି। ଏହି ଅବସରରେ ଲାଠିକଟା ବ୍ଲକ ସିଉଡିହି ପଞ୍ଚାୟତ ନୟାଡେରା ସାନ୍ତାଳ ବସ୍ତିରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ସଂକ୍ରାନ୍ତି ପୂର୍ବଦିନ (ବାଉଁଡ଼ି)ରେ ପହିଲି ମକର ବେଶ୍ ଉତ୍ସାହ ଉଦ୍ଦୀପନାରେ ଆରମ୍ଭ ହୋଇଥିଲା। ସାକ୍ରାତ ବା ସଂକ୍ରାନ୍ତି ଉତ୍ସବରେ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ଉତ୍ସବ ମୁଖର ହୋଇଉଠିଥିଲା ସମଗ୍ର ଗାଁ। ସାନ୍ତାଳ ସମ୍ପ୍ରଦାୟ ବହୁଳ ସ୍ଥାନୀୟ ଦୁଇ ଗାଁ ଡୁଙ୍ଗୁରିଟୋଲା ଓ ଜିଆଦାଃଟୋଲା ବାସିନ୍ଦା ପରମ୍ପରାକୁ ଉଜ୍ଜୀବୀତ ରଖିବାକୁ ଏକାକାର ହୋଇ ଉଠିଥିଲେ। ଡୁଙ୍ଗୁରିଟୋଲା ମାଝି ଗମକେ (ମୁଖିଆ) ସୁବାସ ମାଝିଙ୍କ ସହ ଉପମୁଖିଆ (ପାର୍ନିକ) ସୁଦାନ ଟୁଡୁ ଓ ନାୟକେ ବିଜୟ ବାସ୍କେ, ଜିଆଦାଃଟୋଲା ମୁଖିଆ ନିମାଏଁ ବାସ୍କେ ଓ ନାଏକେ ବାଜିନାଥ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରରେ ଆରମ୍ଭ କରାଯାଇଥିଲା ମକର ସଂକ୍ରାନ୍ତି ଉତ୍ସବ। ମକର ପୂର୍ବ ସାକ୍ରେତ ଅବସରରେ ଦୁଇ ବସ୍ତି ବସିନ୍ଦା ମାଂସ ପରିବର୍ତ୍ତେ ମାଛ ଓ କଙ୍କଡ଼ାକୁ ବ୍ୟଞ୍ଜନ ରୂପେ ବ୍ୟବହାର କରିଥିଲେ। ଏହି ଦିନ ସମ୍ପ୍ରଦାୟ ପକ୍ଷରୁ ମାଂସ ରୋଷେଇ ନିଷେଧ ଥାଏ ବୋଲି ପରମ୍ପରା ରହିଛି। ମକର ପୂର୍ବ ବାଉଁଡ଼ି ଓ ସଂକ୍ରାନ୍ତି ଶେଷ ହୋଇଥିବାବେଳେ ମଙ୍ଗଳବାରଠାରୁ ଉଭୟ ଝିଅ ପୁଅ ନୃତ୍ୟ ଗୀତରେ ମସଗୁଲ ହୋଇଛନ୍ତି। ଏହା ଘରକୁ ଘର ପରିକ୍ରମା କରିବ ବୋଲି କୁହାଯାଇଛି। ମକର ଦିନ ବିଧିବିଧାନରେ ପୂଜାପାଠ ଶେଷ ପରେ ପରମ୍ପରା ଅନୁଯାୟୀ ସମସ୍ତେ କଦଳୀଗଛକୁ ତୀର ମାରିଥିଲେ। ଏହା ପଛରେ ରହିଥିବା କିମ୍ବଦନ୍ତୀକୁ ମନେ ପକାଇବା ସହ କଦଳୀ ଗଛରେ କିପରି ତୀର ବିନ୍ଧାଯାଇ ପାରିବ ସେ ନେଇ ବିଶେଷ ପ୍ରୟାସ କରିଥିଲେ ଶ୍ରଦ୍ଧାଳୁ। ଘରେ ଘରେ ପିଠାପଣା, ନୂଆ ପୋଷାକ ସାଙ୍ଗକୁ ଜିଲ ପିଠା (ପତ୍ର ପୋଡ଼ା ମାଂସ) ଖାଇଥିଲେ ଓ ବନ୍ଧୁ ପରିଜନଙ୍କ ମଧ୍ୟରେ ବାଣ୍ଟିଥିଲେ। ସେହିଭଳି ଶ୍ରଦ୍ଧାଳୁମାନେ ଘରେ ଲେଟୋ (ଏକପ୍ରକାର ବିରିୟାନି ଯାହା ମାଂସ ଓ ଚାଉଳ ଚୂନାରେ ପ୍ରସ୍ତୁତ କରାଯାଇଥାଏ) ପ୍ରସ୍ତୁତ କରି ପରସ୍ପର ମଧ୍ୟରେ ବଣ୍ଟନ କରିବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ସଂକ୍ରାନ୍ତିରେ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ପ୍ରକାର କ୍ରୀଡ଼ା ଆୟୋଜନ କରାଯାଇଥିଲା। ଏଥିରୁ ଟୁକୁଜଦାଲ ବା ମାଠିଆ ଖେଳ ଦେଖିବାକୁ ବିଶେଷ ଭିଡ଼ ଜମିଥିଲା। ମାଠିଆରେ ଭର୍ତ୍ତି ପିଠା, ମିଠା, ଚୁଡ଼ା, ଗୁଡ଼, ମୁଢ଼ି ସହ ଦକ୍ଷିଣା ହାତେବାକୁ ଲୋକଙ୍କ ମଧ୍ୟରେ ନାହିଁ ନ ଥିବା ଆଗ୍ରହ ପରିଲକ୍ଷିତ ହୋଇଥିଲା। ଆଖିରେ ପୁଟୁଳି ବାନ୍ଧି ମାଠିଆ ଭାଙ୍ଗିବାକୁ ଲୋକେ ଧାଡ଼ିରେ ଠିଆହୋଇ ରହିଥିଲେ। ଏଥିରେ ଦୁଇ ଗାଁର ମୁଖିଆ ଓ ଅନ୍ୟ ଅତିଥି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ୫ଦିନ ଧରି ସାନ୍ତାଳ ସମାଜ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଏ। ଗୁରୁବାର ସନ୍ଧ୍ୟାରେ ଏହି ଉତ୍ସବ ଉଦ୍‌ଯାପିତ ହେବ ବୋଲି କୁହାଯାଇଛି।

**କଦଳୀ ଗଛକୁ ତୀର ମାରି ପରମ୍ପରା ବଜାୟ ରଖିଲେ ଆଦିବାସୀ**



ମକର ସଂକ୍ରାନ୍ତି ଅବସରରେ କଦଳୀଗଛ ପୂଜା କରାଯାଉଛି।



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ



## ସଂକ୍ଷେପରେ

### ଡାଜଲିଙ୍ଗ୍ କପ୍ କ୍ରିକେଟ୍: ସାଇନିଂ ଷ୍ଟାର ଚାମ୍ପିୟନ

**ଲେଫ୍ରିପଡା,୧୫।୧(ଡି.ଏନ.ଏ)** -ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଅଉଁଲାବାହାଲ ଡାଜଲିଙ୍ଗ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଦଲିପାଲି ଏନଟିପିସିର ଏଜିଏମ୍ ଅନ୍ତର୍ଯ୍ୟାମୀ ଦାଶ, ହରିନାରାୟଣ ଶର୍ମା, ପୂର୍ବତନ ସରପଞ୍ଚ ମୀନକେତନ ମାଝି, ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ଉପାଧ୍ୟକ୍ଷ ଅମୀର କୁମାର ନାଏକ, ବିମଲ ପଟେଲ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ଖେଳ ସାଇନିଂ ଷ୍ଟାର ଗମ୍ଭାରୀଡିହି ଏବଂ ବର୍ଷା-୧୧ ଗର୍ଜନବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇନିଂ ଷ୍ଟାର ଗମ୍ଭାରୀଡିହି ଚାମ୍ପିୟନ ଏବଂ ବର୍ଷା-୧୧ଗର୍ଜନ ବାହାଲ ରନର୍ସ ଅପ୍ ହୋଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଚାଳିଶ ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଗତ ୧୧ରୁ ଆରମ୍ଭ ହୋଇଥିବା ବେଳେ ଏହାର ଉଦ୍‌ଘାଟନୀ ଉତ୍ସବରେ ଭାଜପା ନେତା କଳାକୃଷ୍ଣ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡେଜଲିଙ୍ଗଷ୍ଟାର କ୍ଲବ୍ ସଭାପତି ଦିଲୀପ ମାଝି, ସମ୍ପାଦକ ଧର୍ମେନ୍ଦ୍ର ମାଝି, ପ୍ରଶାନ୍ତ ରାଉତ୍, ସୁମନ୍ତ ପଟେଲ, ସମୀର ନାଏକ, ନକୁଲ ରାଉତ, ଲଲିନ୍ଦ୍ର ମାଝି, ରଞ୍ଜନ ଦାନୀ, ଚୈତନ୍ୟ ରୋହିଦାସ ପ୍ରମୁଖ ଆୟୋଜନ କରିଥିଲେ।

# ବଣାଇରେ ଜିଲା ଦାବି ତେଜିଲା

**ବଣାଇ, ୧୫।୧(ସ୍ୱ.ପ୍ର)**




ଜିଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଶୋଭାଯାତ୍ରା ବଣାଇ ସହର ପରିକ୍ରମା କରୁଛି।

- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା ନେଇ ପରବର୍ତ୍ତୀ କାର୍ଯ୍ୟକ୍ରମ

ବଣାଇକୁ ଜିଲାର ମାନ୍ୟତା ଦାବି ନେଇ ଗଠିତ ଜିଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଏକ ବିଶାଳ ଶୋଭାଯାତ୍ରା ମଙ୍ଗଳବାର ବଣାଇ ସହର ପରିକ୍ରମା କରିଥିଲା। ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବଣାଇର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଣାଇବାସୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବଣାଇ ସହର ପରିକ୍ରମା କରିଥିଲେ। ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ଜିଲା କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବଣାଇ ରାଜାସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ସଂଯୋଜକ ତପନ କୁମାର ଦଣ୍ଡିଆଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଭାଜପା ଜିଲା ସଭାପତି ରାହାସ ବିହାରୀ ପ୍ରଧାନ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବରିଷ୍ଠ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଶିଷ୍ଟ କଂଗ୍ରେସ ନେତା ହବିବ ଖାନ, ଭାଜପା ଯୁବମୋର୍ଚ୍ଚା ସଭାପତି ଉଗ୍ରସେନ କିଷାନ, ବଣାଇ ସରପଞ୍ଚ ସଂଘର ସଭାପତି ଅଜୟ ନାୟକ, ବଣାଇ କିଷାନ ବିକାଶ ପରିଷଦର ସଭାପତି ଅର୍ଜୁନ ମୋହନ କିଷାନ, ବ୍ରାହ୍ମଣ ସମାଜର ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବିଜେଡି ମୁଖପାତ୍ର ସୁନ୍ଦରମଣି ପ୍ରଧାନ, ଜିଲାପରିଷଦ ସଭ୍ୟ କେଦାର ମହାନ୍ତ, ଭାଜପା ମହିଳା ନେତ୍ରୀ ସେବତୀ ନାୟକ, ବନ୍ଦିତା ମହାନ୍ତ, ଜୟନ୍ତୀ ମହାନ୍ତ, ବଣାଇ ଓକିଲ ସଂଘର ସଭାପତି ଲିଙ୍ଗରାଜ ମିଶ୍ର, ସମ୍ପାଦକ ପାର୍ଥସାରଥୀ ମିଶ୍ର, ବରିଷ୍ଠ ଆଇନଜୀବୀ ବିଜନ କୁମାର ସେନ, ବିନୟ କୁମାର ଦାସ, କର୍ମବୀର ଦାଶ, ଦିନେଶ କୁମାର ଦାସ, ହିମାଂଶୁ ଶେଖର ସେନାପତି, ମାନସ କୁମାର ପତି, କମିଟିର ଆବାହକ ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ବଣାଇ ଜିଲା ଗଠନ ନେଇ କ୍ରିୟାନୁଷ୍ଠାନ କମିଟିର ଦାବିକୁ ଯଥାର୍ଥ ବୋଲି କହିଥିଲେ। ଏହା ସହିତ ରାଜ୍ୟ ସରକାର ବଣାଇବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ତୁରନ୍ତ ବଣାଇକୁ ଜିଲା ଘୋଷଣା କରିବାକୁ ଦାବି ଦୋହରାଇଥିଲେ। ସୁନ୍ଦରଗଡ ଜିଲାର ବଣାଇ ଉପଖଣ୍ଡ ଏକ ଉପାନ୍ତ ଅଞ୍ଚଳ। ଯାହାର ୧୫ କିଲୋମିଟର ପରେ ଝାଡଖଣ୍ଡ ରାଜ୍ୟ, ଅପର ପକ୍ଷରେ ଅନୁଗୋଳ, କେନ୍ଦୁଝର, ଦେବଗଡ ତଥା ସମ୍ବଲପୁର ଜିଲା ସୀମାବର୍ତ୍ତୀ ଅଞ୍ଚଳଭାବେ ପରିଚିତ। ତଥାକଥିତ ଏହି ଉପଖଣ୍ଡରୁ ଜିଲା ସଦର ମହକୁମାକୁ ପହଞ୍ଚିବାକୁ କେବଳ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା ନୁହେଁ ବରଂ ଜିଲା ସଦର ମହକୁମାକୁ ଯିବାକୁ ହେଲେ ଗୋଟାଏ ଦିନ ଅତିକ୍ରାନ୍ତ ହେବା ପରେ ସାଧାରଣ ଜନତା ଜିଲା ସଦର ମହକୁମାରେ ପହଞ୍ଚିଥାନ୍ତି। କେବଳ ସେତିକି ନୁହେଁ, ଯେହେତୁ ବଣାଇ ଉପଖଣ୍ଡ ସୁନ୍ଦରଗଡ ଜିଲାର ଏକ କୋଣଠେସା ଉପଖଣ୍ଡ। ତେଣୁ ଏଥିରେ ଜିଲା ପ୍ରଶାସନର ସିଧାସଳଖ ପ୍ରଭାବ ନ ରହିବା କାରଣରୁ ସ୍ୱାଧୀନତା ପରଠାରୁ ଅଞ୍ଚଳ ସଦା ଅବିକଶିତ ଅବସ୍ଥାରେ ପଡିରହିଥିବା ଇତ୍ୟାଦି କାରଣକୁ ନେଇ ବଣାଇକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ଅଞ୍ଚଳରେ ଏବେ ଜୋର ଧରିଛି।

କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଭାରପ୍ରାପ୍ତ ବଣାଇ ଉପଜିଲାପାଳ ରବୀନ୍ଦ୍ର କୁମାର ସେଠୀଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳ ସୁନ୍ଦରଗଡଙ୍କୁ ୪କିତା ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ଦିଲୀପ କୁମାର ତ୍ରିପାଠୀ, ସମ୍ପାଦକ ପ୍ରଦୀପ କୁମାର ତ୍ରିପାଠୀ, ଦାମୋଦର ସାହୁ, ସୁଦ୍ୟୁମ୍ନ କୁମାର ସାହୁ, ଜିତେନ୍ଦ୍ରିୟ ଆଚାର୍ଯ୍ୟ, ପ୍ରଦୀପ କୁମାର ଜିତ, ଧୀରେନ୍ଦ୍ର ମହାନ୍ତ, ହରି ସାହୁ, ବିଦେଶୀ ମୁଖୀ, କାର୍ତ୍ତିକ ସାହୁ, ରଣଜିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର, ଲିଙ୍ଗରାଜ ସାହୁ, ସନ୍ତୋଷ କୁମାର ସାହୁ, ଅଗସ୍ତୀ ନାଏକ, ଝସକେତନ ମହାନ୍ତ, ସିପିଆଇଏମ ଦଳର ଓମନ୍ତ କୁମାର ମହାନ୍ତ, ବାଣେଶ୍ୱର ସାହୁ, ଗିରିଧାରୀ ତ୍ରିପାଠୀ, ଭୁବନ ସାହୁ, ନରହରି ପାତ୍ର, ବିଜେଡି ଦଳର ସନ୍ତୋଷ କୁମାର ସାହୁ, ସରୋଜ କାନ୍ତ ପ୍ରଧାନ, ଗଙ୍ଗାଧର ଅମାତ, ଗଙ୍ଗାଧର ସାହୁ, ଚନ୍ଦ୍ରମଣି ସାହୁ, ଭାଜପାର ଜଗନ୍ନାଥ ମହାନ୍ତ, ଦୁର୍ଗାମାଧବ ବେହେରା, ହେମନ୍ତ କୁମାର ସାହୁ, ଶିବ ସୁନ୍ଦର ରାଉତ, ଦୁଃଖୀଶ୍ୟାମ ନନ୍ଦ, ଦୟାନିଧି ସେନାପତି, ଆହ୍ଲାଦ ବଡେଇ, ଦିବ୍ୟମରୀ ଶେଖର ଦେଓ, ଶକୁନ୍ତଳା ନାଏକ, କଂଗ୍ରେସ ଦଳର ଜିଲା ସମ୍ପାଦକ ସମୀର ଚକ୍ରବର୍ତ୍ତୀ, ମଧୁ ସାହୁ, ମନୋଜ ସେଠ ଯୋଗ ଦେଇଥିଲେ। ବଣାଇ ବରିଷ୍ଠ ନାଗରିକଭାବେ ସୁରେନ୍ଦ୍ର ନାଥ ତ୍ରିପାଠୀ, ରୁଦ୍ରଚରଣ ବାରିକ, କ୍ଷେତ୍ର ମୋହନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ହେମଗିର ବ୍ଲକରେ ଭୋଟର ସଚେତନତା କାର୍ଯ୍ୟକ୍ରମ

**ହେମଗିର, ୧୫।୧ (ଡି.ଏନ.ଏ)**

ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଉନ୍ନତରୁ ଉନ୍ନତ ପ୍ରଣାଳୀ ଗ୍ରହଣ କରାଯାଉଛି। ପ୍ରଥମେ ଲୋକେ ମୋହର ଲଗାଇ ପ୍ରାର୍ଥୀ ଚୟନ କରୁଥିବା ବେଳେ ବର୍ତ୍ତମାନ ଇଭିଏମ ମେସିନ ଜରିଆରେ ପ୍ରାର୍ଥୀ ଚୟନ କରାଯାଉଛି। କିନ୍ତୁ ଏଥିରେ ମଧ ଦୁର୍ନୀତି ଅଭିଯୋଗ ହେବା ଫଳରେ ସ୍ୱଚ୍ଛତାର ଆଉ ପାଦେ ଆଗକୁ ଯାଇ ଏହି ଇଭିଏମ ସହ ଭିଭିପିଏଟି ମେଶିନ୍‌କୁ ସଂଲଗ୍ନ କରାଯାଇଛି। ଏହା ଦ୍ୱାରା ଭୋଟର କେଉଁ ଚିହ୍ନରେ ମତଦାନ କରିଛନ୍ତି, ତାହା ଭିଭିପିଏଟି ମେଶିନରେ ଦେଖି ପାରିବେ। ତେଣୁ ବର୍ତ୍ତମାନ ପ୍ରତ୍ୟେକ ଗ୍ରାମକୁ ଏହାର ପ୍ରଶିକ୍ଷଣ ପାଇଁ ଏକଟିମ ପ୍ରେରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ହେମଗିର ବ୍ଲକରେ ଦୁଇଟି ଟିମ୍ ସହ ଚାରିଜଣ ନୋଡାଲ ଅଫିସର ନିଯୁକ୍ତି ହୋଇଛନ୍ତି। ସେମାନେ ହେଲେ ଲଳିତ କୁମାର ଖିଲେଇ, ଚନ୍ଦ୍ରମଣୀ ଟପ୍ପୋ, ନାରାୟଣ କୁଜୁର ଓ ସମୀର ତିର୍କୀ। ସାଥିରେ ଇଭିଏମ ମେଶିନ ସହ ଭିଭିପିଏଟି ଧରି ଗାଁଗାଁ ବୁଲି ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ବୁଝାଇବା ସହ ପ୍ରୟୋଗ ମଧ୍ୟ କରାଉଛନ୍ତି। ଏହି କାର୍ଯ୍ୟକ୍ରମ ଗତ ଜାନୁୟାରୀ ୭ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୮ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରଖାଯାଇଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ ଡାଙ୍ଗ ଜଣାଇଛନ୍ତି।

### ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ପବ୍ଲିକ ସ୍କୁଲ ପରିଦର୍ଶନ

## ପ୍ରତିଭାର ବିକାଶ ହେଲେ ସମାଜରେ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି ହେବେ

**ସୁନ୍ଦରଗଡ଼, ୧୫।୧ (ଡି.ଏନ୍.ଏ)**

ଛାତ୍ରୀଛାତ୍ର ମାନଙ୍କର ପ୍ରତିଭାର ବିକଶିତ ହୋଇପାରିଲେ ସମାଜରେ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି ହେବାରେ ସମସ୍ୟା ରହନ୍ତା ନାହିଁ। ସମସ୍ତେ ନିଜର ସାମାଜିକ ଦାୟିତ୍ୱ ବହନ କରିବା ପାଇଁ ସକ୍ଷମ ହୋଇପାରନ୍ତେ। ଏଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟ ଛାତ୍ରମାନଙ୍କ ପ୍ରତିଭାକୁ ବିକଶିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ପଟ୍ଟନାୟକ ସୁନ୍ଦରଗଡ ପବ୍ଲିକ ସ୍କୁଲ ପରିଦର୍ଶନ ଅବସରରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ, ଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ଆଲୋଚନାବେଳେ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍କୁଲର ପୂର୍ବତନ ଛାତ୍ରୀ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ପ୍ରେରଣା ପ୍ରିୟଦର୍ଶିନୀ ଜେନା ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରୁ ଏମ୍‌ବିଏରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଇପସିତା ପଟ୍ଟନାୟକ ଏବଂ ସର୍ବଭାରତୀୟ ସ୍ତରରେ ୧୭ବର୍ଷରୁ କମ୍ ସ୍କୁଲ ଗେମସ୍ କ୍ରିକେଟରେ ଓଡିଶା ଦଳର ପ୍ରତିନିଧିତ୍ୱ କରିଥିବା ଅଂଶ ଶର୍ମାଙ୍କୁ ମୁଖ୍ୟ ଅତିଥି ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହା ଛଡା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପଟ୍ଟନାୟକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ପ୍ରତିଭା ବିକଶିତ କରିବା ପାଇଁ ସଦ୍ୟ ସ୍ଥାପିତ ହୋଇଥିବା ଅତ୍ୟାଧୁନିକ ଅଟଳ ଟିଙ୍କରିଙ୍ଗ ଲ୍ୟାବ ମଧ୍ୟ ପରିଦର୍ଶନ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍କୁଲର ସଫଳତା ଉପରେ ଆଲୋକପାତ କରିଥିଲେ। ପରିଚାଳନା ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡଙ୍ଗୀ, ବରିଷ୍ଠ ଟ୍ରଷ୍ଟି ନିମାଇଁ ଚରଣ ନାଏକ, ପ୍ରସନ୍ନ ବେହେରା, ବେଣୁମାଧବ ତ୍ରିପାଠୀ, ପୂର୍ବତନ ନଗରପାଳ ତାରାକାନ୍ତ ରକ୍ସା ପ୍ରମୁଖ ପଟ୍ଟନାୟକଙ୍କ ସୁନ୍ଦରଗଡ ପବ୍ଲିକ ସ୍କୁଲ ପ୍ରତି ରହି ଥିବା ଅବଦାନର ପ୍ରଶଂସା କରିଥିଲେ। ବରିଷ୍ଠ ଶିକ୍ଷକ ଦେବାଶୀଷ ଦାଶ, ମାଇକେଲା ଖାଲକୋ, ଅଞ୍ଜନା ବିଶ୍ୱାସ, ଭାଗବତ ମିଶ୍ର, ସୁସ୍ମିତା ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ। ସୁନ୍ଦରଗଡରେ ତାଙ୍କ ଜିଲାପାଳ କାର୍ଯ୍ୟକାଳ ସମୟ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗତ ୩୩ ବର୍ଷ ଧରି ସମ୍ପର୍କ ରହିଆସିଥିବା ସୁନ୍ଦରଗଡ ପବ୍ଲିକ ସ୍କୁଲକୁ ପରିଦର୍ଶନ ଅବସରରେ ବିଦ୍ୟାଳୟରେ ପହଞ୍ଚିବା କ୍ଷଣି ତାଙ୍କୁ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଅଧ୍ୟକ୍ଷା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟ ମାନେ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।




ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ସିନିୟର ଫୁଟବଲ ଟୁର୍ନାମେଣ୍ଟ: ଭଣ୍ଡାର କରୁଆବାହାଲ ଚାମ୍ପିୟନ

**ବାଲିଶଙ୍କରା, ୧୫।୧ (ଡି.ଏନ.ଏ)**

ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ୩ଦିନ ଧରି ଚାଲିଥିବା ବାଲିଶଙ୍କରା ସିନିୟର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସର୍ବମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଭଣ୍ଡାରକରୁଆ ବାହାଲ ସହିତ ମାୟାବାହାଲ ବରପାଲି ଖେଳ ହୋଇଥିଲା। ଭଣ୍ଡାରକରୁଆ ବାହାଲ ୨ ଗୋଲରେ ବିଜୟୀ ହୋଇଥିଲା। ଚାମ୍ପିୟନ ଭାବେ ୭ହଜାର ଓ ରନର୍ସଅପ୍ ଦଳକୁ ୫ହଜାର ଟଙ୍କ ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦିଲୀପ କୁମାର ସାଏ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ତଥା ସରପଞ୍ଚ ଦୀନବନ୍ଧୁ ସାଏ, ପୂର୍ବତନ ଖେଳାଳି କେଦାର ସାଏ, ଟଙ୍କଧର ପଣ୍ଡା, ଇନ୍ଦ୍ରମଣି ଦଣ୍ଡସେନା, ଶଶିଧର ବଡ଼େଇକ, ଝାଲକୁ ଟପ୍ପୋ, ବସନ୍ତ କୁମାର ସାଏ, ରଞ୍ଜିତ କୁଜୁର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ବାଲିଶଙ୍କରା ସିନିୟର ଫୁଟବଲ ଟୁର୍ନାମେଣ୍ଟକୁ ସୁରେନ୍ଦ୍ର ସାଏ, ଶୁକ୍ରୁ ଓରାମ, ସନାତନ କିସାନ, ଆଜାରଦାନ କୁଜୁର, ପ୍ରଦୀପ ଦଣ୍ଡସେନା, ସଞ୍ଜୟ କୁଜୁର, ଅଶୋକ ସା, ପ୍ରମୋଦ ମିଞ୍ଜ ଟୁର୍ନାମେଣ୍ଟ ପରିଚାଳନା ଦାୟୀତ୍ୱରେ ଥିବା ବେଳେ ଖେଳ ପରିଚାଳନା ହେମନ୍ତ କୁମାର ଦାଶ, କ୍ଷେତ୍ରମଣି ଦେହେରୀ, କୁମରମଣି ଛତ୍ରିଆ ମୁଖ୍ୟ ଦାୟୀତ୍ୱରେ ଥିଲେ।

## କାଳିଆ ଯୋଜନା, ଏଲ୍‌ଇଡି ବଲ୍‌ବ ପାଇଁ ଲୋକଙ୍କ ଭିଡ଼

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଶେଷ ତାରିଖ ମଙ୍ଗଳବାର ହୋଇଥିବା ଯୋଗୁ ବିଭିନ୍ନ ପଞ୍ଚାୟତରେ ଚାଷୀଙ୍କ ଅହେତୁକ ଭିଡ ସୃଷ୍ଟି ହୋଇଥିଲା। ପଞ୍ଚାୟତରେ ଆୟୋଜିତ ଖାଦ୍ୟ ସୁରକ୍ଷା କାର୍ଡ ହିତାଧିକାରୀଙ୍କୁ ମାଗଣାରେ ସରକାର ୪ଟି ଲେଖାଏଁ ଏଲଇଡି ବଲବ ମଙ୍ଗଳବାରଠାରୁ ନୂତନ କରି ପ୍ରଦାନ କରାଯାଇଛି। ଅନୁରୂପଭାବେ କାଳିଆ ଯୋଜନା ଓ ଏଲ୍‌ଇଡି ବଲବ ପାଇଁ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଦ୍ମପୁର, କୁଆଁରମୁଣ୍ଡା, ଝାରବେଡ଼ା ଓ ପୁଟ୍ରିଖମଣ ପଞ୍ଚାୟତରେ ଶତାଧିକ ଲୋକେ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ରହି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯୋଜନା ସମ୍ପର୍କରେ ବିଶେଷଭାବେ ଅବଗତ ହେବା ସହ କାଳିଆ ଯୋଜନାର ଶେଷ ତାରିଖରେ ଚାଷୀମାନେ ଫର୍ମ ପୂରଣ କରି ଆବେଦନ କରିଛନ୍ତି। ପ୍ରତ୍ୟେକ କାର୍ଡଧାରୀମାନଙ୍କୁ ୪ଟି ଏଲ୍‌ଇଡି ବଲବ ଯୋଗାଇ ଦିଆଯାଇଛି। ଏ ନେଇ ପଦ୍ମପୁର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀଭାବେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମେହେର, ରାଜଗାଙ୍ଗପୁର ୱେସ୍କୋ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ସାହୁ, କୁଆଁରମୁଣ୍ଡା ୱେସ୍କୋ ଉପଖଣ୍ଡ ଅଧିକାରୀ ଇଂ.ଶୁଭାଶୀଷ ମହାନ୍ତି, ପଞ୍ଚାୟତ ଜେଇ ସ୍ମିତାରାଣୀ ନାଥ, ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ସମିତି ସଭ୍ୟ ରୋସା କିଷାନ ଉପସ୍ଥିତ ଥିଲେ। ବ୍ଲକ ଏପିଓ କୃଷ୍ଣମୋହନ ନାୟକ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଛନ୍ତି।

### ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଉଦ୍‌ଯାପିତ

## ଅନୁଗୋଳର ପତାକା କ୍ଲବ ଚାମ୍ପିୟନ

**ସୁନ୍ଦରଗଡ, ୧୫।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଫୁଟବଲ ରେଫରୀ ମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ ଆସୋସିଏସନ୍ ଓ କିଞ୍ଜିର୍ମା ଏସ୍‌ଡିବିଏଲ କ୍ଲବର ମିଳିତ ଆନୁକୂଲ୍ୟରେ କିଞ୍ଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଗୋଳର ପତାକା କ୍ଲବ, ଜୟ ଜଗନ୍ନାଥ କ୍ଲବ ଫୁଲଧୂଡିକୁ ହରାଇ ଚାମ୍ପିୟନ ହୋଇଛି। ଝାରସୁଗୁଡା ବିଧାୟକ ନବକିଶୋର ଦାସ ମୁଖ୍ୟ ଅତିଥି ଓ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିବା ସହ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କିଞ୍ଜିର୍ମା ପଡିଆକୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ ନାମରେ ଘୋଷଣା କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ଆୟୋଜକ କମିଟିର କାର୍ତ୍ତିକ ସୁନ୍ୟାନୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶୁଶୀଲ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ନିତ୍ୟକୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ମଙ୍ଗଳବାର ଅନୁଗୋଳର ପତକା କ୍ଲବ ଏବଂ ଜୟ ଜଗନ୍ନାଥ କ୍ଲବ ଫୁଲଧୂଡି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନୁଗୋଳର ପତାକା କ୍ଲବର ବିଦେଶୀ ଖେଳାଳିଙ୍କ ଚମତ୍କାର ଖେଳ ଯୋଗୁ ଏହି ଦଳର କରଣ ଟପ୍ପୋଙ୍କ ୩୫ ମିନିଟରେ ଏକ ମାତ୍ର ଗୋଲ ବଳରେ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଗୋଳ ପତକା କ୍ଲବ ଲଗାତାର ୩ଥର ଆରଏସଏକପ୍ (୨୦୧୫,୨୦୧୬,୨୦୧୮ ରେ ହ୍ୟାଟ୍ରିକ ଚାମ୍ପିୟନ ହୋଇପାରିଛି। ପତକା କ୍ଲବର କରଣ ଟପ୍ପୋ ମ୍ୟାନ ଅପ ଦି ମ୍ୟାଚ୍ ଓ ଗୋଲକିପର ଶ୍ରବଣତନ୍ତୀଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଫୁଲଧୂଡି ଜୟଜଗନ୍ନାଥ କ୍ଲବର ଆକାଶ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନଦଳକୁ ଟ୍ରଫିସହ ୨୦ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଜାତୀୟ ବକ୍ସିଂ ଖେଳାଳି ସୋନିଆରାଣୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁ ରେଫରୀ ରୋମାଞ୍ଚ ଭୈଁଷାଲ, ପ୍ରସନ୍ନ ଭୋଇ, ଦେବେନ୍ଦ୍ର କିଷାନ ଓ ଚିତ୍ତରଞ୍ଜନ ସେଠ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନରର ଦାୟିତ୍ୱ ନିର୍ବାହ କରିଥିଲେ । କୋଲକତାର ଆନ୍ତର୍ଜାତୀୟ ଫୁଟବଲ ଯାଦୁଗର ପ୍ରଦୀପ କୁମାରଙ୍କ କୌତୁକିଆ ଫୁଟବଲ କାର୍ଯ୍ୟକ୍ରମ ଓ କୋଲକତାର ଚିୟର୍ସ ଗାଲର୍ସଙ୍କ ନୃତ୍ୟ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ ଏବଂ ଆୟୋଜକ କମିଟିର ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ସମ୍ପନ୍ନ ହୋଇଛି।

### ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଆଁରମୁଣ୍ଡା,୧୫।୧(ଡି.ଏନ.ଏ)**-ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚୁଟିଆଟୋଲି ନିକଟରେ ବୁଧବାର ଏକ ଟ୍ରେଲର (ପିବି ୦୬-ଏଲ-୯୫୬୪) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ଫାଣ୍ଡି ଅଧିକାରୀ ଅନିଲ ପରିଡା ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ଶବକୁ ଜବତ କରିଥିଲେ। ତାଙ୍କର କୌଣସି ପରିଚୟ ମିଳିପାରି ନ ଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଫାଣ୍ଡି ଅଧିକାରୀ ପରିଡା ଜବତ କରିଥିବାବେଳେ ଫେରାର ଚାଳକଙ୍କୁ ବ୍ରାହ୍ମଣୀ ତରଙ୍ଗ ଥାନା ନିକଟରୁ ଗୋଡାଇ ଧରାଯାଇଛି। ତାଙ୍କୁ ଫାଣ୍ଡିରେ ଅଟକ ରଖାଯାଇ ପଚରାଉଚରା ଚାଲିଥିବା ସୂଚନା ମିଳିଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆରୋପ-ପ୍ରତ୍ୟାରୋପ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ତିନି ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନ ଘନ ଓଡ଼ିଶା ଗସ୍ତ। ସରକାରୀ କାର୍ଯ୍ୟକ୍ରମ ସାଙ୍ଗକୁ ଦଳୀୟ ସଭା। ଏହାକୁ ନେଇ ଉତ୍ସାହିତ ଭାଜପା ନେତାମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିବାବେଳେ ବଦଳିଯାଇଛି ମୋଦିଙ୍କ ଶାଣିତ ସ୍ୱର। ଆଉ ଶୁଣିବାକୁ ମିଳୁନି ଆଗଭଳି ଅଗ୍ନିବର୍ଷୀ ଭାଷଣ। କେନ୍ଦ୍ରରେ ଏନ୍‌ଡିଏ ପୁନର୍ବାର କ୍ଷମତାସୀନ ନ ହେବା ଚିନ୍ତାରେ ମୋଦି ରଣନୀତି ବଦଳାଇଥିବା କୁହନ୍ତି ରାଜନୈତିକ ବିଶ୍ଳେଷକ।

ଏଆଇସିସି ସମ୍ପାଦକ ତଥା ଗୁଜରାଟ ପ୍ରଭାରୀ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ବିଜେଡି ଓ ଭାଜପା ମଧ୍ୟରେ ସମ୍ପର୍କ କାହାକୁ ଅଛପା ନାହିଁ। ଭାଜପା ଦେଶରେ ବିଜେଡି ରାଜ୍ୟରେ ଲୋକପ୍ରିୟତା ହରାଇଛି। ତେଣୁ ଉଭୟ ପରସ୍ପରର ଆବଶ୍ୟକତା ହୋଇଛନ୍ତି। ତେଣୁ ସେମାନଙ୍କ ରାଜନୈତିକ ପ୍ରୀୟାପ୍ରୀତିକୁ ରାଜ୍ୟବାସୀ ବୁଝନ୍ତୁ। କୌଣସି ଭ୍ରମରେ ନ ରହି କଂଗ୍ରେସକୁ ହିଁ ବିକଳ୍ପ ବାଛନ୍ତୁ। ପ୍ରାୟ ବର୍ଷକ ତଳେ ବିଜେଡି ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣାତ୍ମକ ମନୋଭାବ ପୋଷଣ କରୁଥିଲେ। ହେଲେ ଖୋର୍ଦ୍ଧା, ବାରିପଦା ଏବଂ ବଲାଙ୍ଗୀରର ଗସ୍ତ ଭାଜପାର ଅସହାୟତା ବଖାଣିଲା। ବିଜେଡିର ଜନ୍ମଲଗ୍ନ ଭାଜପା ସହାୟତାରୁ ହିଁ ହୋଇଥିଲା। ତେଣୁ ପ୍ରଥମରୁ ସାମ୍ପ୍ରଦାୟିକତାର ଖୋଳପା ପିନ୍ଧିଥିବା ବିଜେଡି ଜାତୀୟ ରାଜନୀତିରେ କୌଣସି ବଡ ଭୂମିକା ନେବାର ସମ୍ଭାବନା ନାହିଁ। ୨୧ ଲୋକସଭାରେ ବିଜେଡି ପାଇଁ ଇଭିଏମ୍‌ରେ ଟିପା ଯିବାକୁ ଥିବା ସମସ୍ତ ଭୋଟ୍ ଭାଜପାକୁ ଯାଉଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ନରମ ଥିଲେ ବି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଭିମୁଖ୍ୟ ଆକ୍ରମଣାତ୍ମକ ରହିଛି, ଯାହାକୁ ନେଇ ରାଜ୍ୟ ଭାଜପା ନେତା ଉତ୍ସାହ ପ୍ରକାଶ କରିଛନ୍ତି। ଦଳର ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି ଯେ, କଂଗ୍ରେସ ଦଳ ଭାଜପାକୁ ସମାଲୋଚନା କରିବାର କୌଣସି ଅଧିକାର ନାହିଁ। କଂଗ୍ରେସର ଏକାଧିକ ବିଧାୟକ ବିଜେଡି ଯିବା ପାଇଁ ଯେପରି ତତ୍ପରତା ପ୍ରଦର୍ଶନ କରୁଛନ୍ତି, ତାହା ଦଳର ପ୍ରକୃତ ସ୍ଥିତିକୁ ବୁଝାଉଛି। ନେତା ରାଗିଲେ କି ଗାଳି ଦେଲେ, ଜନତା ଭୋଟ୍ ଦିଅନ୍ତି ନାହିଁ। ଜନତା ଠିକଣା ସମୟରେ ନିଷ୍ପତ୍ତି ନିଅନ୍ତି। ତେଣୁ ପଞ୍ଚାୟତ ନିର୍ବାଚନରେ ବିଜେଡି ଯେଉଁ ରାଜନୈତିକ ଧକ୍କା ପାଇଥିଲା, ତାହା ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ। ଅପରପକ୍ଷରେ ବିଜେଡି ନେତା ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କଂଗ୍ରେସ ଓ ଭାଜପା ମତକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଆଞ୍ଚଳିକ ଦଳ ବିଜେଡିର ଗୁରୁତ୍ୱ ପ୍ରତି ନିର୍ବାଚନରେ ବୃଦ୍ଧି ପାଇବାରେ ଲାଗିଛି। ଜନକଲ୍ୟାଣକାରୀ ଯୋଜନା ଜାରି ରହିଛି। ଭାଜପା ହେଉକି କଂଗ୍ରେସ , ରାଜ୍ୟ ପ୍ରତି କାହାର ପ୍ରତିବଦ୍ଧତା ନାହିଁ। ତେଣୁ ପ୍ରଧାନମନ୍ତ୍ରୀଙ୍କ ସରିଥିବା ଗସ୍ତ କିମ୍ବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ରାଜ୍ୟ ରାଜନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

ଭାଜପାର ରାଜ୍ୟ ସରକାରଙ୍କ ପ୍ରତି ନରମ ଆଭିମୁଖ୍ୟକୁ କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଉଭୟ ଦଳ ଖେଳନା ବନ୍ଧୁକ ଧରି ଖେଳୁଛନ୍ତି। ସେହିପରି ବାମପନ୍ଥୀ ନେତା ନାରାୟଣ ରେଡ୍ଡୀ କହିଛନ୍ତି ଯେ, ସୁସ୍ଥ ଗଣତନ୍ତ୍ର ପାଇଁ ସରକାର ପରିବର୍ତ୍ତନର ଆବଶ୍ୟକତା ରହିଛି। ରାଜ୍ୟ ଏବଂ କେନ୍ଦ୍ରରେ ଶାସକ ବଦଳାଇବାର ସମୟ ଆସିଛି।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



## ସଂକ୍ଷେପରେ

### ଖୁସି ମନାଇଲେ ପ୍ରମୋଦଙ୍କ ବିରୋଧୀ

**ସମ୍ବଲପୁର, ୧୫।୧ (ବ୍ୟୁରୋ)**- ସମ୍ବଲପୁର ଜିଲା ବିଜେଡି ସଭାପତି ପ୍ରମୋଦ ରଥଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅବ୍ୟାହତି ଦେଇଛନ୍ତି। ତାଙ୍କୁ ସେ କୌଣସି ପଦରେ ନିଯୁକ୍ତ କରିନାହାନ୍ତି। ଅନ୍ୟପଟେ ଜିଲା ସଭାପତି ଦାୟିତ୍ୱରେ ମଧ କାହାକୁ ନିୟୋଜିତ କରିନାହାନ୍ତି। ଏହାକୁ ନେଇ ଏବେ ସମ୍ବଲପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଜେଡି ଗୋଷ୍ଠୀ କନ୍ଦଳ କିମ୍ବା ବିଭିନ୍ନ ସମୟରେ ଗଣମାଧ୍ୟମରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ବିରୋଧରେ ପ୍ରମୋଦ ବୟାନ ଦେଉଥିଲେ। କୌଣସି ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ନିମନ୍ତ୍ରଣ କରାଯାଉ ନ ଥିବାରୁ ସେ ଦଳର ସଭାପତି, ପର୍ଯ୍ୟବେକ୍ଷକ ପ୍ରତାପ ଦେବଙ୍କୁ ଅଭିଯୋଗ କରିଥିଲେ। ବିଧାୟିକା ପାଣିଗ୍ରାହୀ ଓ ଜିଲା ସଭାପତି ରଥଙ୍କ ଗୋଷ୍ଠୀ ବିବାଦ ଦୀର୍ଘ ଦିନ ହେବ ଆଲୋଚନା ହେଉଥିଲା। ବିଭିନ୍ନ ସଭାସମିତି କରି ଉଭୟେ ନିଜର ପ୍ରଭାବ ଜାହିର କରୁଥିଲେ। ବିଧାୟିକାଙ୍କ ଗୋଷ୍ଠୀ ଜିଲା ସଭାପତି ରଥଙ୍କୁ ଖୁଲମ୍‌ଖୁଲା ବିରୋଧ କରୁଥିଲେ। ସଭା ସମିତିରେ ବିଧାୟିକାଙ୍କ ସମର୍ଥକ ରଥଙ୍କ ବିପକ୍ଷରେ ନାରାବାଜି କରୁଥିଲେ। ତେବେ ଜିଲା ସଭାପତି ପଦରୁ ରଥ ବିଦା ହେବା ପରେ ତାଙ୍କ ବିପକ୍ଷ ଗୋଷ୍ଠୀ ଖୁସି ମନାଇଛନ୍ତି। ସେମାନେ ଜିଲା ସ୍କୁଲ ଛକରେ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ବିଧାୟିକା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି। ପରବର୍ତ୍ତି ପଦକ୍ଷେପ ମଧ ଦଳର ସଭାପତି ହିଁ ନେବେ। ପ୍ରମୋଦଙ୍କ ବିରୋଧୀ ଗୋଷ୍ଠୀ ଖୁସି ମନାଇବା ସମ୍ପର୍କରେ କହିଥିଲେ ଯେ, ଯଦି କେହି ଖୁସି ମନାଉଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର। ଏଥିରେ ଦଳର କୌଣସି ସମ୍ପୃକ୍ତି ନାହିଁ।

### ହୀରାକୁଦ ଆଇଟିଆଇରେ ଜୋନାଲ୍ ଆଇଟିଆଇ ଫେଷ୍ଟ

**ହୀରାକୁଦ, ୧୫।୧ (ଡି.ଏନ.ଏ.)**-ହୀରାକୁଦ ଶିଳ୍ପ ପ୍ରତିଷ୍ଠାନ (ଆଇଟିଆଇ)ରେ ମଙ୍ଗଳବାର ଜୋନାଲସ୍ତରୀୟ ଆଇଟିଆଇ ଫେଷ୍ଟ ଉଦ୍‌ଘାଟନ ହୋଇଛି। ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଡିଷ୍ଟ୍ରିକ୍ଟ ଏମ୍‌ପାୱାରମେଣ୍ଟ ଅଫିସର ଗଣେଶ୍ୱର ନାୟକ ଯୋଗ ଦେଇଥିଲେ। ଏଥିରେ ୯ଟି ଆଇଟିଆଇ ଯୋଗ ଦେଇଥିଲା। ଏହି ଉତ୍ସବ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧ୍ୟକ୍ଷ ଧନଞ୍ଜୟ ଖୁରା ପ୍ରକାଶ କରିଛନ୍ତି।

■ କୋଇଲା ଖଣି ଅଧିକୃତ ଗାଁରେ ଉନ୍ନତୀକରଣ କାର୍ଯ୍ୟ ପାଇଁ ଟେଣ୍ଡର

# ଅସନ୍ତୁଷ୍ଟ ବିଜେଡ଼ି କାଉନସିଲର ପୌର ଅଫିସରେ ତାଲା ମାରିଲେ

**ବେଲପାହାଡ଼, ୧୫।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ପକ୍ଷରୁ ୯୬ଟି ଉନ୍ନତୀମୂଳକ ପ୍ରକଳ୍ପ ପାଇଁ ଆରମ୍ଭ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟାକୁ ପରିଷଦର ୧୯ ଜଣରୁ ୮ଜଣ କାଉନସିଲର ଖୋଲାଖୋଲି ବିରୋଧ କରିଛନ୍ତି। କୋଇଲା ଖଣି ଅଧିକୃତ ୱାର୍ଡ଼ରେ ବଡ଼ ବଡ଼ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଯାଇଛି। ମାତ୍ର କେତେକ ୱାର୍ଡ଼ ପାଇଁ ପ୍ରସ୍ତାବ ଆଗତ ହୋଇଥିଲେହେଁ ଟେଣ୍ଡର ଡକାଯାଇ ନ ଥିବା ଅଭିଯୋଗ କରିଛନ୍ତି। ପୌରାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଆପୋସ ବୁଝାମଣା କରି ଏପରି ମନମୁଖୀ କାର୍ଯ୍ୟ କରିଥିବା ଅଭିଯୋଗ କରି ଅସନ୍ତୁଷ୍ଟ କାଉନସିଲରମାନେ ହଠାତ୍ ଅଫିସରେ ତାଲା ମାରିବା ପନ୍ଥା ଆପଣାଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ପୌର ଅଫିସରେ ପୌରାଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହି ସମୟରେ ଶାସକ ବିଜେଡ଼ି ଦଳର କାଉନସିଲର କୈଳାସଚନ୍ଦ୍ର ନାୟକ, ଦିଲୀପ କୁର୍ମି, ଚରଣ ଜୀତ ଓ ଅରୁଣ ବିଶ୍ୱାଳ ପୌର ଅଫିସକୁ ପହଞ୍ଚି ମୁଖ୍ୟ ଗେଟ୍‌ରେ ତାଲା ମାରି ଦେଇଥିଲେ। ପରେ ଅନ୍ୟ ଏକ ପାର୍ଶ୍ୱ ଗେଟ୍ ଓ ପଛ ଗେଟ୍‌ରେ ମଧ ତାଲା ମାରି ଦେଇଥିଲେ। ଏଥିଯୋଗୁ ପୌର ଅଫିସରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ୬, ୧୨, ୧୫ ଓ ୧୮ ନମ୍ବର ୱାର୍ଡ଼ର କାଉନସିଲର ରଞ୍ଜିତା ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ପ୍ରିୟଙ୍କା କଂସାରି ଓ ଲମ୍ବୋଧର ରୋହିଦାସ ଅଫିସରେ ପହଞ୍ଚି କାଉନସିଲରମାନଙ୍କ ଅଭିଯୋଗକୁ ସମର୍ଥନ କରିଥିଲେ। ଏହିପରି ପ୍ରାୟ ଏକ ଘଣ୍ଟା ଧରି ଅଫିସରେ ତାଲା ପଡ଼ିଥିଲା। ପୌରାଧ୍ୟକ୍ଷଙ୍କ ଚାମ୍ବରରେ ବସିଥିବା ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ନିଜ ଚାମ୍ବରକୁ ଆସି ଅସନ୍ତୁଷ୍ଟ ୮ ଜଣ କାଉନସିଲରଙ୍କ ସହିତ ଆଲୋଚନା କରିଥିଲେ। କାଉନସିଲରମାନେ ପୂର୍ବ ଆଗତ ପ୍ରସ୍ତାବକୁ ଅଣଦେଖା କରାଯାଇ ତଥା ବୈଠକରେ ପ୍ରସ୍ତାବ ଦୃଢ଼ୀକରଣ କରା ନ ଯାଇ ଟେଣ୍ଡର କାହିଁକି ଡକାଯାଇଛି ପ୍ରଶ୍ନ କରିଥିଲେ। ଏଥିସହିତ କୋଇଲା ଖଣି ଅଧିକୃତ ଅଞ୍ଚଳରେ ୧ କୋଟି ୨ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ବିଶିଷ୍ଟ ୨୧ଟି ପ୍ରକଳ୍ପ ପାଇଁ କିପରି ଟେଣ୍ଡର ଡକାଗଲା ବାଲି ପ୍ରଶ୍ନ କରି ଶୀଘ୍ର ଟେଣ୍ଡର ବାତିଲ କରିବା ପାଇଁ ଦାବି କରିଥିଲେ। ପ୍ରଥମେ ନିର୍ବାହୀ ଅଧିକାରୀ ଟେଣ୍ଡର କଥା ପୌରାଧ୍ୟକ୍ଷ ବୁଝିବେ ବୋଲି କହିଥିଲେ। ମାତ୍ର ଅସନ୍ତୁଷ୍ଟ କାଉନସିଲରମାନେ ଭିନ୍ନ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେବାରୁ ନିର୍ବାହୀ ଅଧିକାରୀ କାଉନସିଲମାନଙ୍କ ଦାବିକୁ ମାନି ନେଇଥିଲେ। ନିର୍ବାହୀ ଅଧିକାରୀ କୋଇଲା ଖଣି ଅଧିକୃତ ଅଞ୍ଚଳ ଅନ୍ତର୍ଭୁକ୍ତ ପ୍ରକଳ୍ପ ପାଇଁ ଡକାଯାଇଥିବା ଟେଣ୍ଡରକୁ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ କାଉନସିଲରମାନେ ଅଫିସ ଗେଟ୍‌ରେ ଲାଗିଥିବା ତାଲା ଖୋଲି ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧ ତାରିଖରେ ପୌର ନିର୍ବାହୀ ଅଧିକାରୀ ୪ କୋଟି ୧୯ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ବିଶିଷ୍ଟ ୯୬ଟି ଉନ୍ନତୀମୂଳକ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିମଧ୍ୟରୁ ୧ କୋଟି ୨ ଲକ୍ଷ ଖର୍ଚ୍ଚ ଅଟକଳ ବିଶିଷ୍ଟ ୨୧ଟି ଉନ୍ନତୀମୂଳକ ପ୍ରକଳ୍ପ କେବଳ ୧୬ ନମ୍ବର ୱାର୍ଡ଼ ଅଧୀନ ଯୁରାବଗା ଗାଁ ପାଇଁ ରହିଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ପଚରାଯିବାରୁ ପରିଷଦ ସୀମା ମଧ୍ୟରେ ଥିବା କୋଇଲାଖଣି ଅଧିକୃତ ସମସ୍ତ ଅଞ୍ଚଳକୁ ସର୍ଭେକ୍ଷଣ ପାଇଁ ଅମିନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲା ପରେ ଅବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ସୁବିଧାବାଦୀ ଲୋକ ସାମଗ୍ରିକ ବିକାଶର ପ୍ରତିବନ୍ଧକ

**ଝାରସୁଗୁଡା ଅଫିସ, ୧୫।୧**

ସାମଗ୍ରିକ ବିକାଶରେ ସୁବିଧାବାଦି ଲୋକ ପ୍ରତିବନ୍ଧକ ସାଜୁଛନ୍ତି। ଏଣୁ ସୁବିଧାବାଦିଙ୍କୁ ପଛରେ ପକାଇ ଅର୍ଥନୈତିକ, ସାଂସ୍କୃତିକ ଏବଂ ସାମାଜିକ ବ୍ୟବସ୍ଥାର ସନ୍ତୁଳିତ ବିକାଶ ପାଇଁ ଉଦ୍ୟମ ଲୋଡା। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟବକ୍ତା ଭାବେ ଏଲ୍.ଏନ୍ କଲେଜ ଅଧ୍ୟାପକ ତପନ କୁମାର ବାରିକ ଏହା କହିଛନ୍ତି। ଅନ୍ୟପକ୍ଷେ ବିକାଶ ଏକ ଶବ୍ଦ ମାତ୍ର। କିନ୍ତୁ ଏହି ଶବ୍ଦକୁ ବାସ୍ତବରେ ପ୍ରତିଫଳନ କରିବା ପାଇଁ ଅକ୍ଳାନ୍ତ ଉଦ୍ୟମ ଆବଶ୍ୟକ। ସେହି ଉଦ୍ୟମ ସାମୂହିକ ହେବା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି। ଅନ୍ୟତମ ଅତିଥି ଭାବେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ମହମ୍ମଦ ଜାହିଦ୍ ଯୋଗଦେଇ କହିଲେ ଯେ, ଗଣମାଧ୍ୟମ ହେଉଛି ପଥ ପ୍ରଦର୍ଶକ। ଗଣମାଧ୍ୟମ ଦେଖାଉଥିବା ପଥକୁ ସରକାର ତର୍ଜମା ପୂର୍ବକ ଅନୁସରଣ କଲେ ବିକାଶ ନିଶ୍ଚିତ ସମ୍ଭବ ହୋଇପାରିବ।



ଶ୍ୟାମସୁନ୍ଦର ସାହିତ୍ୟ ସଂସଦର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିଜେଡିକୁ ଯିବା ପାଇଁ ପୁଣି ନବ ବୈଠକରେ ମତ ନେଲେ

**ଲଖନପୁର, ୧୫।୧ (ଡି.ଏନ୍.ଏ.)**

ଝାରସୁଗୁଡା ବିଧାୟକ ନବକିଶୋର ଦାସ କଂଗ୍ରେସ ଦଳ ଛାଡି ଆସନ୍ତା ୨୪ତାରିଖରେ ବିଜେଡି ଦଳରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହା ନିଜେ ଖୋଦ ବିଧାୟକ ଦାସ କହୁଛନ୍ତି। ଏ ନେଇ ରାଜ୍ୟ ଓ ଜିଲା ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଧାୟକ ଦାସ ନିଜ କର୍ମୀମାନଙ୍କ ମତ ଲୋଡି ଜିଲାର ବିଭିନ୍ନ ବ୍ଲକ୍‌ରେ ପର୍ଯ୍ୟାୟକ୍ରମେ ପ୍ରସ୍ତୁତିପର୍ବ ଚଳାଇଛନ୍ତି। ଲଖନପୁର ବ୍ଲକ୍ ସୁଲୁଦିଆ ବ୍ରିଜ୍ ନିକଟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ରଞ୍ଜୁ ମଲ୍ଲିକ, ସମିତି ସଭ୍ୟ ଦେବାନନ୍ଦ ପ୍ରଧାନ, ଗୁଣନିଧି ଡନ୍‌ସେନା, ସଞ୍ଜୟ ସାହୁ, ଭବାନୀ ଶଙ୍କର ଧୁରୁଆ, ସାବିତ୍ରୀ ଧୁରୁଆ, ପୁଷ୍ପାଞ୍ଜଳି ବୀର, ପୁଷ୍ପଲତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୌତମ ପ୍ରଧାନ, କୁଶାସନ ପ୍ରଧାନ, ନରେନ୍ଦ୍ର ତିହିରିଆ, ରୋହିତ ପ୍ରଧାନ, ନରେନ୍ଦ୍ର ଗଡତିଆ, ସାଲେଗ୍ରାମ ନାୟକ, ଦ୍ରୋଣାଚାର୍ଯ୍ୟ ପାଢୀ, ସୁରେନ୍ଦ୍ର ପାଢୀ, ଦେବରାଜ ବାରିକ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡିରେ ଯୋଗଦାନକୁ ନେଇ ବିଧାୟକ ଦାସ ଉପସ୍ଥିତ ଜନପ୍ରତିନିଧି ଓ କର୍ମୀଙ୍କ ସହିତ ଆଲୋଚନା କରି ବ୍ୟକ୍ତିଗତ ମତ ଲୋଡିଥିଲେ। ଶତପ୍ରତିଶତ ମତଥିଲା ନବ ଯେଉଁ ଦଳରେ ରହିବେ ସେମାନେ ସେହି ଦଳରେ ରହି କାର୍ଯ୍ୟ କରିବେ। ତେବେ ନବ କହିଥିଲେ ଯେ, ଜିଲାର ସର୍ବାଙ୍ଗିନ ବିକାଶ ପାଇଁ ଏଭଳି ପଦକ୍ଷେପ ନେବାକୁ ପଡୁଛି। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହି ସେ ପୁଣିଥରେ ଏହାକୁ ଦୋହରାଇଛନ୍ତି। ନବଙ୍କ ଏହି ବୈଠକକୁ ନେଇ ଲଖନପୁର ବ୍ଲକ୍‌ର ଉଭୟ କଂଗ୍ରେସ ଓ ବିଜେଡି କର୍ମୀମାନେ ଅଧିକ ଉତ୍ସାହିତ ଦେଖିବାକୁ ମିଳିଛି। ଏହି ବୈଠକରେ କଂଗ୍ରେସ ସମର୍ଥିତ ଅଧିକାଂଶ ଜନପ୍ରତିନିଧି ଓ କର୍ମୀମାନେ ଯୋଗ ଦେଇଥିଲେ। କିନ୍ତୁ ଏହି ବୈଠକରେ ଆଉ କେତେକ କର୍ମୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଯେଉଁ କର୍ମୀମାନେ ବୈଠକରେ ଅନୁପସ୍ଥିତ ରହିଛନ୍ତି ସେମାନେ ନବଙ୍କ ସାଙ୍ଗରେ ନ ରହି ପୂର୍ବଭଳି କଂଗ୍ରେସରେ ରହି କାର୍ଯ୍ୟ କରିବେ। ଯେଉଁକର୍ମୀମାନେ ଏଭଳି ପଦକ୍ଷେପ ନେଇଛନ୍ତି ସେମାନଙ୍କୁ ନବ ବାଧ କରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

■ ଶ୍ୟାମସୁନ୍ଦର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

## ବାସ୍ତବବାଦୀ ରଚନା ପାଠକୀୟ ଆଦୃତି ଲାଭ କରିବ

**ଝାରସୁଗୁଡା ଅଫିସ/କୋଲାବିରା, ୧୫।୧ (ଡି.ଏନ.ଏ.)**

ଝାରସୁଗୁଡା ଜିଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୟାମସୁନ୍ଦର ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ କବି ସମ୍ମିଳନୀ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ଧ୍ରୁବରାଜ ନାଏକ କର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ମେଘନାଦ ନାଏକ, ଜୟ ନାରାୟଣ ତ୍ରିପାଠୀ, ସୁଶୀଲ କୁମାର ବାଗ୍, ସୁବାସଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ରଷ୍ଟାର ସର୍ଜନାକୁ ବୁଝିବାକୁ ହେଲେ ବସ୍ତୁ ଜଗତର ଊର୍ଦ୍ଧ୍ୱକୁ ଯିବାକୁ ହେବ। ଏଣୁ ବାସ୍ତବବାଦୀ ରଚନା ଓ ପାଠକୀୟ ଗ୍ରହଣୀୟତା ଉପରେ ଅଧିକ ଦୃଷ୍ଟି ଦିଆଗଲେ ଏହା ଉଚ୍ଚକୋଟୀର ହୋଇପରିବ। କବିର ଚିନ୍ତା ଓ ଚେତନା ମଧ୍ୟରେ ରତ୍ନର ସୌନ୍ଦର୍ଯ୍ୟ ଓ ତାହାର ପ୍ରଭାବ କବିତା ଲେଖିବା ପାଇଁ ପ୍ରଭାବିତ କରିଥାଏ ବୋଲି ଅତିଥିଗଣ ମତପୋଷଣ କରିଥିଲେ। ଏହି ଅବସରରେ ସଂସଦର ଆଧ୍ୟାତ୍ମିକ ବାର୍ଷିକ ପତ୍ରିକା 'ଗୀତାମୃତ' ପ୍ରଥମ ସଂସ୍କରଣର ଉନ୍ମୋଚନ ଏବଂ କବୟିତ୍ରୀ ଭାଗବତୀ ଜୟପୁରିଆଙ୍କ 'କୁସୁମାଞ୍ଜଳି' କବିତା ସଂକଳନ ଲୋକାର୍ପିତ ହୋଇଥିଲା। ସମଲେଶ୍ୱରୀ ସାହିତ୍ୟ ସଂସଦର ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ସ୍ୱର ଝଙ୍କାର ସାହିତ୍ୟ ସଂସଦ ସମ୍ପାଦକ ପିଙ୍କୁ ଦାସ୍, ପଶ୍ଚିମା ସାହିତ୍ୟ ସାସଦର ସମ୍ପାଦକ ସୁଭାସଚନ୍ଦ୍ର ନାଏକ, ପତିତପାବନ ସାହିତ୍ୟ ସଂସଦର ସମ୍ପାଦକ ଟୀକେଶ୍ୱର ସାହୁ, ଝାରଣା ସାହିତ୍ୟ ସଂସଦ ସମ୍ପାଦକ ନିକୁଞ୍ଜ ବିହାରୀ ମିଶ୍ର, ଓମ୍ ମାଁ ଶାରଳା ସାହିତ୍ୟ ସଂସଦର ସମ୍ପାଦକ ସୁଜନ ଗୌଡ ଏବଂ ବରଗଡର ତରଣୀସେନ ମେହେରଙ୍କୁ ସଂସଦ ପକ୍ଷରୁ ଗୀତାମୃତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଲଳିତ ମୋହନ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ମନ୍ଦାକିନୀ ଶତପଥୀ, ବସନ୍ତ ନାଥ, କୀର୍ତ୍ତିଚନ୍ଦ୍ର ବହିଦାର, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



କୋଲାବିରା ବ୍ଲକ ମିନି ଷ୍ଟାଡିୟମରେ ମଙ୍ଗଳବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ଉପସ୍ଥିତ ଅଫିସର ଓ ଜନପ୍ରତିନିଧି।

## କୋଲାବିରା ବ୍ଲକ: ୨.୨୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ

**କୋଲାବିରା, ୧୫।୧ (ଡି.ଏନ.ଏ.)**

କୋଲାବିରା ବ୍ଲକ ମିନି ଷ୍ଟାଡିୟମରେ ମଙ୍ଗଳବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଲାବିରା ବ୍ଲକ ଅଞ୍ଚଳର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ୨ କୋଟି ୨୫ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ ବିଜୟ କୁମାର ସଏ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ, କୋଲାବିରା ସରପଞ୍ଚ କୁମୁଦିନୀ ମହାପାତ୍ର, ରଘୁନାଥପାଲି ସରପଞ୍ଚ ନନ୍ଦିତା ସରାଫ, ସୋଢାମାଲ ସରପଞ୍ଚ ସୁଷମା ବାହୁକ, କେଲଡାମାଲ ସରପଞ୍ଚ ସୌଦାମିନୀ ନାଏକ, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ପରମାଣପୁର ସରପଞ୍ଚ ଗୁଣମଣୀ ପଧାନ, କୁଲିହାମାଲ ସରପଞ୍ଚ ରଞ୍ଜନ ପଟେଲ, ପୋଖରାସାହେ୍ଲ ସରପଞ୍ଚ କୁନ୍ତଳା ନାଏକଙ୍କ ସମେତ ସମସ୍ତ ସମିତି ସଭ୍ୟାସଭ୍ୟ, ଆଙ୍ଗନବାଡି କର୍ମୀ, ଏସଏଚଜି ଗ୍ରୁପ, ବ୍ଲକ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

■ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ଆରମ୍ଭ

## ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ସିଂହାସନ ଆରୋହଣ କଲେ କଂସ

**ଲଖନପୁର, ୧୫।୧ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ କୋଇଲାଖଣି ଶିଳ୍ପାଞ୍ଚଳରେ ମଙ୍ଗଳବାର ୧୧ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଏହା ଆସନ୍ତା ୨୧ତାରିଖ ପୌଷପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ କଳାହୀରାର ନଗରୀ ବନ୍ଧବାହାଲ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକ ଓ ତୋରଣରେ ଝଲସି ଉଠିଛି। କଳାହୀରାନଗରୀ ଉତ୍ସବମୁଖର ହୋଇଉଠିଛି। ଧନୁଯାତ୍ରା ମଣ୍ଡପ ମଥୁରାପୁର ହୋଇଥିବାବେଳେ ବନ୍ଧବାହାଲ ଗାଁ ଗୋପପୁର ହୋଇଛି। ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାପାଇଁ ବାହାରୁ ହାତୀ, ଘୋଡା ଓ ଓଟ ଆଦି ଆସିଛି। ଏହି ଅବସରରେ ବନ୍ଧବାହାଲ ଗ୍ରାମର ଗୌନ୍ତିଆ ଦୈତାରୀ ପ୍ରସାଦ ସିଂହଙ୍କ ଘରୁ ପାରମ୍ପରିକ ରୀତିନୀତିରେ ଢୋଲ୍, ମହୁରୀ, ଶଙ୍ଖ, ମୃଦଙ୍ଗ, ଝାଞ୍ଜ ଆଦି ବାଦ୍ୟଯନ୍ତ୍ରରେ ଏକ ଶୋଭାଯାତ୍ରା ବାହାରିଥିଲା। ଏହା କଲୋନୀ ପରିକ୍ରମା କରି ଦୀନବାନ୍ଧବ କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଥିଲା। ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୋଖରୀରୁ କଳସରେ ଜଳ ଆଣି ଗୋପପୁରରେ ସ୍ଥାପନ କରାଯାଇଥିଲା। ଏହା ପରେ ପାରମ୍ପରିକ ରୀତିନୀତିରେ ପୂଜା ଅର୍ଚ୍ଚନା କରାଯାଇଥିଲା। ଏଥିରେ ଗୌନ୍ତିଆ ସଞ୍ଜୟ ସିଂହ ଓ ପ୍ରିୟା ସିଂହ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ନରେନ୍ଦ୍ର ପୂଜାରୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଗୌନ୍ତିଆ ଦୈତାରୀ ପ୍ରସାଦ ସିଂହଙ୍କୁ ଗୌନ୍ତିଆ ବରଣ କରାଯାଇଥିଲା। ସେହିଭଳି ପ୍ରେମାନନ୍ଦ ସାହୁଙ୍କ ଘରୁ କଂସ ମହାରାଜଙ୍କ ମୁକୁଟକୁ ପାରମ୍ପରିକ ରୀତିନୀତିରେ ବରଣ କରାଯାଇ ଏକ ଶୋଭାଯାତ୍ରାରେ ଇନ୍ଦ୍ରଧନୁ କ୍ଲବ୍‌ରେ ପହଞ୍ଚି ଥିଲା। ସେଠାରେ ଉଗ୍ରେସନ ମହାରାଜ ମୁକୁଟ ପରିଧାନ କରି ଏକ ପଟୁଆରରେ ସଦଳବଳେ ମଥୁରାପୁରରେ ପହଞ୍ଚି ଥିଲେ। ଏହାପରେ ରାଜଦରବାର ଆରମ୍ଭ ହୋଇଥିଲା। ଏଥିରେ ବାଳକ କଂସ ସହିତ ଦୁର୍ମିଳାସୁରଙ୍କ ଯୁଦ୍ଧ ହୋଇଥିଲା। ହେଲେ ଦୁର୍ମିଳାସୁର ବଧ ହୋଇଥିଲା। ରାଜା ଉଗ୍ରେସନ ପାତ୍ରମନ୍ତ୍ରୀଙ୍କ ସହ ଦରବାରକୁ ଆଗମନ, ଦରବାରରେ ଆଲୋଚନା, ଦେବକୀ ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରେସନ ଗାଦିଚ୍ୟୁତ, କଂସର ରାଜ୍ୟଭିଷେକ, ଦେବକୀ କାରାଗାରରେ ନିକ୍ଷେପ ଆଦି କାର୍ଯ୍ୟକ୍ରମ ହୋଇଥିଲା। ହୃଷୀକେଶ ଭୋଇ କଂସ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନମୁଗ୍ଧ କରୁଛନ୍ତି। ପ୍ରବଳ ଥଣ୍ଡା ସତ୍ତ୍ୱେ ଦର୍ଶକ ଏହାକୁ ରାତି ପର୍ଯ୍ୟନ୍ତ ଉପଭୋଗ କରି ପରିବାରଙ୍କ ସହ ମଜା ଉଠାଉଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ଜିଏମ୍ ଆର.ପି. ଗୁପ୍ତା, ବେଲପାହାଡ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ଯାତ୍ରା କମିଟି ସଭାପତି ବିରଞ୍ଚି ମାଝି, ସମ୍ପାଦକ ପ୍ରେମାନନ୍ଦ ସାହୁ, ରଘୁନନ୍ଦନ ପଣ୍ଡା, ନିରଞ୍ଜନ କରାଳୀ, ସାଲେଗ୍ରାମ ନାୟକ, ସୁବ୍ରତ ପ୍ରଧାନ, ସୌକି ପ୍ରଧାନ, ପ୍ରଦୀପ କରାଳୀ, ବିରଞ୍ଚି ନାରାୟଣ ପ୍ରଧାନ, ଘନଶ୍ୟାମ ସିଂହ, ବିଜୟ ପତି, ପ୍ରସନ୍ନ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



ଧନୁଯାତ୍ରା ପାରମ୍ଭରେ କଳସଯାତ୍ରାରେ ବାହାରିଥିବା ଶ୍ରଦ୍ଧାଳୁ।



ସିଂହାସନରେ ମହାରାଜ କଂସ।

## ଲଇକେରା ବ୍ଲକ: ୫୨ ପ୍ରକଳ୍ପକୁ ୨ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର

**ଲଇକେରା, ୧୫।୧ (ଡି.ଏନ.ଏ)**

ଲଇକେରା ବ୍ଲକ ପରିସରରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଇକେରା ବ୍ଲକର ୫୨ଟି ପ୍ରକଳ୍ପ ପାଇଁ ୨କୋଟି ୭୫ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣୀ ପଟେଲ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବିଡିଓ ପ୍ରସନ୍ନ ପାଣ୍ଡେ, ବ୍ଲକ ଉପାଧ୍ୟକ୍ଷ ମୋହନ କିସାନ, ଏବିଡିଓ ପ୍ରମୋଦ ଦେହୁରୀ, ସହକାରୀ ଯନ୍ତ୍ରୀ ଦିଲୀପ ମିଶ୍ର, ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠଯନ୍ତ୍ରୀ ଗୌରିଶଙ୍କର ରାଏ, ରାଜେନ୍ଦ୍ର କିସାନ ପ୍ରମୁଖ ସହଯୋଗ କରିଥିଲେ।




ଲଇକେରା ବ୍ଲକ ପରିସରରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରିତନିଧି ଓ ଅଧିକାରୀମାନେ।